• RNI REGD NO: 42041/83 • www.sakalaepaper.com • /sakalanews • /sakalanews • www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-23 •BHUBANESWAR •THURSDAY •18 JULY 2024 •PAGE-16 •₹ 6.00

•ବର୍ଷ-୪୨ •ସଂଖ୍ୟା-୨୩ •ଭୁବନେଶ୍ୱର •ଗୁରୁବାର •୧୮ ଜୁଲାଇ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦





ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଶ୍ରୀଜିଉଙ୍କ ସୁନାବେଶ

# ରତ୍ନାଳଙ୍କାରରେ ଝଲସିଲେ ଦାରୁଦିଅଁ

■ ପୁରୀ, ୧୭।୭ (ସମିସ): ସରିଆସୁଛି ଶ୍ରୀଗୁଣ୍ଡିଚା ମହୋତ୍ସବ। ଆଉ ଦିନକ ପରେ ରତ୍ନସିଂହାସନକୁ ବାହୁଡ଼ିଯିବେ ମହାପ୍ରଭୁ। ଏହାର ଅବ୍ୟବହିତ ପୂର୍ବରୁ ବୁଧବାର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଦାରୁଦିଅଁଙ୍କର ଅନୁଷ୍ଠିତ ହୋଇଛି ସୁନାବେଶ। ମହଣ ମହଣ ସୁବର୍ଣ୍ଣ ଅଳଙ୍କାରରେ ଝଲସିଛନ୍ତି ବିଶ୍ୱନିୟନ୍ତା। ଦାରୁବିଗ୍ରହଙ୍କ ଦୁର୍ଲଭ ସୁନାବେଶ ବା ବଡ଼ତଡାଉ ବେଶ ଦର୍ଶନ କରିଛନ୍ତି ଅଗଣିତ ଭକ୍ତ। ପ୍ରାୟ ୧୨ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ବିଶ୍ୱନିୟନ୍ତାଙ୍କ ଦିବ୍ୟ ବେଶ ଦର୍ଶନ କରିଛନ୍ତି। ଗୁରୁବାର ରଥ ଉପରେ ଠାକୁରଙ୍କ ଅଧରପଣା ନୀତି ସମ୍ପନ୍ନ ହେବ। ସେଥିଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶୁକ୍ରବାର ନୀଳାଦ୍ରିବିଜେ। ଏହିଦିନ ନୀଳକନ୍ଦର ତଥା ଶ୍ରୀମନ୍ଦିର ରତ୍ନସିଂହାସନକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ଶନିବାରଠାରୁ ଭକ୍ତ ପାଇବେ ନୀଳାଚଳ ଅବଢ଼ା।

**ରଥ ଉପରେ ସୁନାବେଶ**

**ଦର୍ଶନ କଲେ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ**

ଦୁଇଦିନ ପରେ ଘୋଷଯାତ୍ରା ପରିସମାପ୍ତି ଘଟିବ। ଦିନ ଯେତିକି ପାଖେଇ ଆସୁଛି ରଥାରୂଢ଼ ଠାକୁରଙ୍କ ଦର୍ଶନ କରିବା ଲାଗି ଭକ୍ତଙ୍କ ମଧ୍ୟରେ ସେତିକି ଉତ୍କଣ୍ଠା ବଢ଼ିବାରେ ଲାଗିଛି। ତେବେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଲାଗି ବୁଧବାର ସକାଳୁ ପୁରୀକୁ ଭକ୍ତଙ୍କ ଧାଡ଼ି ଲାଗିଥିଲା। ଦିନତମାମ୍ ଖରା ହୋଇଥିଲେ ହେଁ ଏହାକୁ ଖାତିର ନ କରି ଶ୍ରୀକ୍ଷେତ୍ରମୁହାଁ ହୋଇଥିଲେ ଶ୍ରଦ୍ଧାଳୁ। ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ଅପରାହ୍ନ ୧ଟା ପରଠାରୁ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିଥିଲା।

ସୁନାବେଶ ଲାଗି ସକାଳୁ ବେଶ୍ ତତ୍ପର ହୋଇପଡ଼ିଥିଲେ ସେବାୟତ ଓ ଅଧିକାରୀ। ସକାଳ ୬ଟା ୪୦ରୁ ୬ଟା ୪୫ ମଧ୍ୟରେ ତିନିରଥରେ ମଙ୍ଗଳ ଆଳତି ନୀତି ବଢ଼ିଥିଲା। ଏହାପରେ ଅନ୍ୟାନ୍ୟ ନୀତି ଚାଲିଥିଲା। ପୂର୍ବାହ୍ନ ୧୦ଟା ୨୫ରେ ଗୋପାଳବଲ୍ଲଭ ଭୋଗ ହୋଇଥିବାବେଳେ ପୂର୍ବାହ୍ନ ୧୧ଟା ୪୫ରେ ସକାଳ ଧୂପ ସରିଥିଲା। ଅପରାହ୍ନ ୧ଟା ୫୦ରୁ ୨ଟା ୩୦ ମଧ୍ୟରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ୪ଟାରୁ ୪ଟା ୧୫ ମଧ୍ୟରେ ମଇଲମ, ୪ଟା ୧୫ରୁ ୪ଟା ୩୦ ଶାଢ଼ି ଖଣ୍ଡୁଆ ଲାଗି ସନ୍ଧ୍ୟା ଆଳତି ହୋଇଥିଲା। ଏହାରି ମଧ୍ୟରେ ଠାକୁରଙ୍କ ସ୍ୱର୍ଣ୍ଣ ଅଳଙ୍କାର ରଥ ନିକଟକୁ ବିଜେ କରାଯାଇଥିଲା। ଅପରାହ୍ନ ୫ଟାରୁ ସୁନାବେଶ ଆରମ୍ଭ ▶ପୃଷ୍ଠା-୯

## ଆଜି ଅଧରପଣା ନୀତି

■ ପୁରୀ, ୧୭।୭ (ସମିସ): ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ ଉପରେ ଗୁରୁବାର ଅଧରପଣା ନୀତି ସମ୍ପନ୍ନ ହେବ। ଏହି ନୀତି ପାଇଁ ସ୍ୱତନ୍ତ୍ର ହାଣ୍ଡି ପ୍ରସ୍ତୁତ ହୋଇଛି। ତାହାକୁ ଅଧର ହାଣ୍ଡି କୁହାଯାଏ। ଏହି ହାଣ୍ଡିରେ ପଣା ପ୍ରସ୍ତୁତ ହୋଇ ଦାରୁବିଗ୍ରହଙ୍କ ପାଖରେ ଲାଗି ହେବ। ପ୍ରତି ଠାକୁରଙ୍କ ପାଖରେ ୩ ହାଣ୍ଡି ଲେଖାଏଁ ପଣା ଭୋଗ ହେବ। ଦାରୁବିଗ୍ରହଙ୍କ ନିକଟରେ ପଣା ଭୋଗ ପରେ ଏହି ପଣାହାଣ୍ଡିକୁ ଭାଙ୍ଗି ଦିଆଯିବାର ବିଧି ରହିଛି। ପଣା ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଏ। ତାହାକୁ ଦେବଦେବୀ, ଭୂତପ୍ରେତ, କିନ୍ନର ଓ ରାକ୍ଷସମାନେ ପାଇଥାନ୍ତି ବୋଲି ବିଶ୍ୱାସ ରହିଛି। ରଥରେ ଠାକୁରଙ୍କ ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ଅଧରପଣା ନୀତି ଅନୁଷ୍ଠିତ ହେବ। ଏହି ନୀତିକୁ ଶୃଙ୍ଖଳିତ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ସହ ଆଲୋଚନା କରାଯାଇଛି। ଏଥିସହ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଛି।

**ତିନିରଥରେ ଭାଙ୍ଗିବ ୯ ଅଧରହାଣ୍ଡି**

# ନବୀନ ଗଢ଼ିଲେ 'ଛାୟା' କ୍ୟାବିନେଟ

## ଦେଶରେ ପ୍ରଥମ | ୫୦ ବିଧାୟକଙ୍କୁ ବିଭାଗୱାରୀ ଦାୟିତ୍ୱ

■ ଭୁବନେଶ୍ୱର, ୧୭।୭ (ସମିସ): ସରକାରଙ୍କୁ ଜଗିବ ବିଜେଡିର ଛାୟା କ୍ୟାବିନେଟ୍। ଇଂଲଣ୍ଡ, ଅଷ୍ଟ୍ରେଲିଆ, କାନାଡ଼ା, ଜାପାନ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଆଦି ଦେଶ ଢ଼ାଞ୍ଚାରେ ରାଜ୍ୟର ସ୍ୱାର୍ଥ ଓ ରାଜ୍ୟବାସୀଙ୍କ ହିତ ଦୃଷ୍ଟିରୁ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଢ଼ିଛନ୍ତି ଛାୟା କ୍ୟାବିନେଟ୍। ପ୍ରଥମଥର ପାଇଁ ବିରୋଧୀ ଆସନରେ ବସିଥିବା ବିଜେଡି ଦେଶରେ ପ୍ରଥମଥର ପାଇଁ ଏପରି ବ୍ୟବସ୍ଥାର ପ୍ରଚଳନ କରିଛି। ବିଭିନ୍ନ ସରକାରୀ ଯୋଜନା, କାର୍ଯ୍ୟକ୍ରମଗୁଡ଼ିକୁ ରାଜ୍ୟବାସୀଙ୍କ ହିତକଳ୍ପେ ପରିଚାଳନା ପାଇଁ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୫୦ ଜଣ ବିଧାୟକଙ୍କୁ ବିଭିନ୍ନ ବିଭାଗର ଦାୟିତ୍ୱ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ୩୬ ବିଭାଗ ଓ ୧୭ ମନ୍ତ୍ରୀଙ୍କ କାର୍ଯ୍ୟକୁ ଏହି ବିଧାୟକମାନେ ଜଗିବେ। ତାଙ୍କୁ ପ୍ରଦାନ କରାଯାଇଥିବା ବିଭାଗଗୁଡ଼ିକର କାର୍ଯ୍ୟ ଓ ଯୋଜନାର ଅନୁଧ୍ୟାନ କରିବେ । ଲୋକଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବେ, ରାଜ୍ୟ ବା ରାଜ୍ୟବାସୀଙ୍କ ସ୍ୱାର୍ଥହାନି ଆଶଙ୍କାଥିବା ପ୍ରସଙ୍ଗଗୁଡ଼ିକୁ ଚିହ୍ନଟ କରି ସରକାରଙ୍କୁ ଘେରିବେ।



**ଜଣେ ମନ୍ତ୍ରୀଙ୍କ କାର୍ଯ୍ୟକୁ ଜଗିବେ ୩ ବିଜେଡି ବିଧାୟକ**

**ରାଜ୍ୟ ସ୍ୱାର୍ଥ ଓ ରାଜ୍ୟବାସୀଙ୍କ ହିତକୁ ସର୍ବାଧିକ ଗୁରୁତ୍ୱ**

**ଅଷ୍ଟ୍ରେଲିଆ, ଇଂଲଣ୍ଡ, କାନାଡ଼ା, ଜାପାନ, ହଙ୍ଗେରୀ, ନ୍ୟୁଜିଲାଣ୍ଡ, ସର୍ବିଆ, ସୁଦାନ, ତୁର୍କୀ, ଥାଇଲାଣ୍ଡ, ଦକ୍ଷିଣ ଆଫ୍ରିକା ଆଦି ଦେଶରେ ରହିଛି ଛାୟା କ୍ୟାବିନେଟ**

୨୪ ବର୍ଷର ଶାସନ ପରେ ପ୍ରଥମଥର ବିରୋଧୀ ଆସନରେ ବସିଛି ବିଜୁ ଜନତା ଦଳ। ଏହି ପାଳିରେ ଏକ ସୁଦକ୍ଷ ଏବଂ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳର ଭୂମିକାରେ ଅବତୀର୍ଣ୍ଣ ହୋଇ ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ବିଧାନସଭାରେ ବିଜେଡି ଲଢ଼େଇ କରିବାର ଇଙ୍ଗିତ ଦେଇଛନ୍ତି। ନିର୍ବାଚନ ପରେ ପରେ ବିଜୟୀ ବିଧାୟକମାନଙ୍କୁ ଡାକି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଆସନ୍ତା ୨୨ ତାରିଖରେ ସପ୍ତଦଶ ବିଧାନସଭା ଅଧିବେଶନ ଆରମ୍ଭ ହେଉଥିବା ବେଳେ ୫୦ ଜଣ ବିଧାୟକଙ୍କୁ ବିଭାଗୱାରୀ ଦାୟିତ୍ୱ ପ୍ରଦାନ କରିଛନ୍ତି ବିଜେଡି ସୁପ୍ରିମୋ। ଅଭିଜ୍ଞ ଓ ନୂଆ ବିଧାୟକମାନଙ୍କ ଯୋଗ୍ୟତା ଆଧାରରେ ସୁପ୍ରିମୋ ବିଭାଗ ବଣ୍ଟନ କରିଛନ୍ତି।

ବିଜେଡି ପକ୍ଷରୁ ନିଯୁକ୍ତ ୫୦ ଜଣ ବିଧାୟକଙ୍କ ମଧ୍ୟରେ ୧୩ ଜଣ ସଦସ୍ୟ ବିଜେଡି ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ମନ୍ତ୍ରୀ ଭାବେ କାର୍ଯ୍ୟ କରିବାର ଅଭିଜ୍ଞତା ରଖିଛନ୍ତି। ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରମିଳା ମଲ୍ଲିକ, ବଦ୍ରିନାରାୟଣ ପାତ୍ର, ନିରଞ୍ଜନ ପୂଜାରୀ, ପ୍ରତାପ କେଶରୀ ଦେବ, ଅରୁଣ ସାହୁଙ୍କ ଭଳି ବରିଷ୍ଠ ନେତା ଏଥରେ ସାମିଲ୍ ରହିଛନ୍ତି। ଏହି ନେତାମାନେ ବହୁ ବାର ବିଧାୟକ ହୋଇଥିବା ବେଳେ ଏକାଧିକ ବିଭାଗରେ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ମାତ୍ର ରାଜ୍ୟରେ ପ୍ରଥମ ଥର ପାଇଁ ସରକାର ଗଠନ କରିଥିବା ବିଜେପିର ୭୪ ନିର୍ବାଚିତ ବିଧାୟକଙ୍କ ମଧ୍ୟରେ ୫୨ ଜଣ ପ୍ରଥମ ଥର ନିର୍ବାଚନରେ ବିଜୟୀ ହୋଇ ବିଧାୟକ ହୋଇଛନ୍ତି। ବଡ଼ କଥା ହେଉଛି ଯେ ଉପମୁଖ୍ୟମନ୍ତ୍ରୀ କନକ ▶ପୃଷ୍ଠା-୯

## ଅରିନ୍ଦମ ଡାକୁଆ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ନିଯୁକ୍ତ

**ଅନୁପମ ଶାହା ଅତିରିକ୍ତ ସଚିବ**




■ ଭୁବନେଶ୍ୱର, ୧୭।୭ (ସମିସ): ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ନିଯୁକ୍ତ ହୋଇଛନ୍ତି ୨୦୧୧ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଅରିନ୍ଦମ ଡାକୁଆ। ସେହିପରି ୨୦୧୨ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଅନୁପମ ଶାହା ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଶ୍ରୀ ଡାକୁଆ କଟକ ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିବା ବେଳେ ଶ୍ରୀ ଶାହା ଜଗତସିଂହପୁର ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଛନ୍ତି।

**ଗଡ଼ଚିରୋଲିରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୧୨ ମାଓବାଦୀ ମୃତ** ପୃଷ୍ଠା ୪

## ମନ୍ତ୍ରୀ ପରିଷଦ ବୈଠକ ଆଜି

■ ଭୁବନେଶ୍ୱର, ୧୭।୭ (ସମିସ): ଆସନ୍ତାକାଲି ଅନୁଷ୍ଠିତ ହେବ ମୋହନ ସରକାରଙ୍କ ତୃତୀୟ କ୍ୟାବିନେଟ୍ ଓ ମନ୍ତ୍ରୀ ପରିଷଦ ବୈଠକ। ବିଧାନସଭାର ବଜେଟ୍ ଅଧିବେଶନ ପୂର୍ବରୁ ଏହି ବୈଠକଦ୍ୱୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ବୈଠକରେ ପ୍ରାୟ ୨.୯ ଲକ୍ଷ କୋଟି ଟଙ୍କାର ବଜେଟ୍ ପ୍ରସ୍ତାବ ଉପରେ ମନ୍ତ୍ରୀ ପରିଷଦର ଅନୁମୋଦନ ଲୋଡ଼ାଯିବ। ଏହା ସହିତ ସରକାରଙ୍କ ୧୦୦ ଦିନିଆ କାର୍ଯ୍ୟଖସଡ଼ା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇପାରେ ବୋଲି କୁହାଯାଉଛି। ରାଜ୍ୟ ସରକାରଙ୍କ ପ୍ରଥମ କ୍ୟାବିନେଟ୍ ବୈଠକରେ ଧାନର ଏମ୍ଏସ୍‌ପି ବୃଦ୍ଧି, ସେପ୍ଟେମ୍ବରରୁ ସୁଭଦ୍ରା ଯୋଜନା ପ୍ରଚଳନ ଆଦି ନିଷ୍ପତ୍ତି ହୋଇଛି। ଦ୍ୱିତୀୟ କ୍ୟାବିନେଟ୍‌ରେ ୫ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଯେଉଁଥିରୁ ପୂର୍ବ ସରକାର ସମୟରେ ଗ୍ରହଣ ▶ପୃଷ୍ଠା-୯

**ସରକାରଙ୍କ ୧୦୦ ଦିନିଆ କାର୍ଯ୍ୟ ଖସଡ଼ା ସମ୍ପର୍କରେ ଆଲୋଚନା**

**ହୋଇପାରେ ବିଭିନ୍ନ ବିଭାଗରେ ୩ୟ ଓ ୪ର୍ଥ ଶ୍ରେଣୀ ନିଯୁକ୍ତି ଘୋଷଣା**

### ସମୃଦ୍ଧ କୃଷକ ନୀତିରେ ବାଜିପାରେ କ୍ୟାବିନେଟ ମୋହର

■ ଭୁବନେଶ୍ୱର, ୧୭।୭ (ସମିସ): ରାଜ୍ୟରେ ବିଜେପି ସରକାର ଗଠନ ପରେ ମୋହନ ସରକାରଙ୍କ ତୃତୀୟ କ୍ୟାବିନେଟ ବୈଠକ ଗୁରୁବାର ହେବାକୁ ସ୍ଥିରୀକୃତ ହୋଇଛି। ଏଥିରେ ବହୁ ଜନକଲ୍ୟାଣକାରୀ ଯୋଜନା ସଂପର୍କିତ ପ୍ରସ୍ତାବ ଉପରେ ମୋହର ବାଜିବାର ସମ୍ଭାବନା ରହିଛି। ବିଶେଷକରି ନିର୍ବାଚନ ପ୍ରତିଶ୍ରୁତି ମୁତାବକ ରାଜ୍ୟ ସରକାର ଧାନର ଏମ୍ଏସ୍‌ପି ୩୧୫୦ ଟଙ୍କାକୁ ବୃଦ୍ଧି କରିବା ସହିତ ଅନ୍ୟାନ୍ୟ କୃଷକ କଲ୍ୟାଣ ଯୋଜନା ସଂପର୍କରେ ନିଷ୍ପତ୍ତି ନେଇପାରନ୍ତି। ଏହିକ୍ରମରେ ଆସନ୍ତାକାଲିର କ୍ୟାବିନେଟରେ ମୋହନ ସରକାରଙ୍କ ପୂର୍ବ ଘୋଷଣା ମୁତାବକ ରାଜ୍ୟରେ 'ସମୃଦ୍ଧ କୃଷକ ନୀତି' ଉପରେ ମୋହର ବାଜିପାରେ। ଏଥିସହିତ ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, ଭାଷା ଓ ସଂସ୍କୃତି ବିଭାଗର କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ମଧ୍ୟ କ୍ୟାବିନେଟ ମଞ୍ଜୁରି ମିଳିବାର ସମ୍ଭାବନା ରହିଛି।




# ସାବଧାନ ! 'ଭଏସ୍ କ୍ଲୋନ୍'ରେ ଠକେଇ

## ଭିଡିଓରେ ବଡ଼ବଡ଼ ଶିଳ୍ପପତି, ଟିଭି ଆଙ୍କରଙ୍କୁ ଦେଖାଇ ଲୁଟିନେଉଛନ୍ତି ସର୍ବସ୍ୱ

■ ନୂଆଦିଲ୍ଲୀ, ୧୭।୭ (ଏଜେନ୍ସି): ଦେଶରେ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି ସାଇବର ଅପରାଧ। ପରମ୍ପରାଗତ ଅନ୍‌ଲାଇନ୍ ଠକେଇ ଛାଡି ଏବେ 'ଭଏସ୍ କ୍ଲୋନିଂ'କୁ ମାଧ୍ୟମ କରି ଲୋକଙ୍କୁ ନିଜର ଶିକାର ବନାଉଛନ୍ତି ସାଇବର ଅପରାଧୀ। ଓଡ଼ିଶାରେ ମଧ୍ୟ ଏହି ଠକେଇ ଘଟଣା ବୃଦ୍ଧି ପାଉଥିବାର ନଜରକୁ ଆସିଛି। 'ଭଏସ୍ କ୍ଲୋନିଂ' ସମ୍ପର୍କରେ ଏବେ ବି ଅନେକ ଲୋକ ଅଜ୍ଞ ଥିବା ହେତୁ ଠକମାନେ ଏହାର ଫାଇଦା ଉଠାଉଛନ୍ତି। ନିକଟତମ ସମ୍ପର୍କୀୟଙ୍କ ସ୍ୱରକୁ 'ଭଏସ୍ କ୍ଲୋନିଂ' ମାଧ୍ୟମରେ ନକଲ କରି ସମସ୍ୟାରେ ପଡ଼ିଥିବା କହି ଠକମାନେ ଆର୍ଥିକ ସାହାଯ୍ୟ ନେଇଥାନ୍ତି। ଏବେ ସାଇବର ଅପରାଧୀମାନେ ନିବେଶକାରୀଙ୍କୁ ସେମାନଙ୍କର ନୂଆ ଟାର୍ଗେଟ୍ କରିଛନ୍ତି। ଏଥିରେ ସେମାନେ ନିବେଶକାରୀଙ୍କୁ ସ୍ୱଳ୍ପ ନିବେଶ ଉପରେ ବହୁ ଗୁଣ ରିଟର୍ଣ୍ଣର ଲୋଭ ଦେଖାଉଛନ୍ତି। ଫେକ୍ ଭିଡିଓ ଜରିଆରେ ବଡ଼ ବଡ଼ ଶିଳ୍ପପତିଙ୍କ ସହ ଟିଭି ଆଙ୍କରମାନଙ୍କୁ ଦେଖାଇ ନିବେଶକମାନଙ୍କ ମଧ୍ୟରେ ଦୃଢ଼ବିଶ୍ୱାସ ଜନ୍ମାଉଛନ୍ତି। ଶେଷରେ ନିଜର ଠକେଇ ଜାଲରେ ପକାଇ ସେମାନଙ୍କଠାରୁ ସର୍ବସ୍ୱ ଲୁଟି ନେଉଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ଉପଯୋଗ କରି ସାଇବର ଅପରାଧୀମାନେ 'ଭଏସ୍ କ୍ଲୋନିଂ' ଜରିଆରେ ଏଭଳି ଆର୍ଥିକ ଠକେଇ କରୁଛନ୍ତି। ନିକଟରେ ରାଜନେତା ତଥା ବିଶିଷ୍ଟ ବ୍ୟକ୍ତିଙ୍କ ଭଏସ୍‌କୁ କ୍ଲୋନ କରି ୩ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଥିଲା ବଲାଙ୍ଗିର ପୁଲିସ। ସେମାନେ ହେଲେ ଅନୁଗୋଳ ଜିଲ୍ଲା କିଶୋରନଗରର ସୌମ୍ୟରଞ୍ଜନ ପ୍ରଧାନ ଓ କଟକ ଜିଲ୍ଲା ଜଗତପୁରର ଖିତିଶ୍ ନନ୍ଦୀ।



**ଟାର୍ଗେଟ୍‌ରେ ନିବେଶକାରୀ**

**ନିବେଶକଙ୍କୁ ବହୁ ଗୁଣ ରିଟର୍ଣ୍ଣର ପ୍ରତିଶ୍ରୁତି ଦେଇ ଲୁଟ୍**

**ଦୈନିକ ୭୦୦୦ ସାଇବର ଅପରାଧ ଅଭିଯୋଗ: ଆଇଫୋର୍‌ସି**

ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର (ଆଇଫୋର୍‌ସି)ର ରିପୋର୍ଟ ଅନୁଯାୟୀ, ଦେଶରେ ଦୈନିକ ୭୦୦୦ ସାଇବର ଅପରାଧ ସମ୍ପର୍କିତ ଅଭିଯୋଗ ହେଉଛି। ତେବେ ସବୁଠାରୁ ଚିନ୍ତା ବିଷୟ ହେଉଛି ଯେ, ଟେକ୍ନୋଲୋଜି ଯେତିକି ଆଧୁନିକ ହେଉଛି ଠକମାନେ ସେତିକି ଅଧିକ ▶ପୃଷ୍ଠା-୯

# ସୁନାବେଶରେ ଝଟକିଲେ ମହାପ୍ରଭୁ





ମହଣ
ମହଣ ସୁନାରେ ସଜେଇ ହୋଇ ଝଟକିଲେ ରଥାରୂଢ଼ ମହାପ୍ରଭୁ । ଭଳିକି ଭଳି ସୁବର୍ଣ୍ଣ ଆଭୂଷଣରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା । ବିଶ୍ୱନିୟନ୍ତାଙ୍କ ଦୁର୍ଲଭ ସୁନାବେଶ ଦେଖିବା ପାଇଁ ପୁରୀରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଛି । ଜନସମୁଦ୍ରରେ ପରିଣତ ହୋଇଛି ବଡ଼ଦାଣ୍ଡ । ଦେଶ ବିଦେଶର ଭକ୍ତଙ୍କ ଆଗମନରେ ପୂରି ଉଠୁଛି ପୁରୀ । 'ଜୟ ଜଗନ୍ନାଥ' ଧ୍ୱନିରେ କମ୍ପୁଛି ଶ୍ରୀକ୍ଷେତ୍ର । ବର୍ଷକୁ ରଥ ଉପରେ ଥରେ ହେଉଥିବା ଏହି ସୁନାବେଶକୁ ବଡ଼ତଢାଉ ବେଶ ବା ରାଜାରାଜେଶ୍ୱର ବେଶ ମଧ୍ୟ କୁହାଯାଇଥାଏ ।

## ପୁରାଣେ ପୁରୁଷୋତ୍ତମ-୧୫



### ଲିଙ୍ଗ ମହାପୁରାଣ

ଅଷ୍ଟାଦଶ ମହାପୁରାଣ ଶୃଙ୍ଖଳାରେ ଲିଙ୍ଗ ମହାପୁରାଣ ଅନ୍ୟତମ । ସମୁଦାୟ ୨ଟି ଭାଗ (ପୂର୍ବ ଓ ଉତ୍ତର), ୧୬୩ଟି ଅଧ୍ୟାୟ ଓ ୧୧ହଜାର ଶ୍ଳୋକରେ ସମ୍ପନ୍ନ ଏହି ମହାପୁରାଣରେ ଶିବଲିଙ୍ଗଙ୍କ ଉତ୍ପତ୍ତି, ତାହାର ସ୍ଥୂଳ ଓ ସୂକ୍ଷ୍ମ ରୂପ, ପୂଜନ-ପ୍ରତିଷ୍ଠା-ବିଧି ସହିତ ସୃଷ୍ଟିତତ୍ତ୍ୱ, ମନ୍ୱନ୍ତରକଥା, ରାଜବଂଶବର୍ଣ୍ଣନା, ପାଶୁପାତଯୋଗ ପ୍ରଭୃତି ସବିସ୍ତର ବର୍ଣ୍ଣିତ । ଏଥିରେ(୧/୩/୨୯) ବିଷ୍ଣୁ ଓ ଶିବ ଉଭୟ ଅଭିନ୍ନ ଏବଂ ଏହି ବିଶ୍ୱ ଉଭୟଭିତରେ ପ୍ରତିଭାତ ହୋଇଥିବାରୁ ଉଭୟ ଜଗନ୍ମତ ବା ଜଗନ୍ନାଥ-

"ସ ଏବ ଭଗବାନ୍ ରୁଦ୍ରୋ ବିଷ୍ଣୁର୍ବିଶ୍ୱଗତଃ ପ୍ରଭୁଃ ।
ତସ୍ମିନ୍ନଣ୍ଡେ ଦ୍ୱିମେ ଲୋକା ଅନ୍ତର୍ବିଶ୍ୱମିଦଂ ଜଗତ୍ ।।"

ପୁନଶ୍ଚ (୧/୪୧/୬୦) ରେ ହରଙ୍କୁ ହରିଙ୍କ ଅଭିନ୍ନ-ବିଚାରରେ ଅଯୋନିଜ ଓ 'ଜଗନ୍ନାଥ' ବୋଲି କୁହାଯାଇଛି-

"ତଦା ରୁଦ୍ରୈର୍ଜଗନ୍ନାଥସ୍ତୟା ଚାନ୍ତର୍ଦଧେ ବିଭୁଃ ।
ତସ୍ମାଚ୍ଛିଳାଦ ଲୋକେଷୁ ଦୁର୍ଲଭୋ ବୈ ତ୍ୱଯୋନିଜଃ ।।"

ସେହିପରି (୧/୭୧/୭୨)ରେ ଭଗବାନ୍ ବିଷ୍ଣୁଙ୍କ 'ପୁରୁଷୋତ୍ତମ' ନାମର ଉଲ୍ଲେଖ ମିଳେ-

"ବିଚାର୍ଯ୍ୟୈବଂ ତତସ୍ତେଷାଂ ଭଗବାନ୍ ପୁରୁଷୋତ୍ତମଃ ।
କର୍ତ୍ତୁଂ ବ୍ୟବସିତଶ୍ଚାଭୂଦ୍ଧର୍ମବିଘ୍ନଂ ସୁରାରିଣାମ୍ ।।"

ଅର୍ଥାତ୍ ପୁରୁଷୋତ୍ତମ ଭଗବାନ୍ ବିଷ୍ଣୁ ଦୈତ୍ୟମାନଙ୍କ ତପଶ୍ଚର୍ଯ୍ୟାଦି-ଧର୍ମକାର୍ଯ୍ୟରେ ବିଘ୍ନ ରଚିବାକୁ ବିଚାରନିଷ୍ଠ ହେଲେ। ଅଧିକନ୍ତୁ (୧/୭୧/୯୫-୯୬)ରେ ଭଗବାନ୍ ପୁରୁଷୋତ୍ତମ-ବିଷ୍ଣୁ ସର୍ବଜ୍ଞ-ଶିବଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ନିଜ-ଅଭେଦରେ ବ୍ରହ୍ମ ବୋଲି ସ୍ତୁତି କରିଛନ୍ତି-

"ତପସା ପ୍ରାପ୍ୟ ସର୍ବଜ୍ଞଂ ତୁଷ୍ଟାବ ପୁରୁଷୋତ୍ତମ ।
ମହେଶ୍ୱରାୟ ଦେବାୟ ନମସ୍ତେ ପରମାତ୍ମନେ ।।
ନାରାୟଣାୟ ଶର୍ବାୟ ବ୍ରହ୍ମଣେ ବ୍ରହ୍ମରୂପିଣେ ।
ଶାଶ୍ୱତାୟ ହ୍ୟନନ୍ତାୟ ଚାବ୍ୟକ୍ତାୟ ତେ ନମଃ ।।"

ଆହୁରି ମଧ୍ୟ (୧/୮୮/୪୦-୪୧) ରେ ପରମପୁରୁଷ ବା ପୁରୁଷୋତ୍ତମଙ୍କ ସ୍ୱରୂପ ବର୍ଣ୍ଣନା କରାଯାଇଛି-

"ପଶ୍ୟନ୍ତି ଯୁକ୍ତ୍ୟା ହ୍ୟଚଳପ୍ରକାଶଂ ତଭାବିତାସ୍ତେଜସା ଦୀପ୍ୟମାନମ୍ ।
ଅପାଣିପାଦୋଦରପାର୍ଶ୍ୱଜିହ୍ୱୋ ହ୍ୟତୀନ୍ଦ୍ରୟୋ ବାଽପି ସୁସୂକ୍ଷ୍ମ ଏକଃ ।।
ପଶ୍ୟତ୍ୟଚକ୍ଷୁଃ ସ ଶୃଣୋତ୍ୟକର୍ଣ୍ଣୋ ନ ଚାସ୍ତ୍ୟବୁଦ୍ଧଂ ନ ଚ ବୁଦ୍ଧିରସ୍ତି ।
ସ ବେଦ ସର୍ବଂ ନ ଚ ସର୍ବବେଦ୍ୟଂ ତମାହୁରଗ୍ର୍ୟଂ ପୁରୁଷଂ ମହାନ୍ତମ୍ ।।"

ଅର୍ଥାତ୍ ଯାହାଙ୍କୁ ତାଙ୍କର ଭକ୍ତମାନେ ଅଚଳ-ପ୍ରକାଶ ଓ ତେଜୋଦୀପ୍ତସ୍ୱରୂପରେ ଦର୍ଶନ କରନ୍ତି, ଯିଏ ଏକ, ସୂକ୍ଷ୍ମ, ଅତୀନ୍ଦ୍ରିୟ, ହସ୍ତ-ପଦ-ଉଦର-ପାଶ୍ୱର୍-ଜିହ୍ୱା-ରହିତ, ଯିଏ ଚକ୍ଷୁ ନ ଥାଇ ସବୁ ଦେଖି ପାରନ୍ତି ଓ କର୍ଣ୍ଣ ନ ଥାଇ ସବୁ ଶୁଣି ପାରନ୍ତି, ବୁଦ୍ଧିରୁ ଭିନ୍ନ ହେଲେ ମଧ୍ୟ ସବୁ ବୁଝିପାରନ୍ତି, ଯିଏ ସମସ୍ତଙ୍କୁ ଜାଣି ପାରନ୍ତି ଅଥଚ ଯାହାଙ୍କୁ ସମସ୍ତେ ଜାଣନ୍ତି ନାହିଁ; ତାଙ୍କୁ ଆଦ୍ୟ-ପୁରୁଷୋତ୍ତମ ବୋଲି ବ୍ରହ୍ମଜ୍ଞ-ମନୀଷିମାନେ କହିଥାନ୍ତି। ପୁନରପି ଏଥିରେ (୨/୫/୧୫)ରେ ଅମ୍ବରୀଷଙ୍କ ମାତା ପଦ୍ମାବତୀଙ୍କୁ ଭଗବାନ୍ ପୁରୁଷୋତ୍ତମ ବରପ୍ରଦାନ କରିଥିବା ପ୍ରକାଶିତ-

"ହରେରଗ୍ରେ ମହାଭାଗା ସୁଷ୍ୱାପ ପତିନା ସହ ।
ତତ୍ର ନାରାୟଣୋ ଦେବସ୍ତାମାହ ପୁରୁଷୋତ୍ତମଃ ।।

ପରେ ସେଠାରେ(୨/୫/୩୧,୩୩,୩୬) ଅମ୍ବରୀଷଙ୍କ ସ୍ତୁତିରେ 'ନୀଳାଚଳ' ଓ 'ଜଗନ୍ନାଥ' ଉଭୟ ଶବ୍ଦର ପ୍ରୟୋଗ ପୁରୁଷୋତ୍ତମଙ୍କ ଉଦ୍ଦେଶ୍ୟରେ କରାଯାଇଛି-

"ଶାର୍ଙ୍ଗଚକ୍ରଗଦାପାଣିଃ ଖଡ୍ଗହସ୍ତୋ ଜନାର୍ଦ୍ଦନଃ ।
ଗରୁଡୋପରି ସର୍ବାତ୍ମା ନୀଳାଚଳ ଇବାପରଃ ।।
ପ୍ରସୀଦ ଲୋକନାଥେଶ ମମ ନାଥ ଜନାର୍ଦ୍ଦନ ।
କୃଷ୍ଣ ବିଷ୍ଣୋ ଜଗନ୍ନାଥ ସର୍ବଲୋକନମସ୍କୃତ ।।
ତ୍ୱାଂ ପ୍ରପନ୍ନୋଽସ୍ମି ଗୋବିନ୍ଦ ଜୟ ଦେବକିନନ୍ଦନ ।
ଜୟ ଦେବ ଜଗନ୍ନାଥ ପାହି ମାଂ ପୁଷ୍କରେକ୍ଷଣ ।।"

ସେହି ପୁରାଣ-ପୁରୁଷୋତ୍ତମଙ୍କୁ ପ୍ରାଣରୁ ପ୍ରଣାମ।

ପ୍ରସ୍ତୁତି: ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ- ୯୪୩୭୫୬୬୩୨୪





## ଶ୍ରୀବିଗ୍ରହଙ୍କୁ ଲାଗି ହେଉଥିବା ଅଳଙ୍କାର

**ଶ୍ରୀବଳଭଦ୍ର**ଙ୍କ ଶ୍ରୀବିଗ୍ରହରେ ସନ୍ନିବେଶିତ ହେଉଥିବା ଅଳଙ୍କାରଗୁଡ଼ିକ ହେଲା ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ାମାଳି, କଦମ୍ବମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି (ଲୁଗାକୁ ଠିକ୍ ଭାବେ ବାନ୍ଧି ରଖିବା ପାଇଁ), ହଳ, ମୂଷଳ, ବାହାଡ଼ାମାଳି, ବାଘନଖିମାଳି, ସେବତିମାଳି ଓ ତ୍ରିଖଣ୍ଡିକା କମରପଟି ।

**ଦେବୀ ସୁଭଦ୍ରା** ଲାଗି ହେଉଥିବା ଅଳଙ୍କାରଗୁଡ଼ିକ ହେଲା କିରୀଟ, ଓଡ଼ିଆଣୀ, କାନ, ଚନ୍ଦ୍ରସୂର୍ଯ୍ୟ, ଘାଗଡ଼ାମାଳି, କଦମ୍ବମାଳି, ତଡ଼ଗି ୨ଟି ଓ ସେବତିମାଳି । **ଶ୍ରୀଜଗନ୍ନାଥ**ଙ୍କ ଶ୍ରୀବିଗ୍ରହରେ ଲାଗି ହେଉଥିବା ଅଳଙ୍କାରଗୁଡ଼ିକ ହେଲା ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, କାନ, ଆଡ଼କାନି, ଘାଗଡ଼ାମାଳି, ତାବିଜମାଳି, କଦମ୍ବମାଳି, ହରିଡ଼ା କଦମ୍ବମାଳି, ବାହାଡ଼ାମାଳି, ସେବତିମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ସ୍ୱର୍ଣ୍ଣଚକ୍ର, ରୌପ୍ୟ ଶଙ୍ଖ ଓ ତ୍ରିଖଣ୍ଡିକା କମରପଟି ।





## ରଥ ଉପରେ ଅଧର ପଣା
# ୧୨ ହାଣ୍ଡିରୁ ଏବେ ୯ ହାଣ୍ଡି

ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ବାହୁଡ଼ିଛନ୍ତି ଚତୁର୍ଦ୍ଧାବିଗ୍ରହ। ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ ଉପରେ ବୁଧବାର ସୁନାବେଶ ଅନୁଷ୍ଠିତ ହୋଇଛି। ଗୁରୁବାର ତିନିରଥ ଉପରେ ଅନୁଷ୍ଠିତ ହେବ ଅଧରପଣା ନୀତି। ରଥାରୂଢ଼ ଠାକୁରମାନଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟି ହାଣ୍ଡିରେ ହେଉଥିବା ପଣା ଭୋଗକୁ ଅଧରପଣା କୁହାଯାଏ। ଏହି ନୀତି ପାଇଁ ପୂର୍ବରୁ ୧୨ ହାଣ୍ଡି ଅଧରପଣା ହେଉଥିଲା। କିନ୍ତୁ ଏବେ ୯ ହାଣ୍ଡି ଅଧର ପଣା ଭୋଗ ହେଉଛି।

ଗବେଷକଙ୍କ ମତରେ ପୂର୍ବେ ବାହୁଡ଼ା ଦଶମୀ ଦିନ ତିନିହାଣ୍ଡି, ଏକାଦଶୀ ତିଥିରେ ତିନିହାଣ୍ଡି, ଦ୍ୱାଦଶୀ ଦିନ ତିନିହାଣ୍ଡି ଏହିପରି ୯ ହାଣ୍ଡି ଏବଂ ଶ୍ରୀବଳଭଦ୍ରଙ୍କ ରଥରେ ରାମ ଓ କୃଷ୍ଣଙ୍କ ଉଦ୍ଦେଶ୍ୟରେ ୨ ହାଣ୍ଡି (ସାନ), ଶ୍ରୀଜଗନ୍ନାଥଙ୍କ ରଥରେ ମଦନମୋହନଙ୍କ ପାଇଁ ୧ ହାଣ୍ଡି (ସାନ) ଏହିପରି ୧୨ ହାଣ୍ଡି ଅଧର ପଣା ଭୋଗ ହେଉଥିଲା। ସମ୍ପ୍ରତି ତିନିରଥ ପାଇଁ କେବଳ ଗୋଟିଏ ଦିନରେ ସମୁଦାୟ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଓ ଶ୍ରୀମନ୍ଦିର ପ୍ରଶାସନ ୩ଟି ଲେଖାଏଁ ଅଧରହାଣ୍ଡି ଓ ପଣା ସାମଗ୍ରୀ ଯୋଗାଇଦେଉଛନ୍ତି।

ରଥ ଉପରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧର ପଣା ପ୍ରସ୍ତୁତ ଓ ନୀତି ଆରମ୍ଭ ହୋଇଥାଏ। ଶ୍ରୀମନ୍ଦିର ପ୍ରଶାସନ, ରାଘବଦାସ ମଠ ଓ ବଡ଼ଓଡିଆ ମଠ ପ୍ରଦତ୍ତ ଛେନା, ସର, କଦଳୀ, ଛାତି, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ପ୍ରଭୃତି ପଣା ସାମଗ୍ରୀ ପାଳିଆ ମହାସୁଆର ରଥ ଉପରେ ରଖନ୍ତି। ପ୍ରତି ଠାକୁରଙ୍କ ସମ୍ମୁଖରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁଙ୍କ ଶ୍ରୀଅଧରକୁ ପାଇବା ଭଳି ଉଚ୍ଚ ଥିବା ତୁମ୍ବାକାର ମୃତ୍ତିକା ନିର୍ମିତ ତିନିଗୋଟି ହାଣ୍ଡି ରଖାଯାଏ। କିନ୍ତୁ ପ୍ରତ୍ୟେକ ହାଣ୍ଡି ସମାନ ମାପର ହୋଇ ନ ଥାଏ। ପୂର୍ବରୁ ପାଣିଆପଟ ସେବକମାନେ ସିଂହଦ୍ୱାର ଛାଉଣୀ ମଠ ସମ୍ମୁଖସ୍ଥ କୂପରୁ ଗରାମାନଙ୍କରେ ଜଳ କାଢ଼ି ରଥ ଉପରକୁ ବୋହି ନେଇ ବଡ଼ ପିତ୍ତଳ ହଣ୍ଡାରେ ରଖିଥାନ୍ତି। କୂଅରୁ ଜଳ ବୋହିବା ସମୟରେ ମନ୍ଦିର ଚର୍ଚ୍ଚା ଓ ବରକନ୍ଦାଜ କର୍ମଚାରୀମାନେ ଆଗରେ ଗୁଆ ଖୋଳପା ଧରି ଲୋକଙ୍କୁ ଆଡେଇଥାନ୍ତି, ଯେପରି କେହି ପବିତ୍ର ଜଳକୁ ସ୍ପର୍ଶ କରିପାରିବେ ନାହିଁ। ଅଧରପଣା ଭୋଗ ହେବା ପୂର୍ବରୁ ମହାସୁଆରମାନେ ଥାଇ ଭିତରଚ୍ଛ, ତଳୁଚ୍ଛ ଓ ପାଳିଆ ପୁଷ୍ପାଳକ ଅଧର ଆଗରେ ଖଣ୍ଡେ ଗାମୁଛା ଟେରା ଧରିଥାନ୍ତି। ଅଧରପଣା ହାଣ୍ଡି ଉପରେ ଖଣ୍ଡେ ଲେଖାଏଁ ଧଳା କରିଆ (ଜାଲି କନା) ପକାଯାଏ। ପବିତ୍ର ଜଳକୁ ଛାଣିବା ଉଦ୍ଦେଶ୍ୟରେ ଏହା ପକାଯାଇଥାଏ। ମହାସୁଆରମାନେ ପ୍ରତି ରଥ ଉପରେ ଅଧର ହାଣ୍ଡିରେ ପଣା ପ୍ରସ୍ତୁତ କରିଥାନ୍ତି। ଏହାକୁ ପତ୍ରୀବଡୁ, ସୁଆରବଡୁ, ଗରାବଡୁ ପାଳିଆ ସେବକ ତିନିରଥ ଉପରେ ପୂଜା କରନ୍ତି। ଏହାପରେ ପାଳିଆ ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ଲଗାଇଥାନ୍ତି। ଭୋଗ ହେବା ପରେ ଠାକୁରମାନଙ୍କ ସମ୍ମୁଖରେ ଏହି ପାତ୍ରମାନଙ୍କୁ ଭାଙ୍ଗି ଦିଆଯାଇଥାଏ।

ଜନଶ୍ରୁତିରୁ ଜଣାଯାଏ, ତିନିରଥ ଉପରେ ଠାକୁରମାନଙ୍କୁ ଅର୍ପିତ ଅଧରପଣା ଭୋଗ ରଥର ପାର୍ଶ୍ୱ ଦେବଦେବୀ, ଅନ୍ୟାନ୍ୟ ଚଣ୍ଡି ଚାମୁଣ୍ଡା ଓ ଅର୍ଦ୍ଧଶରୀରିମାନଙ୍କ ପାଇଁ ଉଦ୍ଦିଷ୍ଟ। କାରଣ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ହିତ ସାଧନ ନିମନ୍ତେ ମହାପ୍ରଭୁ ନବଦିନାତ୍ମକ ଯାତ୍ରା କରିଥାନ୍ତି। ଏହି ଚଣ୍ଡି ଚାମୁଣ୍ଡା ପ୍ରଭୃତିଙ୍କ ପାଇଁ ସମର୍ପଣର ପ୍ରଥା ନାହିଁ। ଏଣୁ ଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ସେମାନଙ୍କୁ ତୃପ୍ତ କରିବା ପାଇଁ ଏଭଳି ବିଧାନ ବହୁ ପ୍ରାଚୀନ କାଳରୁ ରହିଆସିଛି। ଏଥିପାଇଁ ଅଧରପଣା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଏ। ଏହି କାରଣରୁ ସାଧାରଣତଃ ଅନ୍ୟ କେହି ଏହି ଅମୃତୋପମ ପଣାକୁ ସେବନ କରି ନ ଥାନ୍ତି।



## ଶୟନ ଗଲେ ହରି
# ଆରମ୍ଭ ହେଲା ଅଶୁଭ କାଳ

ସନାତନ ପରମ୍ପରାରେ ସୁନାବେଶ ଦିନ ଅର୍ଦ୍ଧରାତିରୁ ଚର୍ତୁମାସ୍ୟା ବ୍ରତ ଆରମ୍ଭ ହୁଏ। ଏହି ଦିନଠାରୁ ମହାପ୍ରଭୁ ଶୟନ ଯାଇଥାନ୍ତି। ଏହାକୁ ହରିଶୟନ ଏକାଦେଶୀ କୁହାଯାଏ। ୪ ମାସ ପର୍ଯ୍ୟନ୍ତ ମହାପ୍ରଭୁ ଶୟନ କରିଥାନ୍ତି। ଠାକୁରଙ୍କର ଏହି ଶୟନ କାଳରେ ବାନପ୍ରସ୍ଥ, ଋଷି, ମୁନୀ, ସାଧୁସନ୍ଥ, ମହାପୁରୁଷ, ସନ୍ନ୍ୟାସ ଧର୍ମ ଆଚରଣ କରୁଥିବା ଲୋକମାନେ ଚର୍ତୁମାସ୍ୟା ବ୍ରତ ପାଳନ କରିଥାନ୍ତି। ଏହି ସମୟରେ ଗୋଟିଏ ସ୍ଥାନରେ ରହି ଶାସ୍ତ୍ର ମୁତାବକ ନିୟମ ପାଳନ କରି ଠାକୁରଙ୍କୁ ସ୍ମରଣ କରିଥାନ୍ତି। ଏଥିସହ ପଠନ ଓ ପାଠନରେ ସମୟ ବିତାଇଥାନ୍ତି। ମହାପ୍ରଭୁଙ୍କ ଶୟନ କାଳ ମଣିଷମାନଙ୍କ ପାଇଁ ଅଶୁଭ କାଳ ଭାବେ ଗ୍ରହଣ କରାଯାଏ। ଏହି ସମୟରେ ସୂର୍ଯ୍ୟ ଦକ୍ଷିଣାୟନ ଗତି କରନ୍ତି। ଜ୍ୟୋତିଷ ଶାସ୍ତ୍ର ମତେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟରେ କୌଣସି ଶୁଭ କାର୍ଯ୍ୟ ଅର୍ଥାତ୍ ଯଜ୍ଞ, ବିବାହ, ଗୋଦାନ ଆଦି ହୁଏ ନାହିଁ। ସୂର୍ଯ୍ୟଙ୍କର ଉତ୍ତରାୟଣ ହେଲେ ପୁଣି ଶୁଭ କାର୍ଯ୍ୟ ଆରମ୍ଭ ହୁଏ। ମହାପ୍ରଭୁଙ୍କର ରଥ ଉପରେ ସୁନାବେଶ ଓଲାଗି ପରେ ଚନ୍ଦନ ଲାଗି, ବଡ଼ସିଂହାର ବେଶ ଓ ଭୋଗ ହୋଇଥାଏ। ମହାସ୍ନାନ ପୂଜା ପରେ ଶୟନ ଠାକୁର ରଥକୁ ବିଜେ ହୋଇଥାନ୍ତି। ରଥରେ ନୀତି ସରିବା ପରେ ଅର୍ଦ୍ଧରାତିରେ ମହାପ୍ରଭୁଙ୍କଠାରୁ ଆଜ୍ଞା ନେଇ ଶୟନ ଯାଇଥାନ୍ତି। ଭାଦ୍ରବ ମାସ ଶୁକ୍ଳ ଏକାଦଶୀ ଦିନ ଠାକୁର ପାର୍ଶ୍ୱ ପରିବର୍ତ୍ତନ ଅର୍ଥାତ୍ କଡ଼ ଲେଉଟାଇଥାନ୍ତି। ତେଣୁ ଏହାକୁ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ କୁହାଯାଏ। କାର୍ତ୍ତିକ ମାସ ବଡ଼ ଏକାଦଶୀରେ ଠାକୁର ନିଦ୍ରା ତ୍ୟାଗ କରି ଉଠିଥାନ୍ତି। ଏହାକୁ ଦେବ ଉତ୍ଥାପନ ଏକାଦଶୀ କୁହାଯାଏ। ଶାସ୍ତ୍ର ଅନୁସାରେ ଯେଉଁମାନେ ପବିତ୍ର ମନରେ ହରିଶୟନ ଏକାଦଶୀ ବ୍ରତ ପାଳନ କରିଥାନ୍ତି ତାଙ୍କର ମନସ୍କାମନା ପୂର୍ଣ୍ଣ ହେବା ସହ ସମସ୍ତ ପାପ କ୍ଷୟ ହୋଇଥାଏ। ସେହିପରି ହରିଶୟନ ଏକାଦଶୀ କଥା ପଢ଼ିବା ଓ ଶୁଣିବା ଦ୍ୱାରା ସହସ୍ର ଗୋଦାନ ତୁଲ୍ୟ ପୂଣ୍ୟ ଫଳପ୍ରାପ୍ତି ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି।



ଫଟୋ: ଅନିଲ

## କୁରୁଲ ଗ୍ରାମରେ ଝାଡ଼ାବାନ୍ତି ଦୁଇ ଦିନରେ ୩ ମୃତ

**ବଲାଙ୍ଗିର/ପୁଇଁତଲା, ୧୭।୭ (ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ଅନ୍ତର୍ଗତ କୁରୁଲ ଗ୍ରାମରେ ଝାଡାବାନ୍ତି ବ୍ୟାପିଛି। ଗତ ଦୁଇଦିନ ମଧ୍ୟରେ ତିନି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏଭଳି ଅବସ୍ଥା ଗ୍ରାମରେ ଭୟର ବାତାବରଣ ସୃଷ୍ଟି କରିଛି। ଗତ କିଛି ଦିନ ହେଲା କୁରୁଲ ଗ୍ରାମରେ ଝାଡାବାନ୍ତି ଆରମ୍ଭ ହୋଇଥିଲା। ଡାଇରିଆର ଶିକାର ହୋଇ ଗତ ମଙ୍ଗଳବାର କୁରୁଲ ଗ୍ରାମର ମହିଳା ସପୁର ପଟେଲଙ୍କ ଦେହାନ୍ତ ହୋଇଛି। ବୁଧବାର ପୁଣି ଗ୍ରାମର ଜୟଦେବ ପଟେଲ (୬୫) ଓ ଭୂମିସୂତା ରାଉତ(୬୮)ଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୁଣି ଦୁଇଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୂଷିତ ପାଣି ପିଇବା ଦ୍ୱାରା ଝାଡାବାନ୍ତି ବ୍ୟାପିବା ଆଶଙ୍କା କରାଯାଇଛି। ଖବର ପାଇବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇ ଜାମଗାଁରୁ ଏକ ମେଡିକାଲ ଟିମ ଗାଁକୁ ଯାଇ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରଖିଛି। ଗ୍ରାମବାସୀ ବ୍ୟବହାର କରୁଥିବା ପାଣି ପରୀକ୍ଷା ପାଇଁ ନିଆଯାଇଛି। ପାନୀୟ ଜଳ ବିଶୋଧନ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ପ୍ରକାଶ ଯେ କୁରୁଲ ଗ୍ରାମକୁ ଦୁଇଟି ପ୍ରକଳ୍ପ ମାଧ୍ୟମରେ ଜଳଯୋଗାଣ କରାଯାଉଛି। ପୁଡାପାଲି ସ୍ଥିତ ଲକ୍ଷ୍ମୀଜୋର ନାଳରୁ ବସୁଧା ଯୋଜନାରେ ଓ କୁରୁଲ ଗ୍ରାମରେ ସ୍ୱଜଳ ଧାରା ମାଧ୍ୟମରେ ପାନୀୟ ଜଳ ଯୋଗାଣ କରାଯାଉଛି। ଏହି ଦୁଇ ସ୍ଥାନରୁ ଯୋଗାଣ ହେଉଥିବା ପାଣି ନିଶ୍ଚିତ ଭାବେ କୌଣସି ସ୍ଥାନରେ ଦୂଷିତ ହେଉଥିବା ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ କୁରୁଲ ସରପଞ୍ଚ ସବିତା ସେଠ କହିଛନ୍ତି ଯେ ଦୁଇ ଦିନରେ ତିନି ଜଣଙ୍କର ମୃତ୍ୟୁ ହେବାର କାରଣ ଅଲଗା କିଛି ହୋଇଥିବ କିନ୍ତୁ ଝାଡାବାନ୍ତି ନୁହେଁ।

# ଭିତର ଭଣ୍ଡାରରୁ ରତ୍ନ ସ୍ଥାନାନ୍ତର ଆଜି

**ସକାଳ ୯ଟାରେ ପ୍ରବେଶ କରିବେ ଟିମ୍ ● ୮ଟାରୁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା**

**ପୁରୀ, ୧୭।୭ (ସମିସ):** ଗୁରୁବାର ଖୋଲିବ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର। ଭଣ୍ଡାର ଘରେ ଥିବା ମହାପ୍ରଭୁଙ୍କର ରତ୍ନ ଅଳଙ୍କାର ଖଟଶେଜ ଘରେ ପ୍ରସ୍ତୁତ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯିବ। ଏଥିପାଇଁ ଶୁଭ ମୁହୂର୍ତ୍ତ ରହିଛି ସକାଳ ୯ଟା ୫୧ରୁ ମଧ୍ୟାହ୍ନ ୧୨ଟା ୧୫। ଏହି ସମୟ ମଧ୍ୟରେ ଟ୍ରେଜେରୀରୁ ଚାବି ଆଣି ରତ୍ନଭଣ୍ଡାର ଖୋଲାଯିବ। ତେବେ ଭିତର ରତ୍ନଭଣ୍ଡାର ଖୋଲିବା ପାଇଁ ଭକ୍ତମାନଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ରହିବ। ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କ ସୂଚନା ଅନୁଯାୟୀ, ସକାଳ ୯ଟା ପରେ ଅଧିକୃତ ୧୧ ଜଣିଆ କମିଟି ସଦସ୍ୟ ଶ୍ରୀମନ୍ଦିରକୁ ପ୍ରବେଶ କରିବେ। ତେଣୁ ଏହାର ୧ ଘଣ୍ଟା ପୂର୍ବରୁ ଅର୍ଥାତ୍ ସକାଳ ୮ଟା ପରଠାରୁ ଭକ୍ତଙ୍କ ମନ୍ଦିର ପ୍ରବେଶ ବନ୍ଦ ରଖାଯିବ। ଶୁଭ ମୁହୂର୍ତ୍ତରେ ଭିତର ରତ୍ନଭଣ୍ଡାରର



ଦୁଇଟି ତାଲା ଖୋଲାଯାଇ ତା' ଭିତରେ ଥିବା ସିନ୍ଦୁକ ଓ ଆଲମିରାରୁ ରତ୍ନଅଳଙ୍କାରକୁ ଅସ୍ଥାୟୀ ରତ୍ନଭଣ୍ଡାର 'ଖଟଶେଯ ଘର'କୁ ସ୍ଥାନାନ୍ତରଣ କରାଯିବ। ଏଥିପାଇଁ ଖଟଶେଜ ଘରେ ହୋଇଥିବା ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରେ ପର୍ଯ୍ୟାପ୍ତ ନୂତନ ଆଲମିରା ଏବଂ ସିନ୍ଦୁକ ରଖାଯାଇଛି। ସ୍ଥାନାନ୍ତରଣ ପରେ ଅସ୍ଥାୟୀ ରତ୍ନଭଣ୍ଡାର ତାଲା ସିଲ୍ କରାଯିବ। ଏହି ତାଲାକୁ ଜଉମୁଦ ସିଲ୍ କରାଯାଇ ଚାବି ଟ୍ରେଜେରୀରେ ରଖାଯିବ।

ଗତ ୧୪ ତାରିଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇଥିଲା। ବାହାର ରତ୍ନଭଣ୍ଡାରରୁ ଅଳଙ୍କାରକୁ ଚାଙ୍ଗଡା ଘର ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯିବା ପରେ ସେଦିନ ଭିତର ରତ୍ନଭଣ୍ଡାର ତାଲା ଭଙ୍ଗାଯାଇ ଖୋଲାଯାଇଥିଲା। ଭିତର ଭଣ୍ଡାରକୁ ଯାଇଥିବା ଅଧିକୃତ ଟିମ୍ ତା' ଭିତରେ କେତେକ ସିନ୍ଦୁକ ଓ ଆଲମାରୀ ଥିବା ଦେଖିଥିଲେ। ମାତ୍ର ସମୟ ଅଭାବରୁ ଅଳଙ୍କାର ସବୁର ସ୍ଥାନାନ୍ତର ଆଉ କୌଣସି ଗୋଟିଏ ଦିନ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ପୁଣି କେବେ ରତ୍ନଭଣ୍ଡାର ଖୋଲାଯିବ ତାକୁ ନେଇ ନାନା ଚର୍ଚ୍ଚା ଆଲୋଚନା ହେଉଥିବା ବେଳେ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ରତ୍ନଭଣ୍ଡାର ତଦାରଖ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଗୁରୁବାର ଖୋଲାଯିବା ନେଇ ନିଷ୍ପତ୍ତି ନିଆଯାଇଥିବା ଘୋଷଣା କରିଥିଲେ କମିଟି ଅଧ୍ୟକ୍ଷ ଜଷ୍ଟିସ ରଥ।

**ଏଏସ୍‌ଓ ବୈକୁଣ୍ଠଙ୍କୁ ରାଜ୍ୟପାଳ ପୁଅଙ୍କ ମାଡ଼ ଘଟଣା; ମୁହଁ ଖୋଲିଲେ ସେବାନିବୃତ୍ତ ଯବାନ**

## ନ୍ୟାୟ ନ ମିଳିଲେ ରାଜଭବନ ସମ୍ମୁଖରେ ଧାରଣା ଚେତାବନୀ

**ଭୁବନେଶ୍ୱର, ୧୭।୭ (ସମିସ):** ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ନ୍ୟାୟ ଦାବିରେ ସାମନାକୁ ବାହାରିଛି ଅଲ୍ ଓଡ଼ିଶା ଭେଟେରାନ୍ ସୋଲ୍‌ଜର୍ସ ଆସୋସିଏସନ୍। ସଂଘର କର୍ମକର୍ତ୍ତାମାନେ ବୈକୁଣ୍ଠ ପ୍ରଧାନଙ୍କୁ ନ୍ୟାୟ ଓ ରାଜ୍ୟପାଳଙ୍କୁ ପୁଅଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି।

ସଂଘ ପକ୍ଷରୁ କୁହାଯାଇଛି ଯେ ରାଜ୍ୟପାଳଙ୍କ ପୁଅ ଜଣେ ସେବାନିବୃତ୍ତ ଯବାନ ତଥା ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ଆକ୍ରଣ କରିଛନ୍ତି। ସେ ଦୀର୍ଘ ବର୍ଷ ଧରି ବାୟୁସେନାରେ କାର୍ଯ୍ୟ କରି ଦେଶ ପାଇଁ ସେବା କରିଛନ୍ତି। ମାତ୍ର ତାଙ୍କୁ ଯେଉଁ ଆକ୍ରମଣ କରାଯାଇଛି ତାହା ନିନ୍ଦନୀୟ। ଏଥିପାଇଁ ତାଙ୍କୁ ଓ ତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ସେହିପରି ସଂଘ ପକ୍ଷରୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ ଏହି ବର୍ବରୋଚିତ ଘଟଣା ପୁରୀ ରାଜଭବନର ପ୍ରଥମ ମହଲାରେ ଘଟିଥିବା ବେଳେ ରଥଯାତ୍ରା ସମୟରେ ରାଷ୍ଟ୍ରପତି ଏହି ବିଲ୍ଡିଂର ତଳ ମହଲାରେ ରହିଥିଲେ। ଏଭଳି ଗୁରୁତର ଅଭିଯୋଗ ସତ୍ତ୍ୱେ ୧୦ ଦିନ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାକୁ ସଂଘ ନିନ୍ଦା କରିଛି। ରାଜ୍ୟର ବହୁ ଯବାନ ଦେଶ ସେବା ପାଇଁ ସେମାନଙ୍କ ଜୀବନ ସମର୍ପି ଦେଉଛନ୍ତି। ମାତ୍ର ଓଡ଼ିଶାର ବୈକୁଣ୍ଠ ପ୍ରଧାନଙ୍କ ଭଳି ସେବାନିବୃତ୍ତ ଯବାନଙ୍କୁ ନ୍ୟାୟ ନ ମିଳିବାକୁ ନେଇ ସଂଘ କ୍ଷୋଭ ପ୍ରକାଶ କରିଛି। ଯଦି ଏହି ଘଟଣାକୁ ବିଚାରକୁ ନିଆ ନ ଯିବ ଓ ସମ୍ପୃକ୍ତ ଏଏସ୍‌ଓଙ୍କୁ ନ୍ୟାୟ ନ ମଳିବ, ତେବେ ସଂଘର ଶତାଧିକ ସେବାନିବୃତ୍ତ ଯବାନ ରାଜଭବନ ସମ୍ମୁଖରେ ଧାରଣାରେ ବସିବେ ବୋଲି ସଂଘ ଚେତାବନୀ ଦେଇଛି। ମୁଖ୍ୟମନ୍ତ୍ରୀଙ୍କ ସମେତ ଏହି ଘଟଣା ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇବା ପାଇଁ ସଂଘ ପକ୍ଷରୁ ଏକ ଦାବି ପତ୍ର ରାଷ୍ଟ୍ରପତି ଭବନକୁ ପ୍ରେରଣ କରାଯାଇଛି। ସେହିପରି ରାଜ୍ୟପାଳ ଓ ଭୁବନେଶ୍ୱର ଡିସିପିଙ୍କୁ ମଧ୍ୟ ଦାବି ପତ୍ର ପ୍ରଦାନ କରାଯାଇଛି।

## ଓଡିଏ ୱେବ୍‌ସାଇଟ୍‌ରେ ଉପଲବ୍ଧ ୧୦ ଓଡ଼ିଆ ଫଣ୍ଟ

**ଭୁବନେଶ୍ୱର, ୧୭।୭ (ସମିସ):** ଓଡ଼ିଆ ଅକ୍ଷରକୁ ବିଭିନ୍ନ ଶୈଳୀରେ ଲେଖାଯାଇ ପାରିବ। ଆକର୍ଷଣୀୟ ଲେଖା ସାଙ୍ଗକୁ ମୋବାଇଲ୍ ଓ କମ୍ପ୍ୟୁଟରରେ ସହଜରେ ସବୁଠି ବ୍ୟବହାର ହେବ। ଏଥିପାଇଁ ଆବଶ୍ୟକ ବୈଷୟିକ ଜ୍ଞାନକୌଶଳକୁ ବିକଶିତ କରାଯାଇଛି। ରାଜ୍ୟ ସରକାରଙ୍କ ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ (ଓଡିଏ) ୱେବ୍‌ସାଇଟ୍‌ରେ ବହୁ ନୂତନ ଜ୍ଞାନକୌଶଳ ମଧ୍ୟ ଅପଲୋଡ୍ ହୋଇସାରିଛି। ସମସ୍ତ ଓଡ଼ିଆ ଭାଷାଭାଷୀ ଲୋକମାନେ ସହଜରେ କିପରି ଓଡ଼ିଆ ଭାଷାକୁ ବ୍ୟବହାର କରିପାରିବେ ତାହାକୁ ଗୁରୁତ୍ୱ ଦିଆଯାଇଛି। ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ପରେ ଏହାର ଆବଶ୍ୟକତା ଅଧିକ ବଢ଼ିଯାଇଛି।

ଓଡ଼ିଆ ଭଷାରେ ଲେଖିବା ପାଇଁ ଆବଶ୍ୟକ କି ବୋର୍ଡ ଭର୍ଚୁଆଲ୍ ଏକାଡେମୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି। ଆନଡ୍ରୋଏଡ୍ ମୋବାଇଲ୍, ଆଇଫୋନ୍, ମ୍ୟାକ୍ ଆପ୍ଲିକେସନ୍, ୱେବ୍ ଏବଂ ୱିନ୍‌ଡୋଜ୍‌ରେ ବ୍ୟବହାର କରିବା ପାଇଁ ଓଡ଼ିଆ କି ପ୍ୟାଡ୍ ଅପଲୋଡ୍ ହୋଇଛି। ସେହିପରି ଓଡ଼ିଆ ଲିପିକୁ ଅଧିକ ଆକର୍ଷଣୀୟ ଓ ଜୀବନ୍ତ କିରବା ପାଇଁ ୧୦ଟି ଫଣ୍ଟ ବା ଅକ୍ଷର ଶୈଳୀ ଉପଲବ୍ଧ ହୋଇଛି। ପ୍ରଥମଥର ପାଇଁ ଓଡ଼ିଆ ଲିପିର ଏହି ନୂତନ ଶୈଳୀ ପ୍ରସ୍ତୁତ କରାଯାଇଛି।

**'ମହାପ୍ରଭୁ'ରୁ ଆରମ୍ଭ ହୋଇଛି ନାମକରଣ**

ପରିବର୍ତ୍ତିତ ରୂପକୁ ଅଧିକ ସ୍ମରଣୀୟ କରିବା ପାଇଁ ଏହାକୁ 'ମହାପ୍ରଭୁ' ନାମକରଣ କରାଯାଇଛି। ଅର୍ଥାତ ଇଂରାଜୀରେ 'ମହାପ୍ରଭୁ' ଲେଖିବା ବେଳେ ବ୍ୟବହୃତ ୧୦ଟି ଇଂରାଜୀ ଅକ୍ଷରରୁ ଏହା ଆରମ୍ଭ ହେଉଛି। ଇଂରାଜୀ ଅକ୍ଷର 'ଏମ୍‌ଏଏଚ୍‌ଏ ପିଆର୍‌ଏବିଏଚ୍‌ୟୁ'ରୁ ଯଥାକ୍ରମେ ମାଧବ, ଆଦିମ, ହଳଧର, ଅବତାର, ପ୍ରଥମ, ରାଘବ, ଅଚ୍ୟୁତ, ବଳଭଦ୍ର, ହରିହର ଓ ଉତ୍କଳ ଆଦି ଫଣ୍ଟର ନାମ ଦିଆଯାଇଛି। ସମ୍ପ୍ରତି ଫ୍ଲେକ୍ସ ଓ ବ୍ୟାନରରେ କିଛି ନୂତନ ଫଣ୍ଟର ବ୍ୟବହାର ଦେଖିବାକୁ ମିଳୁଛି। ହେଲେ ତାହା ସମସ୍ତଙ୍କ ନିକଟରେ ପହଞ୍ଚି ପାରିନାହିଁ। ତେଣୁ ପ୍ରଥମ ପର୍ଯ୍ୟାୟରେ ୧୦ଟି ଫଣ୍ଟକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ ସରକାର ଯୋଜନା କରିଛନ୍ତି। ଲିପିର ଶୈଳୀଗୁଡ଼ିକ ଆକର୍ଷଣୀୟ ହୋଇଥିବାରୁ ଏହାକୁ ବହୁଳ ବ୍ୟବହାର କରିବା ପାଇଁ ସ୍ୱତଃ ଆଗ୍ରହ ପ୍ରକାଶ କରିବେ ବୋଲି ଭାଷାପ୍ରେମୀ କହିଛନ୍ତି। ଆଗକୁ ୟୁନିକୋଡ୍ ଫର୍ମାଟ୍ ସବୁ କ୍ଷେତ୍ରରେ ବ୍ୟବହାର ହେବ। ଏହାକୁ ଦୃଷ୍ଟିରେ ରଖି ସମସ୍ତ ନୂତନ ଶୈଳୀ ୟୁନିକୋଡ୍ ଫର୍ମାଟ୍‌ରେ ପ୍ରସ୍ତୁତ କରାଯାଇଛି।

**ଜିଲ୍ଲା ସଭାପତିଙ୍କୁ ଗୁରୁମନ୍ତ୍ର ଦେଲେ ପିସିସି ସଭାପତି**

## ଓଡ଼ିଶାବାସୀଙ୍କ ସ୍ୱାର୍ଥ ଓ ଓଡ଼ିଆ ଅସ୍ମିତାର ଲଢ଼େଇ ଲଢ଼ିବ କଂଗ୍ରେସ

**ଭୁବନେଶ୍ୱର, ୧୭।୭ (ସମିସ):** ଶାନ୍ତିପ୍ରିୟ ଓଡ଼ିଶାରେ ବିଜେପି ସରକାରକୁ ଆସିବାର ମାତ୍ର ମାସକ ମଧ୍ୟରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଛି। ବିଜେପି ଦ୍ୱାରା ହିଂସାର ବାତାବରଣ ସୃଷ୍ଟି କରାଯାଉଛି। ରାଜ୍ୟପାଳଙ୍କ ପୁଅ ଜଣେ କାର୍ଯ୍ୟରତ ଓଡ଼ିଆ ଅଫିସରଙ୍କୁ ମାଡ଼ମାରି ଲହୁ ଲୁହାଣ କଲେ; ହେଲେ ରାଜ୍ୟର ରାଜ୍ୟପାଳ ଓ ଗୃହ ବିଭାଗକୁ ନିଜ ପାଖରେ ରଖିଥିବା ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ନୀରବ ରହିବା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ କୁହାଯାଇଛି।

ବୁଧବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମସ୍ତ ଜିଲ୍ଲା ସଭାପତି, ଛାମୁଆ ସଂଗଠନର ମୁଖ୍ୟ ତଥା ସମସ୍ତ ବିଭାଗର ମୁଖ୍ୟଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିବା ବେଳେ ଏହି ବୈଠକରେ ଦଳର ଆଗାମୀ ରଣନୀତି ସମ୍ପର୍କରେ ଆଲୋଚନା ହୋଇଛି। ଆଲୋଚନା ବେଳେ କୁହାଯାଇଛି ଯେ ରାଜ୍ୟପାଳଙ୍କ ପୁଅଠାରୁ ମାଡ଼ ଖାଇଥିବା ପୀଡ଼ିତ ଅଧିକାରୀ ଜଣଙ୍କ ଏତଲା ଦେଇଥିଲେ ମଧ୍ୟ ପୁଲିସ ହାତ ବାନ୍ଧି ବସିଛି। ଅଭିଯୁକ୍ତକୁ ଗିରଫ କରିବା ବଦଳରେ ଏଏସଓ ଜଣଙ୍କୁ ବଦଳି କରି ରାଜ୍ୟ ସରକାର ଓଡ଼ିଆ ଅସ୍ମିତାକୁ ଜଳାଞ୍ଜଳି ଦେଇ ନିରବଦ୍ରଷ୍ଟା ସାଜିଛନ୍ତି। ଘଟଣାଟିକୁ ଚାପି ଦେବାପାଇଁ ଉଦ୍ୟମ ଚାଲିଥିବା ବେଳେ ନିରପକ୍ଷେ ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡ ଦେବା ଲାଗି କଂଗ୍ରେସ ଦାବି କରିଛି।

ବୈଠକରେ ନିଷ୍ପତ୍ତି ହୋଇଛି ଯେ ଗଠନମୂଳକ ବିରୋଧୀ ଦଳ ଭାବେ କଂଗ୍ରେସ ସଂସଦ, ବିଧାନସଭା ଏବଂ ରାଜରାସ୍ତାରେ ବିଜେପି ସରକାର ବିରୋଧରେ




**ଶାନ୍ତିପ୍ରିୟ ରାଜ୍ୟରେ ଅଶାନ୍ତି ସୃଷ୍ଟି କରୁଛି ବିଜେପି**

**ଓଡ଼ିଆ ଅସ୍ମିତାକୁ ଜଳାଞ୍ଜଳି ଦେଇ ସରକାର ଏବେ ନିରବଦ୍ରଷ୍ଟା**

**ସଂସଦ, ବିଧାନସଭା ଓ ରାଜରାସ୍ତାରେ ଲଢ଼ିବ ଦଳ**

ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇକୁ ଜୋର୍‌ଦାର୍ କରିବ। କଂଗ୍ରେସ ଦଳ ହିଂସାରେ ବିଶ୍ୱାସ ରଖେ ନାହିଁ। କିନ୍ତୁ ବିଜେପି ଯେଭଳି ଭାବେ ଆକ୍ରୋଶ ରଖି କଂଗ୍ରେସ କାର୍ଯ୍ୟାଳୟ ଓ ନେତାଙ୍କ ବିରୋଧରେ ଆଚରଣ କରୁଛି, ଆଗାମୀ ଦିନରେ ଏହାର ମଧ୍ୟ ଦୃଢ଼ ଭାବେ ଜବାବ ଦିଆଯିବ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ଏହି ସଭାରେ ସମସ୍ତ ନବନିର୍ବାଚିତ ବିଧାୟକ ଓ ସାଂସଦଙ୍କୁ ଧନ୍ୟବାଦ ଦେବା ସହ ଚଳିତ ନିର୍ବାଚନରେ ଯେଉଁଭଳି ଭାବରେ ସମସ୍ତ ବିପରୀତ ପରିସ୍ଥିତି ସତ୍ତ୍ୱେ ଦଳର ସମସ୍ତ କାର୍ଯ୍ୟକର୍ତ୍ତା, ବ୍ଲକ ସଭାପତି, ଜିଲ୍ଲା ସଭାପତି, ଛାମୁଆ ସଂଗଠନ ସହ ସମସ୍ତ ବିଭାଗର କାର୍ଯ୍ୟକର୍ତ୍ତା ନିର୍ବାଚନ ଲଢ଼ିଲେ, ସେଥିପାଇଁ ସେମାନଙ୍କୁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହା ସହିତ ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ମଳିକାର୍ଜୁନ ଖାଡ଼ଗେ, ସୋନିଆ ଗାନ୍ଧୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଓଡ଼ିଶା ପ୍ରଭାରୀ ଡଃ ଅଜୟ କୁମାରଙ୍କୁ ମଧ୍ୟ ନିର୍ବାଚନ ପରିଚାଳନାରେ ସମସ୍ତ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରାଯାଇଛି।

ଆଜିର ଏହି ସଭାରେ ସମସ୍ତ ଜିଲ୍ଲା ସଭାପତି, ବରିଷ୍ଠ ଉପସଭାପତି-ଶିବାନନ୍ଦ ରାୟ, ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଅଧ୍ୟକ୍ଷ ଡଃ ବିଶ୍ୱରଞ୍ଜନ ମହାନ୍ତି, ପିସିସି ଉପସଭାପତି ସନତ ଦାସ, ମହିଳା କଂଗ୍ରେସର ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ସେବାଦଳ ଅଧ୍ୟକ୍ଷ-ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ବାଙ୍କନିଧି ବେହେରା, ଜୟରାମ ପାଙ୍ଗି, ଜିଆ ଉଲ୍ ହକ୍, ବିଜୟାନନ୍ଦ ଚାଉଳିଆ, ଅମୀୟ ପଟ୍ଟନାୟକ, ହଳଦର ସେଠୀ, ଜିତେନ୍ଦ୍ର ବିଶ୍ୱାଳ ଓ ସମସ୍ତ ଛାମୁଆ ସଂଗଠନ ଓ ସାମ୍ମୁଖ୍ୟର ମୁଖିଆ ପ୍ରମୁଖ ଉପସ୍ଥିତ ଥିଲେ।

**■ 'ନିତି' ଆୟୋଗ ପୁନର୍ଗଠିତ**

## ଜୁଏଲ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ

**ଭୁବନେଶ୍ୱର, ୧୭।୭ (ସମିସ):** କେନ୍ଦ୍ର ସରକାର ନିତି ଆୟୋଗର ପୁନର୍ଗଠନ କରିଛନ୍ତି। ଏନ୍‌ଡିଏ ସହଯୋଗୀ ଦଳର ବହୁ ବରିଷ୍ଠ ମନ୍ତ୍ରୀଙ୍କୁ ଏହି ଆୟୋଗରେ ସ୍ଥାନ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆୟୋଗର ଅଧ୍ୟକ୍ଷ ରହିଥିବାବେଳେ ୪ ଜଣ ସ୍ଥାୟୀ ସଦସ୍ୟଙ୍କ ସହିତ ୧୫ ଜଣ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଭାବେ ସ୍ଥାନ ଦିଆଯାଇଛି। ନବଗଠିତ 'ନିତି' ଆୟୋଗରେ ଅର୍ଥନୀତିଜ୍ଞ ସୁମନ କେ. ବେରୀ ଉପାଧ୍ୟକ୍ଷ ଭାବେ ନିଜର କାର୍ଯ୍ୟକାଳ ଜାରି ରଖିବେ। ସେହିପରି ଡ. ଭିକେ ସାରସ୍ୱତ, ପ୍ରଫେସର ରମେଶ ଚନ୍ଦ୍ର, ଡ. ଭିକେ ପାଲ, ଅରବିନ୍ଦ ଭିରମାନି ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ସାମିଲ ଅଛନ୍ତି। କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ନିତି ଆୟୋଗ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଶ୍ରୀ ଓରାମ ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଭାବେ ଏହି କମିଟିରେ ସ୍ଥାନ ପାଇଛନ୍ତି। ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଭାବେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, ଇସ୍ପାତ ମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତନରାମ ମାଝି, ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରୀ ବୀରେନ୍ଦ୍ର କୁମାର, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କଞ୍ଜାରାପୁ ରାମମୋହନ ନାଇଡୁ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରୀ ଚିରାଗ ପାଶୱାନ ଏବଂ ପରିସଂଖ୍ୟାନ ଓ ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେସନ ମନ୍ତ୍ରୀ ରାଓ ଇନ୍ଦରଜିତ ସିଂହଙ୍କୁ ମନୋନୀତ କରାଯାଇଛି।

## ୧୯ରୁ ପୁଣି ଲଘୁଚାପ ବର୍ଷା

**ଭୁବନେଶ୍ୱର, ୧୭।୭ (ସମିସ):** ଶୁକ୍ରବାର ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ସମ୍ଭାବ୍ୟ ଲଘୁଚାପଟି ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବାରୁ ବର୍ଷାର ପ୍ରକୋପ ମୁଖ୍ୟତଃ ଦକ୍ଷିଣ ଓଡ଼ିଶାରେ ଅଧିକ ରହିବ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଲଘୁଚାପ ପ୍ରଭାବରେ ୫ ଦିନ ପର୍ଯ୍ୟନ୍ତ ବର୍ଷା ହେବାକୁ ଥିବା ବେଳେ ୧୯ ଓ ୨୦ ତାରିଖରେ ଏହାର ପ୍ରଭାବ ସର୍ବାଧିକ ରହିବ। ଅନ୍ୟପଟେ ଆସନ୍ତାକାଲି (ଗୁରୁବାର) ମଧ୍ୟ କିଛି ଜିଲ୍ଲାରେ ବର୍ଷାର ପ୍ରକୋପ ଅଧିକ ରହିବ ବୋଲି କେନ୍ଦ୍ର ଆକଳନ କରିଛି। ମୁଖ୍ୟତଃ ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି। ଶୁକ୍ରବାର ବର୍ଷାର ପ୍ରକୋପ ବଢ଼ିବା ସହ ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ରାୟଗଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ଯାଜପୁର, ମାଲକାନଗିରି, ନବରଙ୍ଗପୁରରେ ପ୍ରବଳ ବର୍ଷା ହେବ ବୋଲି କେନ୍ଦ୍ର କହିଛି। ସୂଚନା ଥାଉ କି, ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ମେଘୁଆ ପାଗ ସହ ବିଭିନ୍ନ ସ୍ଥାନରେ ବର୍ଷା ଅନୁଭୂତ ହୋଇଛି। ଏହି ସମୟ ମଧ୍ୟରେ ଢେଙ୍କାନାଳରେ ସର୍ବାଧିକ ୧୩ ମିମି. ବର୍ଷା ରେକର୍ଡ ହୋଇଛି।

**୨୨ରୁ ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ**

## ତଥ୍ୟ ସହ ସଜାଗ ରହିବାକୁ ସଚିବମାନଙ୍କୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୭।୭ (ସମିସ):** ସପ୍ତଦଶ ଓଡ଼ିଶା ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଦୀର୍ଘକାଳୀନ ଅଧିବେଶନ ପାଇଁ ପୂର୍ଣ୍ଣମାତ୍ରାରେ ପ୍ରସ୍ତୁତ ରହି ନିଜ ନିଜର ଉତ୍ତରଦାୟିତ୍ୱ ସୁଚାରୁରୂପେ ନିଭାଇବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମସ୍ତ ବିଭାଗୀୟ ପ୍ରମୁଖ ସଚିବ ଏବଂ କମିସନର ତଥା ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମର୍ମରେ ଗତ ୧୨ ତାରିଖରେ ମୁଖ୍ୟ ସଚିବ ଲେଖିଥିବା ଆଦେଶନାମାରେ ଉଲ୍ଲେଖ କରିଛନ୍ତି ଯେ ବିଧାନସଭା ପ୍ରଶ୍ନ ସମୂହ ତଥା ବୈଧାନିକ ପ୍ରକ୍ରିୟାରେ ବିଧାନସଭାରେ ଉତ୍ଥାପନ ହେଉଥିବା ଅନ୍ୟ ପ୍ରସଙ୍ଗର ସମସ୍ତ ଉତ୍ତର ଓ ତଥ୍ୟ ଯେପରି ଠିକ୍ ସମୟରେ ଦିଆଯାଏ, ସେଥିପ୍ରତି ବିଭାଗୀୟ ସଚିବମାନେ ବ୍ୟକ୍ତିଗତ ଭାବେ ଧ୍ୟାନ ଦେବା ଆବଶ୍ୟକ। ମୁଖ୍ୟତଃ ବିଧାନସଭା ପ୍ରଶ୍ନ, ମୁଲତବୀ ପ୍ରସ୍ତାବ ଏବଂ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଇତ୍ୟାଦିର ଉତ୍ତର ପାଇଁ ଆବଶ୍ୟକ ତଥ୍ୟ କ୍ଷେତ୍ର କର୍ମଚାରୀମାନେ ଯୋଗାଇଥା'ନ୍ତି। ତେଣୁ ବିଧାନସଭା କାଳରେ ସେମାନେ ଯେପରି ନିଜ ନିଜର ସଦର ମହକୁମା ଛାଡ଼ି ବାହାରକୁ ନ ଯା'ନ୍ତି, ତାହା ନିଶ୍ଚିତ କରାଯିବା ଜରୁରୀ। ଏଥିସହାଶେ ଏହି ସମୟ ମଧ୍ୟରେ ବିଭାଗୀୟ ସଚିବମାନେ ରାଜ୍ୟ ମୁଖ୍ୟ ଦପ୍ତରରେ କୌଣସି ପ୍ରକାର ସମୀକ୍ଷା ବୈଠକ ବା ସଭା ନ ଡାକିବା ପାଇଁ ମୁଖ୍ୟ ସଚିବ ପରାମର୍ଶ ଦେଇଛନ୍ତି। ଯଦି ନିହାତି ଆବଶ୍ୟକ ପଡ଼େ, ତେବେ ଆଭାସୀ ମାଧ୍ୟମରେ ସମୀକ୍ଷା ବୈଠକ କରାଯାଇପାରେ। ଏହି ସମୟରେ ସମ୍ପୃକ୍ତ ବରିଷ୍ଠ ଅଧିକାରୀମାନେ ଯେପରି ସଦର ମହକୁମାରେ ଉପସ୍ଥିତ ରହିବେ ତାହା ସୁନିଶ୍ଚିତ କରାଯିବାକୁ କୁହାଯାଇଛି। ବିଧାନସଭାର ଅଧିକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଗ୍ୟାଲେରୀରେ ଯଥାଯୋଗ୍ୟ ଅଧିକାରୀଙ୍କ ଉପସ୍ଥିତିର ବ୍ୟବସ୍ଥା ଯଥେଷ୍ଟ ପୂର୍ବରୁ କରିବା ବାଞ୍ଛନୀୟ। ବିଧାନସଭା ସମ୍ପର୍କିତ ବିଷୟ ସମ୍ବନ୍ଧରେ କାର୍ଯ୍ୟାନୁଷ୍ଠାନ ଉପରେ ସଚିବମାନେ ବ୍ୟକ୍ତିଗତ ଭାବେ ତତ୍ତ୍ୱାବଧାନ କରିବାକୁ ମୁଖ୍ୟ ସଚିବ ଦର୍ଶାଇଛନ୍ତି। ଏଥିସହିତ ବିଧାୟକମାନେ ଅଧ୍ୟକ୍ଷ ବା ସଭ୍ୟ ଥିବା କମିଟି କିମ୍ବା ବୋର୍ଡ଼ ଆଦିର ବୈଠକ ଏହି ସମୟ ମଧ୍ୟରେ ନ ଡାକିବା ପାଇଁ ଅଧସ୍ତନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ପାଇଁ ମୁଖ୍ୟ ସଚିବ ଚିଠିରେ ଉଲ୍ଲେଖ କରିଛନ୍ତି। ଅଧିବେଶନ କାଳରେ ଗଣମାଧ୍ୟମରେ ପ୍ରକାଶିତ ପ୍ରମୁଖ ଖବରଗୁଡ଼ିକୁ ଅନୁଧ୍ୟାନ କରି ଏହାର ସଠିକ୍ ସ୍ଥିତାବସ୍ଥାର ବିବରଣୀ ପ୍ରସ୍ତୁତ କରିବା ସହ ତାହାର ଉପଯୁକ୍ତ ପଦକ୍ଷେପ ନେବା ପାଇଁ ମୁଖ୍ୟ ସଚିବ ପରାମର୍ଶ ଦେଇଛନ୍ତି।

ଏଥିସହିତ ବିଧାନସଭା ଅଧିବେଶନ କାଳରେ ସଚିବମାନେ ବିଦେଶ ଗସ୍ତ ନ କରି ସଦର ମହକୁମାରେ ଉପସ୍ଥିତ ରହିବା ସହ ଛୁଟି ନ ନେବା ଏବଂ ଆଗୁଆ ମଞ୍ଜୁର ହୋଇଥିବା ଛୁଟିକୁ ବାତିଲ କରିବା ପାଇଁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

## ମା' ତଣ୍ଟି ଚିପି ମାରିଲା ମଦ୍ୟପ ପୁଅ

**ସିମୁଳିଆ, ୧୭।୭ (ସମିସ):** ମଟନ ଖାଇବାକୁ ନେଇ ମା'କୁ ତଣ୍ଟିଚିପି ମାରିଲା ମଦ୍ୟପ ପୁଅ। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅଧୀନସ୍ଥ କାଞ୍ଚପଡ଼ା ପଞ୍ଚାୟତ ତାଳପଦା ଗ୍ରାମରେ। ମୃତକ ହେଲେ ଗ୍ରାମର ବାସନ୍ତି ମହାନ୍ତି।

ସୂଚନା ମୁତାବକ, ବାସନ୍ତି ମହାନ୍ତିଙ୍କ ବଡ଼ ପୁଅ ଅରୁଣ ମହାନ୍ତି ସବୁଦିନ ମଦ୍ୟପାନ କରି ବିଳମ୍ବିତ ରାତିରେ ଘରକୁ ଫେରି ମାଆ, ସ୍ତ୍ରୀ, ପିଲା ମାନଙ୍କୁ ମାରଧର କରୁଥିଲା। ଏଥିପାଇଁ କିଛି ଦିନ ହେଲା ତାଙ୍କ ସ୍ତ୍ରୀ କବିତା ପିଲାମାନଙ୍କୁ ନେଇ ସ୍ୱାମୀଙ୍କ ଠାରୁ ଅଲଗା ରହୁଥିବାବେଳେ ଗତକାଲି ବିଳମ୍ବିତ ରାତିରେ ଅରୁଣ ମଦ ପିଇ ଘରକୁ ଆସି ମା' ବାସନ୍ତିଙ୍କୁ ଖାଇବା ପାଇଁ ମାଗିଥିଲା। ମାଆ ଖାଇବାକୁ ଦେବା ପରେ କାହିଁକି ମଟନ ତରକାରୀ କରି ନାହଁ ବୋଲି ପ୍ରଶ୍ନ କରିଥିଲା ଅରୁଣ। ମାଛ ମାଂସ କେଉଁଠୁ ଆଣିବି, ମୋ ପାଖରେ ଟଙ୍କା ନାହିଁ ବୋଲି କହି ମା' ପୁଅକୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଏଥିରେ ପୁଅ ରାଗିଯାଇ ମାଆକୁ ମାରଧର କରିବା ସହିତ ତଣ୍ଟି ଚିପି ଦେଇଥିଲା। ଏହା ଦେଖିଅରୁଣଙ୍କ ସ୍ତ୍ରୀ କବିତା ଆସି ଶାଶୁଙ୍କୁ ନିଜ ସ୍ୱାମୀଙ୍କ କବଳରୁ ରକ୍ଷା କରିବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ ମଧ୍ୟ ଅରୁଣ ମାରଧର କରିଥିଲେ। ତଣ୍ଟି ଚିପିବା ପରେ ମା' ବାସନ୍ତି ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସଂକ୍ରାନ୍ତରେ କବିତା ସିମୁଳିଆ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସମେତ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୁଲିସ ଅରୁଣଙ୍କୁ ଥାନାରେ ଅଟକ ରଖିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

**■ ଉଡ଼ାନ୍ ଯୋଜନାରେ ତ୍ୱରାନ୍ୱିତ ହେବ କାର୍ଯ୍ୟ**

## ଆରମ୍ଭ ହେବ ଅମର୍ଦ୍ଦାରୋଡ୍ ଏୟାରଷ୍ଟ୍ରିପ୍ ନିର୍ମାଣ



**ଭୁବନେଶ୍ୱର, ୧୭।୭ (ସମିସ):** ମୟୂରଭଞ୍ଜ ଜିଲ୍ଲା ସ୍ଥିତ ଅମର୍ଦ୍ଦାରୋଡ (ରାସଗୋବିନ୍ଦପୁର) ଏୟାରଷ୍ଟ୍ରିପ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନିର୍ମିତ ଏହି ଏୟାରଷ୍ଟ୍ରିପ୍‌ରୁ ବିଧିବଦ୍ଧ ଯାତ୍ରୀବାହୀ ବିମାନ ଉଡ଼ାଣ ଆରମ୍ଭ ହେବ। ଏୟାରଷ୍ଟ୍ରିପ୍‌ର ସମ୍ପ୍ରସାରଣ ପାଇଁ ଅଧିକ ଜମି ଅଧିଗ୍ରହଣ ତଥା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଛି। କେନ୍ଦ୍ର ସରକାରଙ୍କ ଉଡ଼ାନ୍ ଯୋଜନାରେ ଏଠାରୁ ବିମାନ ଚଳାଚଳ ଆରମ୍ଭ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ବୁଧବାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ମଧ୍ୟରେ ଏ ନେଇ ସବିଶେଷ ଆଲୋଚନା ହୋଇଛି। ଏହି ଏୟାରଷ୍ଟ୍ରିପ୍‌ର ପୁନରୁଦ୍ଧାର କାର୍ଯ୍ୟ ପାଇଁ ସମସ୍ତ ଆନୁସଙ୍ଗିକ ପ୍ରକ୍ରିୟା ଶେଷ ହୋଇଥିବା ବେଳେ କେବଳ ପୂର୍ତ୍ତ ବିଭାଗ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ବାକି ଅଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ୟବହାର ପାଇଁ ୧୯୪୦ ମସିହାରେ ପ୍ରାୟ ୮୦୦ ଏକର ଜମିରେ ଅମର୍ଦ୍ଦାରୋଡ୍ ଏୟାରଷ୍ଟ୍ରିପ୍ ନିର୍ମାଣ କରାଯାଇଥିଲା। ବିଶ୍ୱଯୁଦ୍ଧ ପରଠାରୁ ଏହା ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ପାଇଁ ଉତ୍ତର ଓଡ଼ିଶା ବାସିନ୍ଦା ଦୃଢ଼ ଦାବି ଉପସ୍ଥାପନ କରି ଆସୁଛନ୍ତି। ଫଳରେ ବିଜେଡି ସରକାର ସମୟରେ ଏହାର ପୁନରୁଦ୍ଧାର କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। ନବୀକରଣ କାର୍ଯ୍ୟ ପାଇଁ ନଭେମ୍ବର ୨୦୨୨ ମସିହାରେ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଥିଲେ। ଏହି ଏୟାରଷ୍ଟ୍ରିପ୍ ପ୍ରତିରକ୍ଷା ମନ୍ତ୍ରାଳୟ ଅଧୀନ ଡିଆରଡିଓ ହାତରେ ରହିଥିଲା। ତେଣୁ ପୂର୍ବ ସରକାର ପ୍ରତିରକ୍ଷା ମନ୍ତ୍ରାଳୟକୁ ୨୬ କୋଟି ୪ ଲକ୍ଷ ଟଙ୍କା ପ୍ରଦାନ କରିବା ପରେ ତାହାର ଦାୟିତ୍ୱ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଯାଇଥିଲା। ଅପରପକ୍ଷେ ଉନ୍ନୟନ କାର୍ଯ୍ୟ ପାଇଁ କେନ୍ଦ୍ର ସରକାର ଗତବର୍ଷ ୪୫ କୋଟି ଟଙ୍କା ମଞ୍ଜୁର କରିଥିଲେ। ପରିବହନ ବିଭାଗରୁ ମିଳିଥିବା ସୂଚନା ଅନୁସାରେ ଉଡ଼ାନ୍, ରିଜିଓନାଲ କନେକ୍ଟିଭିଟି ସ୍କିମ୍ (ଆରସିଏସ୍) ୪.୨ ବିଡିଂରେ ଭୁବନେଶ୍ୱର-ଅମର୍ଦ୍ଦାରୋଡ ରୁଟ୍‌ରେ ୯ ଆସନ ବିଶିଷ୍ଟ ଏୟାର ଟ୍ୟାକ୍ସି ଚଳାଚଳ ପାଇଁ ପ୍ରସ୍ତାବ ରହିଥିଲା। ଏବେ ଜମି ଅଧିଗ୍ରହଣ କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଠାରେ ୧୧ ହଜାର ମିଟର୍ ଲମ୍ବର କଂକ୍ରିଟ୍ ରନୱେ ରହିଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗରେ ଅମର୍ଦ୍ଦାରୋଡ୍ ଏୟାରଷ୍ଟ୍ରିପ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କୁହାଯାଇଛି।



## ଇନ୍‌ଷ୍ଟାରେ ସ୍ୱାମୀଙ୍କୁ ତିନି ତଲାକ୍ ଦେଲେ ରାଜକୁମାରୀ

ଦୁବାଇ, ୧୭।୭ (ଏଜେନ୍ସି): ପ୍ରଥମ ସନ୍ତାନକୁ ଜନ୍ମ ଦେବାର ଦୁଇ ମାସ ପରେ ଦୁବାଇ ରାଜା ମହମ୍ମଦ ବିନ୍ ରାସିଦ ଅଲ୍ ମକତୁମଙ୍କ ଝିଅ ଶେଖ୍ ମାହରା ବିଣ୍ଟ ନିଜ ସ୍ୱାମୀ ଶେଖ୍ ମାନାଙ୍କୁ ଇନଷ୍ଟାଗ୍ରାମରେ ତିନି ତଲାକ ଦେଇଛନ୍ତି। ସେ ନିଜ ସ୍ୱାମୀଙ୍କୁ ଅନ୍‌ଫଲୋ କରିଦେଇଛନ୍ତି। ସ୍ୱାମୀ ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରିଛନ୍ତି। ଉଭୟେ ପରସ୍ପରର ଫଟୋକୁ ଆକାଉଣ୍ଟରୁ ହଟାଇ ଦେଇଛନ୍ତି। ସ୍ୱାମୀ ଅନ୍ୟ ଲୋକଙ୍କ ସହ ବ୍ୟସ୍ତ ରହୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେ ତିନି ଥର ତଲାକ ତଲାକ ତଲାକ ଲେଖି ତାଙ୍କୁ ଛାଡ଼ପତ୍ର ଦେଇଛନ୍ତି। ମାହରା ଗତ ବର୍ଷ ମେ'ରେ ନିଜଠାରୁ ୪ ବର୍ଷ ସାନ ମାନାଙ୍କୁ ନିକାହ (ବିବାହ) କରିଥିଲେ। ରାଜକୁମାରୀ ଚଳିତ ବର୍ଷ ମେ'ରେ ଶିଶୁକନ୍ୟା (ହିନ୍ଦ୍) କୁ ଜନ୍ମ ଦେଇ ସ୍ୱାମୀଙ୍କ ସହ ଫଟୋ ଛାଡ଼ିଥିଲେ। ଏହାକୁ ସବୁଠାରୁ ଅଭୁଲା ସ୍ମୃତି କହିଥିଲେ।

## ୮ ଭାରତୀୟଙ୍କୁ ଉଦ୍ଧାରକଲା ନୌସେନା

ନୂଆଦିଲ୍ଲୀ, ୧୭।୭ (ଏଜେନ୍ସି): କୋମୋରସ ପତାକା ଲାଗିଥିବା ଏକ ତୈଳ ଟ୍ୟାଙ୍କର ସୋମବାର ଓମାନ ଉପକୂଳରେ ବୁଡ଼ି ଯାଇଥିଲା। ଏହି ଜାହାଜରେ ଥିବା ୧୩ ଭାରତୀୟ ଏବଂ ଶ୍ରୀଲଙ୍କାର ତିନି ଜଣ କ୍ରୁ ସଦସ୍ୟ ନିଖୋଜ ହୋଇ ଯାଇଥିଲେ। ଏମାନଙ୍କ ମଧ୍ୟରୁ ୮ ଜଣ ଭାରତୀୟ ଏବଂ ଜଣେ ଶ୍ରୀଲଙ୍କା ନାଗରିକଙ୍କୁ ଭାରତୀୟ ନୌସେନାର ଯୁଦ୍ଧଜାହାଜ ଆଇଏନଏସ ତେଜ୍ ବୁଧବାର ଉଦ୍ଧାର କରିଛି। ଏବେ ବି ତଲାସୀ ଅଭିଯାନ ଜାରି ରହିଛି। ମାତ୍ର ଖରାପ ପାଣିପାଗ ଯୋଗୁଁ ଏଥିରେ ସମସ୍ୟା ସୃଷ୍ଟି ହେଉଛି। ସୂଚନା ଅନୁଯାୟୀ ୧୧୭ ମିଟର ଲମ୍ବା ବିଶିଷ୍ଟ 'ପ୍ରେଷ୍ଟିଜ ଫାଲକନ' ନାମକ ଏହି ତୈଳ ଟ୍ୟାଙ୍କର ରାମ ମଦ୍ରାଖରୁ ୨୫ ନଟିକାଲ ମାଇଲ୍ ଦୂରରେ ଓଲଟି ପଡ଼ି ବୁଡ଼ି ଯାଇଥିଲା। ଏହା ଦୁବାଇର ହମରିଆ ବନ୍ଦରରୁ ବାହାରି ଆଦେନ ଅଭିମୁଖେ ଯାଉଥିଲା।

## ଭାରତ ଆସିଲା ଛତ୍ରପତି ଶିବାଜୀଙ୍କ ବାଘନଖ



ମୁମ୍ବଇ, ୧୭।୭ (ଏଜେନ୍ସି): ଛତ୍ରପତି ଶିବାଜୀ ମହାରାଜଙ୍କ ଐତିହାସିକ 'ବାଘ ନଖ' କୁ ଭାରତ ଅଣାଯାଇଛି। ଏହାକୁ ନେଇ ମହାରାଷ୍ଟ୍ରରେ ଖୁସିର ଲହରି ଖେଳି ଯାଇଛି। ଲୋକେ ରଙ୍ଗବେରଙ୍ଗର ପତାକା ଉଡ଼ାଇ ଏହାକୁ ସ୍ୱାଗତ କରିଛନ୍ତି। ଅନେକ ବର୍ଷ ହେଲା ଶିବାଜୀ ମହାରାଜଙ୍କ ଏହି ବିପଜ୍ଜନକ ବାଘ ନଖକୁ ଲଣ୍ଡନର ଏକ ସଂଗ୍ରହାଳୟରେ ରଖା ଯାଇଥିଲା। ସରକାରଙ୍କ ଅନେକ ପ୍ରୟାସ ପରେ ଏହା ମୁମ୍ବଇରେ ପହଞ୍ଚି ସାରିଛି। ୧୯ ତାରିଖରେ ଏହାକୁ ସତାରା ନିଆଯାଇ ଛତ୍ରପତି ଶିବାଜୀ ମହାରାଜ ମ୍ୟୁଜିୟମରେ ରଖାଯିବ। ଏଠାରେ ଆଗାମୀ ୭ ମାସ ପର୍ଯ୍ୟନ୍ତ ବୁଲେଟପ୍ରୁଫ ଗ୍ଲାସ୍‌ରେ ପ୍ରଦର୍ଶନୀ କରାଯିବ। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସଂସ୍କୃତି ମନ୍ତ୍ରୀ ସୁଧୀର ମୁନଗଂଟିୱାର କହିଛନ୍ତି ଯେ ଏହି ବାଘନଖ ଆଣିବା ପାଇଁ ୧୪.୦୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଲଣ୍ଡନର ଭିକ୍ଟୋରିଆ ଏବଂ ଆଲବର୍ଟ ମ୍ୟୁଜିୟମ ଅଧିକାରୀଙ୍କ ସହ ସଫଳ ଆଲୋଚନା ପରେ ତିନି ବର୍ଷ ପାଇଁ ବାଘ ନଖକୁ ଭାରତ ଅଣାଯାଇଛି।

### ଏୟାର ଇଣ୍ଡିଆ ସେବା କାର୍ଯ୍ୟାଳୟରେ ଦଳାଚକଟା ପରିସ୍ଥିତି

# ୨୨୦୦ ପଦ ପାଇଁ ୨୫ ହଜାର ଆଶାୟୀଙ୍କ ଭିଡ଼



ମୁମ୍ବାଇ,୧୭।୭ (ଏଜେନ୍ସି): ବ୍ୟାପକ ନିଯୁକ୍ତି ଏବଂ ଯୁବପିଢ଼ିଙ୍କୁ ଆତ୍ମନିର୍ଭର କରିବାକୁ ମୋଦୀ ସରକାର ବିଗତ ୧୦ ବର୍ଷ ହେଲା ପ୍ରତିଶ୍ରୁତି ଦେଇ ଆସୁଛନ୍ତି। ଏପରିକି ଗତ ୪ ରୁ ୫ ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ୮ କୋଟି ନିଯୁକ୍ତି ସୃଷ୍ଟି କରାଯାଇଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ତଥ୍ୟକୁ ଭିତ୍ତି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ମୁମ୍ବାଇରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପ୍ରକାଶ କରିଛନ୍ତି। କିନ୍ତୁ ପ୍ରକୃତରେ ଦେଶରେ ବେକାରୀ ସ୍ଥିତି କେତେ ଉତ୍କଟ ତାହା ଗତ କିଛି ଦିନରେ ଘଟିଥିବା କେତେକ ଘଟଣାରୁ ସ୍ପଷ୍ଟ ହୋଇଛି। ସପ୍ତାହକ ତଳେ ଗୁଜୁରାଟରେ ଏକ ଘରୋଇ ସଂସ୍ଥାରେ ଖାଲି ପଡ଼ିଥିବା ମାତ୍ର ୪୦ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ବେଳେ ଏଥିପାଇଁ ସାକ୍ଷାତକାରରେ ୮୦୦ ଆଶାୟୀଙ୍କ ଭିଡ଼ ଜମିଥିଲା। ନିଯୁକ୍ତି ପାଇବା ଆଶାରେ ସମସ୍ତ ଆଶାୟୀ ପ୍ରଥମେ ସାକ୍ଷାତକାର ଦେବାକୁ ଚାହିଁଥିଲା ବେଳେ କିଛି ଆଶାୟୀ ପ୍ରାର୍ଥୀ କମ୍ପାନୀ କାର୍ଯ୍ୟାଳୟ ବାରେଣ୍ଡା ଉପରକୁ ଚଢି ଯାଇଥିଲେ। ଆଉ ତଳେ ଯେଉଁମାନେ ଥିଲେ ସେଠାରେ ଦଳାଚକଟା ପରିସ୍ଥିତି ଉପୁଜିଥିଲା। ଏହି ଘଟଣାର ଭିଡିଓ ପରବର୍ତ୍ତୀ ସମୟରେ ଭାଇରାଲ ହୋଇଥିଲା ବେଳେ ଦେଶର ବେକାରୀ ସ୍ଥିତି କେତେ ଉତ୍କଟ ତାହା ବୁଦ୍ଧିଜୀବୀ ମହଲକୁ ବିବ୍ରତ କରିଥିଲା। ଏହି ଘଟଣା ଲୋକଙ୍କ ମନରୁ ଯାଇ ନଥିଲା ବେଳେ ବୁଧବାର ମୁମ୍ବାଇରେ ଯାହା ଘଟିଛି ତାହା କେନ୍ଦ୍ର ସରକାରଙ୍କ ମୁଖ୍ୟା ଖୋଲି ଦେଇଛି।

**କେତେ ଉତ୍କଟ ଦେଶର ବେକାରୀ ସ୍ଥିତି**

ଏଠାରେ ମାତ୍ର ୨୨୧୬ଟି ବିମାନ ବନ୍ଦର ହ୍ୟାଣ୍ଡଲର ପଦ ପାଇଁ ୨୫ ହଜାରରୁ ଅଧିକ ଆଶାୟୀଙ୍କ ଭିଡ଼ ଜମିବା ଏବଂ ଦଳାଚକଟା ସ୍ଥିତି ଉପୁଜିବା ଦେଶର ବେକାରୀ ସମସ୍ୟାର ନଗ୍ନ ଚିତ୍ର ସାମ୍ନାକୁ ଆଣିଛି। ପ୍ରକାଶଯୋଗ୍ୟ ଯେ, ବିମାନ ବନ୍ଦରରେ ପରିବହନ କାର୍ଯ୍ୟ ପରିଚାଳନା ଲାଗି ଉଦ୍ଦିଷ୍ଟ 'ହ୍ୟାଣ୍ଡଲର' ବା 'ଲୋଡର' ପଦ ପାଇଁ ଏୟାର ଇଣ୍ଡିଆ କମ୍ପାନୀ ପକ୍ଷରୁ ବୁଧବାର 'ୱାକ୍-ଇନ- ଇଣ୍ଟରଭ୍ୟୁ' କରାଯାଇଥିଲା। ବିମାନ ବନ୍ଦର ଲୋଡରଙ୍କ କାମ ହେଉଛି, ବିମାନରେ ଲଗେଜ୍ ଲୋଡ୍-ଅନଲୋଡ୍ କରିବା ଏବଂ ବ୍ୟାଗେଜ୍ ବେଲ୍ଟ ଓ ରାମ୍ପ ଟ୍ରାକ୍ଟର ପରିଚାଳନା କରିବା। ଯେଉଁଥିପାଇଁ ପ୍ରତ୍ୟେକ ବିମାନରେ ପ୍ରାୟ ପାଞ୍ଚ ଜଣ ଲୋଡର ରହିଥାନ୍ତି। ଏହି ପଦବୀ ପାଇଁ ୨୨ରୁ ୨୫ ହଜାର ଟଙ୍କା ଦରମା ମିଳିଥାଏ। ବେଳେ ବେଳେ ଓଭର୍ ଡ୍ୟୁଟି ପାଇଁ ଦରମା ୩୦ ହଜାର ଟଙ୍କା ହୋଇଯାଏ। ଏହି ପଦବୀ ପାଇଁ ସାଧାରଣ ଯୋଗ୍ୟତା ଆବଶ୍ୟକ କରୁଥିବା ବେଳେ ବିବିଏ,ବିଏ ଏବଂ ବି କମ୍ ଗ୍ରାଜୁଏଟ ମଧ୍ୟ ଆବେଦନ କରିଥିଲେ। ଏଥିପାଇଁ ମୁମ୍ବାଇର କଲିନାସ୍ଥିତ ଏୟାର ଇଣ୍ଡିଆ ଏୟାରପୋର୍ଟ ସର୍ଭିସ୍ କାର୍ଯ୍ୟାଳୟରେ ସାକ୍ଷାତକାର ଆୟୋଜନ କରାଯାଇଥିଲା। କିନ୍ତୁ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟାକୁ ଦେଖି ଆୟୋଜକ ଚିନ୍ତାରେ ପଡ଼ିଥିଲେ। ୱାକ୍-ଇନ- ଇଣ୍ଟରଭ୍ୟୁ ଥିବାରୁ ସବୁ ପ୍ରାର୍ଥୀ ପ୍ରଥମେ ସାକ୍ଷାତକାର ଦେବାକୁ ଉଦ୍ୟମ କରିବାରୁ ଏଠାରେ ମଧ୍ୟ ଦଳାଚକଟା ପରିସ୍ଥିତି ଉପୁଜିଥିଲା। ସ୍ଥିତି ଏଭଳି ହୋଇଥିଲା ଯେ, ଆଶାୟୀ ପ୍ରାର୍ଥୀମାନେ ଆଗକୁ ଯିବାକୁ ଗାଡି ଛାତ ଏବଂ ଗଛରେ ଚଢି ଯାଇଥିଲେ। ପରେ ପରେ ସ୍ଥିତି ମୁକାବିଲା କରିବାକୁ ଆୟୋଜନକାରୀ ସଂସ୍ଥା ୱାକ୍-ଇନ- ଇଣ୍ଟରଭ୍ୟୁ' ପରିବର୍ତ୍ତେ ପ୍ରାର୍ଥୀମାନେ ସେମାନଙ୍କ ଦରଖାସ୍ତ ଦାଖଲ କରି ଫେରିଯିବାକୁ କହିଥିଲେ। ଏହି ଘଟଣାର ଭିଡିଓ ମଧ୍ୟ ଭାଇରାଲ ହୋଇଛି। ତେବେ ଏଭଳି ସବୁ ସ୍ଥିତିକୁ ବିଚାର କଲେ ନିଯୁକ୍ତି କିମ୍ବା ରୋଜଗାରକୁ ନେଇ ବିଶେଷକରି ଦେଶର ଯୁବପିଢି କେତେ ଜଟିଳ ପରିସ୍ଥିତି ଦେଇ ଗତି କରୁଛନ୍ତି ତାହା ସ୍ପଷ୍ଟ ହୋଇଛି। ଏହା ସେନା କିମ୍ବା ରେଳବାଇରେ ଭର୍ତ୍ତିର ବିଷୟ ନୁହେଁ। ଯଦି ଘରୋଇ ସ୍ତରରେ ନିଯୁକ୍ତି ପାଇଁ ସ୍ଥିତି ଏଭଳି ରହିଛି ତେବେ ରେଳବାଇ କିମ୍ବା ସେନା ନିଯୁକ୍ତି କ୍ଷେତ୍ରରେ ସ୍ଥିତି କିଭଳି ରହିବ ତାହାକୁ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି।

### ଯୁବପିଢ଼ିଙ୍କୁ ରୁଗ୍‌ଣ କରିଦେଇଛି ବିଜେପି



ନିଯୁକ୍ତି ସାକ୍ଷାତକାରକୁ ନେଇ ସପ୍ତାହକ ମଧ୍ୟରେ ଦେଖାଯାଇଥିବା ଦୁଇ ଦୁଇଟି ଘଟଣା ବିଭିନ୍ନ ମହଲକୁ ଚିନ୍ତିତ କରିଥିଲା ବେଳେ ବିରୋଧୀ କେନ୍ଦ୍ର ସରକାରଙ୍କୁ କଟାକ୍ଷ କରିଛନ୍ତି। ବୁଧବାର ମୁମ୍ବାଇ ଘଟଣାକୁ ନେଇ ଶିବସେନା(ଉଦ୍ଧବ) ନେତା ଆଦିତ୍ୟ ଠାକରେ କହିଛନ୍ତି ଯେ, ଦେଶର ଯୁବପିଢିଙ୍କୁ ବିଜେପି ରୁଗ୍‌ଣ କରିଦେଇଛି। ଏହି ଦଳ ଯୁବପିଢିଙ୍କ ପାଇଁ କୌଣସି ନିଯୁକ୍ତି ବ୍ୟବସ୍ଥା କରୁନଥିଲା ବେଳେ ଚାଲାକି କରି କେବଳ ସାମାଜିକ ବିଭାଜନ ପାଇଁ ସେମାନଙ୍କୁ ଉପଯୋଗ କରୁଛି। ସେହିଭଳି ଦଳୀୟ ରାଜ୍ୟସଭା ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ମଧ୍ୟ କେନ୍ଦ୍ରକୁ ନିଶାଣ କରି କହିଛନ୍ତି ଯେ, ନିଯୁକ୍ତି ପାଇଁ କେନ୍ଦ୍ର ସରକାର ବଡ଼ ବଡ଼ କଥା କହୁଛନ୍ତି। କିନ୍ତୁ ଏବେ ଦେଶର ବେକାରୀ ସମସ୍ୟା ସର୍ବୋଚ୍ଚ ସ୍ତର ୯.୨ ପ୍ରତିଶତରେ ପହଞ୍ଚିଛି। ଯେଉଁ ପଣ୍ଡିତମାନେ ଅର୍ଥନୀତି ଏବଂ ନିଯୁକ୍ତିକୁ ନେଇ ବଡ଼ ବଡ଼ କଥା କହୁଛନ୍ତି ସେମାନଙ୍କୁ ଅଶେଷ ଧନ୍ୟବାଦ।

● ୟୁପି ବିଜେପିରେ ଆନ୍ତଃକନ୍ଦଳ ତୀବ୍ର

## କ୍ୟାବିନେଟ୍ ,ସାଂଗଠନିକ ସ୍ତରରେ ହୋଇପାରେ ବଡ଼ ପରିବର୍ତ୍ତନ

■ ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ
■ ନଡ୍ଡାଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ ମୌର୍ଯ୍ୟ
■ ଇସ୍ତଫା ଦେବାକୁ ରାଜ୍ୟ ମୁଖ୍ୟ ଭୂପେନ୍ଦ୍ରଙ୍କ ପ୍ରସ୍ତାବ

ନୂଆଦିଲ୍ଲୀ, ୧୭।୭(ଏଜେନ୍ସି): ଉତ୍ତରପ୍ରଦେଶ ବିଜେପିରେ ସବୁକିଛି ଠିକ୍‌ଠାକ୍ ଚାଲି ନାହିଁ। ଲୋକସଭା ନିର୍ବାଚନରେ ଦଳର ଅତ୍ୟନ୍ତ ଖରାପ ପ୍ରଦର୍ଶନକୁ ନେଇ ଦଳ ଭିତରେ କାଦୁଅ ଫିଙ୍ଗା ଚାଲିଥିଲା ବେଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଉପ ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କ ମଧ୍ୟରେ ସୃଷ୍ଟି



ହୋଇଥିବା କନ୍ଦଳ ଏବେ ତୀବ୍ର ହୋଇଛି। ଯାହାକୁ ନେଇ ଦଳ ମଧ୍ୟରେ ଘଡ଼ିକେ ଘୋଡା ଛୁଟିବା ଦେଖାଯାଇଛି। ଏଭଳି ସ୍ଥିତିରେ ରାଜ୍ୟ ବିଜେପି ମୁଖ୍ୟ ଭୂପେନ୍ଦ୍ର ଚୌଧୁରୀ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରୀୟ ଅଧକ୍ଷ ଜେ ପି ନଡ୍ଡାଙ୍କୁ ଭେଟି ନିଜର ଇସ୍ତଫା ପ୍ରସ୍ତାବ ଦେବା ରାଜନୀତି ମହଲକୁ ସରଗରମ କରିଛି। ଭୂପେନ୍ଦ୍ରଙ୍କ ବ୍ୟତୀତ କେଶବ ପ୍ରସାଦ ମଧ୍ୟ ବୁଧବାର ନଡ୍ଡାଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ମଧ୍ୟ ବୁଧବାର ରାଜ୍ୟପାଳଙ୍କୁ ଭେଟିଛନ୍ତି। ବିଧାନସଭାର ଆଗାମୀ ମୌସୁମୀ ଅଧିବେଶନକୁ ନେଇ ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିବା କୁହାଯାଉଥିଲେ ହେଁ ପ୍ରକୃତରେ ରାଜ୍ୟ ମନ୍ତ୍ରିମଣ୍ଡଳରେ ବଡ଼ ପରିବର୍ତ୍ତନ ପାଇଁ ଯୋଜନା ଚାଲିଥିବା କୁହାଯାଉଛି। ଅନ୍ୟପକ୍ଷରେ ଆଦିତ୍ୟନାଥଙ୍କ କାର୍ଯ୍ୟଶୈଳୀକୁ ନେଇ ବହୁ ନେତା ଅସନ୍ତୁଷ୍ଟ ଥିବା ଏବଂ ଏହି କାରଣରୁ ଲୋକସଭା ଫଳାଫଳ ଖରାପ ହେଲା ବୋଲି ସେମାନେ ପରୋକ୍ଷରେ ଅଭିଯୋଗ କରୁଥିବା ବେଳେ ଆଦିତ୍ୟନାଥଙ୍କ ସମ୍ପର୍କରେ ମଧ୍ୟ କେନ୍ଦ୍ରୀୟ ନେତୃତ୍ୱ ବିଚାର କରୁଥିବା କୁହାଯାଉଛି।

● ଏନ୍‌ସିପି ଅଜିତ ଗୋଷ୍ଠୀରେ ଫାଟ

## ଦଳ ଛାଡ଼ିଲେ ୪ ନେତା, ଶରଦ ଗୋଷ୍ଠୀରେ ମିଶିବେ

ମୁମ୍ବଇ, ୧୭।୭(ଏଜେନ୍ସି): ଲୋକସଭା ନିର୍ବାଚନରେ ଏନ୍‌ସିପି(ଅଜିତ ପାଓ୍ୱାର ଗୋଷ୍ଠୀ) ର ପ୍ରଦର୍ଶନ ନିକୃଷ୍ଟ ଥିଲା। ସେଥିରେ ବିବ୍ରତ ହୋଇ ଅଜିତ ଗୋଷ୍ଠୀର ପିମ୍ପି-ଚିଞ୍ଚଓ୍ୱାଡ଼ ଅଞ୍ଚଳର ୪ ନେତା ଗତକାଲି ଦଳ ଛାଡ଼ିଛନ୍ତି। ସେମାନେ ଏନସିପି(ଶରଦ ପାଓ୍ୱାର ଗୋଷ୍ଠୀ) ରେ ଯୋଗ ଦେବାକୁ ଆପାତତଃ ସ୍ଥିର କରିଛନ୍ତି। ଅଜିତଙ୍କଠାରୁ ଦୂରେଇ ଯାଇଥିବା ଏହି ୪ ନେତା ହେଲେ, ପିମ୍ପି-ଚିଞ୍ଚଓ୍ୱାଡ଼ ୟୁନିଟର ସଭାପତି ଅଜିତ ଗାଭାହାନେ, ଛାତ୍ର ନେତା ଯଶ ସାନେ ଓ ଦୁଇ ପୂର୍ବତନ କର୍ପୋରେଟର ରାହୁଲ ଭୋସାଲେ ଓ ପଙ୍କଜ ଭାଲେକର। ଅଜିତ ଗାଭାହାନେ କହିଛନ୍ତି, ଅନ୍ୟ ଏକ ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ କର୍ପୋରେଟରମାନଙ୍କ ସହ ବୈଠକ କରିବା ପରେ ଶରଦ ପାଓ୍ୱାରଙ୍କ ପାଖକୁ ସମସ୍ତେ ଆର୍ଶୀବାଦ ପାଇଁ ଯିବେ। ୨୦୧୭ରୁ ପିମ୍ପି-ଚିଞ୍ଚଓ୍ୱାଡ଼ ମୁନିସିପାଲ କର୍ପୋରେସନ ବିଜେପି ନିୟନ୍ତ୍ରଣରେ ରହିଛି କିନ୍ତୁ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇନାହିଁ ବୋଲି ଗାଭାହାନେ କହିଛନ୍ତି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ଅଜିତ ଗୋଷ୍ଠୀର ଅନେକ ନେତା ଶରଦ ପାଓ୍ୱାରଙ୍କ ଗୋଷ୍ଠୀକୁ ଫେରିବେ-ଏଭଳି ଚର୍ଚ୍ଚା ଚାଲିଛି। ଲୋକସଭା ନିର୍ବାଚନରେ ଅଜିତ ଗୋଷ୍ଠୀ ମାତ୍ର ଗୋଟିଏ ଆସନ ପାଇଥିବା ବେଳେ ଶରଦ ଗୋଷ୍ଠୀ ୮ ଆସନ ଜିତିଛି। ମହାରାଷ୍ଟ୍ରର ମୋଟ ୪୮ ଲୋକସଭା ଆସନରୁ ଏନ୍‌ଡିଏ ୧୭ଟିରେ ଜିତିଛି। ଚଳିତ ବର୍ଷ ଶେଷ ଆଡ଼କୁ ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ହେବ।

## ଏନ୍‌କାଉଣ୍ଟର୍‌ରେ ୧୨ ମାଓବାଦୀ ନିପାତ

ମୁମ୍ବଇ, ୧୭।୭ (ଏଜେନ୍ସି): ମହାରାଷ୍ଟ୍ର-ଛତିଶଗଡ଼ ସୀମାର ୱାଡୋଲି ଗ୍ରାମରେ ମାଓବାଦୀ ଏବଂ ରାଜ୍ୟ ପୁଲିସର ସି-୬୦ କମାଣ୍ଡୋଙ୍କ ମଧ୍ୟରେ ବୁଧବାର ସଂଘର୍ଷ ହୋଇଛି। ଏଥିରେ ପୁଲିସକୁ ବଡ଼ ସଫଳତା ମିଳିଛି। ସି-୬୦ କମାଣ୍ଡୋମାନେ ଡିଭିସିଏମ ଲକ୍ଷ୍ମଣ ଓରଫ ବିଶାଳ ଅତରାମ ସହିତ ୧୨ ମାଓବାଦୀଙ୍କୁ ନିପାତ କରିଛନ୍ତି। ୨ ପୁଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ନାଗପୁର ହସ୍ପିଟାଲରେ ଉଭୟଙ୍କ ଚିକିତ୍ସା ଚାଲିଛି। ସୂଚନା ଅନୁଯାୟୀ ବୁଧବାର ସକାଳେ ମାଓବାଦୀଙ୍କ ଉପସ୍ଥିତି ନେଇ ପୁଲିସକୁ ସୂଚନା ମିଳିଥିଲା। ଏହା ପରେ ଡିଏସ୍‌ପିଙ୍କ ନେତୃତ୍ୱରେ ଗଡ଼ଚିରୋଲିରେ ସକାଳ ୧୦ଟାରେ ଅଭିଯାନ ଆରମ୍ଭ ହୋଇଥିଲା। ସି-୬୦ର ୭ଟି ଟିମ୍‌କୁ ୱାଡୋଲି ଗ୍ରାମକୁ ପଠା ଯାଇଥିଲା। ଦ୍ୱିପହରେ ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଜୋରଦାର ଗୁଳି ବିନିମୟ ହୋଇଥିଲା। ଏହା ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା।

## ଆଜି କେନ୍ଦ୍ର କ୍ୟାବିନେଟ୍ ବୈଠକ

ନୂଆଦିଲ୍ଲୀ,୧୭।୭(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି କେନ୍ଦ୍ର କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ ବୋଲି ବୁଧବାର ସୂଚନା ଦିଆଯାଇଛି। ଆସନ୍ତା ୨୨ ତାରିଖରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବା ସହିତ ୨୩ ତାରିଖରେ ବଜେଟ୍ ଉପସ୍ଥାପନ ହେବାକୁ ଥିବାରୁ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏହି ବୈଠକରେ ଆଲୋଚନା କରାଯିବାର ସମ୍ଭାବନା ରହିଛି। ବିଶେଷକରି ମୌସୁମୀ ଅଧିବେଶନ କାଳରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ କେନ୍ଦ୍ର ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ହେଉଥିବାରୁ ସ୍ଥିତି ମୁକାବିଲା କରିବ ଲାଗି ଆବଶ୍ୟକ ରଣନୀତି ପ୍ରସ୍ତୁତ କରିବା ଦିଗରେ ଏହି ବୈଠକରେ ଆଲୋଚନା ହୋଇପାରେ ବୋଲି କୁହାଯାଉଛି। ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ୨୧ ତାରିଖରେ କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଡାକିଛନ୍ତି। ଏହି ବୈଠକରେ ମଧ୍ୟ ସବୁ ବିରୋଧୀ ଏକାଠି ହୋଇ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିବେ ବୋଲି କୁହାଯାଉଛି।

● ବିଜେପିକୁ ସଂଖ୍ୟାଲଘୁ ମୋର୍ଚ୍ଚାର ଆବଶ୍ୟକତା ନାହିଁ

## 'ସବ୍‌କା ସାଥ୍, ସବ୍‌କା ବିକାଶ' ଆବଶ୍ୟକ ନାହିଁ: ଶୁଭେନ୍ଦୁ ଅଧିକାରୀ

କୋଲକାତା, ୧୭।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ରେ ଦେଇଥିବା ସ୍ଲୋଗାନ 'ସବ୍‌କା ସାଥ୍, ସବ୍‌କା ବିକାଶ' ଆଉ କହିବାର ଆବଶ୍ୟକତା ନାହିଁ। ଏବେ 'ଯିଏ ଆମ ସହ ଅଛନ୍ତି, ଆମେ ତାଙ୍କ ସହ ଅଛୁ' କୁହାଯିବ ବୋଲି ପଶ୍ଚିମବଙ୍ଗ ବିଜେପି ବିଧାୟକ ତଥା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି। ସେ ଦଳୀୟ କାର୍ଯ୍ୟକାରିଣୀରେ କହିଛନ୍ତି ଯେ ବିଜେପିକୁ ମଧ୍ୟ ସଂଖ୍ୟାଲଘୁ ମୋର୍ଚ୍ଚାର ଆବଶ୍ୟକତା ନାହିଁ। ଆମେ ଜିତିବୁ, ବିଜୟୀ ହୋଇ ହିନ୍ଦୁ ଏବଂ ସମ୍ବିଧାନକୁ ବଞ୍ଚାଇବୁ। ତେବେ ଏହି ବୟାନର କିଛି ସମୟ ପରେ ସେ ସ୍ପଷ୍ଟୀକରଣ ଦେଇଛନ୍ତି। ବିଜେପି ସହ ନ ଥିବା ଲୋକଙ୍କ ପରିବର୍ତ୍ତେ ଦଳୀୟ କର୍ମୀଙ୍କ ସହ ସଂଗଠନ ଛିଡ଼ା ହେବା ଉଚିତ। ତାଙ୍କର ଏହି ରାଜନୈତିକ ମନ୍ତବ୍ୟ ସହ ପ୍ରଧାନମନ୍ତ୍ରୀଙ୍କ ସ୍ଲୋଗାନର କୌଣସି ଯାଏଆସେ ନାହିଁ। ସେ ନିଜ ମନ୍ତବ୍ୟକୁ ବ୍ୟକ୍ତିଗତ କହିଛନ୍ତି। ସାମ୍ପ୍ରଦାୟିକ ମତଦାନ ଦ୍ୱାରା ବିଜେପି ପ୍ରଭାବିତ ହୋଇଛି।

କର୍ଣ୍ଣାଟକ ସରକାରଙ୍କ ନିଷ୍ପତ୍ତି

## ଘରୋଇ ନିଯୁକ୍ତିରେ ରାଜ୍ୟବାସୀଙ୍କୁ ୭୦% ସଂରକ୍ଷଣ



ବେଙ୍ଗାଲୁରୁ,୧୭।୭(ଏଜେନ୍ସି): କର୍ଣ୍ଣାଟକବାସୀଙ୍କୁ ଘରୋଇ ସ୍ତରର ନିଯୁକ୍ତି କ୍ଷେତ୍ରରେ ୭୦ ପ୍ରତିଶତ ସଂରକ୍ଷଣ ଦେବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଅଣ-ମ୍ୟାନେଜମେଣ୍ଟ କ୍ଷେତ୍ରରେ ସଂରକ୍ଷଣ ହାର ୭୦ ପ୍ରତିଶତ ଏବଂ ମ୍ୟାନେଜମେଣ୍ଟ ସ୍ତରରେ ଏହି ହାର ୫୦ ପ୍ରତିଶତ ରହିବ ବୋଲି ରାଜ୍ୟ ଶ୍ରମମନ୍ତ୍ରୀ ସନ୍ତୋଷ ଲାଡ୍ କହିଛନ୍ତି। ବୁଧବାର ରାଜ୍ୟ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି କ୍ରମେ ରାଜ୍ୟର ସମସ୍ତ ଘରୋଇ ସଂସ୍ଥାରେ କେବଳ କନ୍ନଡ଼ିଗା ବା କର୍ଣ୍ଣାଟକବାସୀ ହିଁ ଅଧିକ ନିଯୁକ୍ତି ପାଇବେ। ଏହା ପୂର୍ବରୁ ଘରୋଇ ସଂସ୍ଥାରେ ଶତ ପ୍ରତିଶତ ସଂରକ୍ଷଣ ନେଇ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା 'ଏକ୍ସ'ରେ ପୋଷ୍ଟ କରିଥିଲେ। କିନ୍ତୁ ପରେ ପରେ ସେ ଏହାକୁ ପ୍ରତ୍ୟାହାର କରିନେଇଛନ୍ତି।

## ବାଂଲାଦେଶ ଶିକ୍ଷାନୁଷ୍ଠାନ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ

ଢାକା, ୧୭।୭(ଏଜେନ୍ସି): ବାଂଲାଦେଶ ସରକାରୀ ଚାକିରି ସଂରକ୍ଷଣକୁ ବିରୋଧ ବିକ୍ଷୋଭରେ ୬ଜଣଙ୍କ ମୃତ୍ୟୁ ଘଟିଛି ଓ ଶତାଧିକ ଆହତ ହୋଇଛନ୍ତି। ଏବେ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାକୁ ସରକାର ଆଜିଠାରୁ ଦେଶର ସମସ୍ତ ସରକାରୀ, ଘରୋଇ ବିଶ୍ୱବିଦ୍ୟାଳୟ ଓ କଲେଜ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନ ପରିସର ଓ ଛାତ୍ରାବାସ ତୁରନ୍ତ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚାକିରିର ୫୬% ସଂରକ୍ଷିତ ରହିଛି। ଏବେ ୩ କୋଟି ୨୦ଲକ୍ଷ ବାଂଲାଦେଶୀ ଯୁବକଯୁବତୀ ବେକାର ଅଛନ୍ତି। ବେକାରୀ ସମସ୍ୟା ଏତେ ଉତ୍କଟ ଥିବା ସମୟରେ ଚାକିରିର ସଂରକ୍ଷଣକୁ ବିକ୍ଷୋଭକାରୀ ଅସଙ୍ଗତ ଓ ଅନ୍ୟାୟ କହି ଆନ୍ଦୋଳନ ଚଳାଇଛନ୍ତି। ପ୍ରଧାନମନ୍ତ୍ରୀ ଶେଖ ହସିନା କିନ୍ତୁ ସଂରକ୍ଷଣ ମାମଲା କୋର୍ଟରେ ବିଚାରାଧୀନ ଥିବା ଦର୍ଶାଇ ଆନ୍ଦୋଳନକାରୀଙ୍କ ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି।

ହିନ୍ଦୁ ଶ୍ରଦ୍ଧାଳୁଙ୍କ ପାଇଁ ବି ପ୍ରତିବନ୍ଧକ ସାଜିଲା ଚୀନ୍ | ପ୍ରସିଦ୍ଧ କୈଳାସ ପର୍ବତ ଯିବାକୁ ଦୁଇ ରାସ୍ତା ବନ୍ଦ

# କୈଳାସ-ମାନସରୋବର ରାସ୍ତାରେ କ୍ଷେପଣାସ୍ତ୍ର ଘାଟି



ନୂଆଦିଲ୍ଲୀ,୧୭।୭(ଏଜେନ୍ସି): ହିମାଳୟ ପର୍ବତ ଶ୍ରେଣୀର ଭାରତ, ତିବ୍ବତ ଏବଂ ନେପାଳ ସୀମା ସଂଲଗ୍ନ ପ୍ରସିଦ୍ଧ କୈଳାସ ପର୍ବତ ହିନ୍ଦୁ ଏବଂ ବୌଦ୍ଧ ଧର୍ମାଲମ୍ବୀଙ୍କ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। କୈଳାସ ପର୍ବତ ଶିଖର ଦେବ ଦେବ ମହାଦେବଙ୍କ ନିବାସସ୍ଥଳ ଭାବେ ହିନ୍ଦୁମାନଙ୍କ ପାଇଁ ବହୁ ଗୁରୁତ୍ୱବହନ କରୁଥିଲା ବେଳେ ଏହି ଶିଖରକୁ ଲାଗି ରହିଥିବା ମାନସରୋବର ହ୍ରଦ ମଧ୍ୟ ବେଦ, ପୁରାଣ ଅନୁସାରେ ଏକ ପବିତ୍ର ସ୍ଥଳ। କାଶ୍ମୀରଠାରୁ ଭୁଟାନ ଯାଏଁ ପରିବ୍ୟାପ୍ତ କୈଳାସ ପର୍ବତ ଶ୍ରେଣୀରେ ଅବସ୍ଥିତ ଏହି ପୀଠ ଅତ୍ୟନ୍ତ ଦୁର୍ଗମସ୍ଥଳ ଭାବେ ମଧ୍ୟ ପରିଚିତ। ଏହାସତ୍ତ୍ୱେ ବହୁ ବାଧାବିଘ୍ନ ଅତିକ୍ରମ କରି ପ୍ରତିବର୍ଷ ଶହ ଶହ ହିନ୍ଦୁ ଶ୍ରଦ୍ଧାଳୁ କୈଳାସ ପର୍ବତ ଦର୍ଶନ ପାଇଁ ବାହାରଥାଆନ୍ତି। କିନ୍ତୁ ବିଗତ କିଛି ବର୍ଷ ହେଲା ହିନ୍ଦୁ ଶ୍ରଦ୍ଧାଳୁଙ୍କ ବାଟରେ ଚୀନ୍ ପ୍ରତିବନ୍ଧକ ହୋଇ ଛିଡା ହୋଇଛି। ୨୦୨୦ରେ ଲଦାଖରେ ଗଲୱାନ ସଂଘର୍ଷ ପରେ ଚୀନ୍ କୈଳାସ ପର୍ବତକୁ ଯାଇଥିବା ରାସ୍ତାକୁ ହିନ୍ଦୁ ଶ୍ରଦ୍ଧାଳୁଙ୍କ ପାଇଁ ବନ୍ଦ କରିଦେଇଛି। କୈଳାସ ପର୍ବତ ଯିବାକୁ ହିନ୍ଦୁ ଶ୍ରଦ୍ଧାଳୁଙ୍କ ପାଇଁ ଦୁଇଟି ରୁଟ୍ ରହିଛି। ପ୍ରଥମଟି ନେପାଳ ଦେଇ ତିବ୍ବତ ସୀମାରେ ପହଞ୍ଚିବା ପରେ ସେଠାରୁ ସଡ଼କ ପଥରେ ଏହି ସ୍ଥାନରେ ପହଞ୍ଚିବାକୁ ହୁଏ। ଦ୍ୱିତୀୟ ରୁଟ୍‌ରେ ଜଣେ ଶ୍ରଦ୍ଧାଳୁ ଉତ୍ତରାଖଣ୍ଡ ଦେଇ ଦର୍‌ଚୁଲା-ତାୱାଘାଟ୍ –ଲିପୁଲେଖ ପାସ୍ ଦେଇ ତିବ୍ବତରେ ପହଞ୍ଚିବା ପରେ ସଡ଼କ ପଥରେ ଏହି ପର୍ବତ ପାଦ ଦେଶରେ ପହଞ୍ଚିପାରିବେ। କିନ୍ତୁ କୌଣସି ରୁଟ୍‌ରେ ଗଲେ ମଧ୍ୟ ତିବ୍ବତ ସୀମା ଅତିକ୍ରମ କରିବାକୁ ପଡୁଥିବାରୁ ଚୀନ୍ ଏଥିପାଇଁ ବାଧକ ହୋଇଛି। କାରଣ ତିବ୍ବତ ଏବେ ଚୀନ୍ କବ୍‌ଜାରେ ରହିଛି। କେବଳ ରାସ୍ତା ବନ୍ଦ ନୁହେଁ, ଚୀନ୍ ଏଠାରେ କ୍ଷେପଣାସ୍ତ୍ର ଘାଟି ମଧ୍ୟ ନିର୍ମାଣ କରିବା ଆରମ୍ଭ କରିଛି। କେଉଁ ଆବହମାନ କାଳରୁ ଧର୍ମୀୟ ବିଶ୍ୱାସ ଅନୁସାରେ ହିନ୍ଦୁ ଶ୍ରଦ୍ଧାଳୁମାନେ କୈଳାସ ପର୍ବତ ଦର୍ଶନରେ ଯାଉଥିବାରୁ ପୂର୍ବରୁ ଭାରତ ଏବଂ ଚୀନ୍ ମଧ୍ୟରେ ଏଥିପାଇଁ ମିଳିତ ସହଯୋଗ କରିବାକୁ ବୁଝାମଣା ହୋଇଥିଲା। ଏପରିକି ଉଭୟ ଦେଶ ପକ୍ଷରୁ ନିଜ ନିଜ ସୀମାରେ କ୍ୟାମ୍ପ ଆୟୋଜନ କରାଯାଇ ଶ୍ରଦ୍ଧାଳୁମାନଙ୍କୁ ସହାୟତା ଯୋଗାଇ ଦିଆଯାଇ ଆସୁଥିଲା। ହେଲେ ୨୦୨୦ ପରେ ଚୀନ୍ କୌଣସି ବୁଝାମଣା ମାନୁନାହିଁ। ଚୀନ୍ ରାସ୍ତା ବନ୍ଦ କରିଥିବା ପ୍ରସଙ୍ଗରେ ସୂଚନା ଅଧିକାର ସୂତ୍ରରେ କେନ୍ଦ୍ର ସରକାରଙ୍କଠାରୁ ଉତ୍ତର ମଗାଯାଇଥିଲା ବେଳେ ଚୀନ୍ କୈଳାସ ମାନସରୋବର ରାସ୍ତା ବନ୍ଦ କରିଦେଇଛି ଏବଂ ଏଠାରେ କ୍ଷେପଣାସ୍ତ୍ର ଘାଟି ନିର୍ମାଣ କରୁଛି ବୋଲି ଜବାବ ମିଳିଛି।

## ବାଂଲାଦେଶ ପ୍ରଧାନମନ୍ତ୍ରୀଙ୍କ ଚାକର ୨୮୪ କୋଟି ସମ୍ପତ୍ତିର ମାଲିକ



ଢାକା, ୧୭।୭ (ଏଜେନ୍ସି): ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଘରେ ଅତିଥିଙ୍କୁ ପାଣି ପିଆଉଥିବା ଚାକର ଜାହାଙ୍ଗୀର ଆଲମଙ୍କ ପାଖରେ ୨୮୫ କୋଟି ଟଙ୍କାର ସମ୍ପତ୍ତି ରହିଛି। ତାଙ୍କର ଏକ ଘରୋଇ ହେଲିକପ୍ଟର ମଧ୍ୟ ଅଛି। ସେ ଯିବାଆସିବା ପାଇଁ ଏହାକୁ ବ୍ୟବହାର କରୁଛନ୍ତି। ଅଫିସ ଏବଂ ଘରେ କାମ କରୁଥିବା ଦର୍ଶାଇ ସେ ଅନେକ ଲୋକଙ୍କଠାରୁ ଲାଞ୍ଚ ନେଇଥିଲେ। କାମ କରାଇଦେବା କହି ସେ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିଲା। ଏହି ମାମଲା ସାମ୍ନାକୁ ଆସିବା ପରେ ହସିନା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜାହାଙ୍ଗୀର ଆମେରିକା ପଳାଇଛି ବୋଲି କୁହାଯାଉଛି। ରିପୋର୍ଟ ଅନୁଯାୟୀ ବାଂଲାଦେଶର ପୂର୍ବତନ ସେନାମୁଖ୍ୟ, ପୁଲିସ ଅଧିକାରୀ, ଟିକସ ଅଧିକାରୀ ଏବଂ ଅନେକ ସରକାରୀ କର୍ମଚାରୀଙ୍କ ସମ୍ବନ୍ଧିତ ଦୁର୍ନୀତି ମାମଲା ସାମ୍ନାକୁ ଆସିଛି। ଏଥିରେ ପ୍ରଧାନମନ୍ତ୍ରୀଙ୍କ ଚାକରର ନାମ ରହିଛି। ହସିନା କହିଛନ୍ତି ଯେ ତାଙ୍କ ଘରେ କାମ କରୁଥିବା ବ୍ୟକ୍ତି ଏତେ ଟଙ୍କା କେଉଁଠୁ ଆଣିଲା? ଜଣେ ବାଂଲାଦେଶୀକୁ ଏତେ ଟଙ୍କା ସଂଗ୍ରହ ପାଇଁ ୧୩ ହଜାର ବର୍ଷ ଲାଗିପାରେ। ସରକାର ଗୁରୁତର ସହ ଏହି ମାମଲାର ତଦନ୍ତ କରୁଛନ୍ତି। ଏହି ଦୁର୍ନୀତିକୁ ନେଇ ବିରୋଧୀ ସରକାରଙ୍କୁ ଘେରୁଛନ୍ତି। ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି)ର ପ୍ରବକ୍ତା ଓହିଦୁଜ୍ଜମାନ କହିଛନ୍ତି ଯେ ଯଦି ଚାକରଙ୍କ ପାଖରେ ଏତେ ସମ୍ପତ୍ତି ଅଛି ତେବେ ମାଲିକଙ୍କ ପାଖରେ କେତେ ନ ଥିବା ତାହା ଆକଳନ କରାଯାଇପାରିବ ନାହିଁ। ଏ ପର୍ଯ୍ୟନ୍ତ ଏହି ଚାକରକୁ ଗିରଫ କରାଯାଇ ନାହିଁ। ତାକୁ କେବଳ ଚାକିରିରୁ ବାହାର କରିଦିଆଯାଇଛି। ସୂଚନାଯୋଗ୍ୟ ଯେ କ୍ରମାଗତ ଚତୁର୍ଥ ଥର ପାଇଁ କ୍ଷମତାକୁ ଫେରିବା ପରେ ଦୁର୍ନୀତିର ଅନେକ ମାମଲା ସାମ୍ନାକୁ ଆସିଲାଣି। କିଛି ଦିନ ତଳେ ପୂର୍ବତନ ପୁଲିସ ମୁଖ୍ୟ ବେନଜିର ଅହମ୍ମଦଙ୍କ ବିରୋଧରେ ମଧ୍ୟ ତଦନ୍ତ ଆରମ୍ଭ ହୋଇଥିଲା।

# ନଦୀରେ ଭାସିଯାଇ ବୃଦ୍ଧ ମୃତ

**ତାଳଚେର ସହର, ୧୭।୭(ସମିସ):** ତାଳଚେର ବ୍ଲକ ସନ୍ତପଡ଼ା ପଞ୍ଚାୟତ ଗଡ଼ନାୟକ ସାହିର ସାଧୁଚରଣ ଭୁକ୍ତା (୮୭)ଙ୍କ ବ୍ରାହ୍ମଣୀ ନଦୀରେ ଭାସିଯାଇ ମୃତ୍ୟୁ ହୋଇଛି। ସାଧୁ ମଙ୍ଗଳବାର ଅପରାହ୍ନରେ ସାହି ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ଶୌଚ ହେବାକୁ ଯାଇଥିଲେ। ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନଥିବାରୁ ପରିବାର ଲୋକେ ଖୋଜାଖୋଜି କରିବା ପରେ ନଦୀ ପଠାରେ ଚପଲ, ଲୁଗା ଥିବା ଦେଖିବାକୁ ପାଇଥିଲେ। ନଦୀର ପ୍ରଖର ସ୍ରୋତରେ ଭାସିଯାଇ ଥିବା ଆଶଙ୍କା କରି ତାଳଚେର ଅଗ୍ନିଶମ ବାହିନୀ ଓ ପୁଲିସକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ରାତି ୯ ଘଟିକା ସମୟ ପର୍ଯ୍ୟନ୍ତ ପାଇନଥିଲେ। ପରଦିନ ଅର୍ଥାତ ଆଜି ସକାଳ ୯ ଟାରେ ବୃଦ୍ଧଙ୍କର ମୃତଦେହ ଦାସନାଳୀ ଘାଟ ପାଖରୁ ଉଦ୍ଧାର ହୋଇଥିଲା।

# ଅଣ୍ଡରପାସ୍‌ରେ ଜମି ରହୁଛି ପାଣି; ଯାତାୟାତରେ ବାଧା



**ବଇଣ୍ଡା, ୧୭।୭(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଠାରେ ଜାତୀୟ ରାଜପଥ ପକ୍ଷରୁ ଫ୍ଲାଏ ଓଭର ବ୍ରିଜଠାରେ ନିର୍ମାଣ ହୋଇଥିବା ଅଣ୍ଡରପାସ ଗୁଡିକରେ ବର୍ଷାଜଳ ଗଛିତ ହୋଇ ରହୁଛି। ବିଶେଷ କରି ସାମାନ୍ୟ ବର୍ଷା ହେଲେ ପାଣିଗୁଡିକ ଆସି ଉକ୍ତ ଅଣ୍ଡରପାସ ଭିତରେ ରହୁଥିବା ଯୋଗୁଁ ଯାତାୟାତରେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଛି। ଏ ନେଇ ବଇଣ୍ଡା ଅଞ୍ଚଳବାସୀଙ୍କ ପକ୍ଷରୁ ବୁଧବାର ଫ୍ଲାଏ ଓଭର ନିର୍ମାଣ କରୁଥିବା ଠିକାସଂସ୍ଥାର ପରିଚାଳକଙ୍କୁ ବଇଣ୍ଡା ଠାରେ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଅଞ୍ଚଳବାସୀ କହିଛନ୍ତି ଯେ, ଅଣ୍ଡରପାସ ୨ ଟି ରାସ୍ତା ଲେବୁଲର ନିର୍ମାଣ କରାଯାଇ ନଥିବା ଯୋଗୁଁ ସାମାନ୍ୟ ବର୍ଷା ହେଲେ ବର୍ଷା ଜଳଗୁଡିକ ଆସି ଅଣ୍ଡରପାସ ଠାରେ ଗଛିତ ହୋଇ ରହୁଛି। ଯାହା ଫଳରେ ଏହି ଅଣ୍ଡରପାସ ଦେଇ ଅଞ୍ଚଳବାସୀ ଯାତାୟାତ କରି ପାରୁନାହାନ୍ତି। ଏହି ସମସ୍ୟା ସମ୍ପର୍କରେ ଅଞ୍ଚଳବାସୀ ପୂର୍ବରୁ ବହୁବାର ଠିକାସଂସ୍ଥାକୁ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

# ୧୯ରେ କିଶୋରନଗର ପଞ୍ଚାୟତ ସମିତି ବୈଠକ

**କିଶୋରନଗର, ୧୭।୭(ସମିସ):** କିଶୋରନଗର ପଞ୍ଚାୟତ ସମିତି ବୈଠକ ଆସନ୍ତା ୧୯ ତାରିଖ ପୂର୍ବାହ୍ନରେ ଅନୁଷ୍ଠିତ ହେବ ବୋଲି ଜିପିଡିଓ ସତ୍ୟପ୍ରିୟ ସାହୁ ସୁଚନା ଦେଇଛନ୍ତି। ଅଢେଇ ବର୍ଷ ହେଲା କେବଳ ୩ଟି ବୈଠକରେ ସୀମିତ ରହିଛି। ଯାହାକି ସମିତି ଓ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧି କିଛି ସମିତି ସଭ୍ୟ ଗତ ମାସରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଏହି ସମିତି ବୈଠକରେ ସମସ୍ତ ସଦସ୍ୟ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଯିବା ସହ ଏଥିରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରବେ।

# ୨୭ ବର୍ଷ ପରେ ମୁକ୍ତି ପାଇଲେ ହରିଣ

ନାଲକୋ ନଗର, ୧୭।୭(ସମିସ)





ବନ୍ୟପ୍ରାଣୀ ସୁରକ୍ଷା ଅଧିନିୟମକୁ ଉଲ୍ଲଙ୍ଘନ କରି ନାଲକୋ କଲୋନୀ ପରିସରରେ ସ୍ଥାପନ ହୋଇଥିବା ଡିୟର ପାର୍କକୁ ସ୍ଥାନାନ୍ତର କରିବାକୁ ପ୍ରସାଶନିକ ଫନ୍ଦିରେ ବିଚରା ସୌଖିନ ବନ୍ୟପ୍ରାଣୀ ହରିଣ ଛନ୍ଦି ହୋଇପଡିଥିଲେ। ପ୍ରାୟତଃ ୧୯୯୫ ମସିହାରେ ଦମ୍ପତି ହରିଣଙ୍କ ବଂଶ ବୃଦ୍ଧିହୋଇ ହରିଣଙ୍କ ସଂଖ୍ୟା ୬୦ରେ ପହଞ୍ଚିଛି। ବନ୍ୟ ପ୍ରାଣୀ ହରିଣ ପାଳନ ପାଇଁ ଜାତୀୟ ଚିଡ଼ିଆଖାନା ଅଥରିଟିଠାରୁ ଆବଶ୍ୟକ ଅନୁମତି ନଥାଇ

**● ନାଲ୍‌କୋନଗରରୁ ହିନ୍ଦୋଳ କାନ୍ଧାର ସଂରକ୍ଷିତ ଜଙ୍ଗଲକୁ ହେଲେ ସ୍ଥାନାନ୍ତର**

**'ସକାଳ' ପ୍ରଭାବ**

ବେଆଇନ ଭାବେ କୋଳାହଳ ପରିବେଶରେ ସଂକୀର୍ଣ୍ଣ ପରିସରରେ ହରିଣମାନେ ଲୋକଙ୍କୁ ଦେଉଥିଲେ ଆମୋଦ। ପାର୍କ ମଧ୍ୟରେ ଖାଦ୍ୟ ଓ ପାନୀୟ ଅଭାବ ଯୋଗୁ ପ୍ରତିବର୍ଷ ୨ ରୁ ୩ ଗୋଟି ହରିଣ ଅକାଳରେ ଜୀବନ ହରାଉଥିଲେ। ବନ୍ୟ ପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଖିଲାପକାରୀଙ୍କୁ ଧାରା ୫୧ ରେ ସଶ୍ରମ କାରାଦଣ୍ଡ ସହିତ ଅର୍ଥଦଣ୍ଡର ପ୍ରାବଧାନ ରହିଛି। ବନ୍ୟପ୍ରାଣୀ ସୁରକ୍ଷା ଭାରତ ସରକାରଙ୍କ କେନ୍ଦ୍ରୀୟ ଚିଡ଼ିଆଖାନା ଅଥରିଟିର କ୍ଷମତା ପରିସରଭୁକ୍ତ। ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଏକ ଶିଳ୍ପାଞ୍ଚଳର କୋଳାହୋଳ ପରିବେଶ, ବ୍ୟସ୍ତ ବହୁଳ ସହରୀ ବାତାବରଣ ମଧ୍ୟରେ ବନ୍ଦୀ ଜୀବନ ଯାପନ କରୁଛନ୍ତି ହରିଣ। ଆମ୍ବେଦକର ପାର୍କ ନିକଟସ୍ଥ ପ୍ରାୟ ୨ ଏକର ପରିମିତ ଏକ ତାର ଜାଲି ଘେରା ଆବଦ୍ଧରେ ୨୦/୨୫ଟି ଗଛ ଛାଇରେ ହରିଣ ସବୁ ରହୁଛନ୍ତି। ଖରା ବର୍ଷାରୁ ମୁକ୍ତି ପାଇଁ ଏଇ ବର୍ଷକ ପୂର୍ବେ ଟିଣ ଛପର ସେଡ୍ ନିର୍ମାଣ ହୋଇଛି। ପ୍ରାକୃତିକ ଚାରଣ ଭୂମି ନାହିଁ। ପର୍ଯ୍ୟାପ୍ତ ଜାଗା ଅଭାବରୁ ପରସ୍ପର କରନ୍ତି ମାଡ଼ଗୋଳ। ସେମାନଙ୍କ ଖାଦ୍ୟ ଦାନା, ଘାଷ, ଡାଳ ପାଣି ସବୁ ବର୍ଷ ତମାମ ଯୋଗାଡ଼ ଦାୟିତ୍ୱ ତୁଲାଉଛନ୍ତି ୩ଜଣ ଉଦ୍ୟାନ ବିଭାଗର ଠିକା କର୍ମଚାରୀ। ସେହି ଠିକା କର୍ମଚାରୀଙ୍କ ହାତରେ ୫୦/୬୦ ହରିଣଙ୍କ ଭାଗ୍ୟ। ଆଉ ଆବଶ୍ୟକ ହେଲେ ସେଇ ଭିତରେ ହୁଏ ଚିକିତ୍ସା, ଶବ ବ୍ୟବଚ୍ଛେଦ ଏବଂ ଶେଷ ସଂସ୍କାର। ତାର ଜାଲି ଘେରା ଆବଦ୍ଧ ଚାରିପାଖେ କଲୋନୀର ମୁଖ୍ୟ ଏବଂ ବ୍ୟସ୍ତବହୁଳ ରାସ୍ତାର ଗାଡ଼ିମଟର ଶବ୍ଦ ପ୍ରଦୂଷଣ ହରିଣକୁ କରଥାଏ ବ୍ୟଥିତ। ଆମ୍ବେଦକର ପାର୍କ, କୋ-ଅପରେଟିଭି ମାର୍କେଟ କମ୍ପ୍ଲେକ୍ସ, ସ୍ପୋର୍ଟସ କମ୍ପ୍ଲେକ୍ସ, ଅତିଥି ନିବାସ ପ୍ରଭୃତି ପାଇଁ ସୃଷ୍ଟି ହେଉଥିବା ଲୋକାରଣ୍ୟ, କୋଳାହଳ ଶବ୍ଦରେ ବନ୍ୟ ପ୍ରାଣୀ ହରିଣ ବିଚଳିତ ହୋଇ ପଡନ୍ତି। କଲୋନୀରେ ପାଳିତ ବିଭିନ୍ନ ପୂଜା ଉତ୍ସବ, ଭାଷାଣି ଶୋଭାଯାତ୍ରା, ବିବାହ ଶୋଭାଯାତ୍ରାରେ ବାଜା ରୋଷଣି, ହାଇଟେକ ଡିଜେ ସାଉଣ୍ଡର ଧ୍ୱନିରେ ଭୟାତୁର ଜୀବ ହରିଣ ଉହକବିକଳ ହୋଇ ଏଣେ ତେଣେ ଛତ୍ରଭଙ୍ଗ ଦିଅନ୍ତି। ବର୍ଷେ କି ୬ମାସ ନୁହେଁ, ବର୍ଷ ବର୍ଷ ଧରି ପ୍ରାୟ ୨୭ ବର୍ଷ ହେଲାଣି ବନ୍ଦୀ ଭାବେ ରହିଛନ୍ତି ସୌଖିନ ବନ୍ୟ ପ୍ରାଣୀ ହରିଣ। ଏ ସମ୍ପର୍କରେ 'ସକାଳ' ଖବର କାଗଜରେ ବାରମ୍ବାର ଖବର ପ୍ରକାଶିତ ହୋଇଥିଲା। ପରେ ବନ ବିଭାଗ ଠାରୁ ଆରମ୍ଭ କରି ନାଲକୋ ପ୍ରଶାସନ ପକ୍ଷରୁ ହରିଣ ସ୍ଥାନାନ୍ତର ପାଇଁ ତତ୍ପରତା ପ୍ରକାଶ ପାଇଥିଲା। ଶେଷରେ 'ସକାଳ'ର ପ୍ରଭାବ ଫଳରେ ଆଜି ଉକ୍ତ ବନ୍ଦି ହରିଣଙ୍କୁ ମୁକ୍ତି ମିଳିଛି। ବିଭିନ୍ନ ସମୟରେ ବନ୍ୟପ୍ରାଣୀ ପ୍ରେମୀ, ବୁଦ୍ଧିଜୀବୀ ମହଲରେ ବନ୍ଦି ହରିଣଙ୍କ ମୁକ୍ତି ପାଇଁ ଦାବି ହୋଇଆସୁଥିଲା। ହରିଣ ସ୍ଥାନାନ୍ତର ପାଇଁ ବିଭିନ୍ନ ପ୍ରସ୍ତାବ ଆସିଛି। କେତେବେଳ ସାତକୋଶିଆ ଅଭୟାରଣ୍ୟ ତ ଆଉ କେତେବେଳେ କପିଳାସ ବନ୍ୟପ୍ରାଣୀ ଉଦ୍ୟାନ, ତାଳଚେର ରାଣିପାର୍କ, ବଳରାମ ପ୍ରସାଦ ଆଶପାଣ୍ଡ ପାଖ ରଗଡ଼ି, ତ ପୁଣି ଆଉ କେତେବେଳେ ନାଲକୋ କଲୋନୀ ପରିସର ଶେଷ ଭାଗ ସୁନିଆ ମୁଣ୍ଡା ଗେଟ ଅଞ୍ଚଳ ପାଖ ଜଙ୍ଗଲକୁ। ବନ୍ୟପ୍ରାଣୀ ବିଭାଗ ଓ ନାଲକୋ ପ୍ରଶାସନ ମଧ୍ୟରେ ଟାଳଟୁଳ ନୀତି ଏବଂ ବନ୍ୟପ୍ରାଣୀ ସୁରକ୍ଷା ଯୋଗୁଁ ନାଲକୋ ବର୍ଷ ବର୍ଷ ଧରି ଉଦ୍ୟମ ହୋଇଛି। ରାଷ୍ଟ୍ରାୟାତ ଉଦ୍ୟୋଗ ନାଲକୋ ପ୍ରାରମ୍ଭରେ ହରିଣ ପାଳନ ପାଇଁ ସେତେବେଳ କାହାଠାରୁ ଅନୁମତି ପାଇଥିଲା କି, ତା'ର କାଗଜାଦି କିଛି ଅଛି କି ଇତ୍ୟାଦି ବିଷୟରେ ବନ ବିଭାଗ ଅବଗତ ଅଛି କି ନାହିଁ। ନାଲକୋରେ ଦୀର୍ଘ ଦିନର କ୍ରମବର୍ଦ୍ଧିତ ବଂଶ ବୃଦ୍ଧି ବନ୍ୟ ପ୍ରାଣୀ ସମ୍ପର୍କରେ ବନ ବିଭାଗ ପକ୍ଷରୁ କି ପ୍ରକାର ପଦକ୍ଷେପ ନିଆଯାଇଛି ନା ବନ୍ୟ ପ୍ରାଣୀ ସୁରକ୍ଷା ଆଇନକୁ କର୍ପୋରେଟର ସେକ୍ଟର କ୍ଷେତ୍ରରେ କୋହଳ କରାଯାଇଛି। ଉଦ୍ୟାନର ଦୁଇ ହରିଣଙ୍କ ବଂଶ ବୃଦ୍ଧି ଏବଂ ସେମାନଙ୍କ ଲାଳନପାଳନ ଓ ସୁରକ୍ଷା ନେଇ ନାଲକୋ ଚିନ୍ତାପ୍ରକଟ କରିଲା। ହରିଣକୁ ଅନ୍ୟତ୍ର ସ୍ଥାନତାର ପାଇଁ ନାଲକୋ ଉଦ୍ୟମ କରିଲା। ପ୍ରାୟ ୨୦୦୫ ମସିହା ବେଳଠୁ ହରିଣଙ୍କ ସୁରକ୍ଷା ସମ୍ପର୍କରେ ବନ ବିଭାଗର ବିଭିନ୍ନ ଫୋରମରେ ଉପସ୍ଥାପନ କରିଆସୁଛି। ବନବିଭାଗ(ବନ୍ୟପ୍ରାଣୀ) ଯୋଜନା ଅନୁଯାୟୀ ମଙ୍ଗଳବାର ଅପରାହ୍ନରେ ହରିଣମାନଙ୍କୁ ସ୍ଥାନାନ୍ତର ପାଇଁ ସଦଳେ ବଳେ ବନ କର୍ମଚାରୀ ନାଲକୋ ହରିଣ ପାର୍କରେ ପହଞ୍ଚିଥିଲେ। ହରିଣମାନଙ୍କୁ ପାର୍କ ମଧ୍ୟରୁ ବନ ବିଭାଗ ଗାଡ଼ି ଯୋଗେ ଢେଙ୍କାନାଳ ଡିଭିଜନ, ହିନ୍ଦୋଳ ରେଞ୍ଜ ଅନ୍ତର୍ଗତ କାନ୍ଧରା ଆରଏଫ ସ୍ଥାନକୁ ସ୍ଥାନାନ୍ତର ପାଇଁ ବିଧିବଦ୍ଧ ପ୍ରସ୍ତୁତି ଆରମ୍ଭ କରିଥିଲେ। ଉକ୍ତ ହରିଣ ପାର୍କର ଚତୁଃପାର୍ଶ୍ୱକୁ ଏକ ନୀଳ ରଙ୍ଗର କପଡ଼ା ଦ୍ୱାରା ଆବଧ କରାଯାଇଛି। ଏହା ସହ ଏକ ତାର ଜାଲିର ଅସ୍ଥାୟୀ ରାସ୍ତା ନିର୍ମାଣ କରି ବନ ବିଭାଗ ଗାଡ଼ିରେ ଖାଦ୍ୟ ରଖି ହରିଣମାନଙ୍କୁ କାବୁ କରିବା ପାଇଁ ଯୋଜନା କରିଥିଲେ। ବୁଧବାର ସକାଳେ ହରିଣକୁ କାବୁକରି ସ୍ୱତନ୍ତ୍ର ପରିବହନ ଗାଡ଼ିରେ ଭର୍ତ୍ତି କରିବାରେ ବନ କର୍ମଚାରୀ ସଫଳ ହୋଇଥିଲେ। ଏଥିରେ ୨୦ ଜଣ ବନ ବିଭାଗ କର୍ମଚାରୀ ମଧ୍ୟରେ ଡିଏଫଓ, ଫରେଷ୍ଟର, ଏସଏଫଓ, ଆରଆରଟି, ରାପିଡ୍ ରେସ୍ପନ୍ସ ଟିମ୍ ପ୍ରମୁଖ ଉପସ୍ଥିତ ରହି ନାଲକୋ ହରିଣ ପାର୍କରୁ ହରିଣମାନଙ୍କୁ କାବୁକରିବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଉକ୍ତ ହରିଣ ପାର୍କରୁ ହରିଣମାନଙ୍କୁ ସ୍ଥାନାନ୍ତର ପାଇଁ ପ୍ରାୟ ଦୁଇ ତିନି ଦିନ ସମୟ ଲାଗିବ ବୋଲି ବନ ଅଧିକାରୀ ସୂଚନା ଦେଇଛନ୍ତି।

# କେବେ ଚାଲିବ ତାଳଚେର ଦେଇ ସମସ୍ତ ଯାତ୍ରୀବାହୀ ଟ୍ରେନ୍

**ତାଳଚେର, ୧୭।୭(ସମିସ):** ଗତ ୧ ଏପ୍ରିଲ ୨୦୨୩ ଠାରୁ ୨୫ ମାର୍ଚ୍ଚ ୨୦୨୪ ସୁଦ୍ଧା ପୂର୍ବତଟ ରେଳବାଇ ସର୍ବାଧିକ ମାଲ ପରିବହନ କରି ସମଗ୍ର ଦେଶରେ ଶୀର୍ଷ ସ୍ଥାନ ହାସଲ କରିଥିବା ସୂଚନା ମିଳିଥିବା ବେଳେ ଏ ବାବଦରେ ପୂର୍ବତଟ ରେଳପଥ ୨୫୦ ମିଲିୟନ ଟନ ମାଲ ପରିବହନ କରି ଗତବର୍ଷ ଠାରୁ ୭.୬ ପ୍ରତିଶତ ଅଭିବୃଦ୍ଧି ସହ ପ୍ରାୟ ୨୩୮୭୨.୬୯ କୋଟି ଟଙ୍କା ରାଜସ୍ୱ ଆଦାୟ କରିଥିବା ଜଣାପଡିଛି। ପୂର୍ବତଟ ରେଳବାଇର ଖୋର୍ଦ୍ଧା ରୋଡ ଡିଭିଜନ ସେ ମଧ୍ୟରୁ ୧୫୬.୧୭ ମେଟ୍ରିକ୍ ଟନ୍ ମାଲ ପରିବହନ କରିବା ସହ କେବଳ ତାଳଚେର ଅଞ୍ଚଳରୁ ୫୪ ନିୟୁତ ଟନ୍ କୋଇଲା ପରିବହନ କରି ପ୍ରାୟ ୬ ହଜାର କୋଟି ଟଙ୍କା ରେଳବାଇ ରାଜସ୍ୱ ଆଦାୟ କରିଥିବା ଜଣାପଡିଛି। ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ରେଳବାଇ କେବଳ ତାଳଚେର ଅଞ୍ଚଳରୁ କୋଇଲା ପରିବହନ କ୍ଷେତ୍ରରେ ରାଜସ୍ୱ ଆଦାୟ କରୁଥିବା ବେଳେ ପୂର୍ବତଟ ରେଳବାଇ କ୍ରମାଗତ ଭାବେ ତାଳଚେର ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ ହେଉଛି। ପୂର୍ବତଟ ରେଳବାଇର ଖୋର୍ଦ୍ଧା ରୋଡ ଓ ସମ୍ବଲପୁର ଡିଭିଜନର ତାଳଚେର-ସମ୍ବଲପୁର ଓ ତାଳଚେର- ନିର୍ଗୁଣ୍ଡି ଉଭୟ ମୁଖ୍ୟ ରେଳପଥ ହୋଇଥିବା ବେଳେ ଏହି ପଥ ଦେଇ ରେଳବାଇ ତରଫରୁ କୋଇଲା ପରିବହନ କରାଯାଏ। ମାତ୍ର ସାଧାରଣ ଲୋକଙ୍କ ଚଳପ୍ରଚଳ ପାଇଁ ତାଳଚେର ଷ୍ଟେସନକୁ ସମସ୍ତ ଯାତ୍ରୀବାହୀ ଟ୍ରେନ ଆସିବା ନେଇ ନକାରାତ୍ମକ ମନୋଭାବ ପୋଷଣ କରୁଥିବା ଅଭିଯୋଗ ହେଉଛି। ଉଭୟ ରୁଟରେ ବହୁ ଟ୍ରେନ ଚଳପ୍ରଚଳ ହେଉଥିବା ବେଳେ ତାଳଚେର ଷ୍ଟେସନକୁ ସମସ୍ତ ଟ୍ରେନ ଆସୁନାହିଁ। ଫଳରେ ଏ ଅଞ୍ଚଳର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଏଠାରୁ ୧୦ କିମି ଦୂର ଅନୁଗୋଳର ଭୋଗବେରେଣି ଅଞ୍ଚଳରେ ହୋଇଥିବା ତାଳଚେର ରୋଡ ଷ୍ଟେସନ ଉପରେ ନିର୍ଭର କରନ୍ତି, ଯାହା ଫଳରେ ଲୋକମାନେ ଅଯଥା ଖର୍ଚ୍ଚାନ୍ତ ହେବା ସହ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅତୀତରେ ବହୁ ଅନୁଷ୍ଠାନ ଓ ରାଜନୈତିକ ଦଳ ପକ୍ଷରୁ ତାଳଚେରକୁ ସମସ୍ତ ଯାତ୍ରୀବାହୀ ଟ୍ରେନ ଆସିବା ନେଇ ଆନ୍ଦୋଳନ ହୋଇଥିବା ବେଳେ ପରବର୍ତ୍ତୀ ମୁହୂର୍ତ୍ତରେ ପ୍ରଶାସନିକ ଚାପ ଓ ରେଳବାଇର ମିଛ ପ୍ରତିଶ୍ରୁତିରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ତାଳଚେର ଷ୍ଟେସନ ଗଠନ ହେବାଦିନ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଷ୍ଟେସନର ବିଶେଷ କିଛି ଉନ୍ନତି ହୋଇ ନଥିବା ସହ ସମସ୍ତ ଯାତ୍ରୀବାହୀ ଟ୍ରେନ୍ ତାଳଚେରକୁ ଆସିବା ନେଇ ରେଳବାଇର କୌଣସି ଆନ୍ତରିକତା ରହୁ ନଥିବା ଅଭିଯୋଗ ହେଉଛି। ତାଳଚେର ଠାରୁ କେବଳ ସେହି ପୁରୁଣା ଦିନ ଠାରୁ ଚାଲୁଥିବା ତାଳଚେର- ପୁରୀ ପାସେଞ୍ଜର ଟ୍ରେନ ସିଧାସଳଖ ଥିବା ବେଳେ ତାଳଚେର ଦେଇ ଅନୁଗୋଳ- ପୁରୀ ମେମୁ ଟ୍ରେନଟି ସକାଳ ୬.୧୦ ମିନିଟରେ ଯାଉଛି। ଏହି ଟ୍ରେନଟିରେ ବହୁଯାତ୍ରୀ ବିଶେଷ କରି ଛାତ୍ରଛାତ୍ରୀ, ଚାକିରିଆମାନେ ଭୁବନେଶ୍ୱର ଯାଉଥିବା ବେଳେ ଅସମ୍ଭବ ଭି' ସବୁଦିନ ଦେଖାଦେଉଛି। ଫେରିବା ସମୟରେ ଏହି ଟ୍ରେନଟି ୮.୩୦ ମିନିଟରେ ତାଳଚେର ପହଞ୍ଚିବାକୁ ଥିବାବେଳେ ପ୍ରତ୍ୟେକ ଦିନ ବହୁ ବିଳମ୍ବରେ ରାତି ପ୍ରାୟ ୧୦ ଟା ପରେ ପହଞ୍ଚୁଛି। ଏହାର ମୁଖ୍ୟ କାରଣ କୋଇଲା ବୋଝେଇ ଟ୍ରେନଗୁଡ଼ିକ ଆଗ ଯିବାକୁ ଅନୁମତି ଦିଆଯାଉଥିବାରୁ ଏହି ଟ୍ରେନକୁ ମେରାମଣ୍ଡଳୀ, ବୁଢ଼ାପଙ୍କ କିମ୍ବା ଚାଇଁପାଳ ଠାରେ ବହୁ ସମୟ ଧରି ଅଟକାଇ ଦିଆଯାଉଛି। ଫଳରେ ଯାତ୍ରୀଙ୍କ ଅସନ୍ତୋଷ ବୃଦ୍ଧି ପାଉଥିଲେ ମଧ୍ୟ ରେଳବାଇର ଏଥିପ୍ରତି କୌଣସି ପଦକ୍ଷେପ ନେଉ ନଥିବା ଦେଖିବାକୁ ମିଳୁଛି। ସକାଳୁ କେବଳ ଦୁଇଟି ଟ୍ରେନ ଭୁବନେଶ୍ୱରକୁ ଯାଉଥିବା ବେଳେ ତା ପର ଠାରୁ ସନ୍ଧ୍ୟା ମଧ୍ୟରେ ଆଉ କୌଣସି ଟ୍ରେନ ରାଜଧାନୀ ଭୁବନେଶ୍ୱରକୁ ଯିବାକୁ ନଥିବା ବେଳେ ରାଉରକେଲା- ଭୁବନେଶ୍ୱର ଇଣ୍ଟରସିଟି ଟ୍ରେନକୁ ତାଳଚେର ଷ୍ଟେସନ ଦେଇ ଚଳାଚଳ କରିବାକୁ ବହୁ ଦିନରୁ ଦାବି ହେଇଆସୁଛି। କୋଇଲା ପରିବହନରେ ରେଳବାଇର ଅଧିକ ରାଜସ୍ୱ ଆଦାୟ କରିବାର ସ୍ୱାର୍ଥ ରହୁଥିବାରୁ ଜନସାଧାରଣଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉନାହିଁ ବୋଲି ବାରମ୍ବାର ଅଭିଯୋଗ ହେଇଆସୁଛି। ତାଳଚେରରୁ ବର୍ତ୍ତମାନ ଦୈନିକ ୯୦ ରୁ ଊର୍ଦ୍ଧ୍ୱ କୋଇଲା ବୋଝେଇ ଓ ଖାଲି ଟ୍ରେନ ଚଳପ୍ରଚଳ କରୁଥିବା ବେଳେ ତାଳଚେର ଷ୍ଟେସନକୁ ସମସ୍ତ ଯାତ୍ରୀବାହୀ ଟ୍ରେନ ଆସିଲେ କୋଇଲା ବୋଝେଇ ରେଳଗାଡ଼ି ଚଳପ୍ରଚଳ କରିବାରେ ବାଧା ସୃଷ୍ଟି ହେବ କୁହାଯାଉଛି। ତାଳଚେର ଷ୍ଟେସନ ଯାଏ ଦୁଇଟି ଅପ ଓ ଡାଉନ୍ ଲାଇନ୍ ଥିବାବେଳେ ତୃତୀୟ ଲାଇନ୍ କାର୍ଯ୍ୟ ବହୁଦିନ ହେଲା ଚାଲିଛି। ଯେତେ ଶୀଘ୍ର ଏହି ତୃତୀୟ ଲାଇନ୍ ସମାପ୍ତ ହୋଇପାରିବ, ସେହି ଲାଇନ୍ ଦେଇ ଆଉ କିଛି ଯାତ୍ରୀବାହୀ ଟ୍ରେନ ଚଳାଚଳ କରିପାରିବ ବୋଲି କୁହାଯାଉଛି। ଏହାସହ ତାଳଚେର ଅନୁଗୋଳ ଲୁପ୍ ଲାଇନ୍ କାର୍ଯ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହେଉ ନଥିବା କୁହାଯାଉଛି। ତାଳଚେର ରେଳଷ୍ଟେସନ ପର୍ଯ୍ୟନ୍ତ ତୃତୀୟ ଲାଇନ୍ ନିର୍ମାଣରେ ବିଳମ୍ବ ଓ ତାଳଚେର ଅନୁଗୋଳ ଲୁପ ଲାଇନ୍ ପାଇଁ ପ୍ରତ୍ୟେକ ବର୍ଷ ରେଳବାଇ ବଜେଟରେ ଆଖିଦୃଶିଆ ଅର୍ଥ ବରାଦ କରା ନଯିବା ଏହା ରେଳବାଇର ତାଳଚେର ପ୍ରତି କ୍ରମାଗତ ଅଣଦେଖା ବୋଲି ତାଳଚେର ରେଳ ବ୍ୟବହାରୀ ଫରମ୍ ତରଫରୁ କୁହାଯାଇଛି। ଏ ନେଇ ରେଳବାଇ କର୍ତ୍ତୃପକ୍ଷ କହିଛନ୍ତି ପୂର୍ବ ଅପେକ୍ଷା ତାଳଚେର ଷ୍ଟେସନ ଦେଇ କୋଇଲା ପରିବହନ ବୃଦ୍ଧି ପାଇଥିବା ବେଳେ ଶୀଘ୍ର ଉପରୋକ୍ତ ପ୍ରକଳ୍ପ ଦୁଇଟି ସମ୍ପୂର୍ଣ୍ଣ କରାଯିବ। ଫଳରେ ଆଉ କିଛି ଯାତ୍ରୀବାହୀ ଟ୍ରେନ ତାଳଚେରକୁ ଆସିପାରିବା ସହିତ ତାଳଚେର ଜନସାଧାରଣଙ୍କ ସ୍ୱାର୍ଥ ପୂରଣ

**● ତାଳଚେରରୁ କୋଇଲା ପରିବହନ ନେଇ ରେକର୍ଡ ରାଜସ୍ୱ ଆଦାୟ**



# ବିନା ଡାକ୍ତରରେ ଚାଲିଛି ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

**ଛେଣ୍ଡିପଦା, ୧୭।୭(ସମିସ):** ସ୍ୱାସ୍ଥ୍ୟ କେନ୍ଦ୍ର ପରି ଗୁରୁତର ସେବାକୁ ସରକାର ପ୍ରାଧାନ୍ୟ ଦେଉଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରରେ କିଛି କର୍ମଚାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ନିଜ କାର୍ଯ୍ୟ ତୁଲାଇବା ପରିବର୍ତ୍ତେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଟେବୁଲ ଉପରେ ଗୋଡ଼ ରଖି ଶୋଇ ଶୋଇ ନିଜ ଦରମା ଉଠାଉଥିବା ଦେଖିବାକୁ ମିଳିଛି। ଏପରି ଘଟଣା ଦେଖିବାକୁ ମିଳିଛି ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ। ସୂଚନା ଯୋଗ୍ୟ ଯେ, ବାଗଡ଼ିଆ ପଞ୍ଚାୟତରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେବ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ପିଛା ଛାଡୁ ନଥିବା ବେଳେ ଯେତିକି କର୍ମଚାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ହୋଇଛନ୍ତି ସେତିକି କର୍ମଚାରୀ ସଠିକ ଭାବେ ସେମାନଙ୍କ କାର୍ଯ୍ୟ ତୁଲାଉ ନଥିବାରୁ ଦିନକୁ ଦିନ ରୋଗୀସେବା ବାଧାପ୍ରାପ୍ତ ହେବାରେ ଲାଗିଛି। ଆଜକୁ ୪୦ ବର୍ଷ ହେବ ବାଗଡ଼ିଆ ଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପିତ ହୋଇଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବାଗଡ଼ିଆ, ବରସାହୀ, ଟାଙ୍ଗିରି, ପାଟକମୁଣ୍ଡା, ବସନ୍ତପୁର, ଶିମିଳିପାଳ ପଞ୍ଚାୟତ ସମେତ ସୀମାନ୍ତ ଦେବଗଡ଼ ଜିଲ୍ଲାର ପ୍ରାୟ ୪ଟି ପଞ୍ଚାୟତର ପାଖାପାଖି ୩୫ ହଜାରରୁ ଅଧିକ ଜନସାଧାରଣ ନିର୍ଭର କରିଥାନ୍ତି। ରାଜ୍ୟ ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଦିଗରେ ଗୁରୁତ୍ୱ ଦେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହିନତା ଯୋଗୁଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅବ୍ୟବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନ ହେବ ଡାକ୍ତର ପଦବୀ ଖାଲି ପଡ଼ିଥିବା ବେଳେ ଜଣେ ଆୟୁଷ ଡାକ୍ତର, ମାତ୍ର ୧ଜଣ ଫାର୍ମାସିଷ୍ଟ ଏବଂ ତାଙ୍କୁ ସହାୟତା ପାଇଁ ୪ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀରେ ରୋଗୀସେବା ଚାଲିଛି। ସ୍ୱାସ୍ଥ୍ୟ କେନ୍ଦ୍ର ଉନ୍ନତି ଦିଗରେ ଆଗେଇବା ପାଇଁ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ନୂତନ ଗୃହ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲେ ମଧ୍ୟ ବର୍ତ୍ତମାନ କେହି ଜଣେ ମଧ୍ୟ ଡାକ୍ତର ନାହାନ୍ତି। ଆଖପାଖ ଗ୍ରାମରେ ଜନସାଧାରଣଙ୍କ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ବେଳେ ଗରିବ ଜନସାଧାରଣ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ହେଲେ ଦୁର୍ଭାଗ୍ୟର ବିଷୟ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିବା କର୍ମଚାରୀଙ୍କ ଘର ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ହୋଇଥିବାରୁ ଠିକ୍ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ କେହି ଆସୁନାହାନ୍ତି, କେହି କେହି ୧୧ ବାଜିଲେ ଆସୁଛନ୍ତି ତ କେହିକେହି ୧୨ ଟା ବାଜିଲେ ଆସୁଛନ୍ତି। କିଏ ଅଧଘଣ୍ଟା ତ କିଏ ଘଣ୍ଟାଏ କାର୍ଯ୍ୟ କରି ଘରକୁ ଚାଲି ଯାଉଛନ୍ତି। ଏପରିକି କିଛି କର୍ମଚାରୀ ଡାକ୍ତରଖାନାକୁ ଆସି ଡାକ୍ତରଙ୍କ ଟେବୁଲ ଉପରେ ଗୋଡ଼ ରଖି ଶୋଇ ଶୋଇ ଘରକୁ ଫେରୁଛନ୍ତି। ଏ ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ପ୍ରଶାସନ ଗୁରୁତ୍ୱ ଦେଉ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦେଖିବାକୁ ବାକି ରହିଲା ବାଗଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ କେବେ ଆସିବେ ଡାକ୍ତର ଓ କେବେ ସୁଧୁରିବ ବାଗଡିଆ ସ୍ୱାସ୍ଥ୍ୟକେନ୍ଦ୍ରର ଅଚଳାଅବସ୍ଥା।



**● ଡାକ୍ତରଙ୍କ ଟେବୁଲରେ ଗୋଡ଼ ଲମ୍ବେଇ ଶୋଇଛନ୍ତି ୪ର୍ଥ ଶ୍ରେଣୀ କର୍ମଚାରୀ**



# ଫୋନ୍ ଏବଂ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ସାତକୋଶିଆବାସୀ

ଜଗନ୍ନାଥପୁର, ୧୭।୭(ସମିସ)

ଅନୁଗୋଳ ଜିଲ୍ଲାର ସାତକୋଶିଆବାସୀ ଆଜି ବି ଠିକ୍ ଭାବେ ମୋବାଇଲ ଫୋନ ଓ ଇଣ୍ଟେରନେଟ ସୁବିଧା ପାଇ ପାରୁନାହାନ୍ତି। ସାତକୋଶିଆ ଅଞ୍ଚଳର ତିନୋଟି ପ୍ରମୁଖ ପଞ୍ଚାୟତ ଜଗନ୍ନାଥପୁର, ପୁରୁଣାକୋଟ ଓ ଟିକରପଡ଼ାରେ ପାଖାପାଖି ଆଠ, ଦଶ ହଜାର ଲୋକ ବସବାସ କରନ୍ତି। ସେ ମଧ୍ୟରୁ ଅନେକ ଲୋକ କାମଧନ୍ଦା ଅନ୍ୱେଷଣରେ ନିଜର ପେଟପାଟଣା ପାଇଁ ବାହାରକୁ ଯାଇଥାନ୍ତି। ଉକ୍ତ ପଞ୍ଚାୟତର ଅନେକ ଲୋକ ଜିଲ୍ଲା ତଥା ରାଜ୍ୟ ବାହାରେ କାମଧନ୍ଦା କରନ୍ତି। ବାହାର ଲୋକ ମଧ୍ୟ ଏ ଅଞ୍ଚଳକୁ ବେପାର ତଥା ଚାକିରି କରିବାକୁ ଆସିଥାନ୍ତି। ଜିଲ୍ଲାର ଏହା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ହୋଇଥିବାରୁ ପର୍ଯ୍ୟଟକମାନେ ନିତିଦିନ ଏଠାକୁ ବୁଲିବାକୁ ଆସନ୍ତି। କିନ୍ତୁ ଅତି ଦୁଃଖର ବିଷୟ ଯେ, ଏହି ଅଞ୍ଚଳରେ ମୋବାଇଲ ନେଟୱର୍କ ନଥିବାରୁ ଏଠାରୁ ବାହାରକୁ ଯାଇଥିବା ଲୋକ ଓ ବାହାରୁ ଏଠାକୁ ଆସିଥିବା ଲୋକ ନିଜ ଘର ତଥା ଅନ୍ୟାନ୍ୟ ଲୋକଙ୍କ ସହିତ ଠିକ ସେ ଯୋଗାଯୋଗ ରଖିପାରନ୍ତି ନାହିଁ। ସୂଚନାଯୋଗ୍ୟ ଯେ, ବହୁ ବର୍ଷ ପୂର୍ବରୁ ଟିକରପଡ଼ା ଠାରେ ଏକ ଘରୋଇ କମ୍ପାନୀ ଦ୍ୱାରା ମୋବାଇଲ ଟାୱାର ନିର୍ମାଣ କରାଯାଇଛି, ହେଲେ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ପୁରୁଣାକୋଟ ଠାରେ ସରକାରୀ ମୋବାଇଲ ଫୋନ ସେବା ବିତରଣକାରୀ କମ୍ପାନୀ ବିଏସଏନଏଲ ତରଫରୁ ଏକ ଟାୱାର ଥିଲେ ମଧ୍ୟ ତାହା ଠିକରେ କାର୍ଯ୍ୟ କରୁନାହିଁ। ଜଗନ୍ନାଥପୁର ଠାରେ ବିଏସଏନଏଲର ଗୋଟିଏ ଓ ରିଲିଆନ୍ସ ଜିଓ କମ୍ପାନୀର ଗୋଟିଏ ଟାୱାର ଥିବା ସତ୍ତ୍ୱେ ସ୍ଥାନୀୟ ଅଧିବାସୀ ଇଣ୍ଟେରନେଟ ସେବାରୁ ବଞ୍ଚିତ ରହୁଛନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁସାରେ, ଜଗନ୍ନାଥପୁର ଠାରେ ୨୦୧୮ ମସିହା ବେଳକୁ ରିଲିଆନ୍ସ ଜିଓ କମ୍ପାନୀ ଦ୍ୱାରା ତିଆରି ହୋଇଥିବା ଟାୱାର ଯୋଗୁ ଅତି ଦ୍ରୁତ ଭାବରେ ଇଣ୍ଟେରନେଟ ସେବା କିଛି ଦିନ ପାଇଁ ମିଳି ପାରିଥିଲା, ହେଲେ ଆଜିକାଲି ତାହା ମିଳିପାରୁନାହିଁ। ଲୋକମାନେ ଫୋନରେ କଥାବାର୍ତ୍ତା ହେବା ସହିତ ଇଣ୍ଟେରନେଟ ସୁବିଧା ପାଇଁ କମ୍ପାନୀ ଗୁଡ଼ିକୁ ପ୍ରାପ୍ୟ ଦେଉଥିଲେ ମଧ୍ୟ ସେ ସବୁ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ। ଏବେ ସାତକୋଶିଆର ବିଭିନ୍ନ ଅଞ୍ଚଳରେ ବିଏସଏନଏଲ ତରଫରୁ ଭିନ୍ନ ଭିନ୍ନ ଜାଗାରେ ଟାୱାରମାନ ସବୁ ନିର୍ମାଣ କରାଯାଉଥିବା ଦୃଷ୍ଟିଗୋଚର ହେଉଛି। କରତପଟ୍ଟା ଠାରୁ ଟିକରପଡ଼ା ପର୍ଯ୍ୟନ୍ତ ଜଙ୍ଗଲ ମଧ୍ୟ ଦେଇ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ବିଏସଏନଏଲ ତରଫରୁ କେବୁଲ ତାର ପକାଯାଇ ଉକ୍ତ ଟାୱାର ଗୁଡିକୁ ସଂଯୋଗୀକରଣ କରାଯିବା ପ୍ରକ୍ରିୟା ଚାଲୁ ରହିଥିଲେ ବି, ଜଙ୍ଗଲ ବିଭାଗର ବାରଣ ଯୋଗୁ ଅନେକ ଜାଗାରେ କାର୍ଯ୍ୟ ଅସମ୍ପୂର୍ଣ ହୋଇ ପଡ଼ିରହିଛି। ଅଭୟରଣ୍ୟର ଘଞ୍ଚ ଜଙ୍ଗଲକୁ ବାଦ ଦେଇ ଜନବସତି ଅଞ୍ଚଳଗୁଡିକୁ ଏବେକା ଯୁଗର ଅତି ମୌଳିକ ଅଧିକାର (ଫୋନ ଓ ଇଣ୍ଟେରନେଟ ସେବା) ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି।



# ନତଡ଼ା ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କିଶୋରନଗର, ୧୭।୭(ସମିସ):** କିଶୋରନଗର ବ୍ଲକ୍ ନତଡ଼ା ମାଆ ମାହେଶ୍ୱରୀ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ ସୁରେଶ୍ ଚନ୍ଦ୍ର ସାହୁ ଅବସର ଗ୍ରହଣ କରିସାରିଛନ୍ତି। ତାଙ୍କୁ ବୁଧବାର ଧଡ଼ରପାଳ ଉଚ୍ଚ ପ୍ରାଥମିକ ସ୍କୁଲ ପରିସରରେ କେନ୍ଦୁନାଳୀ ଆଞ୍ଚଳିକ ସାଧନ କେନ୍ଦ୍ର ତରଫରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ କିଶୋରନଗର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଜନ କୁମାର ସାହୁ ଯୋଗଦେଇ ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ସାହୁଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ଭାବରେ ଆଞ୍ଚଳିକ ଉଚ୍ଚବିଦ୍ୟାଳୟ ନତଡ଼ାର ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ପ୍ରଧାନ ଓ ଆମ୍ବପାଳ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶୋକ କୁମାର ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ସାଧନ କେନ୍ଦ୍ରର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ସାହୁଙ୍କ ଶିକ୍ଷକତା ଜୀବନୀ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ଲମ୍ବୋଦର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କେନ୍ଦୁନାଳୀ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦୁର୍ମଳ ବେହେରା ମଞ୍ଚ ପରିଚାଳନା କରିଥିଲେ।



# କେରଡ଼ାଗଡ଼ ବାହୁଡ଼ାଯାତ୍ରା



**ରାଜନଗର,୧୭।୭(ସମିସ):** କେରଡାଗଡର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ଜୀଉଙ୍କ ପବିତ୍ର ବାହୁଡାଯାତ୍ରା ଆଜି ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ଗତକାଲି ବାହୁଡା ତିଥିରେ ଠାକୁରଙ୍କ ପହଣ୍ଡି ବିଜେ କରାଯାଇ ଠାକୁରଙ୍କ ରଥାରୁଢ କରାଯାଇଥିଲା। ଆଜି ନୀତିକାନ୍ତି ଶେଷ ପରେ ଅପରାହ୍ନ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡି ଆସିଛନ୍ତି ଶ୍ରୀ ଜଗନ୍ନାଥ ଜୀଉ। ପାଗ ଅନୁକୂଳ ଥିବାରୁ ୨୦ ହଜାରରୁ ଉଦ୍ଧ୍ୱର୍ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ଧ୍ୟା ୭ରେ ଶ୍ରୀଜୀଉଙ୍କ ରଥ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ସନ୍ଧ୍ୟାଦର୍ଶନ ଓ ଆଳତି ପାଇଁ ପ୍ରବଳ ଭିଡ ହୋଇଥିଲା। ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତିଙ୍କ ସମେତ ପୁଲିସ୍ ଫୋର୍ସ ରଥଟଣା ସମୟରେ ଶୃଙ୍ଖଳା ରକ୍ଷା କରିଥିଲେ। ସେହିପରି ରାଜନଗର ଶ୍ରୀ ଦଧିବାମନଜୀଉଙ୍କ ବାହୁଡାଯାତ୍ରା ସମାପନ ହୋଇଯାଇଛି।

# ଆଜି ତୁଳସୀକ୍ଷେତ୍ରରେ ରଘୁନାଥ ବେଶ

**କେନ୍ଦ୍ରାପଡା,୧୭।୭(ସମିସ):** ତୁଳସୀକ୍ଷେତ୍ରର ଆରାଧ୍ୟ ଦେବତା ଆଜି ବ୍ରହ୍ମତାଳଧ୍ୱଜ ରଥ ଉପରେ ଭକ୍ତମାନଙ୍କ ଦ୍ୱାରା ଶ୍ରଦ୍ଧାରେ ଦିଆଯାଇଥିବା ଫୁଲର ଅଳଙ୍କାର ସହ ସୋଲ ମୁକୁଟ ପିନ୍ଧି ଦର୍ଶନ ଦେଇଛନ୍ତି। ଆଜି ମୁଖ୍ୟ ମନ୍ଦିରରେ ଯେଉଁ ସବୁ ନୀତି ହୋଇଥାଏ ସେ ସମସ୍ତ ନୀତି ରଥ ଉପରେ ହୋଇଥିଲା। ଦିନ ୧୨ଟା ବେଳକୁ ସମସ୍ତ ନୀତି ଶେଷ ହୋଇଥିଲା। ଏହା ପରଠାରୁ ରଥାରୁଢ ଠାକୁରଙ୍କୁ ଭକ୍ତମାନେ ଦର୍ଶନ କରୁଛନ୍ତି। ବୁଧବାର ସନ୍ଧ୍ୟାରେ ହଜାର ହଜାର ଭକ୍ତ ରଥାରୁଢ ଶ୍ରୀଜୀଉମାନଙ୍କ ଦର୍ଶନ କରିଥିଲେ। ରଥଦାଣ୍ଡରେ ସୁନା ଚେନ ଲୁଟ୍‌ବେଳେ ଜଣେ ମହିଳାଙ୍କୁ ଲୋକେ ଧରି ପୁଲିସକୁ ଦେଇଥିଲେ। ଗୁରୁବାର ମଧ୍ୟାହ୍ନ ୧୨ଟାରେ ସିଦ୍ଧବଳଦେବଜୀଉଙ୍କ ରଘୁନାଥ ବେଶ ହେବ। ସନ୍ଧ୍ୟା ୭ଟାରେ ଠାକୁରଙ୍କୁ ପଣା ସମର୍ପଣ କରାଯିବ। ଏହାପରେ ରଥ ନିର୍ମାଣ ଓ ରଥଯାତ୍ରାରେ ଯେଉଁ ସେବାୟତମାନେ ସାମିଲ ଥିଲେ ସେମାନଙ୍କ ମୁଣ୍ଡରେ ସିରିପା ବନ୍ଧା ହେବ। ରାତି ୧୦ରେ ନିଳାଦ୍ରୀ ବିଜେ ହେବ।

**କାଗଜକଲମରେ ଚାଲିଛି ଜଳ ନିଷ୍କାସନ**

# ଅସରାଏ ବର୍ଷାରେ ପଟ୍ଟାମୁଣ୍ଡାଇ ସହର ଉବୁଟୁବୁ

**ପଟ୍ଟାମୁଣ୍ଡାଇ,୧୭।୭(ସମିସ):** ପଟ୍ଟାମୁଣ୍ଡାଇବାସୀଙ୍କୁ ସହରୀ ସୁବିଧାର ସୁନେଲି ସ୍ୱପ୍ନ ଦେଖାଇ ୧୯୮୮ମସିହାରେ ପଟ୍ଟାମୁଣ୍ଡାଇକୁ ଏନ୍‌ଏସି ଘୋଷଣା କରାଯାଇଥିଲା। ଇତିମଧ୍ୟରେ ୩୫ବର୍ଷ ବିତିଯାଇଛି। ସରକାର ପରେ ସରକାର ବଦଳିଛି। ମାତ୍ର ପୌରାଞ୍ଚଳବାସୀଙ୍କ ଭାଗ୍ୟ ବଦଳିନାହିଁ। ପୌରାଞ୍ଚଳ ଅଧିବାସୀ କେବଳ ମାତ୍ରାଧିକ ଟିକସ ଗଣିବା ସାର ହୋଇଛି। ଏବେବି ସମସ୍ୟା ଓ ପାଣି କାଦୁଅରେ ଘାଣ୍ଟି ହେଉଛନ୍ତି।

ପଟ୍ଟାମୁଣ୍ଡାଇ ସହର ସମେତ ପୌରାଞ୍ଚଳର ଜଳନିଷ୍କାସନ ଏକ ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଭାବେ ଦୀର୍ଘବର୍ଷ ଧରି ଉଭା ହୋଇଛି। ଇତି ମଧ୍ୟରେ ପଟ୍ଟାମୁଣ୍ଡାଇ ପୌର ପରିଷଦର ୫ଟି ନିର୍ବାଚିତ ବୋଡର୍ ନିଜର କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିଥିବାବେଳେ ଜଳନିଷ୍କାସନ ଯୋଜନା କେବଳ କାଗଜକଲମରେ ଚାଲିଛି। ଅସରାଏ ବର୍ଷା ହେଲେ ପଟ୍ଟାମୁଣ୍ଡାଇ ସହର ସ୍ଥିତି ବିଗିଡିବା ସହିତ ପରିସ୍ଥିତି ଅସମ୍ଭାଳ ହୋଇପଡୁଛି। ସାମାନ୍ୟ ବର୍ଷାରେ ପଟ୍ଟାମୁଣ୍ଡାଇ ସହର ଓ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ପ୍ରଶାସନର ପାରିବାପଣିଆକୁ ପ୍ରମାଣିତ କରିଛି। ଅସରାଏ ବର୍ଷାରେ ପଟ୍ଟାମୁଣ୍ଡାଇ ସହର, ସବ୍‌ଡିଭିଜନ ହସ୍ପିଟାଲ, ସରକାରୀ ବାଳିକା ହାଇସ୍କୁଲ, ସବ୍‌ରେଜିଷ୍ଟ୍ରେସନ ଅଫିସ, ସରକାରୀ ବସଷ୍ଟାଣ୍ଡ, ଯଜ୍ଞ ପଡିଆ, ଡେଲି ମାର୍କେଟ, ପୋଖରିଆପଡା ୧୩ନମ୍ବର ୱାର୍ଡ ମଙ୍ଗଳା ମନ୍ଦିର ପଛ ଶୁଭମ କମ୍ପ୍ୟୁଟର ମାଟି ରାସ୍ତାରେ ଆଣ୍ଠୁଏ ପାଣି, ବ୍ଲକ କଲୋନୀ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ସରକାରୀ ଅଫିସ ଦପ୍ତରରେ ବର୍ଷାପାଣି ଲହଡି ଭାଙ୍ଗୁଛି। ପଟ୍ଟାମୁଣ୍ଡାଇ କଲେଜ ରୋଡ଼ରେ ସ୍ଥିତି ସଂଗୀନ। କଲେଜ ରୋଡ଼ ଏକ ଅତ୍ୟନ୍ତ ସ୍ୱର୍ଶକାତର ଓ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିଲେ ମଧ୍ୟ ସାମାନ୍ୟ ବର୍ଷାରେ ପାଣି ଜମି ଯାତାୟାତରେ ବାଧା ସୃଷ୍ଟି କରୁଛି। ବର୍ଷାପାଣି ଜମି ରହିବା ଫଳରେ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲରେ ଶିକ୍ଷାଦାନ, ସବଡିଭିଜନ ହସ୍ପିଟାଲରେ ରୋଗୀସେବା ଗୁରୁତର ଭାବେ ପ୍ରଭାବିତ ହେଉଥିବାବେଳେ ବସଷ୍ଟାଣ୍ଡ, ଡେଲି ମାର୍କେଟ ଓ ଯଜ୍ଞ ପଡିଆ ଅପହଞ୍ଚ ପାଲଟିଛି । ବର୍ଷା ଜଳ ନିଷ୍କାସନ ପାଇଁ ସୁନିୟନ୍ତ୍ରିତ ବ୍ୟବସ୍ଥା ନଥିବାରୁ ବହୁ କଚ୍ଚାଘରେ ପାଣି ପଶିଯିବା ଫଳରେ ଗୃହ ଗୁଡିକ କ୍ଷତିଗ୍ରସ୍ତ ହେଉଛି। ବର୍ଷାଜଳ ନିଷ୍କାସନ ପାଇଁ ବର୍ଷ ବର୍ଷ ଧରି ଯୋଜନା କେବଳ କାଗଜକଲମରେ ଚାଲିଥିବା ପୌରାଞ୍ଚଳବାସୀ ପ୍ରକାଶ କରିବା ସହିତ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ଦିଗରେ ସରକାର ଓ ପୌର ପ୍ରଶାସନ ଅବିଳମ୍ବେ ସ୍ଥାୟୀ ଯୋଜନା ଓ ପଦକ୍ଷେପ ଗ୍ରହଣ ନକଲେ ଜନଅସନ୍ତୋଷ ଉଗ୍ର ରୂପ ଧାରଣ କରିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।



**ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ୧୪୦ତମ ଜୟନ୍ତୀ**

# ‘ରାଜ୍ୟସ୍ତରୀୟ ଜୟନ୍ତୀ ହେବ ଆନନ୍ଦଙ୍କୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି’





**କେନ୍ଦ୍ରାପଡା,୧୭।୭(ସମିସ):** ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ୧୪୦ତମ ଜୟନ୍ତୀ ପାଳନ ଅବସରରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ପ୍ରଜା ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମ ପ୍ରତି ଥିବା ଅତୁଳନୀୟ ଅବଦାନକୁ ପ୍ରକୃତ ସମ୍ମାନ କରାଯିବ ଯେତେବେଳେ ଆମେ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ କରିବା ସହିତ ରାଜ୍ୟର କୋଣ ଅନୁକୋଣରେ ପ୍ରଚାର ପ୍ରସାର କରିପାରିବା ବୋଲି କହିଥିଲେ। ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ସଭାପତି କରୁଣାକର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ବରେଣ୍ୟ ଅତିଥି ଭାବରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଯୋଗଦେଇ ଆନନ୍ଦମାର୍ଗରେ ଥିବା ବିପ୍ଳବୀ ଆନନ୍ଦ ଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସେଠାରେ ଚାରାରୋପଣ କରିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା ଯୋଗଦେଇ କହିଲେ ଯେ, ଆମେ ଆନନ୍ଦ ଚନ୍ଦ୍ର ଜେନାଙ୍କୁ ତାଙ୍କ ଅବଦାନ ତୁଳନାରେ ଯଥୋଚିତ ସମ୍ମାନ ପ୍ରଦର୍ଶନ ବା ତାଙ୍କର ପ୍ରଚାର ପ୍ରସାର କରିପାରି ନାହୁଁ। ସମ୍ମାନୀତ ଅତିଥି ଭାବେ ଗରାପୁର ଶିବାନନ୍ଦ ଆଶ୍ରମରେ ଅଧକ୍ଷା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ, ପ୍ରାକ୍ତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟ, ପ୍ରାକ୍ତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ପୂର୍ବତନ ଜିଲ୍ଲା ଓକିଲ ସଙ୍ଘ ସଭାପତି ବିଚିତ୍ରାନନ୍ଦ ମହାନ୍ତି, କଂଗ୍ରେସ ନେତା ଫକିର ଚରଣ ଖଟୁଆ, ବିଜେଡି ରାଜ୍ୟ ସମ୍ପାଦକ ରଞ୍ଜିତ ସାହୁ, ବିଜେପି ନେତା ସଞ୍ଜୟ କୁମାର ସ୍ୱାଇଁ, ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ଅଧ୍ୟାପକ ଅଜୟ ସାମଲ, ବିଶିଷ୍ଟ ଗବେଷକ ନିରଞ୍ଜନ ମେକାପ, ପ୍ରଦୀପ କୁମାର ଦାଶ, ଶୁଭାଂଶୁ କୁମାର ଦାସ, ଶିକ୍ଷାବିତ୍ ପାର୍ଥସାରଥୀ ବେହେରା, ପ୍ରଦ୍ୟୁମ୍ନ ଜେନା, ରାଜେଶ ମହାନ୍ତି, ଶେଷଦେବ ଦାସ, ରମାକାନ୍ତ ସ୍ୱାଇଁ, ନିରଞ୍ଜନ ବଳ, ରଞ୍ଜନ ପଣ୍ଡା, ଉମାକାନ୍ତ ଗୁରୁ, ପ୍ରଦୀପ ମାନସିଂ, ଗୋଲକ ଚନ୍ଦ୍ର ପରିଡା, ଧିରେନ୍ଦ୍ର କୁମାର ଦାସ, ସତ୍ୟବ୍ରତ ସିଂ, ପୀତବାସ ଦାସ, ଅକ୍ଷୟପ୍ରିୟ ଦାସ, ସେକ୍ ଚନ୍ଦନ, ସଞ୍ଜୟ କୁମାର ଜେନା, ଅକ୍ଷୟ ମେକାପ, ଗଣେଶ ଚନ୍ଦ୍ର ମେକାପ ପ୍ରମୁଖ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବିପ୍ଳବୀଙ୍କ ସଂଗ୍ରାମ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ମୁକ୍ତାର ଅଲ୍ଲୀ ଖାଁ। ସକାଳେ ତୁଳସୀ ମହିଳା ମହାବିଦ୍ୟାଳୟ ସନ୍ନିକଟରେ ଥିବା ସ୍ୱର୍ଗତ ଜେନାଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା।

# ଭାବ ଭକ୍ତିଭରା ନୃତ୍ୟ ଓ ଭଜନରେ ବିମୁଗ୍ଧ ହେଲେ ଭକ୍ତ



**କେନ୍ଦ୍ରାପଡ଼ା,୧୭।୭(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏବଂ ଜିଲ୍ଲା ପ୍ରଶାସନର ସଂସ୍କୃତି ବିଭାଗ ସଂଯୋଜନାରେ ତୁଳସୀ କ୍ଷେତ୍ରାଧିପତି ସିଦ୍ଧ ବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ଅବସରରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟା ଆଜି ଶେଷ ହୋଇଛି। ଅନ୍ତିମ ସନ୍ଧ୍ୟାରେ ଚକ୍ରବ୍ୟୁହ କଳା ପରିଷଦ ପକ୍ଷରୁ ପ୍ରଥମାର୍ଦ୍ଧରେ ପରିବେଷିତ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ଯୋଗ ନୃତ୍ୟକୁ ମଧ୍ୟ ଦର୍ଶକ ବେଶ ଉପଭୋଗ କରିଥିଲେ। ଅନୁଷ୍ଠାନ ପକ୍ଷରୁ କୁଳମଣି ଲେଙ୍କା, ପ୍ରଜ୍ଞା ପାରମିତା ପାଣି, ଶ୍ରୀଧର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ପରେ ତୁଳସୀ କ୍ଷେତ୍ର କଳା ପରିଷଦ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଆଲୋକ କୁମାର ମହାନ୍ତି ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ରାଜକିଶୋର ରାଉତ ସହଯୋଗ କରିଥିଲେ। ଶୃଙ୍ଖଳାର ସହ କାର୍ଯ୍ୟକ୍ରମ ଶେଷ ହୋଇଥିବାରୁ ମନ୍ଦିର ପ୍ରଶାସନ, ସେବାୟତ, ଦେବୋତ୍ତର ବିଭାଗ, ପୋଲିସ ପ୍ରଶାସନ, ଟିପିସିଓଡିଏଲ, ଆରଡବ୍ଲୁଏସଏସ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ପ୍ରମୁଖଙ୍କୁ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ପୂର୍ବତନ ସରପଞ୍ଚଙ୍କ ପରଲୋକ



**ରାଜନଗର,୧୭।୭(ସମିସ):** ରାଜନଗର ବ୍ଲକର ବରିଷ୍ଠ ରାଜନୈତିଜ୍ଞ, ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ, ରାଜନଗର ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ, ବନ୍ଧପଡା ପ୍ରାକ୍ତନ ସରପଞ୍ଚ ଫିରିକିଦାଣ୍ଡି ଗ୍ରାମର ସୁରେନ୍ଦ୍ର ନାଥ ନାୟକଙ୍କର ଆଜି ୯୩ବର୍ଷରେ ପରଲୋକ ଘଟିଛି। ସ୍ୱର୍ଗତ ନାୟକ ବନ୍ଧପଡାରୁ ୨ଥର ସରପଞ୍ଚ ହୋଇଥିବା ବେଳେ ରାଜନଗର ବ୍ଲକର ଉପାଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିବାବେଳେ ରାଜନଗର ବିଧାୟକ ଧ୍ରୁବ ସାହୁ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି। ତାଙ୍କ ମୃତ୍ୟୁରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ରବୀନ୍ଦ୍ର ନାଥ ପାତ୍ର, ସଚ୍ଚିଦାନନ୍ଦ ପାତ୍ର, ମଦନପୁର କଲେଜର ଅଧ୍ୟକ୍ଷ ସବ୍ୟସାଚୀ ତ୍ରିପାଠୀ, ସହଦେବ ମାହୁନ୍ତ, ଗୁରୁଚରଣ ବରାଳ, ସୁବାସ ଜେନା, ଅମୂଲ୍ୟ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ନାୟକଙ୍କ ମରଶରୀରକୁ ପଞ୍ଚାୟତ ଓ ଗ୍ରାମ ପରିକ୍ରମା କରିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ‘ମଣିମା ଶୁଣିମା ହେଉ’ରେ କମାଲ କଲେ ବିଜୟିନୀ



**ଓଲାଭର,୧୭।୭(ସମିସ):** ଆଧ୍ୟାତ୍ମିକ ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମ “ମଣିମା ଶୁଣିମା ହେଉ’ରେ ସଫଳ କଣ୍ଠଶିଳ୍ପୀ ବିଜୟିନୀ ଦାଶ ସଂଗୀତ ପରିବେଷଣ କରି ସମସ୍ତଙ୍କ ମନ ମୋହିଛନ୍ତି। ଏକ ଘରୋଇ ଟିଭି ଚ୍ୟାନେଲରେ ଆୟୋଜିତ ଲୋକପ୍ରିୟ ଏହି ଭକ୍ତିଭରା କାର୍ଯ୍ୟକ୍ରମରେ ତାଙ୍କର ସଂଗୀତ ସାମାଜିକ ଗଣମାଧ୍ୟମରେ ବି ବହୁମାତ୍ରାରେ ଭାଇରାଲ ହୋଇ ବେଶ୍ ପ୍ରଶଂସା ସାଉଁଟିଛି। ବିଜୟନୀ ଶହେରୁ ଊଦ୍ଧ୍ୱର୍ ଆଲବମରେ କଣ୍ଠଦାନ କରିଛନ୍ତି। ସେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ମଧ୍ୟରେ ବିଷ୍ଣୁ ମୋହନ କବି, ରବିନ୍ଦ୍ର ମହାପାତ୍ର, ସୁଧାକର ମିଶ୍ର, କୁମାର ଦିଲ୍ଲିପ, ସତ୍ୟଜିତ ପ୍ରଧାନ, ତାରିକ ଅଜିଜ ପ୍ରମୁଖ ଆଗଧାଡିର କଣ୍ଠଶିଳ୍ପୀଙ୍କ ସହିତ କଣ୍ଠଦାନ କରି ଲୋକପ୍ରିୟତା ଅର୍ଜନ କରିଛନ୍ତି। ଗୀତିକାର ସୁବାସ ବାରିକଙ୍କ ବହୁ ଲୋକପ୍ରିୟ ଭଜନ “ଦେଖିବାକୁ ତମେ ହେଉଛି ମନ’ ରଥଯାତ୍ରା ଅବସରରେ ‘ମଣିମା ଶୁଣିମା ହେଉ’ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କଣ୍ଠଶିଳ୍ପୀ ବିଜୟିନୀ ସଫଳତା ପାଇଁ ବିଭିନ୍ନ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ସେଥିମଧ୍ୟରୁ ଓଡ଼ିଶା ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ଭୁବନେଶ୍ୱର, ଓକା ପୁରସ୍କାର ଓ ୫୦ରୁ ଉଦ୍ଧ୍ୱର୍ ଅନୁଷ୍ଠାନରୁ ପୁରସ୍କୃତ ହୋଇଛନ୍ତି। ଗୁରୁ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଂଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଅନେକ ଗୀତ କଣ୍ଠଦାନ କରିବା ସହିତ ତାଙ୍କ ପ୍ରେରଣାରେ ଆଗକୁ ମାଡି ଚାଲିଛନ୍ତି। ଦୂରଦର୍ଶନର ରିଏଲେଟି ସୋ ମଧ୍ୟରେ ମଣିମା ଶୁଣିମା ହେଉ, ମୁଁ ବି ନମିତା ଅଗ୍ରୱାଲ ହେବି, ଭକ୍ତି କଣ୍ଠ, ପ୍ରଣାମ ଓଡ଼ିଶା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ପ୍ରତିଭା ଦେଖାଇ ସେ ଚର୍ଚ୍ଚାରେ ରହିଛନ୍ତି।

# ଅସହାୟ ପରିବାରକୁ ସହାୟତା



**ମହାକାଳପଡ଼ା,୧୭।୭(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଦେଉଳପଡା ପଞ୍ଚାୟତ ଅମିରାବାଦ (ବାଙ୍କି ଛନ୍ଦା) ଗ୍ରାମର ରଘୁନାଥ ପାଇଟାଳ ଜଣେ ମାନସିକ ବିକାରଗ୍ରସ୍ତ। ରଘୁ , ତାଙ୍କ ପତ୍ନୀ ଓ ଏକମାତ୍ର ବିକଳାଙ୍ଗ ପୁଅଙ୍କୁ ନେଇ ସଂସାର। ରଘୁନାଥ ସୁସ୍ଥ ଥିଲାବେଳେ ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିଲେ। ପରେ ସେ ମାନସିକ ଭାରସାମ୍ୟ ହରାଇ ବସିଲେ। ପରିବାର ଉପରେ ଦୁଃଖର ପାହାଡ ଖସିପଡିଲା। ଭତ୍ତା ଟଙ୍କା ଓ ୧୫ କେଜି ଚାଉଳରେ ପରିବାର ପ୍ରତିପୋଷଣ ହେଉଛି। ଏମିତି ସ୍ଥିତିରେ ଘର ଛପର କରିବାକୁ ସମ୍ବଳ ନଥିବାରୁ ଛପର ହୋଇପାରୁନି। ବର୍ଷା ହେଲେ ପାଣି ଗଳୁଛି। ଏହା ଜାଣିବା ପରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ମମତା ପ୍ରତିହାରୀଙ୍କ ପ୍ରତିନିଧିତ୍ୱରେ ସଦସ୍ୟମାନେ ବାଙ୍କି ଛନ୍ଦା ଗ୍ରାମରେ ପହଞ୍ଚି ଏକ ପାଲ ପ୍ରଦାନ କରିବା ସହ ଆଗାମୀ ଦିନରେ ଘର କରିବାକୁ ସରକାରୀ ଓ ବେସରକାରୀ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଘ୍ନେଶ ସେଠୀ, ରଞ୍ଜିତ ପ୍ରତିହାରୀ, ସୁରେଶ କୁମାର ବେଉରା, ଶୁଭେନ୍ଦୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସାଂସଦ ଓ ବିଧାୟକଙ୍କୁ ମତଦାତାଙ୍କ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ସଭା

**ମାର୍ଶାଘାଇ,୧୭।୭(ସମିସ):** କେନ୍ଦ୍ରାପଡାର ନବ ନିର୍ବାଚିତ ସାଂସଦ ବୈଜୟନ୍ତ ପଣ୍ଡା ଏବଂ ମହାକାଳପଡ଼ାର ନବନିର୍ବାଚିତ ବିଧାୟକ ଡ଼ ଦୁର୍ଗାପ୍ରସନ ନାୟକଙ୍କୁ ମତଦାତାଙ୍କ ପକ୍ଷରୁ ଅଭିନନ୍ଦନ ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାକାଳପଡା ନିର୍ବାଚନ ମଣ୍ଡଳୀ ବିଜେପି ତରଫରୁ ଅଙ୍ଗୁଳାଇ ସ୍ଥିତ ଖୁସି ମଣ୍ଡପ ପରିସରରେ ଏହି ସମ୍ବର୍ଦ୍ଧନା ସଭା ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଅଙ୍ଗୁଳାଇ ଛକ ନିକଟରୁ ଉଭୟ ସାଂସଦ ଓ ବିଧାୟକଙ୍କୁ କର୍ମୀମାନେ ପାଛୋଟି ଆଣିଥିଲେ। ନିର୍ବାଚନ ମଣ୍ଡଳୀ ସଂଯୋଜକ ସରୋଜ କାନ୍ତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଆଜିର ସଭାରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ସମିତି ସଭ୍ୟ ପ୍ରତାପ ଚନ୍ଦ୍ର ଦାସ, ରଞ୍ଜନ ଚୌଧୁରୀ, ରାମ ଚନ୍ଦ୍ର ରାଉତ, କୃଷ୍ଣ ପଦ ମଣ୍ଡଳ,ସଞ୍ଜୟ ରଥ , ଜାନକୀ ପ୍ରଧାନ ରାଜୀବ ଲୋଚନ ପୃଷ୍ଟି, ରଶ୍ମିକାନ୍ତ ପଲାଇ ପ୍ରମୁଖ ନେତୃମଣ୍ଡଳୀ ଯୋଗଦେଇଥିଲେ। ମହାକାଳପଡାକୁ ବିକଶିତ ନିର୍ବାଚନ ମଣ୍ଡଳୀ ରୂପେ ଗଢିତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ।

**ଇସି ମେମ୍ବର ମହାସଂଘର ବୈଠକ**

# ଅଣଦେଖା ନେଇ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ନିଷ୍ପତ୍ତି



**ମାର୍ଶାଘାଇ,୧୭।୭(ସମିସ):** ମହିଳା ସଶକ୍ତିକରଣ ପାଇଁ ସରକାର ଗୁରୁତ୍ୱ ଦେଉଥିବା ବେଳେ ମହିଳା ଗୋଷ୍ଠୀ ମାନଙ୍କ ପ୍ରତିନିଧି ଭାବେ ଇସି ମେମ୍ବରମାନଙ୍କ ବଡ଼ ଭୂମିକା ରହିଛି। ମାତ୍ର ଇସି ମେମ୍ବରମାନଙ୍କୁ ଅଣଦେଖା କରି ଏମ୍‌ବିକେ, ସିଆର୍‌ପିମାନେ ମନମୁଖୀ କାର୍ଯ୍ୟ କରିଥିବା ନେଇ ଜଣାପଡିବା ପରେ ଇସିମେମ୍ବରମାନେ ମହାସଂଘ ଗଠନ କରି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ୨୮ ଜୁନ୍‌ରେ ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବାପରେ ଡିପିସି କୈଳାସ ସେନାପତି ଜୁଲାଇ ୫ରେ ମାର୍ଶାଘାଇ ବ୍ଲକ ସଭାଗୃହରେ ତଦନ୍ତ ଆଳରେ ଏମ୍‌ବିକେମାନଙ୍କ ସହିତ ବୈଠକ କରିଥିଲେ। ଏହି ସମୟରେ ବାହାରେ ଉପସ୍ଥିତ ଥିବା ଶତାଧିକ ଇସି ମେମ୍ବର ପ୍ରତିବାଦ କରିବା ସହିତ ସେମାନଙ୍କ ଉପସ୍ଥିତିରେ ତଦନ୍ତ କରାଯାଉ ବୋଲି ଦାବି କରିଥିଲେ। ବ୍ଲକ ମିଶନ ଶକ୍ତି ଅଧିକାରୀମାନେ ପ୍ରତି ପଞ୍ଚାୟତକୁ ଯାଇ ତଦନ୍ତ କରିବେ ବୋଲି ଡିପିସି କହିବା ସହିତ ଫେରିଯାଇଥିଲେ। ଦୁଇ ସପ୍ତାହ ବିତି ଯାଇଥିଲେ ବି ତଦନ୍ତ କରାଯାଉ ନଥିବାରୁ ବୁଧବାର ମାର୍ଶାଘାଇ ବ୍ଲକ ବାଘଡ଼ିଆ ଗୋଜବାୟାଣୀ ପୀଠରେ ଏକ ବୈଠକ କରାଯାଇ ଇସି ମହାସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ସହିତ ବିଭାଗୀୟ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଭେଟି ଫେରାଦ ହେବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ମହାସଂଘ ସଭାନେତ୍ରୀ ବନିତା ବାରିକ, ସମ୍ପାଦିକା ଉର୍ମିଳା ମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ମହାସଂଘ ସଦସ୍ୟା ଜ୍ୟୋସ୍ନାମୟୀ ସ୍ୱାଇଁ, ଅର୍ଚ୍ଚନା ନାୟକ, କୁସୁମଲତା କବି, ତନୁଲତା ପରିଡା, ପ୍ରତିମା ଦାସଙ୍କ ସମେତ ଶତାଧିକ ସଦସ୍ୟା ଉପସ୍ଥିତ ଥିଲେ।

ଭୋଜି ଖାଇବାକୁ ଡାକି ହାଣିଦେଲେ । ଭୋଜି ଖାଇସାରିବା ପରେ ମୃତକଙ୍କୁ ଖଣ୍ଡ ଖଣ୍ଡ କରି କାଟି ଏଣେତେଣେ ଫିଙ୍ଗିଥିଲେ । ମୁଣ୍ଡକୁ କେନାଲରେ ପୋତି ଦେଇଥିବା ବେଳେ ପୁଲିସ ମାତ୍ର ପଟେ ଚପଲକୁ ନେଇ ଆରମ୍ଭ କରିଥିଲା ତଦନ୍ତ ଓ ଖୋଲିଦେଲା ବଡ଼ବାଗ ରାମଚନ୍ଦ୍ର ସାହୁ ହତ୍ୟାକାଣ୍ଡର ରହସ୍ୟ ।

ବଡ଼ବାଗ ହତ୍ୟାକାଣ୍ଡ

# ପଟେ ଚପଲରୁ ପୁଲିସ ତଦନ୍ତ









ଜଗତସିଂହପୁରରୁ ରଶ୍ମିରଞ୍ଜନ ମହାପାତ୍ରଙ୍କ ରିପୋର୍ଟ

### ଭୋଜି ଖାଇବାକୁ ଯାଇ ନିଖୋଜ

୧୭ ଅକ୍ଟୋବର ୨୦୨୧, ରବିବାର ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ବଡ଼ବାଗର ରାମଚନ୍ଦ୍ର ସାହୁ ଭୋଜି ଖାଇବାକୁ ଯାଉଛି ବୋଲି ମାଆଙ୍କୁ କହି ଘରୁ ବାହାରି ଯାଇଥିଲେ । ରାତିରେ ତାଙ୍କ ଫେରିବା ବାଟକୁ ଘର ଲୋକ ଅପେକ୍ଷା କରିଥିଲେ ମଧ ସେ ଆଉ ଫେରି ନ ଥିଲେ । ୧୮ ତାରିଖ ସକାଳେ ତାଙ୍କ ପରିବାର, ପଡ଼ୋଶୀ ତଥା ସ୍ଥାନୀୟ ଲୋକ ବିଭିନ୍ନ ସ୍ଥାନରେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ । ଏହାକୁ ନେଇ ତାଙ୍କ ମାଆ ଜଗତସିଂହପୁର ଥାନାରେ ଏକ ଏତଲା ଦେଇଥିଲେ ।

### କେନାଲ କୂଳରେ ହତ୍ୟାର ସୁରାକ

ନିଖୋଜ ରାମଚନ୍ଦ୍ରଙ୍କୁ ଖୋଜାଖୋଜି ଜାରି ରହିଥିବା ବେଳେ ମାଛଗାଁ କେନାଲ କୂଳରେ ତାଙ୍କର ପଟେ ଚପଲ ପଡ଼ିଥିବା ଦେଖି କେହି ଜଣେ ତାଙ୍କ ଘରକୁ ଜଣାଇଥିଲେ । ଘର ଲୋକ କେନାଲ କୂଳରେ ପହଞ୍ଚି ରାମଚନ୍ଦ୍ରଙ୍କ ଚପଲକୁ ଚିହ୍ନଟ କରିଥିଲେ । ସେହି ଚପଲକୁ ନେଇ ରାମଚନ୍ଦ୍ରଙ୍କ ମାଆ ଜଗତସିଂହପୁର ଥାନାରେ ପହଞ୍ଚି ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ସନ୍ଦେହରେ ଏତଲା ଦେଇଥିଲେ । ପୁଲିସ ଏହି ଘଟଣାର ତଦନ୍ତ ପରେ ସେଦିନ ବଡ଼ବାଗର କେଶବ ବେହେରାଙ୍କ ଘରେ ଭୋଜିଭାତ ହୋଇଥିଲା, ଯେଉଁଥିରେ ରାମଚନ୍ଦ୍ର ଯୋଗଦେଇଥିବା ଜାଣିବାକୁ ପାଇଥିଲେ । କେଶବ, ତାଙ୍କ ସ୍ତ୍ରୀ ରୀନା ଓ ପର୍ଶୁରାମ ବେହେରାଙ୍କୁ ପୁଲିସ ଥାନାକୁ ଉଠାଇ ଆଣି ପଚରାଉଚରା ପରେ ସେମାନେ ରାମଚନ୍ଦ୍ର ସାହୁଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ । ମୃତକଙ୍କ ମାଆର ଏତଲାକୁ ଭିତ୍ତିକରି ଜଗତସିଂହପୁର ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିଲା ।

### ବସ୍ତାରେ ଭାସୁଥିଲା ମୁଣ୍ଡବିହୀନ ମୃତଦେହ

ହତ୍ୟାକାରୀମାନେ ଏହି ଘଟଣାକୁ ସ୍ୱୀକାର କରିଥିଲେ ମଧ ଘଟଣାର ୪ଦିନ ପର୍ଯ୍ୟନ୍ତ ପୁଲିସ ମୃତଦେହକୁ ଜବତ କରିପାରି ନ ଥିଲା । ଏପରିକି ଭିନ୍ନ ଭିନ୍ନ ସ୍ଥାନରେ ମୃତଦେହ ଫିଙ୍ଗିଥିବା ନେଇ ଅଭିଯୁକ୍ତମାନେ ବୟାନ ଦେଉଥିବାରୁ ପୁଲିସ ଦ୍ୱନ୍ଦ୍ୱରେ ପଡ଼ିଥିଲା । ୨୦, ଅକ୍ଟୋବର, ୨୦୨୧ ସକାଳେ ମାଛଗାଁ କେନାଲରେ ବସ୍ତାରେ ପଶି ଏକ ଅଜଣା ଶବ ଭାସୁଥିବା ଜଗତସିଂହପୁର ପୁଲିସକୁ ସ୍ଥାନୀୟ ଲୋକ ଖବର ଦେଇଥିଲେ । ପୁଲିସ ଅଖା ଭିତରୁ ଗୋଟିଏ ଗୋଡ଼ ହାତ ଓ ମୁଣ୍ଡବିହୀନ ଶବ ଉଦ୍ଧାର କରିଥିଲେ । ପୁଲିସ ସାଇନ୍‌ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ ଅବଶିଷ୍ଟ ଅଙ୍ଗ ମିଳି ନ ଥିଲା । ଏହି ମୁଣ୍ଡବିହୀନ ଶବ ରାମଚନ୍ଦ୍ର ସାହୁଙ୍କର ବୋଲି ତାଙ୍କ ମାଆ ଚିହ୍ନଟ କରିଥିଲେ । ଏଥି ସହିତ ଅଭିଯୁକ୍ତଙ୍କ ଟିଆଇ ପ୍ୟାରେଡ କରାଯିବା ବେଳେ ହତ୍ୟାପରେ ସେମାନେ କେନାଲର ଏଠାରେ ମୃତଦେହ ପକାଇଥିବା ସ୍ୱୀକାର କରିଥିଲେ । ବହୁ ଖୋଜାଖୋଜି ପରେ ରାମଚନ୍ଦ୍ରଙ୍କ ଗୋଟିଏ ହାତ, ଗୋଟିଏ ଗୋଡ଼ ଓ ଏକ ମଟର୍‌ସାଇକଲକୁ ପୁଲିସ ଜବତ କରିଥିଲା । ତେବେ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗ ଏଠାରୁ ମିଳି ନ ଥିଲା ।

### ୬ ମାସ ପରେ ମିଳିଲା ଖପୁରି

ମାଛଗାଁ କେନାଲରେ ଭରପୂର ପାଣି ରହିଥିବାରୁ ମୃତକଙ୍କ ମୁଣ୍ଡ ଦୀର୍ଘ ୬ ମାସ ମଧରେ ଉଦ୍ଧାର ହୋଇପାରି ନ ଥିଲା । ତେବେ ଏହି କେନାଲ ଶୁଖିଯିବା ପରେ ୨୦୨୨ ଏପ୍ରିଲ ୩ ତାରିଖରେ ଏହି କଟାମୁଣ୍ଡର ଖପୁରି ପୁଲିସ ଦ୍ୱାରା ଜବତ କରାଯାଇଥିଲା । ମିଳିଥିବା ଏହି ଖପୁରିଟି ରାମଚନ୍ଦ୍ରଙ୍କର ବୋଲି ପୁଲିସ ସନ୍ଦେହ କରିବା ସହିତ ଏହାକୁ ପରୀକ୍ଷା ପାଇଁ ଫୋରେନ୍‌ସିକ୍ ଲାବକୁ ପଠାଇଥିଲା । ଯାହା ପରବର୍ତ୍ତୀ ସମୟରେ ରାମଚନ୍ଦ୍ରଙ୍କର ବୋଲି ସ୍ପଷ୍ଟ ହୋଇଥିଲା ।

### କିପରି କରିଥିଲେ ହତ୍ୟା

ପୁଲିସ ସୂଚନା ଅନୁସାରେ, କେଶବ ଓ ପର୍ଶୁରାମ ରାମଚନ୍ଦ୍ରଙ୍କ ଦୁଇ ବନ୍ଧୁ ଥିଲେ । ଘଟଣା ଦିନ କେଶବ ଓ ପର୍ଶୁରାମ ରାମଚନ୍ଦ୍ରଙ୍କୁ ଫୋନ୍‌କରି ଭୋଜି ଖାଇବାକୁ କେଶବଙ୍କ ଘରକୁ ଆସିବାକୁ ଡାକିଥିଲେ । ହତ୍ୟା ଷଡ଼ଯନ୍ତ୍ର ଓ ପୂର୍ବ ଯୋଜନା ଅନୁସାରେ ସେଠାରେ ସେଦିନର ଭୋଜିରେ ମାଂସ ରୋଷେଇ ହୋଇଥିଲା । ତିନିହେଁ ସାଙ୍ଗହୋଇ ଭୋଜି ଖାଇବାକୁ ବସିଥିଲେ । ତେବେ ଖାଦ୍ୟରେ ରାମଚନ୍ଦ୍ରଙ୍କୁ ନିଶା ଦେଇ କେଶବ, ପର୍ଶୁରାମ ଓ କେଶବଙ୍କ ସ୍ତ୍ରୀ ରୀନା ନିର୍ମମ ଭାବରେ ହତ୍ୟା କରିଥିଲେ । ଏହାପରେ ଶବକୁ କାଟି ମୁଣ୍ଡ, ଗୋଡ଼ ଓ ହାତ ବିହୀନ କରିଥିଲେ । ଧରା ନ ପଡ଼ିବାକୁ ଏହାକୁ ଏକ ଅଖାରେ ପୂରାଇ ବାଇକ୍‌ରେ ଆଣି ଗଣ୍ଡି ଓ ମୁଣ୍ଡକୁ ମାଛଗାଁ କେନାଲର ଦୁଇଟି ସ୍ଥାନରେ ଫୋପାଡ଼ିଥିଲେ । ସେହିପରି କଟା ହାତ ଓ ଗୋଡ଼କୁ ପୃଥକ ପୃଥକ ସ୍ଥାନରେ ଫୋପାଡ଼ିଥିଲେ । ସେମାନଙ୍କ ସହ ସେହି ଭୋଜିରେ ବଡ଼ବାଗର ବାବି ନାମକ ଜଣେ ଯୁବକ ରହିଥିଲେ । ସେ ଏହି ହତ୍ୟାକାଣ୍ଡକୁ ଦେଖିଦେବାରୁ ତାଙ୍କୁ ବାହାରେ କାହାକୁ ନ କହିବାକୁ ଅଭିଯୁକ୍ତମାନେ ଚେତାବନୀ ଦେଇଥିଲେ ।



### ହତ୍ୟାର କାରଣ

ମୃତକ ରାମଚନ୍ଦ୍ର ପୂର୍ବରୁ ବ୍ରାଉନ୍‌ସୁଗର କାରବାରରେ ଅଭିଯୁକ୍ତ ହୋଇ ପୁଲିସ ଦ୍ୱାରା ଗିରଫ ହୋଇଥିଲେ । ସେହିପରି କେଶବ ଓ ପର୍ଶୁରାମ ମଧ ବେଆଇନ ନିଶା କାରବାରରେ ସମ୍ପୃକ୍ତ ଥିଲେ । ରାମଚନ୍ଦ୍ର ଓ ସେମାନଙ୍କ ମଧରେ ପୂର୍ବଶତ୍ରୁତା ରହିଥିବା ପୁଲିସ ପ୍ରକାଶ କରିଛି । ଅନ୍ୟ କାରଣ ଅନୁସାରେ, ଅଭିଯୁକ୍ତ କେଶବ ଓ ସ୍ଥାନୀୟ କୁକୁଡ଼ା ଫାର୍ମ ମାଲିକ ନିର ସେଠୀ ମଧରେ ଧାର ଟଙ୍କା ଦେବାନେବାକୁ ନେଇ ବଚସା ହୋଇଥିଲା । ନିରକୁ କେଶବ ଗାଳି ଦେଇଥିଲା । ତେବେ ଆଉଥରେ ନିରକୁ ଗାଳିକଲେ କେଶବକୁ ଜୀବନରେ ମାରିଦେବାକୁ ରାମଚନ୍ଦ୍ର ଚେତାବନୀ ଦେଇଥିଲା । ନିଶା ବ୍ୟବସାୟକୁ ନେଇ ହେଉ କିମ୍ବା ପୂର୍ବଶତ୍ରୁତାରୁ ଏପରି ବୀଭତ୍ସ ହତ୍ୟାକାଣ୍ଡ ଘଟିଥିବା ପୁଲିସ ସୂଚନାରୁ ଜଣାପଡ଼ିଛି । ଏଠାରେ ସୂଚନାଯୋଗ୍ୟ ଯେ, ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ବଡ଼ବାଗର କେଶବ ବେହେରା, ପର୍ଶୁରାମ ବେହେରା ଓ କେଶବଙ୍କ ସ୍ତ୍ରୀ ରୀନାଙ୍କୁ ପୁଲିସ ୨୦୨୧ ମସିହା ଅକ୍ଟୋବର ୨୧ ତାରିଖରେ କୋର୍ଟଚାଲଣ କରିଥିବା ବେଳେ ସେମାନେ ଆଜି ପର୍ଯ୍ୟନ୍ତ ଆଳିପିଙ୍ଗଳ ଜେଲ୍‌ରେ ଦିନ କାଟୁଛନ୍ତି ।

## ଚଳନ୍ତା ଗାଡ଼ିରେ ଯୁବକଙ୍କୁ ଗଳାକାଟି ହତ୍ୟା !

# ବର୍ଷେ ପରେ ବି ରହସ୍ୟ



ରାଜକନିକାରୁ ସୁକାନ୍ତ ଦାଶଙ୍କ ରିପୋର୍ଟ

**ଦିନଦ୍ୱିପହରେ ହାଟରୁ ସଉଦା କିଣି ଗାଡ଼ିରେ ଘରକୁ ଫେରୁଥିବା କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ କାଳିକାପୁର ଗାଁର ସୁଧାଂଶୁ ବିଶ୍ୱାଳଙ୍କୁ ଗଳାକାଟି ହତ୍ୟା କରିବା ଘଟଣାକୁ ବର୍ଷେ ପୂରି ଯାଇଥିଲେ ମଧ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ପାରିନାହିଁ । ଯଦିବା ସେତେବେଳେ ଚଳନ୍ତା ଗାଡ଼ିରେ ଜଣଙ୍କୁ ହତ୍ୟା କରାଯାଇ ଫୋପଡ଼ାଯିବା ରାଜ୍ୟର ପ୍ରଥମ ଘଟଣା ବୋଲି ପୁଲିସ ଅଭିହିତ କରିଥିଲା, କିନ୍ତୁ ଏବେ ବି ହତ୍ୟାକାଣ୍ଡ ଉପରୁ ରହସ୍ୟ ହଟିନାହିଁ । ସୁଧାଂଶୁଙ୍କ ହତ୍ୟା କରାଯିବା ପଛରେ କାରଣକୁ ନେଇ ପୁଲିସ ମଧ ଏବେ ସନ୍ଦେହ ଘେରରେ ରହିଛି ।**



ହତ୍ୟାକାଣ୍ଡ ପରେ ବର୍ତ୍ତମାନ ଥିବା ଆଇଆଇସି ରାଜକନିକା ଥାନାରେ ଯୋଗ ଦେଇଥିବାରୁ ଏହି ଘଟଣା ତାଙ୍କ ପାଇଁ ପୂରା ଚାଲେଞ୍ଜ ଥିବା ବେଳେ ଅପରାଧୀ ଜଲ୍‌ଦି ଧରାପଡ଼ିବାର ଆଶା ସୃଷ୍ଟି ହୋଇଥିଲା । ମାତ୍ର ପୁଲିସ ଅପରାଧୀକୁ ଧରିବା ବଦଳରେ ମୃତ ସୁଧାଂଶୁଙ୍କ ବାପା ମାଆ, ବିଧବା ସ୍ତ୍ରୀ, ସାନଭାଇ ଆଦିଙ୍କ ଉପରେ ଜୁଲମ୍‌କରି ଏହାକୁ ଏକ ଦୁର୍ଘଟଣା ବୋଲି ରୂପ ଦେବାକୁ ଚାପ ପକାଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ । ବାରମ୍ବାର ନ୍ୟାୟ ପାଇଁ ଦୌଡ଼ି ଏହି ପରିବାର ଏବେ ଚୁପ୍ ହୋଇଯିବା ଭଳି ପୁଲିସ ମଧ ପୂରା ଚୁପ ରହିବା ଭଳି ମନେ ହେଉଛି ।

ଖବର ମୁତାବକ ଗତ ୨୦୨୩ ମସିହା ଜୁଲାଇ ମାସ ୧୦ ତାରିଖ ସମୟ ପ୍ରାୟ ୨ଟା ୪୫ ମିନିଟ୍ ସମୟରେ କାଳିକାପୁର ଗ୍ରାମର ସୁବାସ ବିଶ୍ୱାଳଙ୍କ ବଡ଼ପୁଅ ସୁଧାଂଶୁ (୩୪) କଣ୍ଟପଡ଼ା ହାଟରୁ ଚନ୍ଦନପୋଖରୀ ଛକ ରାସ୍ତାଦେଇ ସ୍କୁଟି ଯୋଗେ ଘରକୁ ଫେରୁଥିଲେ । କିନ୍ତୁ ବାଟରେ କ'ଣ ହେଲା କେଜାଣି ଚେରଣ୍ଟପଡ଼ା ଛକ ନିକଟରେ ସୁଧାଂଶୁ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ତାଙ୍କ ବେକ କଟାଯାଇଥିବା ବେଳେ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରବଳ ରକ୍ତସ୍ରାବ ଘଟିଥିଲା । ପାଖରେ ଅକ୍ଷତ ଭାବେ ତାଙ୍କ ସ୍କୁଟିଟି ପଡ଼ିରହିଥିଲା । ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ କର୍ମଚାରୀମାନେ ତାଙ୍କୁ ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ତାଙ୍କ ଅବସ୍ଥା ଗୁରୁତର ରହିଥିବାରୁ ଡ଼ାକ୍ତର ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା ରାଜକନିକା ପୁଲିସ । ଏହା ସହିତ ପରିବାର ଲୋକମାନଙ୍କୁ ଘଟଣା ସମ୍ପର୍କରେ ପଚରାଉଚୁରା କରିଥିଲା । ଦିନ ଦ୍ୱିପହରେ ନିରୋଳା ସମୟରେ ଦୁର୍ବୃତ୍ତମାନେ ତାଙ୍କ ଗଳାକାଟି ହତ୍ୟା କରିଥିବା ନେଇ ସୁଧାଂଶୁଙ୍କ ବାପା ସୁବାସ ଥାନାରେ ଅଭିଯୋଗ କରିଥିଲେ । ପୂର୍ବଶତ୍ରୁତା କାରଣରୁ ପୁଅକୁ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଥିଲେ । ମାତ୍ର ୧୫ ଦିନ ତଳେ ସୁଧାଂଶୁ କେନ୍ଦ୍ରାପଡ଼ା ଜିଲ୍ଲା ଚାନ୍ଦୋଳ ଅଞ୍ଚଳର ପଲାଇ ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରିଥିବାରୁ ଘଟଣାଟି ରହସ୍ୟବୃତ୍ତ ଥିଲା । ସେ ପ୍ରଥମେ କୋର୍ଟରେ ଓ ପରେ ନିଜ ଗ୍ରାମରେ ପୁନର୍ବାର ବିବାହ କରିଥିଲେ । ଅପରପକ୍ଷେ ହତ୍ୟା ଅଭିଯୋଗ ଆସିବା ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା । ସନ୍ଦେହରେ ଜଣେ ଶିକ୍ଷକଙ୍କ ସମ୍ପୃକ୍ତିକୁ ନେଇ ପୁଲିସ ଖୋଳତାଡ଼ କରିଥିବା ବେଳେ ଜଣେ ଶିକ୍ଷକଙ୍କୁ ପଚରାଉଚରା ପରେ ଛାଡ଼ି ଦେଇଥିବା କୁହାଯାଉଛି । ଏମିତି କି ଘଟଣାକୁ ବର୍ଷେ ପୂରିବା ପରେ ମଧ ପୁଲିସ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି । ତେବେ ଦିନ ଦ୍ୱିପହରେ ଜଣେ ଯୁବକକୁ ଚଳନ୍ତା ଗାଡ଼ିରେ ଗଳାକାଟି ହତ୍ୟା କରିବା ଭଳି ଘଟଣାରେ କେନ୍ଦ୍ରାପଡ଼ା ଏସ୍‌ପି ଓ ପୁଲିସ ଡିଜି ହସ୍ତକ୍ଷେପ କରି ହତ୍ୟାକାରୀକୁ ଧରି ଉତ୍ତମ ଆଇନଶୃଙ୍ଖଳ ସ୍ଥିତିର ପ୍ରମାଣ ଦେବାକୁ ଆହ୍ୱାନ ଆସିଛି । ଏନେଇ ରାଜକନିକା ଥାନା ଅଧିକାରୀ ଦିଲ୍ଲୀପ ଧଳ କୁହନ୍ତି ଏହା ହତ୍ୟା କି ଆତ୍ମହତ୍ୟା ଏପର୍ଯ୍ୟନ୍ତ ଜଣାପଡ଼ିନି । ତଦନ୍ତ ଚାଲିଛି । ଖୁବଶୀଘ୍ର ଆମେ ସିଦ୍ଧାନ୍ତରେ ଉପନୀତ ହେବୁ ବୋଲି ସେ ମତପ୍ରକାଶ କରିଛନ୍ତି ।

## ସପ୍ତାହର ୭ ଅପରାଧ

### ପ୍ରେମିକା ଓ ସହପାଠୀଙ୍କୁ ଛୁରି ଭୁସି ହତ୍ୟା

ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅନ୍ତର୍ଗତ କଂସିପଡ଼ା ଗ୍ରାମରେ ପ୍ରେମ ଉପରେ ସନ୍ଦେହ କରି ପ୍ରେମିକା ଓ ସହପାଠୀକୁ ସୋମବାର ଛୁରି ଭୁସି ହତ୍ୟା କରିଛି ପ୍ରେମିକ । ମୃତକ ହେଲେ ଲିପ୍ସା କେରକେଟା ଓ ସହପାଠୀ ପ୍ରତାପ ଲାକ୍ରା । ଅଭିଯୁକ୍ତ ରାଜଗାଙ୍ଗପୁର ଜରୁମାଲ ଅଞ୍ଚଳର ରାଜୁ ନାଗକୁ ପୁଲିସ ଗିରଫ କରିଛି ।

### ଗୁଳିମାଡ଼ରେ ଯୁବକ ମୃତ

ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବୁଧବାର ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗରର ତ୍ରିନାଥ ମଲ୍ଲିକଙ୍କୁ ଗୁଳିକରି ହତ୍ୟା କରାଯାଇଛି । ତ୍ରିନାଥ ଏକ ମଣ୍ଡପରେ ବସି ତାସ ଖେଳୁଥିଲେ । ସେହି ସମୟରେ ଜଣେ ଅଜଣା ଦୁର୍ବୃତ୍ତ ଆସି ଅତି ନିକଟରୁ ତାଙ୍କ ମୁଣ୍ଡ ଓ ଛାତିକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ । କବିସୂର୍ଯ୍ୟନଗର ପୁଲିସ ଖୋକା, ମୋବାଇଲ୍, ହଳେ ଜୋତା ଉଦ୍ଧାର କରିବା ସହ ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

### ମହିଳାଙ୍କୁ ଗଣଦୁଷ୍କର୍ମ; ୫ ଗିରଫ

ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗରର ଥାନା ଖଇରାପଲ୍ଲୀ ରାସ୍ତାକଡ଼ରେ ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ ସହ ତାଙ୍କୁ ମାଡ଼ ମାରିବା ଓ ଯୌନାଙ୍ଗରେ ମଦ ବୋତଲ ପୂରାଇବା ଭଳି ଅମାନୁଷିକ ଘଟଣାରେ ପୁଲିସ ଗୁରୁବାର ୫ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କୋଟିନଡ଼ା ଥାନା ଅଧୀନସ୍ଥ ଖାରିଆ ଗ୍ରାମର ସନ୍ତୋଷ ନାୟକ, କବିସୂର୍ଯ୍ୟନଗର ଥାନା ବାଣନଈଖରିଡ଼ା ଗ୍ରାମର ରାଜେନ୍ଦ୍ର ପ୍ରଧାନ, କୋଦଳା ଥାନା ଛଚିନା ଗ୍ରାମର ଟୁଲୁ ପ୍ରଧାନ, ରଣିପଡ଼ା ଗ୍ରାମର ଶୁଭ ମୁନି ଓ ବେଲପଡ଼ା ଗ୍ରାମର ଆଲୋକ ମଲ୍ଲିକ ।

### ବୋମାମାଡ଼ରେ ସାନପୁଅ ମୃତ: ବାପା ଓ ବଡ଼ପୁଅ ଗିରଫ

ଭବାନୀପୁର ପଞ୍ଚାୟତ ଅନ୍ତର୍ଗତ ସାହସପୁର ଶାନ୍ତିନଗର ଦିବ୍ୟସିଂହ ରାଉତରାୟଙ୍କ ମୃତ୍ୟୁ ମାମଲାରେ ବାପା ସଠ ରାଉତରାୟ ଓ ବଡ଼ପୁଅ ସୁବାସ ରାଉତରାୟକୁ ପୁଲିସ ଗିରଫ କରିଛି । ଜମିବାଡ଼ି ବିବାଦକୁ ନେଇ ବାପ ପୁଅମାନଙ୍କ ମଧରେ କଳହ ଲାଗି ରହୁଥିଲା । ପରେ ଦିବ୍ୟସିଂହ ବନ୍ଧୁକ ଧରି ବଡ଼ ଭାଇ ସୁବାସଙ୍କୁ ମାରିବା ପାଇଁ ଗୋଡ଼ାଇ ଥିଲା । ଭୟରେ ସୁବାସ ଏବଂ ତାଙ୍କ ପତ୍ନୀ ଘର ଭିତରେ ଆସି ଗ୍ରିଲ୍ ବନ୍ଦ କରି ଦେଇଥିଲେ । ପରେ ସଠ ସୁବାସଙ୍କ ଘର ଆଡ଼କୁ ବୋମା ପକେଇବାକୁ ଚେଷ୍ଟା କରୁଥିବାବେଳେ ତାହା ସାନ ପୁଅ ଦିବ୍ୟସିଂହ ଉପରେ ପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଥିଲା ।

### ବାପାକୁ ପିଟିପିଟି ହତ୍ୟା

କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ସୁଗୁଡ଼ାବାଡ଼ି ପଞ୍ଚାୟତ ସାନ ପେଟାମହା ଗ୍ରାମରେ ମଙ୍ଗଳବାର ନିଶାରେ ଜଣେ ଯୁବକ ନିଜ ବାପାଙ୍କୁ ପିଟିପିଟି ହତ୍ୟା କରିଛି । ମୃତକ ହେଲେ ହାଡ଼ିପା ପ୍ରଧାନ । ତାଙ୍କ ସାନ ପୁଅ ପାରିବାରିକ କଳହରୁ ରୁକେଶ ପ୍ରଧାନ ଅତି ନିର୍ମମ ଭାବେ ତାଙ୍କୁ ପିଟିପିଟି ହତ୍ୟା କରିଥିବା ଜଣାପଡ଼ିଛି ।

### ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ଫୁଲବାଣୀ ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ରାଜେଶ ଦାଶ ମଙ୍ଗଳବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରକରି ଦୋଷୀକୁ ୨୦ ବର୍ଷ ଜେଲ୍ ଦଣ୍ଡ ଓ ୧ ଲକ୍ଷ ୨୦ ହଜାର ଟଙ୍କା ଜରିମାନାଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୧୩ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ନିର୍ଦ୍ଦେଶ ଦେଇଛନ୍ତି । ଦୋଷୀ ଜଣଙ୍କ ହେଲେ ଟିକାବାଲି ଥାନା ଅଞ୍ଚଳର ବନମାଳୀ ପ୍ରଧାନ । ୨୦୧୮ ମସିହାରେ ସେହି ଅଞ୍ଚଳରୁ ଜଣେ ନାବାଳିକାକୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ବାରମ୍ବାର ଦୁଷ୍କର୍ମ କରିଥିଲେ ।

### ବ୍ଲାକ୍‌ସ୍ମୋକ୍‌ରେ ଧରାପଡ଼ିଲେ ୨ ଗଞ୍ଜେଇ ମାଫିଆ

କମିସନରେଟ୍ ପୁଲିସର ସ୍ୱତନ୍ତ୍ର ଅପରାଧ ଶାଖା ପଞ୍ଝାରେ ଧରାପଡ଼ିଛନ୍ତି ୨ ଗଞ୍ଜେଇ ମାଫିଆ । ଗିରଫ ଦୁଇ ଅଭିଯୁକ୍ତ ହେଲେ କନ୍ଧମାଳ ଜିଲ୍ଲା ଖଜୁରିପଡ଼ାର ସିପୁନ ବେହେରା ଓ ଅନନ୍ତ ଦିଗାଲ । ଅପରେସନ୍ ବ୍ଲାକ୍ସ୍ମୋକ୍ କ୍ରମରେ ପୁଲିସ ସୋମବାର ରାତିରେ ଦୁଇଜଣ ଗଞ୍ଜେଇ ମାଫିଆଙ୍କୁ ୧୬ ନମ୍ବର ଜାତୀୟ ରାଜପଥର ପିତାପଲ୍ଲୀଠାରୁ ଯାଁଳା ପର୍ଯ୍ୟନ୍ତ ପିଛା କରି କରି ସେମାନଙ୍କୁ ଗିରଫ କରିବା ସହ ୧୧୨ କିଲୋଗ୍ରାମ୍ ଗଞ୍ଜେଇ ସହ କାର୍ ଜବତ କରିଛି ।



କେତେକ ବ୍ୟକ୍ତି ପରିବର୍ତ୍ତନ ବିପକ୍ଷରେ ମତ ଦିଅନ୍ତି; କିନ୍ତୁ ବିପର୍ଯ୍ୟୟକୁ ଟାଳିବାକୁ ହେଲେ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ।
-ଏଲନ୍ ମସ୍କ



ସକାଳ
THE SAKALA

# ନ୍ୟାୟିକ ସଂସ୍କାର ମାନବବାଦୀ ହେଉ

ଆମ ଭାରତୀୟ ନ୍ୟାୟିକ ବ୍ୟବସ୍ଥାର ବୈଚିତ୍ର୍ୟ ହେଉଛି - ଲକ୍ଷେ ଦୋଷୀ ପଛେ ଖସି ଯାଆନ୍ତୁ; କିନ୍ତୁ ଜଣେ ନିର୍ଦ୍ଦୋଷ ଦଣ୍ଡ ନପାଉ। ଏହା ଆମ ନ୍ୟାୟିକ ବ୍ୟବସ୍ଥାର ଏକ ଆପ୍ତ କଥନ ଓ ନିର୍ଦ୍ଦୋଷକୁ ସୁରକ୍ଷା ଦେବାର ଏକ ନୈତିକ ଓ ବୈଧାନିକ ପରମ୍ପରା। ବିଚାରରେ ସାକ୍ଷ୍ୟ ପ୍ରମାଣର ଗୁରୁତ୍ୱ ଅଧିକ। ଏହାରି ଆଧାରରେ ଅଭିଯୁକ୍ତମାନେ ଦୋଷୀ/ନିର୍ଦ୍ଦୋଷ ପ୍ରମାଣିତ ହୁଅନ୍ତି। ବିଡ଼ମ୍ବନାର ବିଷୟ ଯେ ସାକ୍ଷ୍ୟ, ପ୍ରମାଣ, ପୁଲିସ୍ ରିପୋର୍ଟ ଓ ଅଭିଯୋଗପତ୍ର ଯଦି ତ୍ରୁଟିପୂର୍ଣ୍ଣ ହେଲା ବା ଅର୍ଥ, ପ୍ରଭାବ ଓ ଅନ୍ୟାନ୍ୟ ବ୍ୟବସ୍ଥା ଦ୍ୱାରା ପ୍ରଭାବିତ ହୋଇ ପାରିଲା, ସେଥିରେ ଦୋଷୀ ଖସିଯିବା ଓ ନିର୍ଦ୍ଦୋଷ ଦଣ୍ଡ ପାଇବା ବିଚିତ୍ର ନୁହେଁ। ନିର୍ଦ୍ଧନ, ନିରପରାଧ ଓ ସାଧାରଣ ମଣିଷଙ୍କୁ ଆଇନର ବ୍ୟବସ୍ଥା ସର୍ବଦା ସୁରକ୍ଷା ଯୋଗାଇ ପାରନ୍ତି ନାହିଁ। କେତେକ କ୍ଷେତ୍ରରେ ଆଇନର ଲମ୍ବାହାତ ପ୍ରକୃତ ଦୋଷୀଙ୍କ ପାଖରେ ପହଞ୍ଚିବାରେ ବିଫଳ ହୁଏ ଏବଂ ପ୍ରଭାବଶାଳୀ, ଧନବାନ ଓ ପାରିବାର ଲୋକେ ପ୍ରମାଣ ଓ ସାକ୍ଷ୍ୟକୁ ନିଜ ସପକ୍ଷରେ ନେଇ ଆଇନଜାଲରେ ଥିବା ଫାଙ୍କ ଦେଇ ଆରାମରେ ଖସି ଯାଆନ୍ତି। ଭାରତରେ ଏଭଳି ଘଟଣା ତ ବିରଳ ନୁହେଁ। ନାଗରିକଙ୍କୁ ଆଇନଗତ ସୁରକ୍ଷା ଓ ଅଧିକାର ଯୋଗାଣର ବ୍ୟବସ୍ଥା ସତ୍ତ୍ୱେ ନିରପରାଧମାନେ ଦଣ୍ଡ ପାଇବା ନିଶ୍ଚିତ ଉଦ୍‌ବେଗଜନକ।

ଏ ସମ୍ପର୍କରେ ଏବେ ଏକ ଖବର ସର୍ବଭାରତୀୟ ସ୍ତରରେ ବିଶେଷ ଚର୍ଚ୍ଚିତ ହେଉଛି। ଛତିଶଗଡ଼ର ରାୟପୁର ଜିଲ୍ଲାର ଜଣେ ଗରିବ ଗ୍ରାମବାସୀ କୌଣସି ଅପରାଧ ନ କରି ମଧ୍ୟ ନରହତ୍ୟା ପରି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ୧୧ ବର୍ଷ ଜେଲଦଣ୍ଡ ଭୋଗ କରିବା ପରେ ଶେଷରେ ସର୍ବୋଚ୍ଚ ଅଦାଲତରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇ ମୁକ୍ତ ହୋଇଛନ୍ତି। ୨୦୧୩ ମାର୍ଚ୍ଚ ୨ ତାରିଖରେ ରତନୁ ଯାଦବ ନାମକ ଏହି ବ୍ୟକ୍ତି ନିଜର ସାବତ ମାଆକୁ ପାଣିରେ ବୁଡ଼ାଇ ହତ୍ୟା କରିଥିବା ଅଭିଯୋଗରେ ଗିରଫ ହୋଇଥିଲା। ନିମ୍ନ ଅଦାଲତ (ଫାଷ୍ଟଟ୍ରାକ୍ କୋର୍ଟ) ମାମଲାର ବିଚାର କରି ଅଭିଯୁକ୍ତକୁ ପ୍ରାୟ ଚାରିମାସ ମଧ୍ୟରେ (୨୦୧୩ ଜୁଲାଇ ୯ରେ) ଯାବଜ୍ଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଅଭିଯୁକ୍ତ ଏହି ରାୟ ବିରୋଧରେ ବିଳାସପୁରସ୍ଥିତ ଛତିଶଗଡ଼ ହାଇକୋର୍ଟରେ ଅପିଲ କରିଥିଲେ ଏବଂ ଉଚ୍ଚ ଅଦାଲତ ୨୦୧୮ ଏପ୍ରିଲ ୭ ତାରିଖରେ ତଳକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ତେଣୁ ବିଚରା ଅଭିଯୁକ୍ତ ଜେଲଦଣ୍ଡ ଭୋଗିଲା।

ସୁପ୍ରିମକୋର୍ଟରେ ମାମଲା ଲଢ଼ିବାକୁ ଏହି ବ୍ୟକ୍ତିଙ୍କର ଅର୍ଥ ନଥିଲା ଏବଂ ତାଙ୍କ ପାଇଁ କୌଣସି ଓକିଲ ମଧ୍ୟ ସର୍ବୋଚ୍ଚ ଅଦାଲତରେ ମାମଲା ଲଢ଼ିବାକୁ ମିଳିନଥିଲେ। ତେବେ ସର୍ବୋଚ୍ଚ ଅଦାଲତ ତଳ କୋର୍ଟର ବିଚାରର କିମ୍ବା ନ୍ୟାୟିକ ସଂବେଦନଶୀଳତା କାରଣରୁ ଏହି ମାମଲାଟିକୁ ତନଖି କରିବା ପାଇଁ ଜଣେ ଓକିଲଙ୍କୁ କୋର୍ଟମିତ୍ର (ଆମିକସ୍ କ୍ୟୁରି) ଭାବେ ନିଯୁକ୍ତି ଦେବା ପରେ ଘଟଣାର ନୂଆ ଦିଗ ଉନ୍ମୋଚିତ ହୋଇଥିଲା। ସମ୍ପୃକ୍ତ ମହିଳା ପାଣିରେ ବୁଡ଼ି ମରିଥିବା କଥା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣା ପଡୁଥିଲେ ମଧ୍ୟ ତାଙ୍କୁ ଜବରଦସ୍ତ କିଏ ପାଣିରେ ବୁଡ଼ାଇ ମାରିଥିବାର ପ୍ରମାଣ ବ୍ୟବଚ୍ଛେଦ ରିପୋର୍ଟରେ ନଥିଲା। ପୂର୍ବରୁ ଯେଉଁ ଦୁଇଜଣ ସାକ୍ଷୀ ରତନୁ ଯାଦବ ସାବତ ମାଆକୁ ବୁଡ଼ାଇ ମାରିଥିଲା ବୋଲି କହିଥିଲେ, ସେ ଦୁଇଜଣ କୋର୍ଟମିତ୍ରଙ୍କ ପାଖରେ ତାଙ୍କ ମତ ବଦଳାଇ ଥିଲେ। ଆହୁରି ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୁଲିସ୍ ନ୍ୟାୟିକ ବ୍ୟବସ୍ଥା ବହିର୍ଭୂତ ଉପାୟରେ ହତ୍ୟାକାଣ୍ଡ ଭିଆଇଥିବା ସ୍ୱୀକାରୋକ୍ତି ତା'ଠାରୁ ଆଦାୟ କରିଥିବା ଜଣାପଡ଼ିଥିଲା। କାରଣ ସାକ୍ଷୀ ଦୁଇଜଣ କହିଥିଲେ ଯେ ସେମାନେ ଏହି ହତ୍ୟାକାଣ୍ଡ ସ୍ୱଚକ୍ଷୁରେ ଦେଖି ନାହାନ୍ତି। ରତନୁ ଯାଦବ ତା' ସାବତ ମା'କୁ ପାଣିରେ ବୁଡ଼ାଇ ହତ୍ୟା କରିଥିବା କଥା ସେ ଦୁଇଜଣଙ୍କୁ କହିଥିଲା। ଏହି ଦୁଇଜଣ ଲୋକ କଥିତ ହତ୍ୟାକାରୀର ଜଣାଶୁଣା ବା ଅତି ପାଖଲୋକ ନଥିଲେ। ଏହାସତ୍ତ୍ୱେ ସେମାନଙ୍କ ଆଗରେ ସେ ହତ୍ୟା କରିଥିବା କଥା କାହିଁକି ସ୍ୱୀକାର କରିବ ତାହା ଥିଲା ଆଇନର ଏକ ଗଣ୍ଠି। କାରଣ ମଣିଷର ସ୍ୱାଭାବିକ ବ୍ୟବହାର ହେଲା ସେ ଯଦି କିଛି ଭୁଲ ଭଟକା କରିଥାଏ, ତାହା ନିକଟତମ ବ୍ୟକ୍ତି ବା ବିଶ୍ୱାସଭାଜନଙ୍କ ପାଖରେ ସ୍ୱୀକାର କରେ, ଅଜଣା ଲୋକଙ୍କ ପାଖରେ କହେ ନାହିଁ। ସୁପ୍ରିମକୋର୍ଟର ଦୁଇ ବିଚାରପତି ଏ ଏସ୍ ଓକା ଓ ରାଜେଶ ବିଣ୍ଡଲ ସାକ୍ଷ୍ୟ ପ୍ରମାଣର ସତ୍ୟତାକୁ ସନ୍ଦେହ କରି ଘଟଣାର ରହସ୍ୟ ଉନ୍ମୋଚନରେ ସଫଳ ହେଲେ ଓ ସମ୍ପୃକ୍ତ ଆସାମୀକୁ ନିର୍ଦ୍ଦୋଷରେ ଖଲାସ କଲେ।

ଏ କ୍ଷେତ୍ରରେ ସର୍ବୋଚ୍ଚ ଅଦାଲତଙ୍କ ଭୂମିକା ଓ ପଦକ୍ଷେପ ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଆମ ବିଚାର ବ୍ୟବସ୍ଥା କେତେ ମନ୍ଥର ଓ ପୁଲିସର ତଦନ୍ତ କେତେ ଉପରଠାଉରିଆ ତାହା ଜଳଜଳ ଦିଶୁଛି। ଏହି ମାମଲାର ବିଚାର ତୁରନ୍ତ ଫାଷ୍ଟଟ୍ରାକ୍ କୋର୍ଟରେ କରାଯିବା ବେଳେ 'ନ୍ୟାୟ ଓ ନିରପେକ୍ଷତାକୁ ଦ୍ରୁତ ହତ୍ୟା' କରାଯାଇଥିବା ମତ ପ୍ରକାଶ ପାଇଛି। ଅନୁସନ୍ଧାନକାରୀ ପୁଲିସ୍ ଚୂଡ଼ାନ୍ତ ଅଭିଯୋଗପତ୍ର ଦାଖଲରେ ନିର୍ଦ୍ଦୋଷକୁ ଦୋଷୀ ସାବ୍ୟସ୍ତ କରିପାରୁଛି ଏବଂ ଏଥିପାଇଁ ମନଗଢ଼ା ସାକ୍ଷ୍ୟ ପ୍ରମାଣ ଯୋଗାଡ଼ କରି ଦାୟିତ୍ୱ ସାରୁଛି। ସେହିଭଳି ଏକ ତଳକୋର୍ଟର ରାୟକୁ ବିଚାର କରିବାକୁ ଛତିଶଗଡ଼ ହାଇକୋର୍ଟ ପାଞ୍ଚବର୍ଷ ସମୟ ନେଇ ଶେଷରେ ତାହାକୁ କାଏମ ରଖିଛନ୍ତି ଓ ନିର୍ଦ୍ଦୋଷ ମୁଦାଲା ଜେଲ୍‌ରେ ଶଢ଼ିଛି। ଏଥିରେ ଉଚ୍ଚ ନ୍ୟାୟାଳୟ ଉପଯୁକ୍ତ ଅଭିନିବେଶ କରିନାହାନ୍ତି। ଶେଷରେ ସର୍ବୋଚ୍ଚ ଅଦାଲତରେ ମାମଲା ଛ'ବର୍ଷ ଧରି ବିଚାରାଧୀନ ରହିବା ପରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛି।

ଏହା ଆମ ଦେଶର ଫୌଜଦାରୀ ବା ଆପରାଧିକ ନ୍ୟାୟ ବ୍ୟବସ୍ଥାର କଚ୍ଛପ ଗତିର ଏକ ସ୍ୱତନ୍ତ୍ର ଉଦାହରଣ। ଆଉ ଏକ କଥା ହେଲା ବିନା ଦୋଷରେ ନିଜର ଜୀବନର ମୂଲ୍ୟବାନ ୧୧ ବର୍ଷ ଜେଲ୍‌ରେ କଟାଇଥିବା ବ୍ୟକ୍ତିକୁ ମାନସିକ, ସାମାଜିକ, ଶାରୀରିକ ଓ ଆର୍ଥିକ କ୍ଷତିପୂରଣ ଦେବ କିଏ? ଭାରତୀୟ ଫୌଜଦାରୀ ଆଇନ ବ୍ୟବସ୍ଥାରେ ତ୍ରୁଟିପୂର୍ଣ୍ଣ ବିଚାର ପାଇଁ କାରାଦଣ୍ଡ ଭୋଗିଥିବା କୌଣସି ନିର୍ଦ୍ଦୋଷ ବ୍ୟକ୍ତି କ୍ଷତିପୂରଣ ପାଇବାକୁ ହକ୍‌ଦାର ନୁହନ୍ତି। ଏହା ବାସ୍ତବରେ ଅତ୍ୟନ୍ତ ଅମାନୁଷିକ ଓ ଅନ୍ୟାୟ। ଭାରତ ସରକାର ନୂଆ ଫୌଜଦାରୀ ଦଣ୍ଡବିଧି (ନ୍ୟାୟ ସଂହିତା) କାର୍ଯ୍ୟକାରୀ କରୁଛନ୍ତି। ଏଭଳି ଘଟଣାରେ କ୍ଷତିଗ୍ରସ୍ତଙ୍କୁ ସୁରକ୍ଷା, ନ୍ୟାୟ ଓ କ୍ଷତିପୂରଣ ଦେବାର ବ୍ୟବସ୍ଥା ହେବା ଆବଶ୍ୟକ। ଆମ ନ୍ୟାୟିକ ସଂସ୍କାର ବ୍ୟବସ୍ଥା ଅଧିକ ମାନବବାଦୀ ଓ ନ୍ୟାୟୋଚିତ ହେଉ।

# ବିପର୍ଯ୍ୟୟ ପରିଚାଳନାର ଆହ୍ୱାନ



ଭାଗିରଥୀ ଜେନା
ନୂଆଦିଲ୍ଲୀ, ମୋ: ୯୮୧୧୬୮୪୩୧

ଜଳବାୟୁ ପରିବର୍ତ୍ତନ, ତାପମାତ୍ରା ବୃଦ୍ଧି, ବୃଷ୍ଟିପାତରେ ଅନିୟମିତତା, ସମୁଦ୍ର ପତ୍ତନ ବୃଦ୍ଧି ଆଦି ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି। ଆଗାମୀ ଦିନରେ ଘୂର୍ଣ୍ଣିବାତ୍ୟା, ଉଷ୍ମ ତରଙ୍ଗ, ବନ୍ୟା, ମରୁଡ଼ି, ବନାଗ୍ନି, ଭୂମିକମ୍ପ ଭଳି ପାଣିପାଗ ସମ୍ବନ୍ଧୀୟ ପ୍ରତିକୂଳ ଘଟଣାଗୁଡ଼ିକର ତୀବ୍ରତା ଆହୁରି ବୃଦ୍ଧି ପାଇବ ବୋଲି ଆକଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବିପର୍ଯ୍ୟୟ ପରିଚାଳନା ଓଡ଼ିଶାରେ ସଦ୍ୟଗଠିତ ନୂତନ ସରକାର ପାଇଁ ଅନେକ ଆହ୍ୱାନ ସୃଷ୍ଟି କରିବ। ପୂର୍ବ ସରକାର ଦ୍ୱାରା ସ୍ଥାପିତ ଭିତ୍ତିପ୍ରସ୍ତର ଉପରେ ନୂତନ ଢଙ୍ଗରେ ଦୃଢ଼ ଢାଞ୍ଚା ସ୍ଥାପନ କରି ଏବଂ ବିପର୍ଯ୍ୟୟ ପରିଚାଳନା ପାଇଁ ମିଳିତ ଜାତିସଂଘର ମାର୍ଗଦର୍ଶିକାକୁ ଗ୍ରହଣ କରି ନୂତନ ପ୍ରଶାସନ ଓଡ଼ିଶାର ଲୋକଙ୍କ ଜୀବନ ଏବଂ ଜୀବିକା ରକ୍ଷା ପାଇଁ କାର୍ଯ୍ୟତତ୍ପର ହୋଇପାରିଲେ ଉପରୋକ୍ତ ସମ୍ଭାବ୍ୟ ବିପର୍ଯ୍ୟୟର ସଫଳ ମୁକାବିଲା ସମ୍ଭବ। ବିପର୍ଯ୍ୟୟରେ 'ଶୂନ୍ୟ ଜୀବନହାନି' ଦିଗରେ ସକ୍ରିୟତା ଓ ଅଙ୍ଗୀକାରବଦ୍ଧତା ଦ୍ୱାରା ନୂତନ ସରକାର ଆହୁରି ଉନ୍ନତ ଢଙ୍ଗରେ ଏହି ଆହ୍ୱାନର ମୁକାବିଲା କରିପାରିବେ। ବିପର୍ଯ୍ୟୟ ପରିଚାଳନାରେ ପୂର୍ବ ସରକାରଙ୍କର ଗଠନମୂଳକ କାର୍ଯ୍ୟଗୁଡ଼ିକୁ ମାନକ ରୂପେ ଗ୍ରହଣ କରି ଓଡ଼ିଶାର ଜନସାଧାରଣ ନବଗଠିତ ସରକାରଙ୍କୁ ତର୍ଜମା, ମୂଲ୍ୟାଙ୍କନ ତଥା ଗଭୀର ଅନୁଧ୍ୟାନ କରିବେ ଏବଂ ଏକ ସୁରକ୍ଷିତ ଭବିଷ୍ୟତ ପ୍ରତି ଆଶାବାଦୀ ରହିବେ। ତେଣୁ ଏହି କ୍ଷେତ୍ରକୁ ପ୍ରାଥମିକତା ଦେବା ନବଗଠିତ ରାଜ୍ୟ ସରକାରଙ୍କ ପାଇଁ ଅପରିହାର୍ଯ୍ୟ।

ବିପର୍ଯ୍ୟୟ ସମୟରେ 'ଶୂନ୍ୟ ଜୀବନହାନି' ଲକ୍ଷ୍ୟ ହାସଲ କରିବାକୁ ପୂର୍ବ ପ୍ରଶାସନର ଅଙ୍ଗୀକାରବଦ୍ଧତାରେ ଏକ ବ୍ୟାପକ ରଣନୀତି ଥିଲା, ଯେଉଁଥିରେ ଦୃଢ଼, ସତର୍କ ଓ ସକ୍ରିୟ ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ (ଆର୍ଲି ୱାର୍ନିଙ୍ଗ ସିଷ୍ଟମ), ସ୍ଥାୟୀ ଭିତ୍ତିଭୂମି, ସମ୍ପ୍ରଦାୟର ସହଭାଗିତା ଓ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଆଦି ଅନ୍ତର୍ଭୁକ୍ତ ଥିଲା। ଏହି ପ୍ରୟାସଗୁଡ଼ିକ ବିପର୍ଯ୍ୟୟ ପରିଚାଳନାରେ ଏକ ଉଚ୍ଚ ମାନ ସ୍ଥିର କରିସାରିଛି। ତେଣୁ ନବଗଠିତ ସରକାର ପାଇଁ ବିପର୍ଯ୍ୟୟ ପରିଚାଳନା ରାସ୍ତା ସନ୍ଧାନକୁ ଅପେକ୍ଷାକୃତ ସହଜ କରିପାରିଛି। ଉଲ୍ଲେଖଯୋଗ୍ୟ ଯେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ପ୍ରମୁଖ ସଚିବ ତଥା ଓଡ଼ିଶାର ଜଣେ ଯୋଗ୍ୟ ବରପୁତ୍ର ଡ. ପି କେ ମିଶ୍ରଙ୍କୁ ଉନ୍ନତ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ୨୦୧୯ ମସିହାରେ ମିଳିତ ଜାତିସଙ୍ଘ ତରଫରୁ ସାସାକାୱା ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କର କାର୍ଯ୍ୟଶୈଳୀ ଓ ରଣନୀତିକୁ ମଧ୍ୟ ନବଗଠିତ ଓଡ଼ିଶା ସରକାର ଉପଯୋଗ କରିପାରିବେ। ଅର୍ଥନୈତିକ ସ୍ତରରେ ଅସମାନତା ଏବଂ ଦାରିଦ୍ର୍ୟ ହ୍ରାସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନୀତି ଭାବରେ ସାମାଜିକ ଅନ୍ତର୍ଭୁକ୍ତୀକରଣ ପ୍ରତି ତାଙ୍କର ବ୍ୟକ୍ତିଗତ ଅଙ୍ଗୀକାରବଦ୍ଧତା, ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ଅବହେଳିତଙ୍କ ପାଇଁ ଏକ ସୁଦୃଢ଼ ସୁରକ୍ଷା ବଳୟ ସୃଷ୍ଟି କରାଯାଇପାରିଲେ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ଦୀର୍ଘମିଆଦୀ ରଣନୀତି ପ୍ରସ୍ତୁତ କରିବାରେ ସହାୟକ ହେବ।

ବର୍ତ୍ତମାନର ସରକାର ବିପର୍ଯ୍ୟୟ ବିପଦ ହ୍ରାସ ଦିଗରେ ସକ୍ରିୟ, ସମାବେଶୀ ଓ ଅଭିନବ ଆଭିମୁଖ୍ୟକୁ ପ୍ରାଥମିକତା ଦେବା ଉଚିତ। ବିପର୍ଯ୍ୟୟ ଜନିତ ବିପଦ ହ୍ରାସ ପାଇଁ ପ୍ରତିରୋଧକାରୀ ପଦକ୍ଷେପ ଏବଂ ପ୍ରସ୍ତୁତି ଉପରେ ବିଶେଷ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ। ବିପର୍ଯ୍ୟୟ ପରିଚାଳନା ଯୋଜନା ଏବଂ କାର୍ଯ୍ୟାନ୍ୱୟନରେ ଜନସମୁଦାୟମାନଙ୍କୁ ସହଭାଗୀ କରିବା ଏକ ଗୁରୁତ୍ୱପୂର୍ଣ୍ଣ କୌଶଳ, ଯାହାଦ୍ୱାରା ସମସ୍ତ ସଦସ୍ୟଙ୍କ ଆବଶ୍ୟକତା ପୂରଣ କରିବା ସୁନିଶ୍ଚିତ କରାଯାଇପାରିବ। ଅଧିକ ସଠିକ୍ ଏବଂ ସମୟୋଚିତ ବିପର୍ଯ୍ୟୟ ଚେତାବନୀ ପାଇଁ ଉନ୍ନତ ପାଣିପାଗ ପ୍ରଯୁକ୍ତି ବିଦ୍ୟାରେ ଅଧିକ ପୁଞ୍ଜି ନିବେଶ ସମେତ ବିପର୍ଯ୍ୟୟ ମୁକାବିଲା ଓ ପୁନରୁଦ୍ଧାର ପ୍ରୟାସକୁ ତ୍ୱରାନ୍ୱିତ କରିବା ପାଇଁ ଯୋଗାଯୋଗ ନେଟୱାର୍କକୁ ସୁଦୃଢ଼ କରିବା ଜରୁରୀ, ଯାହାଦ୍ୱାରା ଆଗୁଆ ଚେତାବନୀ ତୁରନ୍ତ ରାଜ୍ୟର ଦୁର୍ଗମ ଅଞ୍ଚଳରେ ପହଞ୍ଚିପାରିବ। ବିପର୍ଯ୍ୟୟ ପ୍ରଶମନ ପାଇଁ ଭିତ୍ତିଭୂମି ନିର୍ମାଣ ମଧ୍ୟ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବର୍ତ୍ତମାନର ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ବର୍ଷସାରା ରକ୍ଷଣାବେକ୍ଷଣ କରାଯିବା ଉଚିତ ଏବଂ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସର୍ବେକ୍ଷଣ ଆଧାରରେ ଅଧିକ ସରଞ୍ଜାମ-ସୁସଜ୍ଜିତ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବା ଉଚିତ। ବିଭିନ୍ନ ଆବାସ ଯୋଜନାର ଅଂଶବିଶେଷ ସ୍ୱରୂପ ବନ୍ୟା -ପ୍ରତିରୋଧକ ଗୃହ ନିର୍ମାଣ ପାଇଁ ଉନ୍ନତ ବଜେଟ ଆବଣ୍ଟନ ଆବଶ୍ୟକ। ତଟବନ୍ଧ, ନଦୀ ଡ୍ରେଜିଂ, ଡ୍ରେନେଜ୍ ସିଷ୍ଟମ୍ ଏବଂ ସି-ୱାଲ୍‌ରେ ଗୁରୁତ୍ୱପୂର୍ଣ୍ଣ ବିନିଯୋଗ ବନ୍ୟା ଏବଂ ଝଡ଼ର ପ୍ରଭାବକୁ ହ୍ରାସ କରିବାରେ ସହାୟକ ହେବ।

ବିପର୍ଯ୍ୟୟ ପୂର୍ବାନୁମାନ ଏବଂ ପ୍ରଶମନ ବିଷୟକ ଜ୍ଞାନରେ ମଧ୍ୟରେ ତଫାତ୍ ରହିଛି; ତେଣୁ ବିପର୍ଯ୍ୟୟ ପରିଚାଳନାରେ ଉତ୍ତରୋତ୍ତର ଉନ୍ନତି ପାଇଁ ଇଣ୍ଟରନେଟ୍ ଓଭର ଥିଙ୍ଗସ୍ (ଆଇଓଟି), ଇମେଜ୍ ପ୍ରୋସେସିଂ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ), ବିଗ୍ ଡାଟା ଏବଂ ସ୍ମାର୍ଟଫୋନ୍ ଆପ୍ଲିକେସନ୍ ପରି ସୃଜନାତ୍ମକ ଅଭିନବ ପ୍ରଯୁକ୍ତିବିଦ୍ୟାକୁ ଯୋଡ଼ିବା ଉଚିତ। ମାନବ ସମ୍ବଳକୁ ଅଭିନବ ପ୍ରଯୁକ୍ତିବିଦ୍ୟା ସହିତ ଯୋଡ଼ିବା ବିପର୍ଯ୍ୟୟ ପ୍ରଶମନ କ୍ଷମତା ହାସଲ କରିବାର ସର୍ବୋତ୍ତମ ମାର୍ଗ ଅଟେ। ବିପର୍ଯ୍ୟୟ ପ୍ରଶମନ, ପ୍ରସ୍ତୁତି, ପ୍ରତିକ୍ରିୟା ଏବଂ ପୁନରୁଦ୍ଧାର ପାଇଁ ଏହି ଟେକ୍ନୋଲୋଜିର ଲାଭ ଉଠାଇବା ଉଚିତ। ବିପର୍ଯ୍ୟୟ ସମୟରେ ବାସ୍ତବ ସମ୍ୟକ ସୂଚନା ପ୍ରସାର ଏବଂ ସମନ୍ୱୟ ପାଇଁ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ବିଭାଗ ସହଯୋଗରେ ମୋବାଇଲ୍ ଆପ୍ଲିକେସନ୍ ବିକଶିତ ଏବଂ ଏହାର ଅଧିକରୁ ଅଧିକ ବ୍ୟବହାର ପାଇଁ ପ୍ରୋତ୍ସାହିତ କରାଯିବା ଉଚିତ। ବିପର୍ଯ୍ୟୟ ଘଟଣାଗୁଡ଼ିକୁ ହ୍ରାସ କରିବା ପାଇଁ ନିଆଯାଇଥିବା ଦୃଢ଼ ବ୍ୟବସ୍ଥା ଦ୍ୱାରା ରିଲିଫ୍ ପର୍ଯ୍ୟାୟକୁ ଖୁବ ଶୀଘ୍ର ପୁନରୁଦ୍ଧାର ସ୍ଥିତିରେ ରୂପାନ୍ତରିତ କରାଯାଇ ପାରିବ ଏବଂ ଜୀବନଯାତ୍ରାକୁ ଖୁବ ଶୀଘ୍ର ସ୍ୱାଭାବିକ କରାଯାଇପାରିବ।

ବିପର୍ଯ୍ୟୟ ପରିଚାଳନାରେ ପ୍ରଶିକ୍ଷଣ ଏବଂ ଗୋଷ୍ଠୀଗତ ଅଂଶଗ୍ରହଣ ବିପର୍ଯ୍ୟୟ ପରିଚାଳନାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ମହିଳା, ଯୁବକ ଏବଂ ଅନ୍ୟାନ୍ୟ ଦୁର୍ବଳ ଗୋଷ୍ଠୀ, ବିଶେଷକରି ବିଦ୍ୟାଳୟ ଏବଂ କଲେଜ ଛାତ୍ରଛାତ୍ରୀ ଆଦି ଅଂଶୀଦାରମାନଙ୍କୁ ତାଲିମ ପ୍ରଦାନ କରି ସ୍ଥାନୀୟ ବିପର୍ଯ୍ୟୟ ପରିଚାଳନା କମିଟିଗୁଡ଼ିକୁ ସଶକ୍ତ କରାଯିବା ଉଚିତ। ପ୍ରଦର୍ଶନାତ୍ମକ ଅଭ୍ୟାସ (ମକ୍ ଡ୍ରିଲ୍) ପ୍ରଶିକ୍ଷଣ ପ୍ରକ୍ରିୟାର ଏକ ଅଂଶ। ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ସହିତ ସହଯୋଗ ଏବଂ ବିଶ୍ୱର ଦକ୍ଷ କୌଶଳ, ପଦ୍ଧତି, ପ୍ରକ୍ରିୟା ଏବଂ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ସହିତ ଜୀବିକା ପୁନରୁଦ୍ଧାର, ଭିତ୍ତିଭୂମିର ପୁନଃନିର୍ମାଣ ଏବଂ ପ୍ରଭାବିତ ସମ୍ପ୍ରଦାୟମାନଙ୍କୁ ମନସ୍ତାତ୍ତ୍ୱିକ ସହାୟତା ପ୍ରଦାନ ଉପରେ ଧ୍ୟାନକେନ୍ଦ୍ରିତ କରି ବ୍ୟାପକ ପୁନରୁଦ୍ଧାର ଯୋଜନା ବିକଶିତ ଏବଂ କାର୍ଯ୍ୟକାରୀ କରିବା ସହିତ ବିପର୍ଯ୍ୟୟ ସମ୍ବନ୍ଧୀୟ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବାର କ୍ଷମତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରାଯାଇପାରିଲେ ସମ୍ଭାବ୍ୟ ବିପର୍ଯ୍ୟୟକୁ ଅନେକମାତ୍ରାରେ ପ୍ରତିହତ କରାଯାଇପାରିବ।

# ପରା ବିଦ୍ୟା ଓ ଅପରା ବିଦ୍ୟା



ଶ୍ରୀବତ୍ସ ନାୟକ
କଟକ, ମୋ: ୯୪୩୮୦୭୦୮୪୯

ଶିକ୍ଷାର୍ଥୀମାନଙ୍କର ମାନସିକ, ଭୌତିକ, ଆଧ୍ୟାତ୍ମିକ, ସାଂସ୍କୃତିକ ଓ ସାମାଜିକ ବିକାଶ ସହିତ ଆର୍ଥିକ ପ୍ରଗତି ଓ ସାମାଜିକ ଉନ୍ନତି ମାଧ୍ୟମରେ ଏକ ସୁସ୍ଥ ସମୃଦ୍ଧ ରାଷ୍ଟ୍ର ନିର୍ମାଣ ନିମନ୍ତେ ଦେବଭୂମି ଭାରତବର୍ଷରେ ପ୍ରାଚୀନ କାଳରୁ ଏକ ସୁଦୃଢ଼, ସୁଚିନ୍ତିତ, ସୁସଂଗଠିତ ଓ ସୁସଂଯତ ଶିକ୍ଷା ବ୍ୟବସ୍ଥା ପ୍ରଚଳିତ ହୋଇଆସୁଛି। ଏହି ଶିକ୍ଷା ବ୍ୟବସ୍ଥା ଦୁଇଟି ତତ୍ତ୍ୱ ଉପରେ ଆଧାରିତ। ଯଥା 'ପରା ବିଦ୍ୟା' (ପରା ପ୍ରକୃତିରୁ ଜାତ) ଓ 'ଅପରା ବିଦ୍ୟା'(ଅପରା ପ୍ରକୃତିରୁ ଜାତ)। 'ପରା ବିଦ୍ୟା' ଚେତନତତ୍ତ୍ୱ(ଆଧ୍ୟାତ୍ମିକ ବିଦ୍ୟା, ବୁଦ୍ଧି, ମନ, ଚିତ୍ତ, ଆତ୍ମତତ୍ତ୍ୱ ଇତ୍ୟାଦି) ଉପରେ ଏବଂ 'ଅପରା ବିଦ୍ୟା' (ଚିକିତ୍ସାଶାସ୍ତ୍ର, ଯୁଦ୍ଧଶାସ୍ତ୍ର, ବିଜ୍ଞାନ, ବାଣିଜ୍ୟ, ଗଣିତ ବିଦ୍ୟା, ଭୂତତ୍ତ୍ୱ ବିଦ୍ୟା, ପ୍ରାଣୀ ବିଦ୍ୟା, ଉଦ୍ଭିଦ ବିଦ୍ୟା, ବ୍ୟବହାରିକ ବିଦ୍ୟା, ଅର୍ଥଶାସ୍ତ୍ର, କୃଷି ଓ ଗୋପାଳନ ଇତ୍ୟାଦି) ଭୌତିକ ବିଦ୍ୟା ବା ଜଡ଼ତତ୍ତ୍ୱ ଉପରେ ପର୍ଯ୍ୟବସିତ। ଜଡ଼ବସ୍ତୁ ଭାବେ ରକ୍ତ, ମାଂସ, ହାଡ଼, ବାୟୁ, ପାଣି ସ୍ନାୟୁ, ମାଂସପେଶୀକୁ ନେଇ ମଣିଷ ଶରୀର ତିଆରି ହୋଇଥିବା ବେଳେ ତା' ମଧ୍ୟରେ ଏକ କ୍ଷୁଦ୍ରାତିକ୍ଷୁଦ୍ର ଈଶ୍ୱରୀୟ ସତ୍ତା ଭାବେ ଚେତନାର ଇନ୍ଦ୍ରିୟ ଲୁକ୍କାୟିତ ଭାବେ ଅଛି। ଏହି ଜଡ଼ଶରୀର ଓ ଚେତନା ସତ୍ତାର ସମ୍ମିଶ୍ରଣରେ ମନୁଷ୍ୟ ଜୀବନ ସମ୍ଭବପର ହୋଇଥାଏ। ଜଡ଼ ଶରୀର ପାଇଁ ଯେଉଁଭଳି ଜଡ଼ ତତ୍ତ୍ୱର ଗୁରୁତ୍ୱ ରହିଛି, ଅନୁରୂପ ଭାବେ ଚେତନାର ସତ୍ତା ନିମନ୍ତେ ଚେତନ ତତ୍ତ୍ୱର ଆବଶ୍ୟକ ମଧ୍ୟ ରହିଛି। ତେଣୁ ଏକ ସୁସ୍ଥ ଓ ପୂର୍ଣ୍ଣାଙ୍ଗ ବ୍ୟକ୍ତି ନିମନ୍ତେ ଉଭୟ ବିଦ୍ୟା ଅପରିହାର୍ଯ୍ୟ।

ତ୍ରେତୟା ଯୁଗରେ ଶ୍ରୀରାମଚନ୍ଦ୍ରଙ୍କୁ ମହର୍ଷି ବଶିଷ୍ଠ 'ପରା ବିଦ୍ୟା' ଶିକ୍ଷା ଦେଇଥିବା ବେଳେ ମହର୍ଷି ବିଶ୍ୱାମିତ୍ର 'ଅପରା ବିଦ୍ୟା' ସମ୍ପର୍କରେ ଅବଗତ କରାଇଥିଲେ। ଫଳରେ ଶ୍ରେଷ୍ଠ ପୁରୁଷର ଆଖ୍ୟା ବହନ କରିଥିଲେ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର। ସାମ୍ପ୍ରତିକ ପରିସ୍ଥିତିରେ ସମଗ୍ର ମାନବଜାତି 'ଅପରା ବିଦ୍ୟା' ଅଧ୍ୟୟନ କରି ଉଗ୍ର ଆଧୁନିକତାର ଚରମ ସୀମାରେ ପହଞ୍ଚିସାରିଛି। ଅସମ୍ଭବ ମନେ ହେଉଥିବା କାର୍ଯ୍ୟକୁ ସମ୍ଭବପର କରିଛି। ଦିନକୁ ଦିନ ନୂତନତ୍ୱର ସନ୍ଧାନରେ ମତୁଆଲା ହେଉଛି। ମହାକାଶ ଉପରେ ଗବେଷଣା କରୁଛି। କୃଷି କ୍ଷେତ୍ରରେ ଜୈବିକ ସାର ଓ ବିହନର ପ୍ରୟୋଗ କରି କମ୍ ସମୟରେ ଅଧିକ ଉତ୍ପାଦନକ୍ଷମ ହୋଇପାରିଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ମାତ୍ରାଧିକ ପ୍ରୟୋଗ କରି ଶିଳ୍ପ, ସ୍ୱାସ୍ଥ୍ୟ ଓ ଗମନାଗମନ ଆଦି କ୍ଷେତ୍ରରେ ସଫଳତାର ଶିଖର ଛୁଇଁଛି। କିନ୍ତୁ 'ପରା ବିଦ୍ୟା'ର ଅଭାବ ଯୋଗୁଁ ଆମକୁ ଏକ ପୂର୍ଣ୍ଣାଙ୍ଗ ବିକଶିତ ମାନବ ରୂପେ ପରିଗଣିତ କରିବା ଶ୍ରେୟସ୍କର ନୁହେଁ। 'ପରା ବିଦ୍ୟା'କୁ ଉପେକ୍ଷା କରି କେବଳ 'ଅପରା ବିଦ୍ୟା' ଅଧ୍ୟୟନ କରିବା ଦ୍ୱାରା ଆମ ସମାଜରେ ଶିକ୍ଷିତଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଉଥିଲେ ମଧ୍ୟ ଜ୍ଞାନୀଙ୍କ ସଂଖ୍ୟା ନଗଣ୍ୟ ହେଇଯାଉଛି। ଫଳରେ ବିକାଶ ଆଳରେ ଆମେ କେତେ ବିନାଶ କରୁଛେ ତା'ର ଆତ୍ମସମୀକ୍ଷା କରୁନାହୁଁ।

ଗୀତା ଶାସ୍ତ୍ର ଅନୁସାରେ ଅଧ୍ୟାତ୍ମ୍ୟ ବିଦ୍ୟା ହିଁ ହେଉଛି 'ପରା ବିଦ୍ୟା'। ଉପନିଷଦଗୁଡ଼ିକ ଏହାକୁ 'ଆତ୍ମବିଦ୍ୟା' ଓ 'ବ୍ରହ୍ମବିଦ୍ୟା' ବୋଲି ଆଖ୍ୟା ଦେଇଥିବା ବେଳେ ମାର୍କସ୍ ମୁଲର ଏହାକୁ 'ଗୁପ୍ତ ଶିକ୍ଷା' ବା 'ଶ୍ରେଷ୍ଠ ବିଦ୍ୟା' ଭାବେ ଅଭିହିତ କରିଛନ୍ତି। ଅତୀତରେ ପାରମ୍ପରିକ ଗୁରୁକୁଳ ଶିକ୍ଷା ବ୍ୟବସ୍ଥା ଓ ଯୌଥ ପରିବାରରୁ ଏହି ପରାବିଦ୍ୟା ଅଧ୍ୟୟନ କରିବା ବିଦ୍ୟାର୍ଥୀମାନଙ୍କର ନିତ୍ୟନିୟତ କର୍ମ ଥିଲା। ଏହାକୁ ଅଧ୍ୟୟନ କରିବା ଦ୍ୱାରା ଇନ୍ଦ୍ରିୟ ସଂଯମ ହେଉଥିଲା। ମନରେ ମାନବିକ ଭାବନା, ସହନଶୀଳତା, ନିଃସ୍ୱାର୍ଥପରତା, ବିବେକୀ ଓ ସଂଯମୀ ଭାବ ପରିପ୍ରକାଶ ହେବା ଦ୍ୱାରା ବ୍ରହ୍ମଜ୍ଞାନ ପ୍ରାପ୍ତ ହେଉଥିଲା। ଫଳରେ ଏକ ବ୍ୟକ୍ତି ସର୍ବ କୁ-ବନ୍ଧନରୁ ମୁକ୍ତ ହୋଇ ମୋକ୍ଷ ପ୍ରାପ୍ତି ହେଉଥିଲ।

ପରା ବିଦ୍ୟାକୁ ଅଧ୍ୟୟନ କରି ଏହି ଚେତନାର ଇନ୍ଦ୍ରିୟ ମାଧ୍ୟମରେ ମନୁଷ୍ୟ ଜୀବସତ୍ତା ସମ୍ପର୍କରେ ଧାରଣା ସୃଷ୍ଟି କରେ। ଭୁଲ୍-ଠିକ୍‌ର ବିଚାର କରେ। ଈଶ୍ୱରୀୟ ଶକ୍ତିକୁ ଅନୁଭବ କରେ। ଜୀବଜଗତର ସୁରକ୍ଷା କରେ। ସୃଷ୍ଟିର ରହସ୍ୟ ଉନ୍ମୋଚନ କରେ। ଆତ୍ମସମୀକ୍ଷା କରେ। 'ପରା ବିଦ୍ୟା'ର ଅଭାବ ଏହାର ବିପରୀତ କାର୍ଯ୍ୟ ପ୍ରତିଫଳନ କରେ।

ଅପରପକ୍ଷରେ 'ଅପରା ବିଦ୍ୟା' ଅଧ୍ୟୟନ କରିବା ଦ୍ୱାରା ମଣିଷ ଜଡ଼ବସ୍ତୁ ଉପରେ ଆଧିପତ୍ୟ ବିସ୍ତାର କରିଥାଏ। ଏହାକୁ ଆହରଣ କରି ମଣିଷ ତା'ର ଜୀବନକାଳ ମଧ୍ୟରେ ଅନେକ ଅର୍ଥ, ସମ୍ମାନ, କ୍ଷମତା ପ୍ରାପ୍ତି ହୋଇଥାଏ ସତ, କିନ୍ତୁ ତଥାପି ମଣିଷ ସୁଖ, ଶାନ୍ତିରେ ଜୀବନଯାପନ କରିପାରେ ନାହିଁ। ଅହଙ୍କାର, ପରଶ୍ରୀକାତରତାର ବଶବର୍ତ୍ତୀ ହୋଇ କ୍ଷମତାର ମୋହରେ ବନ୍ଧା ପଡ଼ିଛି। ଅର୍ଥ ପିପାସୁ ହୋଇ ମଣିଷ ଅନେକ ଜିନିଷ ପଦାନତ କରିଛି। ସ୍ୱାର୍ଥ ହାସଲ କରିବା ନିମନ୍ତେ ନୀତି ନୈତିକତାକୁ ଦୂରେଇ ଦେଇଛି। ସବୁ ପାଇ ମଧ୍ୟ ଅଭାବ ଅନଟନରେ କାଳାତିପାତ କରୁଛି। ଶିକ୍ଷିତ ହୋଇ ମଧ୍ୟ ଜ୍ଞାନର ଅଭାବ ଦେଖା ଦେଇଛି। ସବୁ ପାଇ ମଧ୍ୟ ଅଭାବ। ସମସ୍ତେ ଥାଇ ମଧ୍ୟ ଏକଲା ଭାବେ ବଞ୍ଚିଛି। ବାସ୍ତବତାକୁ ଅନୁଭବ ନକରି କଳ୍ପନାତୀତ ହୋଇପଡ଼ିଛି। ବିଶ୍ୱର ଅନେକ ବଳଶାଳୀ ଓ ବିତ୍ତଶାଳୀ ଦେଶ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। ଆଣବିକ ଯୁଦ୍ଧାସ୍ତ୍ର, ଉନ୍ନତ ଯାନ୍ତ୍ରିକ ଯୁଦ୍ଧ ବିମାନ, ଲକ୍ଷାଧିକ ପଦାତିକ ବାହିନୀ ସତ୍ତ୍ୱେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି ବିକଶିତ ଦେଶମାନେ। ଏଥିରୁ ଜଣାଯାଏ ଯେ କେବଳ 'ଅପରା ବିଦ୍ୟା' ଅଧ୍ୟୟନ କଲେ ହେବ ନାହିଁ, ବରଂ ସମୟ ଆସିଛି ଆମକୁ ଏ ବିଷୟରେ ଚିନ୍ତା କରିବାକୁ ପଡ଼ିବ।

ଭାଗବତରେ ବର୍ଣ୍ଣିତ ଅଛି, ଅବିଦ୍ୟା ବଳେ ଜୀବ ବନ୍ଦୀ, ଜ୍ଞାନ ଉଦୟେ ସର୍ବସିଦ୍ଧି। ଅର୍ଥାତ୍ 'ଅପରା ବିଦ୍ୟା' ଦ୍ୱାରା ମନୁଷ୍ୟ ବନ୍ଧନଯୁକ୍ତ ହୋଇଥାଏ ଏବଂ 'ପରା ବିଦ୍ୟା' ମାଧ୍ୟମରେ ଜ୍ଞାନ ଉଦୟ ହେଲେ ସର୍ବସିଦ୍ଧି ହୋଇଥାଏ। ତେଣୁ ଯଥାର୍ଥରେ କୁହାଯାଇଛି ଯେ ଯାହା ମଣିଷକୁ ମୁକ୍ତି ପ୍ରଦାନ କରିଥାଏ, ତାହା ହିଁ ବିଦ୍ୟା। ବିଦ୍ୟାକୁ ନେଇ ଭାରତର ଶିକ୍ଷା ପରମ୍ପରା ସମଗ୍ର ବିଶ୍ୱକୁ ଏକ ଅମୂଲ୍ୟ ସନ୍ଦେଶ ଦେଇଛି। ତାହା ହେଲା 'ସର୍ବେ ଭବନ୍ତୁ ସୁଖିନଃ।' ଅର୍ଥାତ ଭାରତ ହେଉଛି ଏକମାତ୍ର ଦେଶ, ଯିଏ କି ସମଗ୍ର ବିଶ୍ୱର ମଙ୍ଗଳ କାମନା କରୁଛି। ତେଣୁ ଆମେ ସେହି ଦେଶର ନାଗରିକ ହୋଇ ଯଦି ପାଶ୍ଚାତ୍ୟ ଦେଶର ଶିକ୍ଷା ବ୍ୟବସ୍ଥାକୁ ଆପଣାଇ ନେବା ତେବେ ଆମେ ଶିକ୍ଷିତ ହୋଇପାରିବା, କିନ୍ତୁ ଆମକୁ ଯେ ଜ୍ଞାନୀ ଭାବେ ବିବେଚନା କରାଯିବ ତାହା ଯଥାର୍ଥ ନୁହେଁ। ଅନ୍ୟପକ୍ଷରେ ଦେଖିଲେ ଭାରତର ଗରିମାମୟ ଶିକ୍ଷା ବ୍ୟବସ୍ଥାରେ ଯେଉଁ 'ପରା ବିଦ୍ୟା' ଓ 'ଅପରା ବିଦ୍ୟା'ର ତତ୍ତ୍ୱ ଅଛି, ତାହାକୁ ନିଶ୍ଚିତ ଭାବେ ଅଧ୍ୟୟନ କଲେ ଏକ ସୁସ୍ଥ ରାଷ୍ଟ୍ର ନିର୍ମାଣ ହୋଇପାରିବ।

ଅଧ୍ୟାପକ, ବାଣିଜ୍ୟ ବିଭାଗ
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ

# ସ୍ୱାସ୍ଥ୍ୟ ସମୃଦ୍ଧିରେ ଗ୍ରୀଷ୍ମମଣ୍ଡଳୀୟ ଫଳ

ଉଷ୍ମମଣ୍ଡଳୀୟ ବା ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁରେ ଉତ୍ପାଦନ ହେଉଥିବା ଫଳଗୁଡ଼ିକ ଏକ ନୈସର୍ଗିକ ଆନନ୍ଦ ପ୍ରଦାନ କରିବା ସହିତ ମନୋରମ ପ୍ରକୃତି ପ୍ରତି ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରେ। ଏହି ଫଳଗୁଡ଼ିକ ଅନିର୍ବଚନୀୟ ସ୍ୱାଦ ସହିତ ଅନେକ ସ୍ୱାସ୍ଥ୍ୟ ଉପକାରୀ ଉପାଦାନର ପ୍ରକୃତିଦତ୍ତ ଏକ ଅପୂର୍ବ ସମାହାର। ତେଣୁ ଗ୍ରୀଷ୍ମଣ୍ଡଳୀୟ ଫଳର ବିବିଧତା ଓ ସମୃଦ୍ଧିକୁ ସ୍ୱୀକୃତି ଓ କୃତଜ୍ଞତା ଜଣାଇବା ପାଇଁ ପ୍ରତିବର୍ଷ ଜୁଲାଇ ୧୮ ତାରିଖକୁ ଆମେ 'ଜାତୀୟ ଟ୍ରପିକାଲ୍ ଫଳ ଦିବସ' ଭାବେ ପାଳନ କରୁ। ଆମ ଖାଦ୍ୟ ତାଲିକାରେ ଏହିସବୁ ଫଳକୁ ସାମିଲ୍ କରିବା ପାଇଁ ଏହି ଦିବସ ଆମକୁ ମନେ ପକାଇଦିଏ। ଜୀବସାର ଓ ଖଣିଜ ଉପାଦାନରେ ଭରପୂର ଏହି ଫଳଗୁଡ଼ିକରେ ଭିଟାମିନ୍ ସି, ଭିଟାମିନ୍ ଏ, ପୋଟାସିୟମ୍ ଏବଂ ଫୋଲେଟ୍ ସହିତ ଆହୁରି ଅନେକ ଉପାଦାନ ରହିଛି, ଯାହା ଆମ ଶରୀରରକୁ ନିରୋଗ ରଖିବା ପାଇଁ ନିତାନ୍ତ ଅତ୍ୟାବଶ୍ୟକ। ଭିଟାମିନ୍ ସି ଆମର ରୋଗପ୍ରତିରୋଧକାରୀ ବ୍ୟବସ୍ଥାକୁ ମଜବୁତ କରେ, କୋଲାଜେନ୍ ଉତ୍ପାଦନକୁ ପ୍ରୋତ୍ସାହିତ କରେ ଏବଂ ଲୌହ ଅବଶୋଷଣରେ ସାହାଯ୍ୟ କରେ। ଭିଟାମିନ୍ ଏ ଦୃଷ୍ଟିଶକ୍ତିକୁ ସୁଦୃଢ଼ କରୁଥିବା ବେଳେ ପୋଟାସିୟମ୍ ରକ୍ତଚାପ ଏବଂ ହୃତ୍‌ପିଣ୍ଡର କାର୍ଯ୍ୟକ୍ଷମତାକୁ ସକ୍ରିୟ ରଖିବାରେ ସାହାଯ୍ୟ କରିଥାଏ। କୋଷ ବିଭାଜନ ଏବଂ ଡିଏନ୍‌ଏ ଉତ୍ପାଦନ ପାଇଁ ଫୋଲେଟ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏକ ସୁସ୍ଥ ହଜମ ପ୍ରକ୍ରିୟାକୁ ବଜାୟ ରଖିବା ଏବଂ କୋଷ୍ଠକାଠିନ୍ୟକୁ ଦୂର କରିବାରେ ଫାଇବର କାର୍ଯ୍ୟ ଅତୀବ ପ୍ରଶଂସନୀୟ। ଏହି ସମସ୍ତ ଉପାଦାନ ଗ୍ରୀଷ୍ମମଣ୍ଡଳୀୟ ଫଳରେ ପ୍ରଚୁର ପରିମାଣରେ ରହିଛି। କଦଳୀ, ଆମ୍ବ ଆଦି ଫଳ ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ, ହୃଦରୋଗର ଆଶଙ୍କା ହ୍ରାସ କରେ ଏବଂ ପୂର୍ଣ୍ଣତାର ଭାବନାକୁ ଦୃଢ଼ୀଭୂତ କରେ। ଟ୍ରପିକାଲ୍ ଫଳଗୁଡ଼ିକରେ ମଧ୍ୟ ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି, ଯାହା ଆମ କୋଷଗୁଡ଼ିକୁ କ୍ଷତିକାରକ ରେଡିକାଲ୍‌ର ପ୍ରଭାବରୁ ସୁରକ୍ଷା ଦିଏ। ଆଣ୍ଟିଅକ୍ସିଡାଣ୍ଟ ମଧ୍ୟ ହୃଦ୍‌ରୋଗ, କର୍କଟ ଏବଂ ସ୍ନାୟୁ ସମ୍ବନ୍ଧିତ ବ୍ୟାଧି ସହିତ ଦୁରାରୋଗ୍ୟ ବ୍ୟାଧିର ଆଶଙ୍କା ହ୍ରାସ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅନେକ ଟ୍ରପିକାଲ୍ ଫଳ ଯେପରିକି ତରଭୁଜ ଓ ଧନିଆ ପତ୍ରରେ ଜଳର ମାତ୍ରା ଅଧିକ ଥାଏ, ଯାହାର ସେବନ ଦ୍ୱାରା ଶରୀରେ ଜଳୀୟ ଅଂଶ ହ୍ରାସ ଜନିତ ପ୍ରଭାବ ଦେଖାଯାଏ ନାହିଁ। ଏହାସହିତ ସେଗୁଡ଼ିକରେ ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଭଳି ଅତ୍ୟାବଶ୍ୟକ ଇଲେକ୍ଟ୍ରୋଲାଇଟ୍ ଥାଏ, ଯାହା ଶରୀରରେ ତରଳ ଜୈବ-ରାସାୟନିକ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରେ ଏବଂ ସ୍ନାୟୁ, ମାଂସପେଶୀକୁ ସଦା ସଚଳ ଓ ଚଞ୍ଚଳ କରିବାରେ ସହାୟକ ହୁଏ।

ଖାଦ୍ୟରେ ଟ୍ରପିକାଲ୍ ଫଳଗୁଡ଼ିକୁ ସାମିଲ୍ କରିବା ଦ୍ୱାରା ବିଶୋଧିତ ଶର୍କରା ଉପରେ ନିର୍ଭରଶୀଳତା ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏଗୁଡ଼ିକୁ ସିଧାସଳଖ ଖାଇବା ସହିତ ସାଲାଡ୍ ଆକାରରେ ଓ ପାକ ପ୍ରଣାଳୀରେ ପ୍ରସ୍ତୁତ କରି ଗ୍ରହଣ କରାଯାଇପାରିବ। ଏହା ମୁଖସ୍ୱାଦ ବୃଦ୍ଧି ସହିତ ଖାଦ୍ୟ ଚାହିଦା ପୂରଣ କରେ। ଏହିସବୁ ଗୁଣବତ୍ତା ପାଇଁ ଏବେ ନାତିଶିତୋଷ୍ଣ ଓ ଶୀତପ୍ରଧାନ ଜଳବାୟୁରେ ମଧ୍ୟ ଏହି ଫଳକୁ କୃତ୍ରିମ ପରିବେଶରେ ଚାଷ କରାଯାଉଛି। - ସୁ.ନା.ପା.

# ଲେଖକ/ଲେଖିକାଙ୍କ ନିମନ୍ତେ ବିଶେଷ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।

୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।

୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।

୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।

୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।

୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।

୭-'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

## ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ

ଯାଜପୁର, ୧୭ ।୭ (ସମିସ): ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତକୁ ଜିଲ୍ଲା ସ୍ୱତନ୍ତ୍ର ପକ୍ସୋ କୋର୍ଟ ୨୦ ବର୍ଷ କାରାଦଣ୍ଡାଦେଶ ଦେବା ସହିତ ୧ ହଜାର ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ ମାସ କାରାଦଣ୍ଡ ଭୋଗିବା ନେଇ ରାୟରେ ଉଲ୍ଲେଖ ରହିଛି।



ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଲାଲବାଗ ଗ୍ରାମର ନିର୍ମଳ ମଲ୍ଲିକ(୫୫) ଜଣେ ନାବାଳିକାଙ୍କୁ ୨୦୨୧ ସେପ୍ଟେମ୍ବର ୨୦ ତାରିଖ ମଧ୍ୟାହ୍ନରେ ଶୌଚ ହେବାକୁ ପଡ଼ିଆକୁ ଯାଇଥିବାବେଳେ ତାଙ୍କୁ ଦୁଷ୍କର୍ମ କରିଥିଲା। ଏ ସମ୍ପର୍କରେ ପରିବାରକୁ କହିଲେ ଜୀବନରୁ ମାରିଦେବାକୁ ଅଭିଯୁକ୍ତ ନିର୍ମଳ ନାବାଳିକାଙ୍କୁ ଧମକ ଦେଇଥିଲା। ନାବାଳିକା ଘରକୁ ଫେରି ମାଆକୁ ସମସ୍ତ କଥା କହିବା ପରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତି କରି ମଙ୍ଗଳପୁର ପୁଲିସ ୪୫୭/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ୬ ଜଣ ସାକ୍ଷ୍ୟ ଓ ବୟାନ ଆଧାରରେ ସ୍ୱତନ୍ତ୍ର ପକ୍ସୋ ବିଚାରପତି ଶରତ କୁମାର ଦେହୁରୀ ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡାଦେଶ ଶୁଣାଇବା ସହିତ ୧ ହଜାର ଟଙ୍କା ଜରିମାନା ପାଇଁ ରାୟ ଦେଇଛନ୍ତି। ଜରିମାନା ଅନାଦେୟ ୧ ମାସ ଅଧିକ କାରାଦଣ୍ଡାଦେଶ ଭୋଗିବା ନେଇ ରାୟ ଶୁଣାଇଛନ୍ତି। ଏହି ମାମଲାରେ ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାକୁ ୭ ଲକ୍ଷ ଟଙ୍କା ସହାୟତା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ପାର୍ଥ ରାୟ ମାମଲା ପରିଚାଳନା କରିଥିଲେ।

**ନାବାଳିକା ଦୁଷ୍କର୍ମ ଘଟଣା**

## ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ, ୧ ଲକ୍ଷ ୨୦ ହଜାର ଜରିମାନା

ଯାଜପୁର, ୧୭ ।୭(ସମିସ): ଜଣେ ଅନୁସୂଚିତ ଜାତି ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଯାଜପୁର ପକ୍ସୋ ସ୍ୱତନ୍ତ୍ର ବିଚାରପତି ଅଭିଜିତ ପଲେଇ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ ଲକ୍ଷ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ଜରିମାନା ଅନାଦେୟରେ ଅଭିଯୁକ୍ତ ଅଧିକ ଦେଢ଼ ବର୍ଷ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ ରହିଛି।



ଯାଜପୁର ଥାନା ଅନ୍ତର୍ଗତ ଅକରପଡ଼ା ଗ୍ରାମର ପାନ ଦୋକାନୀ ଶମ୍ଭୁନାଥ ମଲ୍ଲିକଙ୍କ ଦୋକାନକୁ ୨୦୨୨ ନଭେମ୍ବର ମାସ ୨୭ ତାରିଖ ମଧ୍ୟାହ୍ନରେ ଜଣେ ନାବାଳିକା ଯାଇଥିବାବେଳେ ତାକୁ ଏକୁଟିଆ ଦେଖି ଦୋକାନ ଭିତରକୁ ନେଇ ସେ ଦୁଷ୍କର୍ମ କରିଥିଲା। ଏହି ସମୟରେ ନାବାଳିକାକୁ ଖୋଜି ଖୋଜି ବଡ଼ ଭଉଣୀ ଦୋକାନ ଭିତରେ ଉଭୟଙ୍କୁ ଅସଂଯତ ଅବସ୍ଥାରେ ଦେଖିଥିଲା। ସେଦିନ ପରିବାର ଲୋକେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଲିଖିତ ଅଭିଯୋଗକୁ ଭିତ୍ତି କରି ୪୩୨/୨୨ରେ ରୁଜୁ କରିବା ସହ ତତ୍କାଳୀନ ଯାଜପୁର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲାର ବୁଧବାର ଚୂଡ଼ାନ୍ତ ଶୁଣାଣି କରି ୧୮ ଜଣ ସାକ୍ଷ୍ୟ ଓ ବୟାନକୁ ଭିତ୍ତି କରି ସ୍ୱତନ୍ତ୍ର ପକ୍ସୋ ବିଚାରପତି ଶ୍ରୀ ପଲେଇ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ ଲକ୍ଷ ୨୦ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ହେଲେ ଅଧିକ ଦେଢ଼ ବର୍ଷ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ୭ ଲକ୍ଷ ଟଙ୍କା ପୀଡ଼ିତାଙ୍କୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ମାମଲା ପରିଚାଳନା କରିଥିଲେ।

**ନବୀନଙ୍କ ଛାୟା କ୍ୟାବିନେଟ**

## କାହାକୁ କେଉଁ ବିଭାଗ

| ବିଧାୟକ | ବିଭାଗ |
|---|---|
| ରଣେନ୍ଦ୍ର ପ୍ରତାପ ସ୍ୱାଇଁ | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା |
| ପ୍ରମିଳା ମଲ୍ଲିକ | ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସଂସଦୀୟ ବ୍ୟାପାର |
| ବଦ୍ରି ନାରାୟଣ ପାତ୍ର | ମହିଳା ଓ ଶିଶୁ ବିକାଶ |
| ନିରଞ୍ଜନ ପୂଜାରୀ | ଗୃହ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ |
| ଅଶ୍ୱିନୀ କୁମାର ପାତ୍ର | ହସ୍ତତନ୍ତ, ବୟନଶିଳ୍ପ |
| ପ୍ରତାପ କେଶରୀ ଦେବ | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ |
| ଅରୁଣ କୁମାର ସାହୁ | ଜଳସମ୍ପଦ |
| ସାରଦା ପ୍ରସାଦ ନାୟକ | ଶିଳ୍ପ |
| ପ୍ରସନ୍ନ ଆଚାର୍ଯ୍ୟ | ଅର୍ଥ |
| ବ୍ରଜ କିଶୋର ପ୍ରଧାନ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| ରାଜେନ୍ଦ୍ର ଢୋଲକିଆ | ଗଣଶିକ୍ଷା |
| ମନୋହର ରାନ୍ଧାରୀ | ଅନୁସୂଚିତ ଜନଜାତି |
| ଯୋଗେଶ କୁମାର ସିଂହ | ଅନୁସୂଚିତ ଜନଜାତି |
| ବ୍ୟୋମକେଶ ରାୟ | ପୂର୍ତ୍ତ |
| ଦିବ୍ୟ ଶଙ୍କର ମିଶ୍ର | ଶକ୍ତି |
| ଗଣେଶ୍ୱର ବେହେରା | ଇସ୍ପାତ ଓ ଖଣି |
| ବର୍ଷା ସିଂହ ବରିହା | ମିଶନ ଶକ୍ତି |
| ସନାତନ ମହାକୁଡ଼ | କୃଷି ଓ କୃଷକ ସଶକ୍ତୀକରଣ |
| ସଞ୍ଜିବ କୁମାର ମଲ୍ଲିକ | ଏମଏସଏମଇ |
| କଳିକେଶ ନାରାୟଣ ସିଂହଦେଓ | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା |
| ଅଧିରାଜ ମୋହନ ପାଣିଗ୍ରାହୀ | ଆଇନ |
| ପ୍ରଦୀପ କୁମାର ଦିସାରୀ | ଅନୁସୂଚିତ ଜାତି |
| ଚକ୍ରମଣି କହଁର | ଅନୁସୂଚିତ ଜନଜାତି |
| ଦେବୀ ରଞ୍ଜନ ତ୍ରିପାଠୀ | ଗ୍ରାମ୍ୟ ଉନ୍ନୟନ |
| ସୌଭିକ୍ ବିଶ୍ୱାଳ | ଏସ୍‌ଏସ୍‌ଇପିଡି |
| ପ୍ରଶାନ୍ତ ବେହେରା | ଅବକାରୀ |
| ଧ୍ରୁବଚରଣ ସାହୁ | ପର୍ଯ୍ୟଟନ |
| ତୁଷାରକାନ୍ତି ବେହେରା | ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ |
| ଅନନ୍ତ ନାରାୟଣ ଜେନା | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ |
| ସୁଶାନ୍ତ କୁମାର ରାଉତ | କ୍ରୀଡ଼ା ଓ ଯୁବବ୍ୟାପାର |
| ବିଭୂତି ଭୂଷଣ ବଳବନ୍ତରାୟ | ବାଣିଜ୍ୟ ଓ ପରିବହନ |
| ରମେଶ ଚନ୍ଦ୍ର ବେହେରା | ଉଚ୍ଚଶିକ୍ଷା |
| ରୋହିତ ଯୋସେଫ୍ ତିର୍କୀ | ସଂଖ୍ୟାଲଘୁ ବ୍ୟାପାର |
| ସୁଦର୍ଶନ ହରିପାଲ୍ | ହସ୍ତତନ୍ତ |
| ରୋମାଞ୍ଚ ରଞ୍ଜନ ବିଶ୍ୱାଳ | ଯୋଜନା ଓ ସଂଯୋଜନା |
| ଅଭିମନ୍ୟୁ ସେଠୀ | ପୂର୍ତ୍ତ |
| ଗୌତମବୁଦ୍ଧ ଦାସ | ସୂଚନ ଓ ଲୋକସମ୍ପର୍କ |
| ସୁବାଷିନୀ ଜେନା | ମତ୍ସ୍ୟ ଓ ପଶୁ ସମ୍ପଦ |
| ମାଧବ ଧଡ଼ା | ବିଜ୍ଞାନ ଓ କାରିଗରୀ ଜ୍ଞାନକୌଶଳ |
| ବିଶ୍ୱ ରଞ୍ଜନ ମଲ୍ଲିକ | ଶ୍ରମ ଓ ଇଏସଆଇ |
| ସୁଜାତା ସାହୁ | ମିଶନ ଶକ୍ତି |
| ନଳିନୀକାନ୍ତ ପ୍ରଧାନ | ଗୃହ ନିର୍ମାଣ ଓ ନଗର ଉନ୍ନୟନ |
| ମନୋରମା ମହାନ୍ତି | ମହିଳା ଓ ଶିଶୁ ବିକାଶ |
| ଅରବିନ୍ଦ ମହାପାତ୍ର | ଇଲୋକ୍ଟ୍ରୋନିକ୍ସ ଏବଂ ଆଇଟି |
| ରମାକାନ୍ତ ଭୋଇ | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ |
| ସାରଦା ପ୍ରସନ୍ନ ଜେନା | ସମବାୟ |
| ସୁନୀଲ କୁମାର ମହାନ୍ତି | ପର୍ଯ୍ୟଟନ |
| ନବକିଶୋର ମଲ୍ଲିକ | ଗ୍ରାମ୍ୟ ଉନ୍ନୟନ |
| ପ୍ରଦୀପ କୁମାର ସାହୁ | ଗୃହ ନିର୍ମାଣ ଓ ନଗର ଉନ୍ନୟନ |
| ରୁପେଶ କୁମାର ପାଣିଗ୍ରାହୀ | ଗଣଶିକ୍ଷା |

## ଭଙ୍ଗ ହେଲା ରାଜ୍ୟ ଯୋଜନା ବୋର୍ଡ

ଭୁବନେଶ୍ୱର, ୧୭।୭(ସମିସ): ଭଙ୍ଗ ହୋଇଛି ରାଜ୍ୟ ଯୋଜନା ବୋର୍ଡ। ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେବା ପରେ ରାଜ୍ୟ ଯୋଜନା ବୋର୍ଡ ଭଙ୍ଗ ହୋଇଛି। ରାଜ୍ୟରେ ଦୀର୍ଘ ଦିନ ହେବ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦ ଖାଲି ପଡ଼ିଥିଲା। ଶେଷଥର ପାଇଁ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଏହି ପଦବୀରେ ରହି ଦାୟିତ୍ୱ ତୁଲାଇଥିଲେ। ଉପାଧ୍ୟକ୍ଷ ପଦ ସହ ଜିଲ୍ଲାଗୁଡ଼ିକରେ ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ବହୁ ବିଧାୟକ ଦାୟିତ୍ୱ ତୁଲାଉଥିଲେ। ଏବେ ରାଜ୍ୟରେ ନୂଆ ସରକାର ଗଠନ ପରେ ଏହି ବୋର୍ଡକୁ ଭଙ୍ଗ କରିଛନ୍ତି।

## ୨୦ରେ ବିଜେଡି ବିଧାୟକ ଦଳ ବୈଠକ

ଭୁବନେଶ୍ୱର, ୧୭ ।୭ (ସମିସ): ଆସନ୍ତା ୨୦ ତାରିଖରେ ବସିବ ବିଜେଡି ବିଧାୟକ ଦଳ ବୈଠକ। ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ବିଧାନସଭାରେ ଦଳର ରଣନୀତି ସମ୍ପର୍କରେ ବିଧାୟକମାନଙ୍କୁ ପରାମର୍ଶ ଏବଂ ନିର୍ଦ୍ଦେଶ ଦେବେ। ଓଡ଼ିଶା ଏବଂ ଲୋକଙ୍କ ସ୍ୱାର୍ଥ ପାଇଁ ସପ୍ତଦଶ ବିଧାନସଭାରେ ଦଳ କେଉଁ ପ୍ରସଙ୍ଗ ଉଠାଇବ, କେଉଁ ପ୍ରସଙ୍ଗରେ ସରକାରଙ୍କୁ ଘେରିବ ତାହାର ରୂପରେଖ ପ୍ରସ୍ତୁତ କରାଯିବ। ବିଧାନସଭାରେ ବିଜେଡି କିପରି ଲୋକଙ୍କ ସ୍ୱର ସାଜିବ ତାହା ଉପରେ ସବିଶେଷ ଆଲୋଚନା ହେବ। ୨୪ ବର୍ଷର ଶାସନ ପରେ ପ୍ରଥମ ଥର ୫୧ ବିଧାୟକଙ୍କୁ ନେଇ ବିଜେଡି ବିରୋଧୀ ଆସନରେ ବସିବାକୁ ଯାଉଛି।

**ବାଗ୍‌ଚୀ ଶ୍ରୀ ଶଙ୍କରା କର୍କଟ ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର**

## ଦିନକ ପରେ ସ୍ୱାଭାବିକ ଅବସ୍ଥାକୁ ଫେରିଲେ ରୋଗୀ

ଭୁବନେଶ୍ୱର, ୧୭ ।୭ (ସମିସ): ଭୁବନେଶ୍ୱର ସ୍ଥିତ ବାଗଚୀ ଶ୍ରୀ ଶଙ୍କରା କର୍କଟ ହସ୍ପିଟାଲର ଡାକ୍ତରମାନେ ବିରଳ ଅସ୍ତ୍ରୋପଚାର ଜରିଆରେ ଜଣେ କର୍କଟ ରୋଗୀଙ୍କ ଜୀବନ ରକ୍ଷା କରିଛନ୍ତି। ଲାପ୍ରୋସ୍କୋପିକ୍ ପଦ୍ଧତି ଜରିଆରେ ରୋଗୀଙ୍କ ପେଟ, ପେଲ୍‌ଭିକ୍ ପ୍ଲିହା, ଅଣ୍ଟା ଏବଂ ଜଂଘ ଭିତରେ ଥିବା ସମସ୍ତ କର୍କଟ ସଂକ୍ରମିତ ଅଙ୍ଗକୁ ହଟାଇବାରେ ଚିକିତ୍ସକମାନେ ସଫଳ ହୋଇଛନ୍ତି। ସୂଚନା ଅନୁସାରେ ଜଣେ ୫୨ ବର୍ଷିୟ ବ୍ୟକ୍ତି ନିଜର ଡାହାଣ ପାର୍ଶ୍ୱ ଅଣ୍ଟାରେ ଅସହ୍ୟ ଯନ୍ତ୍ରଣା ସହିତ ବାଗ୍‌ଚୀ ଶ୍ରୀ ଶଙ୍କରା କର୍କଟ ଡାକ୍ତରଖାନାକୁ ଆସିଥିଲେ। ଏହା ପୂର୍ବରୁ ସେ ବିଭିନ୍ନ ଡାକ୍ତରଖାନାରୁ ନିରାଶ ହୋଇ ଫେରିଥିଲେ। ସେଠାରେ ଜଣାପଡ଼ିଥିଲା ଯେ ମେସୋଥେଲିଓମା ନାମକ ଟେଷ୍ଟିକୁଲାର ଭଳି ଏକ ବିରଳ କର୍କଟ ରୋଗରେ ସେ ଆକ୍ରାନ୍ତ ଅଛନ୍ତି। ତାଙ୍କ ଜଂଘ ଏବଂ ପେଟ ଭିତରେ ଥିବା ଏକ ରକ୍ତବାହୀ ନଳୀ ଓ ପେଟ ଭିତରେ ଥିବା ଲସିକା ଗ୍ରନ୍ଥିରେ ଏକ ଟ୍ୟୁମର ଚାପି ହୋଇ ରହିଥିଲା। ତାଙ୍କୁ ପ୍ରଥମେ କେମୋ ଥେରାପି ଦିଆଯିବା ପରେ ଲାପ୍ରୋସ୍କୋପିକ୍ ଜରିଆରେ ଅସ୍ତ୍ରୋପଚାର କରାଯାଇଥିଲା। ଲାପ୍ରୋସ୍କୋପିକ୍ ଏବଂ ଆନାସ୍ଥେସିଆ ଜରିଆରେ ଏପରି ଅସ୍ତ୍ରୋପଚାର ବହୁତ ବିରଳ ଏବଂ କର୍କଟ ରୋଗୀଙ୍କ କ୍ଷେତ୍ରରେ ଓଡ଼ିଶାରେ ପ୍ରଥମ ବୋଲି କୁହାଯାଇଛି। ଅସ୍ତ୍ରୋପଚାରର ପର ଦିନ ହିଁ ରୋଗୀ ଜଣଙ୍କ ସ୍ୱାଭାବିକ ଭାବେ ଚାଲିବା, ଖାଇବା ଏବଂ ବସିବାରେ ସକ୍ଷମ ହୋଇଥିଲେ। ଅସ୍ତ୍ରୋପଚାରର ତିନି ଦିନ ପରେ ତାଙ୍କୁ ଡାକ୍ତରଖାନାରୁ ଛାଡ଼ ମିଳିଥିଲା। ଚିକିତ୍ସା କରିଥିବା ଡାକ୍ତରଙ୍କ ମତରେ ଏହି ରୋଗ ଅତ୍ୟନ୍ତ ଜଟିଳ ଏବଂ ବିରଳ। କିନ୍ତି ରୋଗୀ ଜଣକ ରୋଗ ଉପଶମ ପାଇଁ ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କରିଥିଲେ, ଯଦ୍ୱାରା ଆମେ ଅସ୍ତ୍ରୋପଚାର ପାଇଁ ପଦକ୍ଷେପ ନେଇଥିଲୁ। ଡାକ୍ତରଖାନାର ଚିକିତ୍ସା ନିର୍ଦ୍ଦେଶକ ଡାକ୍ତର ଲଲାଟେନ୍ଦୁ ଷଡ଼ଙ୍ଗୀ ଡାକ୍ତରୀ ଦଳଙ୍କ ଏପରି ଉଦ୍ୟମକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଅନ୍ୟମାନଙ୍କ ପାଇଁ ଏହା ପ୍ରେରଣାଦାୟକ ହେବ ବୋଲି କହିଛନ୍ତି। ଡାକ୍ତର ରାହୁଲ ଜେନା, ଡାକ୍ତର ଉଷାଶ୍ରୀ ଦାସ, ଡାକ୍ତର ନୁପୁର ମୋଡାଙ୍କ ନେତୃତ୍ୱରେ ଗଠିତ ଡାକ୍ତରୀ ଦଳଙ୍କ ଜରିଆରେ ଏହି ଅସ୍ତ୍ରୋପଚାର କରାଯାଇଥିଲା।

# ଅବଶିଷ୍ଟାଂଶ...

## ରତ୍ନାଳଙ୍କାରରେ ଝଲସିଲେ...

ହେବାକୁ ଥିବାବେଳେ ଏହାର କିଛି ସମୟ ପୂର୍ବରୁ ଶ୍ରୀବିଗ୍ରହମାନଙ୍କୁ ସ୍ୱର୍ଣ୍ଣ, ରୁପା ଆଦି ମୂଲ୍ୟବାନ ଧାତୁଖଚିତ ଅଳଙ୍କାରରେ ବେଶ କରିଥିଲେ ପୁଷ୍ପାଳକ ସେବକ। ସେମାନଙ୍କୁ ଅନ୍ୟ ସେବକ ସହଯୋଗ କରିଥିଲେ। ସନ୍ଧ୍ୟା ୬ଟା ସୁଦ୍ଧା ଠାକୁରମାନେ ସୁନାବେଶରେ ସଜ୍ଜିତ ହୋଇଥିଲେ। ଶ୍ରୀବିଗ୍ରହମାନଙ୍କ ଶ୍ରୀମସ୍ତକରେ କିରୀଟ, ଗଳାରେ ମାଳା, ଓଡ଼ିଆଣୀ, କାନକୁଣ୍ଡଳ ଆଦି ଧାରଣ କରିଥିଲେ। ବଡ଼ଠାକୁର ଏବଂ ଶ୍ରୀଜଗନ୍ନାଥଙ୍କୁ ଶ୍ରୀହସ୍ତ, ଶ୍ରୀପୟର, ହଳମୂଷଳ, ଶଙ୍ଖ, ଚକ୍ର ଆଦି ଲାଗି କରାଯାଇଥିଲା। ସୁନାବେଶରେ ଥାଇ ରଥ ଉପରେ ହିଁ ଠାକୁରମାନଙ୍କ ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ବଢ଼ିଥିଲା। ରାତିରେ ସୁନାବେଶ ମଇଲମ ପରେ ରଥାରୂଢ଼ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

ରତ୍ନସିଂହାସନରେ ସୁନାବେଶ ବେଳେ ଠାକୁର ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରିଥାନ୍ତି। କିନ୍ତୁ ରଥାରୂଢ଼ ଠାକୁରଙ୍କ ସୁନାବେଶର ବିଶେଷତ୍ୱ ହେଉଛି ଏହି ବେଶରେ ମହାପ୍ରଭୁ ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରି ନ ଥାନ୍ତି। ରଥାରୂଢ଼ ଠାକୁର ସୁନାବେଶରେ ସୋଲର ଚିତା ଧାରଣ କରିଥାନ୍ତି। ତେବେ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ପ୍ରଶାସନ ପକ୍ଷରୁ ସିଂହଦ୍ୱାର ରଥ ପାଖରୁ ମାର୍କେଟ ଛକ ପର୍ଯ୍ୟନ୍ତ ବ୍ୟାରିକେଡ କରାଯାଇଥିଲା। ଭକ୍ତମାନେ ଏକମୁହାଁ ହୋଇ ସିଂହଦ୍ୱାର ଅଭିମୁଖେ ଚାଲିଥିଲେ। ବାମପାଶ୍ୱର୍ରେ ଦଣ୍ଡାୟମାନ ନନ୍ଦିଘୋଷ କଡ଼ ଦେଇ ଡାହଣକୁ ବୁଲି ସମ୍ମୁଖ ଭାଗରୁ ରଥାରୂଢ଼ ଠାକୁରଙ୍କୁ ସୁନାବେଶ ଦର୍ଶନ କରିଥିଲେ। ତାଳଧ୍ୱଜ ରଥ ପାଶ୍ୱର୍ଦେଇ ପୁନଶ୍ଚ ବଡ଼ଦାଣ୍ଡକୁ ଆସି ନିଜନିଜ ଗନ୍ତବ୍ୟ ସ୍ଥଳକୁ ଫେରିଯାଉଥିଲେ। ହରିବୋଲ, ‘ଜୟ ଜଗନ୍ନାଥ’ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ।

## ନବୀନ ଗଢ଼ିଲେ...

ବର୍ଦ୍ଧନ ସିଂହଦେଓଙ୍କୁ ଛାଡ଼ି ଦେଲେ ମନ୍ତ୍ରିମଣ୍ଡଳର କୌଣସି ସଦସ୍ୟଙ୍କର ମନ୍ତ୍ରୀ ଭାବେ ଅଭିଜ୍ଞତା ନାହିଁ। ଏମିତି କି ମୁଖ୍ୟମନ୍ତ୍ରୀ ମଧ୍ୟ ପୂର୍ବରୁ କେବେ ମନ୍ତ୍ରୀ ହୋଇନାହାନ୍ତି। ପ୍ରଥମ ଥର ପାଇଁ ଏଭଳି ଗୁରୁତ୍ୱପୂର୍ଣ୍ଣ ପଦ ସହ ଅନଭିଜ୍ଞ ମନ୍ତ୍ରୀମାନଙ୍କୁ ବିଜେଡି ଗୋଡ଼େ ଗୋଡ଼େ ଜଗିବା ପାଇଁ ନିଷ୍ପତ୍ତି ନେଇଛି।

ଏହା ସହ ବିଧାନସଭାରେ ନିଜ ବିଭାଗ ସମ୍ପର୍କିତ ପ୍ରସଙ୍ଗରେ ଲୋକଙ୍କ ସ୍ୱାର୍ଥ ସମ୍ବଳିତ ଲଢ଼େଇ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନେକ ପ୍ରମୁଖ ବିଭାଗର ଦାୟିତ୍ୱ ଏକାଧିକ ବିଧାୟକଙ୍କୁ ପ୍ରଦାନ କରାଯାଇଛି। ବିଧାନସଭାରେ ବିରୋଧୀ ଦଳ ବିଜେଡିକୁ ଅଧିକ ଦକ୍ଷତାର ସହ ଦାୟିତ୍ୱ ସମ୍ପାଦନ କରିବାରେ ଏହି ଦାୟିତ୍ୱ ବଣ୍ଟନ ଉପାଦେୟ ସାବ୍ୟସ୍ତ ହେବ ବୋଲି ସଭାପତି ବିଶ୍ୱାସ ବ୍ୟକ୍ତ କରିଛନ୍ତି। ଶ୍ରୀ ପଟ୍ଟନାୟକ ବିଧାୟକମାନଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ ବିରୋଧୀ ଦଳ ହେଉଛି ଜନସାଧାରଣଙ୍କ ସ୍ୱାର୍ଥର ଜାଗ୍ରତ ପ୍ରହରୀ। ବିଧାନସଭାରେ ବିରୋଧୀ ଦଳର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ତେଣୁ ଆମ ଦଳର ବିଧାୟକମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିବା ସହ ବିଧାନସଭାରେ ସମ୍ପୃକ୍ତ ବିଭାଗ ସମ୍ପର୍କିତ ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଓଡିଶାବାସୀଙ୍କ ଅଧିକାର ତଥା ଜନସାଧାରଣଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ କାର୍ଯ୍ୟ କରନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ଆହ୍ୱାନ ଜଣାଇଛନ୍ତି।

ଜୁନ୍ ୪ ତାରିଖରେ ନିର୍ବାଚନ ଫଳ ପ୍ରକାଶ ପରେ ୬ ତାରିଖରେ ବିଜେଡି ସଭାପତି ଶ୍ରୀ ପଟ୍ଟନାୟକ ଦଳର ବରିଷ୍ଠ ନେତାମାନଙ୍କୁ ଡାକି ବିଜେଡିର ଭବିଷ୍ୟତ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ବରିଷ୍ଠ ନେତୃବୃନ୍ଦଙ୍କ ମତାମତ ନେବା ପରେ ଏକ ଦାୟିତ୍ୱ ସମ୍ପନ୍ନ ବିରୋଧୀ ଦଳର ଭୂମିକା ନିର୍ବାହ ଲାଗି ପ୍ରସ୍ତୁତ ରହିବା ପାଇଁ ଆହ୍ୱାନ ଜଣାଇଥିଲେ। କ୍ଷମତାରେ ଥିବା ବେଳେ ବିଜେଡି ଯେପରି ଭାବେ ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦେଉଥିଲା ବିରୋଧୀ ଆସନରେ ବସି ମଧ୍ୟ ଅନୁରୂପ ଆଭିମୁଖ୍ୟ ପୋଷଣ କରିବ ବୋଲି କହିଥିଲେ। ଜୁନ୍ ୧୯ ତାରିଖରେ ଶଙ୍ଖ ଭବନରେ ବସିଥିବା ବିଜେଡି ବିଧାୟକ ଦଳ ବୈଠକରେ ସର୍ବସମ୍ମତିକ୍ରମେ ନବୀନ ପଟ୍ଟନାୟକଙ୍କୁ ବିରୋଧୀ ଦଳ ନେତା ଭାବେ ଚୟନ କରାଯାଇଥିଲା। ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ବିରୋଧୀ ଦଳ ଉପ ନେତା, ପ୍ରମିଳା ମଲ୍ଲିକ୍ ମୁଖ୍ୟ ସଚେତକ ଏବଂ ପ୍ରତାପ କେଶରୀ ଦେବ ଉପ-ମୁଖ୍ୟ ସଚେତକ ମନୋନୀତ ହୋଇଥିଲେ। ଏହି ଅବସରରେ ନବୀନ ବିଧାୟକ ମାନଙ୍କୁ ରାଜ୍ୟର ହିତ ନିମନ୍ତେ ତାଙ୍କ ଦଳ ଯଥାସମ୍ଭବ ଉଦ୍ୟମ କରିବ ଏବଂ ଓଡିଶାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଧାନସଭାରେ ସ୍ୱର ଶାଣିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୨୨ ତାରିଖରେ ସପ୍ତଦଶ ବିଧାନସଭା ଅଧିବେଶନର ଆରମ୍ଭ ହେଉଥିବା ବେଳେ ଅନେକ ପ୍ରସଙ୍ଗରେ ବିଜେଡି ସରକାରଙ୍କୁ ଘେରିବା ପାଇଁ ଯୋଜନା କରିଛି।

## ମନ୍ତ୍ରୀ ପରିଷଦ...

କରାଯାଇଥିବା ମଜୁରୀ ବୃଦ୍ଧି, ଶିକ୍ଷକ ନିଯୁକ୍ତି ଆଦି ପ୍ରସଙ୍ଗ ଅନ୍ତର୍ଭୁକ୍ତ ରହିଥିଲା। ମାତ୍ର ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ବୈଠକ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ନିର୍ବାଚନ ପୂର୍ବରୁ ଦଳ କ୍ଷମତାକୁ ଆସିଲେ ୨୧ଟି ପ୍ରମୁଖ ପ୍ରତିଶ୍ରୁତି ଘୋଷଣା କରିଥିଲା। ଏହାର ଅନୁପାଳନ ସରକାରଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ରହିଛି। କେବଳ ୩ଟି ପ୍ରତିଶ୍ରୁତି ଅନୁପାଳନ କରିବାକୁ ହେଲେ ରାଜ୍ୟ ସରକାରଙ୍କୁ ଚଳିତ ଆର୍ଥିକ ବର୍ଷରେ ଅନ୍ୟୂନ ୩୦ ହଜାରରୁ ୪୦ ହଜାର କୋଟି ଟଙ୍କା କରଜ କରିବାକୁ ପଡ଼ିବ। ଯଦି ବିଜେଡି ସରକାର ସମୟରେ ପ୍ରଚଳିତ ବିଏସ୍‌କେୱାଇ, କାଳିଆ, ବଳିଆ ପରି ଯୋଜନାଗୁଡ଼ିକୁ ବନ୍ଦ କରାଯାଏ, ତେବେ ହୁଏତ ଏହି କରଜ ପରିମାଣ କିଛିଟା ହ୍ରାସ ପାଇପାରେ। ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ହେବାକୁଥିବା ମନ୍ତ୍ରୀ ପରିଷଦ ଓ କ୍ୟାବିନେଟ୍ ବୈଠକ ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ହୋଇଛି।

## ସାବଧାନ ! ‘ଭଏସ୍ କ୍ଲୋନ୍’ରେ...

ସ୍ମାର୍ଟ ହେଉଛନ୍ତି। ୨୦୨୧ ଏବଂ ୨୦୨୩ ତୁଳନାରେ ବର୍ତ୍ତମାନ ସାଇବର ଅପରାଧ ଘଟଣାରେ ୧୧୩.୭ ପ୍ରତିଶତ ବୃଦ୍ଧି ଘଟିଥିବାବେଳେ ୨୦୨୨ ଏବଂ ୨୦୨୩ ତୁଳନାରେ ଏଥିରେ ୬୦.୯ ପ୍ରତିଶତ ବୃଦ୍ଧି ହୋଇଥିବା ‘ଆଇଫୋର୍‌ସି’ ରିପୋର୍ଟରେ କୁହାଯାଇଛି। ଏଥିରେ ୬୫ ପ୍ରତିଶତ ଘଟଣା ଠକେଇ ସମ୍ପର୍କିତ। ସମ୍ପ୍ରତି ‘ଭଏସ୍ କ୍ଲୋନିଂ’ ଠକେଇର ଜ୍ୱଳନ୍ତ ଉଦାହରଣ ହେଉଛି, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀ, ଇନଫୋସିସ୍ ମୁଖ୍ୟ ନାରାୟଣ ମୂର୍ତ୍ତୀ, ଟେସ୍‌ଲା ମୁଖ୍ୟ ଏଲନ୍ ମସ୍କ୍ ଓ ଆର୍‌ବିଆଇର ଗଭର୍ଣ୍ଣର୍ ଶକ୍ତିକାନ୍ତ ଦାଶଙ୍କ ‘ଡିପ୍ ଫେକ୍ ଭିଡିଓ’ ଭାଇରାଲ୍ ହେବା ଘଟଣା। ଏହି ଭିଡିଓରେ ଜଣାଶୁଣା ଟେଲିଭିଜନ ଆଙ୍କର ରାଜଦୀପ ସର୍‌ଦେଶାଇ ମୁକେଶଙ୍କର ଏକ ନୂତନ ବିନିଯୋଗ ପ୍ଲାଟଫର୍ମ ସମ୍ପର୍କରେ ଖବର ପରିବେଷଣ କରୁଛନ୍ତି। ଏଥିରେ ୨୨,୦୦୦ ଟଙ୍କା ବିନିଯୋଗ କରି ଏହାର ପ୍ରତିବଦଳରେ ଲକ୍ଷ ଲକ୍ଷ ଟଙ୍କାର ରିଟର୍ଣ୍ଣ ପାଇବା କଥା କୁହାଯାଇଛି। ଆହୁରି ମଧ୍ୟ ଭିଡିଓରେ ଶ୍ରୀ ମୂର୍ତ୍ତୀଙ୍କ ଭଏସ୍‌ରେ କୁହାଯାଇଛି ଯେ ୨ ବିଲିୟନ ଡଲାରର ପୁଞ୍ଜି ବିନିଯୋଗରେ ଏହି ଡିଜିଟାଲ ପ୍ଲାଟଫର୍ମ ବିକଶିତ ହୋଇଛି। ଏହି ପ୍ରକଳ୍ପର ପରିକଳ୍ପନା ପାଇଁ ସର୍ବୋତ୍ତମ ଇଞ୍ଜିନିୟରମାନଙ୍କୁ ନିଯୁକ୍ତି ଦିଆଯାଇଛି। ଭିଡିଓଟିକୁ ଦେଖିବା ପରେ ‘ଭଏସ୍ କ୍ଲୋନିଂ’ ସମ୍ପର୍କରେ ଅବଗତ ନ ଥିବା ଲୋକେ ତୁରନ୍ତ ଏହାକୁ ସତ୍ୟ ମନେ କରି ନିବେଶ କରିବା ସହ ଠକେଇର ଶିକାର ହେଉଛନ୍ତି। ଏହି ଭିଡିଓ ବର୍ତ୍ତମାନ ଚାରିଆଡେ ଭାଇରାଲ ହେବାରେ ଲାଗିଛି। ତେବେ ଏହି ଘଟଣାକୁ ନେଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ମୁମ୍ବଇର ସାଇବର ଥାନାରେ ଅଭିଯୋଗ କରାଯାଇଥିଲା। ଏ ସମ୍ପର୍କରେ ରିଲାଏନ୍ସ ମୁଖପାତ୍ର କହିଛନ୍ତି ଯେ ଭିଡିଓଟି ଏକ ଡିପ୍ ଫେକ୍। ଏହି ଘଟଣା ବିଷୟରେ ପୋଲିସକୁ ଅବଗତ କରାଯାଇଛି। ଏ ସମ୍ପର୍କରେ ବରିଷ୍ଠ ଚାର୍ଟାଡ ଆକାଉଟାଣ୍ଟ ରାଜୀବ ଶେଖର ସାହୁ କହିଛନ୍ତି ଯେ, ଟେକ୍ନୋଲୋଜି ସହ ତାଳ ଦେଇ ସାଇବର ଅପରାଧୀମାନେ ନୂଆ ନୂଆ କୌଶଳ ସବୁ ଆପଣାଉଛନ୍ତି। ଏଥିପାଇଁ ସମୟାନୁଯାୟୀ ଆମକୁ ଠକେଇକୁ ଧରିବାକୁ ନୂତନ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଆବଶ୍ୟକ। ଏହାଛଡା ନିବେଶକମାନେ ଯେପରି ଲୋଭରେ ପଡି ସର୍ବସ୍ୱ ନ ହରାନ୍ତି ସେଥିପାଇଁ ସେମାନଙ୍କୁ ସମୟାନୁକ୍ରମେ ସଚେତନ କରାଯିବା ସହ ମାର୍ଗଦର୍ଶିକ ଜାରି କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି।

## ଆରଡବ୍ଲୁଏସ୍‌ଏସ୍ ଯନ୍ତ୍ରୀଙ୍କୁ ୧୦ ଲକ୍ଷ ଟଙ୍କା ବଟି ଦାବି

**ବିଜେପି ନେତାଙ୍କ ଅଡିଓ ଭାଇରାଲ୍**

ସମ୍ବଲପୁର, ୧୭।୭(ସମିସ): ନାକଟିଦେଉଳର ୧୧ଟି ୱାଟର ସେଡ୍ ପାଇଁ ୫ ଲକ୍ଷ ଟଙ୍କା ଓ ରେଢାଖୋଲର ୧୧ଟି ୱାଟର ସେଡ୍ ପାଇଁ ୫ ଲକ୍ଷ ଟଙ୍କା ଆପଣ ଦେବେ। ଏହାପରେ ବାକି ଯାହା ଅଛି ଆମେ କଥା ହେବା। ଏମିତି କିଛି ବଟି ମାଗି ଅଡୁଆରେ ପଡ଼ିଛନ୍ତି ଯୁଯୁମୁରା ବ୍ଲକର ଜଣେ ବିଜେପି ନେତା ତଥା ସମିତି ସଭ୍ୟ। ତେବେ ଏହି ଅଡିଓ ଏବେ ମୋବାଇଲରୁ ମୋବାଇଲ ଘୂରି ବୁଲିବା ପରେ ଅଡୁଆରେ ପଡ଼ିଛନ୍ତି ନେତା। ସଫେଇ ଦେଉଛନ୍ତି ସତ ହେଲେ ଲୋକେ ତାକୁ ଗ୍ରହଣ କରି ପାରୁନାହାନ୍ତି। ଜଣେ ବିଧାୟକ ପ୍ରାର୍ଥୀଙ୍କ ନିକଟତର ତଥା କେନ୍ଦ୍ରମନ୍ତ୍ରୀଙ୍କ ନିକଟତର ବୋଲି ନିଜକୁ କହୁଥିବା ନେତା ଜଣକ ୧୦ ଲକ୍ଷ ଟଙ୍କା ବଟି ମାଗିବା ପରେ ବିଭିନ୍ନ ମହଲରୁ ଚାପ ପଡୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ସୂଚନା ଅନୁସାରେ ନାକଟିଦେଉଳ, ରେଢାଖୋଲ, ଯୁଯୁମୁରା ବ୍ଲକରେ ଆରଡବ୍ଲ୍ୟୁଏସ୍‌ଏସ୍‌ରେ କାମ ଚାଲିଛି। ତେବେ କାମରେ ନାକଟିଦେଉଳ ପାଇଁ ୫ ଲକ୍ଷ ଓ ରେଢାଖୋଲ ପାଇଁ ୫ ଲକ୍ଷ ଟଙ୍କା ବଟି ଦିଅ ବୋଲି ଯନ୍ତ୍ରୀଙ୍କୁ ନେତା ଜଣକ ସିଧାସଳଖ କହୁଛନ୍ତି। ତମ କାହା ଆକାଉଣ୍ଟରେ ଟଙ୍କା ନାହିଁ, ସମସ୍ତେ ଟଙ୍କା ରଖିଛ ବୋଲି ନେତା ଜଣକ ଯନ୍ତ୍ରୀଙ୍କୁ କହୁଛନ୍ତି। ଏହା ସହ ମତେ କେବଳ କ୍ୟାସ ଦରକାର ବୋଲି ନେତା ଜଣକ କହିବା ସହ ଆଉ ସମୟ ଦିଆଯିବନି ବୋଲି କହୁଛନ୍ତି। ଏଣିକି ତମେ ବି ରୋଜଗାର କର ଓ ଆମ କଥା ବି ବୁଝ ବୋଲି କହିଛନ୍ତି। ନ ହେଲେ ଆଗକୁ ଯାହା ହେବ ତମେ ବୁଝିବ ଓ ଆଗକୁ ଆଉ କଥାବାର୍ତ୍ତା ନାହିଁ ବୋଲି ନେତା ଜଣକ ଧମକ ଦେଉଛନ୍ତି। ଯାହାକୁ ନେଇ ଏବେ ହରଡଘଣାରେ ପଡ଼ିଛନ୍ତି ଉକ୍ତ ନେତା।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I, Prashanta Kumar Sahu, S/o-Purusottam Sahu, Resident of Village/PO-Humma, PS-Rambha, Dist-Ganjam, PIN-761027, Odisha declare by this affidavit No.1213 Dtd.- 05/07/2024 that now onwards I shall be known as **Prasanta Kumar Sahu** for all future purposes.

**AFFIDAVIT**

I, Rath Kumar Aryan, S/o-Aurabinda Rath, resident of Plot No. L-1540, Phase-II, Dumduma Housing Board Colony, Bhubaneswar, Ps- Khandagiri, Dist-Khordha, Pin-751019, Odisha declare by this affidavit No.22, dated-16/07/2024, that now onwards I shall be known as **R K ARYAN** for all future purposes.

**AFFIDAVIT**

I, Sujit Kumar Samantaray, S/o-Pitambar Samantaray, resident of At/Po-Kaimatia, Ps-Info Valley, Dist-Khordha, Pin-752054, Odisha declare by this affidavit No.10, dated-12/07/2024, that now onwards I shall be known as **SUJIT SAMANTARAY** for all future purposes.

**AFFIDAVIT**

I, Meera Agarwal, W/O-Naresh Kumar Garg Resident of Plot No.7MC/52, Sector-7, CDA, PO-Avinab Bidanasi, PS-Markat Nagar, Dist-Cuttack PIN-753014, Odisha declare by this affidavit No. 64 AA 878405 Dtd.-29/06/2024 that now onwards I shall be known as **Meera Garg** for all future purposes.

**।। ତୁରନ୍ତ ଆବଶ୍ୟକ ।।**

ଭଦ୍ରକ ଇଛାପୁର(କାର୍ମେଲ ସ୍କୁଲ ସାମ୍ନା)ରେ ଥିବା ମହାବୀର ଫ୍ଲାଏ ଆସ୍ ବ୍ରିକ୍ସ(ଇଟା କାରଖାନା)ରେ ଲେବର କାମ କରିବାକୁ ଲେବର ଠିକାଦାର ଆବଶ୍ୟକ । ଏହି ଠିକାକାମ ଲାଗି ଅନ୍ୟୁନ୍ୟ ୧୨ଜଣ ଲେବର ଆବଶ୍ୟକ । ‘କୋଇମ୍ବାଟୋର’ ରୋଟରି ମେସିନ୍‌ରେ ଘଣ୍ଟାକୁ ୧୪ଶହ ଇଟା ବାହାରୁଛି । ପ୍ରତି ୧ହଜାର ଇଟା ତିଆରି ତଥା ରଖିବା ପାଇଁ ୬ଶହ ଟଙ୍କା ପ୍ରଦାନ କରାଯିବ । ବିଦ୍ୟୁତ୍ କାଟ୍ ହେଲେ ଡି.ଜି ବ୍ୟବହାର କରିପାରିବେ । ରହିବାକୁ କୋଠାଘର, ରୋଷେଇ ପାଇଁ ଜାଳେଣି ଗ୍ୟାସ ଓ ଫଞ୍ଚା, ଲାଇଟ, ପାଣି, ପାଇଖାନା ସୁବିଧା ମାଗଣାରେ ଉପଲବ୍ଧ । ଇଚ୍ଛୁକ ଲେବର ଠିକାଦାର ନିମ୍ନ ଠିକଣା ଓ ମୋବାଇଲ ନମ୍ବରରେ ଯୋଗାଯୋଗ କରିବେ ।

ପ୍ରଫୁଲ୍ଲ କୁମାର ରାଉତ, ପ୍ରୋପାଇଟର

**ମହାବୀର ଫ୍ଲାଏ ଆସ୍ ବ୍ରିକ୍ସ (ଇଟା କାରଖାନା)**

ଇଛାପୁର, ଭଦ୍ରକ-ଚାନ୍ଦବାଲି ରାଜପଥର କାର୍ମେଲ ସ୍କୁଲ ସାମ୍ନା, ଭଦ୍ରକ

ମୋ:୯୪୩୭୯୧୯୬୭୦ ଓ ୯୯୩୮୩୭୧୬୩୫





ସା କ୍ଷା ତ କା ର

# "ଧାରାବାହିକରୁ ଫିଲ୍ମକୁ ଯାତ୍ରା ଖୁସି ଦେଇଛି"

## ଶୁଭଶ୍ରୀ ଜେନା, ଅଭିନେତ୍ରୀ

**ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଓ ଏକାଗ୍ରତା ବଳରେ ଯେ କୌଣସି ଅସାଧ କାର୍ଯ୍ୟକୁ ସାଧନ କରିହୁଏ । ଏ କଥାକୁ ପ୍ରମାଣିତ କରିଛନ୍ତି ଟେଲି ଦୁନିଆର ଚର୍ଚ୍ଚିତ ନବାଗତା ଅଭିନେତ୍ରୀ ଶୁଭଶ୍ରୀ ଜେନା । ନିଜର ଅଭିନୟ ଦକ୍ଷତା ବଳରେ ୨୦୧୮ ମସିହାରେ ରଜ କୁଇନ୍ ହୋଇଥିବା ସାଦାସିଧା ଗାଉଁଲି ଝିଅ ଶୁଭଶ୍ରୀ ଟେଲି ଧାରାବାହିକରୁ ଏବେ ରୁପେଲି ପରଦାର ଜଣେ ସଫଳ ଅଭିନେତ୍ରୀ ହୋଇପାରିଛନ୍ତି । ଏକାଧାରରେ ସେ ଜଣେ ଅଭିନେତ୍ରୀ, ଚିତ୍ରକର ଏବଂ ଲେଖିକା । କମ୍ ସମୟରେ ସଫଳତା ସାଉଁଟିଥିବା ଅଭିନେତ୍ରୀ ଶୁଭଶ୍ରୀଙ୍କ ସହିତ 'ସକାଳ'ର ଅନ୍ତରଙ୍ଗ ଆଳାପ ।**

**ଅଭିନୟ ଜଗତକୁ କେମିତି ଆସିଲେ?**

● ୨୦୧୮ ରଜ କୁଇନ ଅଡିସନ୍ ରିଆଲିଟି ଶୋ'ରେ ମୋର ଥିଲା ପ୍ରଥମ ଅଭିନୟ। ଅଭିନୟ ପ୍ରତି ରୁଚି ଦେଖି ବାପା ମୋତେ ସପୋର୍ଟ କରୁଥିଲେ । ସେତେବେଳେ ମୁଁ ଯୁକ୍ତ ତିନି ଶେଷ ବର୍ଷ ଛାତ୍ରୀ ଥିଲି । ବିଚାରକମଣ୍ଡଳୀଙ୍କୁ ମୋ ଅଭିନୟ ଛୁଇଁ ପାରିଥିଲା । ମୁଁ ରଜ କୁଇନ୍ ମୁକୁଟ ପାଇବାକୁ ଯୋଗ୍ୟ ହୋଇଥିଲି । ବର୍ଷେ ପରେ ପିଜି ପଢ଼ା ସମୟରେ ଟେଲି ସିରିଏଲ୍ 'ଅପରାଜିତା'ରେ ଅଭିନୟର ସୁଯୋଗ ମିଳିଥିଲା । ଏଥିରେ ମୁଖ୍ୟ ଅଭିନେତ୍ରୀ ଭାବେ ତିନି ବର୍ଷ ମୁଁ କାମ କରିଛି ।

**ପ୍ରଥମେ ଯେତେବେଳେ କ୍ୟାମେରାକୁ ସାମ୍ନା କରିଥିଲେ, ଡର ଲାଗି ନଥିଲା?**

● ମୋ ସହ ଅନେକ ସିନିୟର୍ କଳାକାର ଥିଲେ । ନର୍ଭସନେସ୍ ତ ଥିଲା, ଭୟ ଲାଗିଥିଲା । କିନ୍ତୁ ଯେତେବେଳେ ମୁଁ 'ଅପରାଜିତା' ଚରିତ୍ରକୁ ପଶିଯାଇଥିଲି, ସେତେବେଳେ ମୋ ସାମ୍ନାରେ କ୍ୟାମେରା ଅଛି କି ଆଉ କିଏ ଅଛନ୍ତି, ସେସବୁକୁ ଭୁଲି ଯାଇଥିଲି । ମୁଁ ମୋ ଚରିତ୍ର ଭିତରେ ବୁଡ଼ି ଯାଇ ଅଭିନୟ କରିଥିଲି ।

**ଧାରାବାହିକରୁ ସିଧା ଟେଲି ଫିଲ୍ମକୁ ଯାତ୍ରା କେମିତି?**

● ସାଦାସିଧା ଗାଉଁଲି ଝିଅ ଅପରାଜିତା ସହ କାଳୀ, ଦୁର୍ଗାଙ୍କ ଭଳି ଦେବୀ ଚରିତ୍ରରେ ଅଭିନୟ କରିଥିଲି । ଗୋଟିଏ ଚରିତ୍ରକୁ ଅନ୍ୟ ଏକ ଚରିତ୍ରକୁ ଯିବା ମୋ ପାଇଁ ଚ୍ୟାଲେଞ୍ଜିଂ ଥିଲା । ଭଲ ଲାଗୁଥିଲା ଅଭିନୟ କରିବାକୁ । ତେବେ ମୋର ଅଭିନୟ ଦେଖି ସଚି ସାର୍ ମୋତେ ରୁପେଲି ପରଦାରେ ଅଭିନୟ କରିବା ପାଇଁ ସୁଯୋଗ ଦେଲେ । ଟେଲି ସିନେମା 'କବିତା-ବନିତା-ଲତା'ରେ ମୁଁ ବନିତା ଭୂମିକାରେ ଅଭିନୟ କରୁଛି । ଏହି ଟେଲି ସିନେମାଟି ଆସନ୍ତା ଗଣେଶ ପୂଜାରେ ରିଲିଜ୍ ହେବାର ଅଛି । ଏହା ଏକ ନାରୀକୈନ୍ଦ୍ରିକ ସିନେମା । ଏଥିରେ ତିନି ମହିଳା କବିତା-ବନିତା-ଲତା ଚାକିରି କରି କେମିତି ଘର-ସଂସାର ଚଳାଇବାରେ ପାରଙ୍ଗମ ହୋଇପାରିଛନ୍ତି, ତାହା ପ୍ରଦର୍ଶିତ ହୋଇଛି ।

**ଫିଲ୍ମ 'ରଙ୍ଗ ସୁର୍' ବିଷୟରେ କିଛି କୁହନ୍ତୁ?**

● ମୁନ୍ ପ୍ରଡକ୍ସନ ନିବେଦିତ ସିନେମା 'ରଙ୍ଗ ସୁର୍' ଆସୁଛି । ଏଥିରେ ମଧ ମୁଁ ମୁଖ୍ୟ ଅଭିନେତ୍ରୀ ଅଛି । ଏହା ଏକ ଭିନ୍ନ ଧରଣର କାହାଣୀକୁ ନେଇ ତିଆରି ହୋଇଛି । ମୁଖତଃ ଓଡ଼ିଶାର ବାଘ ନୃତ୍ୟକୁ ଏଥିରେ ପ୍ରମୁଖ ସ୍ଥାନ ଦିଆଯାଇଛି । ଏହି ସିନେମାରେ ଜ୍ୟୋତି, ଶୁଭାଶିଷ, ସୂର୍ଯ୍ୟମୟୀ, ଟିଲୁ ଭାଇ, ଦ୍ୱୀପାନ୍ୱିତ, ସମରେଶ୍‌ଙ୍କ ଭଳି ବହୁ ସିନିୟର ଏବଂ ଅଭିଜ୍ଞ ଅଭିନେତା ଅଛନ୍ତି । ସେମାନଙ୍କ ସହ କାମ କରିବାକୁ ମୋତେ ଖୁସି ଲାଗୁଛି ।

**ଅଭିନୟ ସମୟର କିଛି ଅଭୁଲା ସ୍ମୃତି ?**

'ଅପରାଜିତା'ର ସୁଟିଂ ଚାଲିଥାଏ । ଦିନସାରା ମୁଁ କିଛି ଖାଇ ନ ଥିଲି । ରାତି ୩ଟାରେ ଯେତେବେଳେ ମୋତେ ମା' କାଳୀଙ୍କ ଚରିତ୍ର ନିଭାଇବାକୁ ପଡ଼ିଲା, ମୁଁ ବହୁତ ନର୍ଭସ ହୋଇଯାଇଥିଲି । ଯେତେବେଳେ ମୁଁ ମାଆ କାଳୀଙ୍କ ଚରିତ୍ର ଭିତରକୁ ପଶିଲି, ଗୋଟେ ଖଣ୍ଡା ଧରି ଲୋକଙ୍କ ହାଣିବା ପାଇଁ ଗୋଡ଼େଇବାକୁ ମୋ ଦେହରେ କେଉଁଠୁ ଯେ ଏତେ ବଳ ଆସିଲା, ତାହା ମୋତେ ଆଶ୍ଚର୍ଯ୍ୟ ଲାଗିଥିଲା । ମୋ' ଦେହରେ ଯେମିତି ଆଉ କିଏ ଜଣେ ପଶି ଅଭିନୟ କରୁଛି ବୋଲି ମୁଁ ଅନୁଭବ କରିଥିଲି । ସେଇ ସିରିଏଲ୍ ସୁଟିଂ ଭିତରେ ମୋତେ କୋଭିଡ୍ ହୋଇଗଲା । ହସ୍‌ପିଟାଲ୍ ଆଇସିୟୁରେ ଥିବା ବେଳେ ମୁଁ ମାଆ କାଳୀଙ୍କୁ ପାଖରୁ ଅନୁଭବ କରିଛି । ପୂରା ସିରିଏଲ୍ ଟିମ୍, ମୋ ମା' ପାଖରେ ଥିଲେ । ସେଇ ୧୦ ଦିନ ଭିତରେ ମୁଁ ବହୁ ଅନୁଭୂତି ସାଉଁଟିଛି । ସେହିପରି ବାପା, ମୋ ସାଙ୍ଗ ଗୁଡ଼ି ମତେ ଅଭିନୟ କରିବା ପାଇଁ ପ୍ରେରଣା ଦିଅନ୍ତି ।



**ଆପଣଙ୍କ ଡ୍ରିମ୍ ରୋଲ୍ କ'ଣ**

● ସବୁ ଚରିତ୍ରରେ ଅଭିନୟ କରିବାକୁ ତ ଭଲ ଲାଗେ । ତେବେ ଝାନ୍‌ସୀ ରାଣୀ ଭଳି ଚରିତ୍ର, ଯେମିତିକି ମାର୍‌ପିଟ୍ ଫାଇଟିଂ ଥିବା ଭଳି ଚରିତ୍ରରେ ଅଭିନୟ କରିବାକୁ ବହୁତ ଇଚ୍ଛା ଅଛି ।

**ସୋସିଆଲ୍ ମିଡିଆରେ ଏତେ ସକ୍ରିୟ କାହିଁକି ନାହାନ୍ତି ?**

● ମୁଁ ମୋ ଅଭିନୟ ଦୁନିଆରେ ହିଁ ଥାଏ । ଅଭିନୟ ଜଗତ ସଦସ୍ୟଙ୍କ ବ୍ୟତୀତ ମୋର ବହୁତ ସୀମିତ ସାଙ୍ଗ ଅଛନ୍ତି । ମୁଁ କେବଳ ସେଇମାନଙ୍କ ଉଦ୍ଦେଶ୍ୟରେ କିଛି ଭିଡିଓ ଏବଂ ଫଟୋ ସେୟାର୍ କରେ । ପ୍ରଶଂସକମାନେ ମୋତେ ଫଟୋ ଓ ଭିଡିଓ ଦେଖି ରିପ୍ଲାଏରେ ପୁଣି କେବେ ପରଦାକୁ ଆସୁଛନ୍ତି ବୋଲି ପଚାରନ୍ତି ।

**ଅଭିନୟ ଆଉ ତା' ଭିତରେ ଲେଖାଲେଖି ଓ ଚିତ୍ର ଆଙ୍କନ୍ତି, କିଭଳି ସମନ୍ୱୟ ରକ୍ଷା କରନ୍ତି?**

● ବାପା କବିତା ଲେଖନ୍ତି । ଆସିଷ୍ଟାଣ୍ଟ ପ୍ରଫେସର୍ ଥିବା ମୋ ଦାଦା ଜଣେ ଲେଖକ । ସେମାନଙ୍କଠାରୁ ପ୍ରେରଣା ପାଇ ମୁଁ ବି ଲେଖାଲେଖି କରେ । ବିଶେଷକରି କବିତା ଲେଖେ । ଇନ୍‌ଷ୍ଟାଗ୍ରାମ୍‌ରେ ମୁଁ ଅନେକ କବିତା ଅପ୍‌ଲୋଡ୍ କରିଛି । ଏଥିସହିତ ମୁଁ ଚିତ୍ର ବି ଆଙ୍କେ । ଏଥିପାଇଁ ବହୁତ ପରିଶ୍ରମ କରିବାକୁ ପଡ଼େ । ଜୀବନରେ କେବେ ହାରିବାକୁ ମୁଁ ପସନ୍ଦ କରେନି । ଯେତେ ବି ଦୁଃଖ ଆଉ ବିଫଳତା ଆସୁ, ସେସବୁକୁ ଭୁଲି ମୁଁ ଆଗକୁ ଯିବା ପାଇଁ ଅଭ୍ୟାସ ଜାରି ରଖେ ।

**ଆପଣ ଭଲ ନାଚନ୍ତି, କେଉଁଠୁ ତାଲିମ ନେଇଛନ୍ତି ?**

● ମୁଁ କେଉଁଥିରେ ବି ତାଲିମ ନେଇନି । ଘରେ ଦର୍ପଣ ଆଗରେ ପ୍ରତିଦିନ ସନ୍ଧ୍ୟାରେ ନିଜକୁ ରଖି ମୁଁ ନାଚ ଅଭ୍ୟାସ କରେ । ନିଜେ ନିଜେ ଚିତ୍ର ଆଙ୍କେ ଏବଂ କବିତା ବି ଲେଖେ । ପାଠପଢ଼ାରୁ ସମୟ ବାହାର କରି ଅଭିନୟ ଅଭ୍ୟାସ ସହିତ ଅନ୍ୟାନ୍ୟ କଳାତ୍ମକ କାର୍ଯ୍ୟ ପ୍ରତି ଧ୍ୟାନ ଦେଇଥାଏ ।

**ପ୍ରଶଂସକ ଏବଂ ନୂଆ କଳାକାରମାନଙ୍କ ପ୍ରତି ବାର୍ତ୍ତା କ'ଣ?**

● ଜୀବନରେ କେବେ ପରାଜୟକୁ ନେଇ ଦୁଃଖ କରନ୍ତୁ ନାହିଁ କି ପଛଘୁଞ୍ଚା ଦିଅନ୍ତୁ ନାହିଁ । ■




ପରଦା ପଛର କାହାଣୀ

# ରାମୋଜୀ ଫିଲ୍ମ ସିଟି

ଫିଲ୍ମ ନିର୍ମାଣ କରିବାରେ ଫିଲ୍ମ ଷ୍ଟୁଡିଓର ଏକ ପ୍ରମୁଖ ଭୂମିକା ରହିଛି । ଫିଲ୍ମର କାହାଣୀ ଅନୁସାରେ ସୁଟିଂ ପାଇଁ ସ୍ଥାନ ନିରୂପଣ କରାଯାଇଥାଏ । ଯାହା ଫିଲ୍ମର କାହାଣୀକୁ ପରଦାରେ ଆହୁରି ଜୀବନ୍ତ କରି ଗଢ଼ିଥାଏ । ଭାରତରେ ଅନେକ ନାମକରା ଫିଲ୍ମ ଷ୍ଟୁଡିଓ ରହିଛି । ଏହି ସବୁ ସ୍ଥାନରେ ବହୁ ସୁପରହିଟ୍ ଚଳଚ୍ଚିତ୍ର ସୁଟିଂ କରାଯାଇଛି । ଯାହା ଏପର୍ଯ୍ୟନ୍ତ ଦର୍ଶକଙ୍କ ମାନସପଟରେ ଅଲିଭା ହୋଇ ରହିଛି । କ୍ୟାମେରାମ୍ୟାନ୍‌ଙ୍କଠାରୁ ଆରମ୍ଭ କରି ଅଭିନେତା, ଅଭିନେତ୍ରୀ, ଲାଇଟ୍ ବୟ ଓ ସ୍ପଟ୍ ବୟଙ୍କ ସମେତ ଅନ୍ୟ ସହଯୋଗୀମାନେ ଦିନରାତି କାମ କରିଥାନ୍ତି । ବିଶ୍ୱର ବୃହତ୍ ସମନ୍ୱିତ ଫିଲ୍ମ ଷ୍ଟୁଡିଓ ଭାବେ ପରିଚିତ ରାମୋଜି ଫିଲ୍ମ ସିଟି । ଦକ୍ଷିଣ ଭାରତର ହାଇଦ୍ରାବାଦଠାରୁ ୨୫ କିଲୋମିଟର ଦୂରରେ ଅବସ୍ଥିତ ଏହି ପ୍ରସିଦ୍ଧ ଫିଲ୍ମ ଷ୍ଟୁଡିଓ । ୧୯୯୬ ମସିହାରେ ଏହାକୁ ସାଉଥ୍ ଫିଲ୍ମ ଦୁନିଆର ଖ୍ୟାତନାମା ପ୍ରଯୋଜକ ରାମୋଜି ରାଓ ନିର୍ମାଣ କରିଥିଲେ । ସମୁଦାୟ ୧୬୬୬ ଏକର କ୍ଷେତ୍ରଫଳ ବିଶିଷ୍ଟ ସ୍ଥାନରେ ଏହା ନିର୍ମାଣ ହୋଇଛି । ଏହି ଫିଲ୍ମ ଷ୍ଟୁଡିଓରେ ସୁଟିଂ ପାଇଁ ୫୦୦ରୁ ଅଧିକ ସ୍ଥାନ ରହିଛି । ଏଥି ସହିତ ଏହା ମଧ୍ୟରେ ୬ଟି ହୋଟେଲ, ୪୭ ଟି ସାଉଣ୍ଡ ଷ୍ଟେଜ୍ ରହିଛି । ରେଳଷ୍ଟେସନ୍‌ଠାରୁ ଆରମ୍ଭ କରି ମନ୍ଦିର ପର୍ଯ୍ୟନ୍ତ ସବୁ ଗୋଟିଏ ସ୍ଥାନରେ ଉପଲବ୍ଧ । ଏହା ମଧ୍ୟରେ ୧୨୦୦ କର୍ମଚାରୀଙ୍କ ସମେତ ୮୦୦୦ ହଜାର ପ୍ରତିନିଧି ରହିଛନ୍ତି । ଏଠାରେ ପ୍ରତିବର୍ଷ ବିଭିନ୍ନ ଭାଷାର ପ୍ରାୟ ୨୦୦ ଫିଲ୍ମ ସୁଟିଂ କରାଯାଇଥାଏ । ଏଠାରେ ଦିନରାତି ସବୁ ସମୟରେ ସୁଟିଂ ଜାରି ରହିଥାଏ । ହିନ୍ଦୀ, ବଙ୍ଗଳା, ତେଲୁଗୁ, ମାଲାୟଲମ, ଓଡ଼ିଆ, ସମେତ ବିଭିନ୍ନ ଭାଷାଭାଷୀ ଚଳଚ୍ଚିତ୍ର ସୁଟିଂ ହୋଇଥାଏ । ଏହି ଫିଲ୍ମ ସିଟିରେ ଏକକାଳୀନ ୧୫ରୁ ୨୫ ଟି ଫିଲ୍ମର ସୁଟିଂ କରାଯାଇପାରିବ । 'ବାହୁବଳୀ', 'ରୋବଟ୍', 'ସରକାର ରାଜ୍','ଗୋଲ୍‌ମାଲ୍', 'ଚେନ୍ନାଇ ଏକ୍ସପ୍ରେସ୍' ଭଳି ବହୁ ସୁପରହିଟ୍ ଫିଲ୍ମ ଏଠାରେ ନିର୍ମାଣ କରାଯାଇଛି । ଏହି ସ୍ଥାନକୁ ବୁଲିବା ପାଇଁ ପ୍ରତିବର୍ଷ ୧୦ ଲକ୍ଷ ପର୍ଯ୍ୟଟକ ଆସିଥାନ୍ତି । ପର୍ଯ୍ୟଟକଙ୍କ ଟିକେଟରୁ ମଧ କୋଟି କୋଟି ଟଙ୍କା ରୋଜଗାର ହୋଇଥାଏ । ବଲିଉଡ୍, ଭୋଜପୁରୀ, ସାଉଥ୍ ଫିଲ୍ମ ସମେତ ବିଦେଶରୁ ଚଳଚ୍ଚିତ୍ର ସୁଟିଂ ପାଇଁ ପ୍ରଯୋଜକ, ନିର୍ଦ୍ଦେଶକ, କ୍ରିଉ ମେମ୍ବର ଏଠାକୁ ଆସିଥାନ୍ତି । ■

# 'କାଳୀ ଗୀତା'ର ଟିଜର୍ ରିଲିଜ୍



ମନୋଜ ମିଶ୍ର ଫିଲ୍ମସ୍ ଏବଂ ସାଲୋମ୍ ଫିଲ୍ମ ନିବେଦିତ ନୂଆ ଓଡ଼ିଆ ସିନେମା 'କାଳୀ ଗୀତା'ର ଟିଜର୍ ରିଲିଜ୍ ହୋଇଛି । ସିନେମାଟି ଏକ ସତ୍ୟ ଘଟଣା ଉପରେ ଆଧାରିତ । ଏଥିରେ ମୁଖ୍ୟ ଚରିତ୍ରରେ ନଜର ଆସିବେ ଓଲିଉଡ୍‌ର ଆଗଧାଡ଼ିର ଅଭିନେତା ମନୋଜ ମିଶ୍ର । ଏଥିରେ ମନୋଜଙ୍କୁ ଭିନ୍ନ ଏକ ଚରିତ୍ରରେ ଦେଖିବାକୁ ମିଳିବ । ରିଷଭ ଅଗ୍ରୱାଲଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ସମ୍ବଲପୁରୀ, ଓଡ଼ିଆ ଓ ହିନ୍ଦୀ ଭାଷାରେ ରିଲିଜ୍ ହେବ ବୋଲି ଜଣାପଡ଼ିଛି । ■

## ଫ୍ରାଇଡେ ରିଲିଜ୍

ଜୁଲାଇ ୧୯, ଶୁକ୍ରବାର

**ବ୍ୟାଡ୍‌ନ୍ୟୁଜ୍**




**ନିର୍ଦ୍ଦେଶକ** : ଆନନ୍ଦ ତିୱାରୀ
**ପ୍ରଯୋଜନା** : କରଣ ଜୋହର
**କଳାକାର** : ଭିକ୍କି କୌଶଳ, ତ୍ରିପ୍ତି ଡିମରି

# 'ହାଉସ୍‌ଫୁଲ୍-୫'ରେ ସଞ୍ଜୟ ଦତ୍ତ

ତରୁଣ ମନସୁଖାନୀଙ୍କ ଦ୍ୱାରା ନିର୍ଦ୍ଦେଶିତ 'ହାଉସ୍‌ଫୁଲ୍-୫'ର ସୁଟିଂ କ୍ରୁଜ୍ ସିପ୍‌ରେ ହେବ । ସିନେମାରେ ସାମିଲ କଳାକାରଙ୍କୁ ନେଇ କିଛି ନା କିଛି ନୂଆ କଥା ସାମ୍ନାକୁ ଆସିଥାଏ । ତେବେ ଅକ୍ଷୟ କୁମାର, ରିତେଶ ଦେଶମୁଖ, ଅଭିଷେକ ବଚ୍ଚନ ଏହି ସିନେମାରେ ନଜର ଆସିବାକୁ ଥିବା ବେଳେ ଏବେ ଏଥିରେ ଆଉ ଜଣେ କଳାକାରଙ୍କ ନାଁ ଯୋଡ଼ି ହୋଇଛି । 'ହାଉସ୍‌ଫିଲ୍ମ-୫'ରେ ସଞ୍ଜୟ ଦତ୍ତ ନଜର ଆସିବେ । ଏହି ସିନେମାରେ କାମ କରିବାକୁ ନେଇ ସଞ୍ଜୟ ଖୁବ୍ ଉତ୍ସାହିତ ଥିବା କହିଛନ୍ତି । ଅନ୍ୟପଟେ ଏଥିରେ ଅକ୍ଷୟ. ରିତେଶ, ଅଭିଷେକ ଓ ସଞ୍ଜୟଙ୍କ ଦମ୍‌ଦାର୍ କମେଡି ଦେଖିବାକୁ ମିଳିବ । ସିନେମାଟି ୨୦୨୫ ଜୁନ୍ ୬ରେ ପ୍ରେକ୍ଷାଳୟକୁ ଆସିବ । ■



# 'ଆଭା'ରେ ଦିବ୍ୟାଙ୍ଗ ଝିଅର କାହାଣୀ





ପଲ୍ଲବ ରୟଙ୍କ ନିର୍ଦ୍ଦେଶିତ ନୂଆ ଓଡ଼ିଆ ସିନେମା 'ଆଭା' ଖୁବ୍‌ଶୀଘ୍ର ପ୍ରେକ୍ଷାଳୟକୁ ଆସିବ । ଏକ ଭିନ୍ନଧରଣର କାହାଣୀକୁ ନେଇ ଏହି ସିନେମା ନିର୍ମିତ ହୋଇଛି । ଜଣେ ଦିବ୍ୟାଙ୍ଗ ଝିଅର କାହାଣୀ ଦର୍ଶକେ ଏଥିରେ ଦେଖିବାକୁ ପାଇବେ । ଏକ ନିପଟ ମଫସଲ ଗାଁର ଗରିବ ପରିବାରର ଭିନ୍ନକ୍ଷମ ଝିଅ ହେଉଛି ଆଭା । ଏଥିରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ସୋନା ମଲ୍ଲିକ । ସୋନାଙ୍କୁ 'ଆଭା' ଭୂମିକାରେ ଦେଖିବାକୁ ମିଳିବ । ସିନେମାର ଉଭୟ କାହାଣୀ ରଚନା ଓ ପ୍ରଯୋଜନାରେ ଅଛନ୍ତି ପ୍ରବୀର ମହାପାତ୍ର । ସଂଳାପ ରଚନା ମୋହନ ଚକ୍ରବର୍ତ୍ତୀ କରିଥିବା ବେଳେ ଗୀତଗୁଡ଼ିକୁ ସୁମଧୁର ସ୍ୱରରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର୍ । ସିନେମାର ସୁଟିଂ ଆଦିବାସୀ ଗାଁରେ କରାଯାଇଛି । ଏହାର ସୁଟିଂ କାର୍ଯ୍ୟ ଶେଷ ହୋଇଛି ଏବଂ ଏବେ ଏହାର ପୋଷ୍ଟ ପ୍ରଡକ୍ସନ୍ କାମ ଚାଲିଛି । ଏଥିରେ ଅନୁ ଚୌଧୁରୀ, କେଦାର ମିଶ୍ର, ନୀହାରିକା, ଶ୍ୱେତା ଆଚାର୍ଯ୍ୟ ପ୍ରମୁଖ ନଜର ଆସିବେ । ■

# ଅକ୍ଷୟ ଅସୁସ୍ଥ

ବଲିଉଡ୍‌ର ଖିଲାଡିମ୍ୟାନ୍ ଅକ୍ଷୟ କୁମାର ଏବେ କରୋନାରେ ଆକ୍ରାନ୍ତ। ସେଥିପାଇଁ ସେ ଏବେ କ୍ୱାରେଣ୍ଟାଇନ୍‌ରେ ଅଛନ୍ତି। ସେ 'ସର୍‌ଫିରା' ଫିଲ୍ମର ପ୍ରମୋସନ୍ କରୁଥିଲେ। ସେହି ସମୟରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ଏହାସହ ସେ ଜାଣିବାକୁ ପାଇଲେ ଫିଲ୍ମ 'ସର୍‌ଫିରା' ପ୍ରମୋସନ୍ ଟିମ୍‌ର ଅନ୍ୟ କେତେ ଜଣ ବି କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏକଥା ଜାଣିବା ପରେ ସେ ତୁରନ୍ତ ନିଜର କରୋନା ପରୀକ୍ଷା କରାଇ ଥିଲେ ଏବଂ ଏହାର ରିପୋର୍ଟ ପଜିଟିଭ୍ ଆସିଥିଲା । ସେହିପରି କରୋନାରେ ଆକ୍ରାନ୍ତ ହେବା ଯୋଗୁଁ ସେ ଫିଲ୍ମର ପ୍ରମୋସନ୍ କରିବେ ନାହିଁ। ତା'ସହ ଅନନ୍ତ ଅମ୍ବାନିଙ୍କ ବାହାଘରରେ ବି ସାମିଲ ହେଲେ ନାହିଁ। ■



## ବାଗୋଇରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ



କୁଜଙ୍ଗ, ୧୭।୭ (ସମିସ): କୁଜଙ୍ଗ ବ୍ଲକ ବାଗୋଇ ସ୍ଥିତ ପଞ୍ଚାୟତ ହାଇସ୍କୁଲ ବାଗୋଇ ପରିସରରେ ବାବା ବଟମହାପୁରୁଷ ଇକୋ କ୍ଲବ୍ ପକ୍ଷରୁ ଚାରାରୋପଣ, ଚିତ୍ରାଙ୍କନ, ପରିବେଶ ସୁରକ୍ଷା ନେଇ କୁଇଜ୍, ପ୍ରବନ୍ଧ ପ୍ରତିଯୋଗୀତା ସହ ବହୁବିଧ କାର୍ଯ୍ୟକ୍ରମ ଇକୋ କ୍ଲବର ପ୍ରମୁଖ ତଥା ବିଶିଷ୍ଟ ଗଣିତ ଶିକ୍ଷକ ବୈକୁଣ୍ଠ ବିହାରୀ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଓଷ୍ଟାର କାର୍ଯ୍ୟକାରୀ ସଦସ୍ୟ ସୁବାସ ଚନ୍ଦ୍ର ଦାସ ଉଦ୍‌ଘାଟନ କରିବା ସହ ଚାରାରୋପଣ, ଏହାର ସୁରକ୍ଷା ଛାତ୍ରଜୀବନରୁ ଏକ ଅଭ୍ୟାସରେ ପରିଣତ କରିବାକୁ ଆହ୍ୱାନ ଦେବା ସହ ଦ୍ରୁତ ପରିବେଶ ପ୍ରଦୂଷଣରୁ ବିଦ୍ୟାର୍ଥୀଙ୍କ ଏହିପରି କାର୍ଯ୍ୟ ଏକମାତ୍ର ରକ୍ଷାକବଚ ବୋଲି କହିବା ସହ ଜନ୍ମଦିନ କିମ୍ବା ଅନ୍ୟାନ ଉତ୍ସବରେ ଚାରା ଉପହାର ଦେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କ୍ରୀଡା ଶିକ୍ଷକ ରଶ୍ମୀକାନ୍ତ ଦାସ, ଶିକ୍ଷୟିତ୍ରୀ ଉର୍ମିଳା ଦାଶ, ବନଲତା ମହାନ୍ତିଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ମନ୍ତ୍ରୀ ଓ ସାଂସଦ



କୁଜଙ୍ଗ, ୧୭।୭ (ସମିସ): ଏକ ବିଶେଷ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କୁଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ଜଗତସିଂହପୁର ସାଂସଦ ଡା. ବିଭୂ ପ୍ରସାଦ ତରାଇ ଯୋଗଦେବା ସହ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ସ୍ୱାଗତ ବ୍ୟବସ୍ଥା କରାଯାଇଥିଲା। ଏନେଇ ବିଦ୍ୟାଳୟର ଅଭାବ ଅସୁବିଧା ବୁଝିବା ସହ ପରିଚାଳନା ସମିତି ଓ ଗୁରୁଜୀ ଗୁରୁମାଙ୍କ ସହିତ ମନ୍ତ୍ରୀ ଓ ସାଂସଦ ଆଲୋଚନା କରିଛନ୍ତି। ଉଭୟ ମନ୍ତ୍ରୀ ଓ ସାଂସଦଙ୍କୁ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ରଜନୀକାନ୍ତ ଦାସ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଅତୀତରେ ଏହି ଦୁଇ ଅତିଥିଙ୍କ ବିଦ୍ୟାଳୟ ସହ ଥିବା ପୁରୁଣା ସମ୍ପର୍କ ଓ ବିଭିନ୍ନ ସମୟରେ ବିଦ୍ୟାଳୟକୁ ଆସିଥିବା ସମୟର ସ୍ମୃତିକୁ ତାଜା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଯୁବ ଅଧିବକ୍ତା କରୁଣାକର ସାହୁ, ଉପସଭାପତି ଅଭୟ ମହାରଣା, ଯୁଗ୍ମ ସମ୍ପାଦକ ଶରତ ସାମନ୍ତରା, ବିଦ୍ୟାଳୟର ଦିବା ପର୍ଯ୍ୟାୟ ପ୍ରମୁଖ ଅଞ୍ଜଳି ପ୍ରଭା ମହାରଣା, ପରୀକ୍ଷା ପ୍ରମୁଖ୍ ତିଳୋତ୍ତମା ମହାନ୍ତିଙ୍କ ସହ ବହୁ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ। ବିଦ୍ୟାଳୟର ବିଭିନ୍ନ ଅଭାବ ଅସୁବିଧା କଥା ଉଭୟ ଅବଗତ ହେବା ସହ ସମୃଦ୍ଧି ପାଇଁ ସବୁ ପ୍ରକାର ସହଯୋଗ କରାଯିବ ବୋଲି କହିଥିଲେ। ମାନ୍ୟବର ମନ୍ତ୍ରୀ ଓ ସାଂସଦଙ୍କ ଏହି କାର୍ଯ୍ୟ ପାଇଁ ବିଦ୍ୟାଳୟ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ବାହୁଡ଼ା ଯାତ୍ରା ଉପଲକ୍ଷେ ଆଧ୍ୟାତ୍ମିକ କବିତା ପାଠ



ପାରାଦୀପ, ୧୭।୭ (ସମିସ): ପାରାଦୀପରେ ପବିତ୍ର ବାହୁଡ଼ା ଯାତ୍ରା ଉପଲକ୍ଷେ ପାରାଦୀପ ବନ୍ଦର ସାଂସ୍କୃତିକ କକ୍ଷ ଜଗନ୍ନାଥ ଲଳିତ କଳା ସଂସଦ ସୌଜନ୍ୟରୁ ତଥା ଅମ୍ବିକାଇ ଗଣ ପରିଷଦ ସହଯୋଗରେ ଜଗନ୍ନାଥ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଏକ ଭକ୍ତି ଓ ଆଧ୍ୟାତ୍ମିକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅମ୍ବିକାଇ ଗଣ ପରିଷଦ ସଭାପତି ତଥା ବରିଷ୍ଠ ସାମ୍ବାଦିକ ଧ୍ରୁବ ଚରଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ହାରାମଣି ମହାପାତ୍ର ଓ ସମ୍ମାନିତ ଅତିଥି ଭାବରେ ଡାକ୍ତର ଅରବିନ୍ଦ ନାୟକ, ବାବୁରାମ ଚୌଧୁରୀ ଯୋଗ ଦେଇଥିଲେ। କବି ସର୍ବଶ୍ରୀ ବାବାଜୀ ଚରଣ ନାୟକ, କୁଳମଣି ବିଶ୍ୱାଳ, ଅରୁପ କୁମାର ବିଶ୍ୱାଳ, ରଘୁନାଥ ଆଚାର୍ଯ୍ୟ, ପ୍ରଭାତ କୁମାର ବାରିକ, ଗୀତା ଦାସ, ବିଷ୍ଣୁ ପ୍ରିୟା ମହାନ୍ତି, ସସ୍ମିତା ମହାନ୍ତି, ନୃସିଂହ ଚରଣ ବାରିକ, ସଞ୍ଜୀବ କୁମାର ଦାସ, ନବୀନ କୁମାର ପ୍ରଧାନ, ଉର୍ମିଳା ମହାନ୍ତି, ନିହାରୀ ବାଳା ବାରିକ, ଶିଶୁ କବି ଲଗ୍ନଜିତ ରାଉତ, ନଗେନ୍ଦ୍ର ନାଥ ସ୍ୱାଇଁ, ସୂର୍ଯ୍ୟକାନ୍ତ ଦାସ, ନଳିନୀପ୍ରଭା ସାହୁଙ୍କ ସମେତ ନିମନ୍ତ୍ରିତ ଅତିଥିମାନେ ସ୍ୱରଚିତ ଭକ୍ତି କବିତା ପାଠ କରିଥିଲେ। କବିତା ସଂଯୋଜନା କରିଥିଲେ କବି ପ୍ରେମଲତା ବାରିକ ଓ ପ୍ରଶାନ୍ତ କୁମାର ରାଉତ। ଧନ୍ୟବାଦ ଅର୍ପଣ କରିଥିଲେ ଜଗନ୍ନାଥ ଲଳିତ କଳା ସାଂସଦ ସମ୍ପାଦକ ପ୍ରଶାନ୍ତ କୁମାର ମହାରଣା।

## ବଜ୍ର ମହାକାଳୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

**ମଣିଜଙ୍ଗା, ୧୭।୭ (ସମିସ):** ତିର୍ତ୍ତୋଲ ବ୍ଲକ କୋଳର ପଞ୍ଚାୟତ ବସନ୍ତିଆସାହି ଗ୍ରାମରେ ଶ୍ରୀ ଶ୍ରୀ ବଜ୍ର ମହାକାଳୀଙ୍କର ନୂତନ ବିଗ୍ରହ ଓ ନୂତନ ମନ୍ଦିର ପ୍ରତିଷ୍ଠା ଆରମ୍ଭ ହୋଇଛି। ପ୍ରତ୍ୟୁଷରେ ୧୦୮ କଳସ ଶୋଭାଯାତ୍ରା, ଘଟସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା ଓ ଯଜ୍ଞ ଆରମ୍ଭ ହୋଇଛି। ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ମା' ବଜ୍ର ମହାକାଳୀଙ୍କ ପୀଠରେ ହୋମଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା, ଭଜନ ସନ୍ଧ୍ୟା ଓ ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପ୍ରତ୍ୟହ ସନ୍ଧ୍ୟାରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି। ୧୮ ତାରିଖ ସନ୍ଧ୍ୟାରେ ଏହାର ପୂର୍ଣ୍ଣାହୂତି ହେବ। କର୍ତ୍ତା ଭାବେ ନିରଞ୍ଜନ ଆଚାର୍ଯ୍ୟ ଓ ନିର୍ମଳା ଆଚାର୍ଯ୍ୟ ଦାୟିତ୍ୱ ତୁଲାଉଥିବାବେଳେ ଗ୍ରାମର ତ୍ରିଲୋଚନ ଆଚାର୍ଯ୍ୟ, ଦେବେନ୍ଦ୍ର ଆଚାର୍ଯ୍ୟ, ଅଭୟ କୁମାର ଆଚାର୍ଯ୍ୟ, ଧିରେନ୍ ଆଚାର୍ଯ୍ୟ, ନିମାଇଁ ଛାଟୋଇ, ପ୍ରଶାନ୍ତ ବସନ୍ତିଆ, ଅନାମ ବସନ୍ତିଆ, ଧନେଶ୍ୱର କର, ନଗେନ୍ଦ୍ର ଆଚାର୍ଯ୍ୟ, ସୁନିଲ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରୁଛନ୍ତି।

### ଜବରଦଖଲକାରୀଙ୍କ କବ୍‌ଜାରେ ଜିଲ୍ଲାର ନଦୀ, ନାଳ, ସରକାରୀ ଓ ଜଙ୍ଗଲ ଜମି

# ଚାଲିଛି ତାଲିକା ପ୍ରସ୍ତୁତି; ଖୁବ୍‌ଶୀଘ୍ର ଉଚ୍ଛେଦ

ଜଗତସିଂହପୁର, ୧୭।୭ (ସମିସ)



ରାଜ୍ୟର ସହରାଞ୍ଚଳ ଓ ଗ୍ରାମାଞ୍ଚଳର ମୂଲ୍ୟବାନ ଜମି ଜବରଦଖଲ ମୁକ୍ତ କରିବାକୁ ରାଜ୍ୟ ସରକାର ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ଶହ ଶହ ଏକର ନଦୀ, ନାଳ, ସରକାରୀ ଓ ଜଙ୍ଗଲ ଜମି ଜବରଦଖଲକାରୀଙ୍କ କବଜାରେ ରହିଥିବାରୁ ଏ ବାବଦରେ ଜଗତ୍‌ସିଂହପୁର ଜିଲ୍ଲାପାଳ ଅନୁପମ ସାହାଙ୍କ ନିର୍ଦ୍ଦେଶରେ ସମସ୍ତ ତହସିଲଦାରଙ୍କ ନେତୃତ୍ୱରେ ଜବରଦଖଲକାରୀଙ୍କ ତାଲିକା ପ୍ରସ୍ତୁତ ହେଉଛି। ଏହାକୁ ନେଇ ଏବେ ବହୁ ଜବରଦଖଲକାରୀଙ୍କ ମନରେ ଛନକା। ଖୁବ୍‌ଶୀଘ୍ର ସେମାନଙ୍କୁ ନୋଟିସ କରାଯିବ ବୋଲି ଉପଜିଲାପାଳ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି।

ଜଗତସିଂହପୁର ଜିଲ୍ଲାର ଶହ ଶହ ଏକର ସରକାରୀ ଓ ଜଙ୍ଗଲ ଜମି ବର୍ଷ ବର୍ଷଧରି ଚିଙ୍ଗୁଡି ମାଫିଆଙ୍କ କବ୍‌ଜାରେ ରହିଆସିଛି। ବାଲିକୁଦା ଓ ଏରସମା ବ୍ଲକର ଶହ ଶହ ଏକର ସରକାରୀ ଓ ଜଙ୍ଗଲ ଜମି ଚିଙ୍ଗୁଡି ମାଫିଆଙ୍କ କବ୍‌ଜାରେ ରହିଆସିଛି। ବାଲିକୁଦା ତହସିଲ ଅଧିନ ମରିଚିପୁର ରାଜସ୍ୱ ସର୍କଲର ପ୍ରାୟ ୫ଶହ ଏକର ସରକାରୀ ଜମିରେ ଚିଙ୍ଗୁଡିଘେରି ଗଢିଉଠିଛି। ଏରସମାର ୨୫ ପଞ୍ଚାୟତରେ ପ୍ରାୟ ୫ ହଜାର ବେଆଇନ ଚିଙ୍ଗୁଡି ଓ ମାଛ ଘେରି ସରକାରୀ ଜାଗାକୁ ଜବରଦଖଲ କରି ଗତ ୨୩ବର୍ଷ ହେବ ଚାଲିଆସୁଛି। ଫଳରେ ଜଳ ନିଷ୍କାସନରେ ବାଧା ଉପୁଜୁଛି। ଏରସମା ବ୍ଲକର ପଦ୍ମପୁର, ଆମ୍ବିକି, ଗୋଡା, ଗଡ଼ହରିଶପୁର, ଗଡ଼ ବିଷନପୁର, ଜିରାଇଲେ, କୁଞ୍ଜକୋଠି, ବାଲିତୁଠ ଓ ଗଡ଼ କୁଜଙ୍ଗ ପ୍ରଭୃତି ପଞ୍ଚାୟତରେ ପ୍ରାୟ ୧୨ଶହ ଏକରରୁ ଅଧିକ ସରକାରୀ ଜମିରେ ବେଆଇନ ଘେରି ରହିଛି। ବାଲିକୁଦା ଏରସମା ତହସିଲ ଅଧିନରେ ଗଢିଉଠିଥିବା ୨୫ ଶହ ହେକ୍ଟର ଜମିରେ ବେଆଇନ ଚିଙ୍ଗୁଡି ଘେରି ରହିଥିବା ବନବିଭାଗ ଓ ରାଜସ୍ୱ ବିଭାଗର ୨୦୨୧ରେ ଯୁଗ୍ମ ସର୍ଭେ ରିପୋର୍ଟରୁ ସୂଚନା ମିଳିଛି। ଜବରଦଖଲ ମୁକ୍ତ ପରେ ସେହି ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି କରାଯାଇପାରିବ।

ଜିଲ୍ଲାର ବହୁ ନଦୀଗର୍ଭ ବା ପଠା ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ସେଥିରୁ ଅଳକା ନଦୀ ସର୍ବାଧିକ। ଅଳକା ନଦୀ ଜିଲ୍ଲାର ବିରିଡି, ବାଲିକୁଦା, ଜଗତସିଂହପୁର ଦେଇ ଏରସମା ପର୍ଯ୍ୟନ୍ତ ଦୀର୍ଘ ୫୨ କିମି ପର୍ଯ୍ୟନ୍ତ ଲମ୍ବିଥିଲା। ଅନ୍ୟାନ୍ୟ ନଦୀ ପରି ଅଳକାରେ ପ୍ରତିବର୍ଷ ବନ୍ୟା ଆସୁଥିଲା। ତେବେ ଏହି ନଦୀକୁ କସପା ନିକଟରେ ବନ୍ଧାଯାଇ ତାଳଦଣ୍ଡା ଓ ମାଛଗାଁ କେନାଲ ଖୋଳା ଯାଇଥିଲା। ନଦୀରେ ପୂର୍ବପରି ପାଣି ନଆସିବାରୁ ନଦୀ ଶୁଖିବାକୁ ଲାଗିଲା। ସେବେଠାରୁ ଜବରଦଖଲ ପାଇଁ ପ୍ରତିଯୋଗିତା ଆରମ୍ଭ ହେଲା। ରାଜସ୍ୱ ବିଭାଗର ଅସାଧୁ କର୍ମଚାରୀଙ୍କ ମାଧ୍ୟମରେ ନଦୀ ପଠାରେ ଘରବାଡି ସହିତ ବହୁ ତଳ ପ୍ରସାଦ ମଧ୍ୟ ନିର୍ମାଣ ହେଲା।

୧୯୩୨ ସେଟେଲମେଣ୍ଟରେ ଅଳକାନଦୀରେ ଯେତିକି ଜମି ଥିଲା ୧୯୭୨ରେ ତାର ଅଧାରୁ ଅଧିକ ଜମି ହଡପ ହୋଇଥିଲା। ୮୦ରୁ ୯୦ ଦଶକରେ ଅଳକାନଦୀର ଅବଶିଷ୍ଟ ଜମିର ପରିମାଣ ଜଗତସିଂହପୁର ତହସିଲ ଅଧିନରେ ୧୧୮ ଏକର, ନାଉଗାଁ ତହସିଲ ଅଧିନରେ ୪୧ ଏକର, ବିରିଡି ତହସିଲ ଅଧିନରେ ୧୭୯ ଏକର ଥିବା ନେଇ ରାଜସ୍ୱ ପ୍ରଶାସନ ରିପୋର୍ଟ ଦେଇଥିଲା। ମାତ୍ର ଏହି ଜମି ପରବର୍ତ୍ତୀ ୩୦ ବର୍ଷ ମଧ୍ୟରେ ହଡପ କରାଯିବା ଦ୍ୱାରା ଶେଷ ହେବାକୁ ବସିଛି। ୧୯୩୨ ସେଟେଲମେଣ୍ଟ ଅନୁସାରେ ଜମି ହଡପ କରିଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଆସୁଛି। ସେହିପରି ଜଳ ନିଷ୍କାସନ ପାଇଁ ଜଗତସିଂହପୁର ସହରରେ ତିନିଟି ଡ୍ରେନେଜ କଟ ରହିଛି। ପାଣିଶାଳିଆ, ନାଗପୁର ଓ ମାଧପୁର ଡ୍ରେନେଜ କଟର ଉଭୟପଟ ବନ୍ଧ ଜବରଦଖଲ ହୋଇଛି। ପାଣିସାଳିଆ ନାଗପୁର ଡ୍ରେନେଜ ଉପରେ କାନ୍ଥ ଉଠାଇ ଘର କରାଯାଇଛି।

ଏ ସମ୍ପର୍କରେ ଉପ ଜିଲ୍ଲାପାଳ ଶ୍ରୀ ସାହୁଙ୍କୁ ପଚାରିବାରୁ ସେ କୁହନ୍ତି, ତାଲିକା ପ୍ରସ୍ତୁତ ହେବାପରେ ଜବରଦକଲକାରୀଙ୍କୁ ୩୮ ଦିନିଆ ନୋଟିସ କରାଯିବ। ଓଡ଼ିଶା ପ୍ରିଭାନ୍ସ ଅଫ ଲ୍ୟାଣ୍ଡ ଏନଫୋର୍ସମେଣ୍ଟ ଆଇନ ଅନୁସାରେ ସରକାରୀ ଜମିକୁ ମୁକ୍ତ କରାଯିବ। ତେବେ ଅଳକା ନଦୀ ଜମି ହଡପ କରିବାରେ ଏକ ବଡଧରଣର ର୍‌ୟାକେଟ୍ କାମ କରିଥିବାରୁ ଏହି ନଦୀ ଗର୍ଭର ଜମିକୁ କିପରି ନିଜ ନାମରେ କରାଗଲା ତାହାର ଏକ ବଡଧରଣର ତଦନ୍ତ ଅବଶ୍ୟକ ବୋଲି ସେ କହିଛନ୍ତି।

## ଶିଳ୍ପ ମନ୍ତ୍ରୀ ଓ ସାଂସଦଙ୍କ ତୈଳ ବିଶୋଧନାଗାର ପରିଦର୍ଶନ



**ପାରାଦୀପ, ୧୭।୭ (ସମିସ):** ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଜଗତସିଂହପୁର ସାଂସଦ ଡା. ବିଭୁ ପ୍ରସାଦ ତରାଇ ବୁଧବାର ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାର ପରିଦର୍ଶନ କରିଥିଲେ। ବିଶୋଧନାଗାରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ବିଶୋଧନାଗାରର ମୁଖ୍ୟ କୌଶିକ ବସୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ପାରମ୍ପାରିକ ଉତ୍ତରୀୟ ପ୍ରଦାନ ସହିତ ସ୍ୱାଗତ କରିଥିଲେ। ଏହି ଅବସରରେ ଶିଳ୍ପମନ୍ତ୍ରୀ ଏବଂ ସାଂସଦ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଚାରା ରୋପଣ କରିଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପାରାଦୀପର ଶିଳ୍ପ କ୍ଷେତ୍ରର ବିକାଶ କାର୍ଯ୍ୟ ଆରମ୍ଭ ହୋଇସାରିଛି ଏବଂ ପାରାଦୀପବାସୀ ଏହାଦ୍ୱାରା ଉପକୃତ ହେବେ। ଏହି ଅବସରରେ ସାଂସଦ ଶ୍ରୀ ତରାଇ କହିଥିଲେ ଯେ ସେ ପାରାଦୀପ ଏବଂ ଏହି ଅଞ୍ଚଳର ଜନସାଧାରଣଙ୍କ ପ୍ରଗତି ପାଇଁ ସଂକଳ୍ପବଦ୍ଧ। ତୈଳ ବିଶୋଧନାଗାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ ଶ୍ରୀ କୌଶିକ ବସୁ କହିଥିଲେ ଯେ, ପାରାଦୀପ ରିଫାଇନାରି ହେଉଛି ଭାରତର ପୂର୍ବ ଉପକୂଳର ସର୍ବବୃହତ ରିଫାଇନରୀ ଏବଂ ଏହା ଓଡ଼ିଶା ସରକାରଙ୍କ ସହଯୋଗରେ ଅଗ୍ରଗତି କରିବ। ଏହି ଗସ୍ତ ସମୟରେ ରାଜ୍ୟମନ୍ତ୍ରୀ ଏବଂ ସାଂସଦ ପାରାଦୀପ ତୈଳ ବିଶୋଧନାଗାର ପରିଚାଳନାର ସମୀକ୍ଷା କରିଥିଲେ। ରାଜ୍ୟମନ୍ତ୍ରୀ ଏବଂ ସାଂସଦ ଏହି ଅଞ୍ଚଳର ପ୍ରଗତିକୁ ତ୍ୱରାନ୍ୱିତ କରିବାରେ ବିଶୋଧନାଗାରର ଭୂମିକାକୁ ପ୍ରଶଂସା କରିଥିବା ନେଇ ପାରାଦୀପ ତୈଳ ବିଶୋଧନାଗାର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ମିଳିଛି।

## ୭୬ ବର୍ଷର ବୃଦ୍ଧଙ୍କୁ ୫ ବର୍ଷ ଜେଲ୍

**ଜଗତସିଂହପୁର, ୧୭।୭ (ସମିସ):** ଜଣେ ମହିଳାଙ୍କୁ ପୁଲିସ ରିଜର୍ଭ ଫୋର୍ସରେ ଚାକିରି କରାଇ ଦେବାକୁ କହି ବିରିଡି ଅଞ୍ଚଳର ୭୬ ବର୍ଷର ବୃଦ୍ଧ ବିଭୁତି ଭୂଷଣ ସ୍ୱାଇଁ ତାଙ୍କଠାରୁ ୭୦ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଏହାର ବିଚାର କରି ମଙ୍ଗଳବାର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ଜଗତସିଂହପୁର ନୀଳିମା ପଣ୍ଡା ଆସାମୀ ବିଭୂତିକୁ ଦୋଷୀ ସାବ୍ୟସ୍ତ କରିବା ସହିତ ୫ ବର୍ଷର୍ ଜେଲ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି।

**● ଚାକିରି କରାଇ ଦେବାକୁ କହି ୭୦ ହଜାର ଟଙ୍କା ଠକେଇ**

ଅତିରିକ୍ତ ପିପି କେ.ସି. ଆଚାର୍ଯ୍ୟଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ, ବିରିଡି ବ୍ଲକ ପୋରଗଦେଇ ଗାଁର ବୀଣାପାଣି ପତି (୩୨)ଙ୍କୁ ବିରିଡି ମଇନ୍ଦିପୁର ଗ୍ରାମର ବିଭୂତି ଭୂଷଣ ଚାକିରି ପ୍ରଲୋଭନ ଦେଖାଇଥିଲେ। ତାଙ୍କ ପୁଅ କଟକ ସ୍ପେସାଲ ବ୍ରାଞ୍ଚରେ ଚାକିରି କରିଥିବାରୁ ତାକୁ କହି ଚାକିରି କରାଇଦେବାକୁ ବୀଣାପାଣିଙ୍କୁ କହି ୭୦ ହଜାର ଟଙ୍କା ନେଇଥିଲେ। ପୁନର୍ବାର ଆଉ ୩୦ ହଜାର ଟଙ୍କା ମାଗିବାରୁ ବୀଣାପାଣିଙ୍କର ସନ୍ଦେହ ହୋଇଥିଲା। କଟକ ରିଜର୍ଭ ପୁଲିସ କାର୍ଯ୍ୟାଳୟକୁ ଯାଇ ବୁଝିଲେ ଯେ, ବିଭୁତିଙ୍କ ପୁଅ ଜଗତସିଂହପୁର ରିଜର୍ଭରେ ଡ୍ରାଇଭର ଅଛନ୍ତି। ଏହାପରେ ସେ ବିଭୂତିଙ୍କୁ ଟଙ୍କା ମାଗିଥିଲେ। ମାତ୍ର ପରେ ଦେବି ଦେବି କହି ଶେଷରେ ଆଉ ଧରାଛୁଆଁ ଦେଇ ନଥିଲେ। ବାଧ୍ୟ ହୋଇ ବୀଣାପାଣି ତାଙ୍କ ବିରୋଧରେ ମାମଲା କରିଥିଲେ। ମଙ୍ଗଳବାର ଏ ସମ୍ପର୍କରେ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ଜଗତସିଂହପୁର ନୀଳିମା ପଣ୍ଡାଙ୍କ କୋର୍ଟରେ ଶୁଣାଣି ହେବା ସହିତ ମୋଟ ୭ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଭୂତିକୁ ୪୨୦ ଦଫାରେ ୫ ବର୍ଷର୍ ଜେଲଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନ ଆଦେଶ ଦେଇଥିଲେ।

## ନବବଧୂଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଜଗତ୍‌ସିଂହପୁର, ୧୭।୭ (ସମିସ):** ଜିଲ୍ଲାର ଏରସମା ବ୍ଲକ ଆମ୍ବିକି ପଞ୍ଚାୟତରେ ଘଟିଛି ଏକ ଅଭାବନୀୟ ଘଟଣା। ବିବାହ ୪ ମାସ ନ ପୁରୁଣୁ ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଜମ୍ମୁ ମେରାଇନ ଥାନା ରାମନଗରର ଭରତ ଦାସଙ୍କ ଝିଅ ସୋନାଲି। ସୋନାଲି ଦାସ ଜଗତସିଂହପୁର ଜିଲ୍ଲା ଏରସମା ଥାନା ଆମ୍ବିକି ପଞ୍ଚାୟତ କିଆଦା (ସହଙ୍ଗ) ଗ୍ରାମର ମାଧବାନନ୍ଦ ପରିଡ଼ାଙ୍କ ପୁଅ ରଶ୍ମିରଞ୍ଜନଙ୍କୁ ୪ମାସ ତଳେ ପ୍ରେମ ବିବାହ କରିଥିଲେ। ରଶ୍ମିରଞ୍ଜନ ଆଜି ସକାଳ ପ୍ରାୟ ସାଢେ ୭ଟାରେ କାମକୁ ଯିବାପରେ ଜଣେ ଛୋଟ ଝିଅ ସାଢେ ୯ଟାରେ ସୋନାଲିଙ୍କ ଝୁଲନ୍ତା ଶବ ଦେଖି ପାଟି କରି ଲୋକଙ୍କୁ ଡାକ ପକାଇଥିଲା। ପଡ଼ୋଶୀ ଆସି ବେକରୁ ରଶି ଖୋଲିଥିଲେ ବୋଲି କହିଛନ୍ତି। ହେଲେ ସେତେବେଳକୁ ସୋନାଲିର ମୃତ୍ୟୁ ହୋଇଯାଇଥିବା ସେମାନେ କହିଛନ୍ତି। ଏ ସମ୍ପର୍କରେ ଏରସମା ଥାନାକୁ ଖବର ଦେବାପରେ ପୁଲିସ ପହଞ୍ଚି ସୋନାଲିଙ୍କ ବାପ ଘରକୁ ଜଣାଇଥଲା। ବାପଘର ଲୋକେ ପହଞ୍ଚିଥିବାବେଳେ ଏରସମା ପୁଲିସ ସ୍ୱାମୀକୁ ଅଟକ ରଖି ତଦନ୍ତ ଚଳାଇଛି।

## ପାରାଦୀପ ପୋର୍ଟରେ କାର୍ଯ୍ୟରତ ଶ୍ରମିକଙ୍କ ବିଭିନ୍ନ ଦାବି ନେଇ ବାପି ସର୍ଖେଲଙ୍କ ସାମ୍ବାଦିକ ସମ୍ମିଳନୀ



**ପାରାଦୀପ, ୧୭।୭ (ସମିସ):** ଡିଏଲ୍‌ଆର ଶ୍ରମିକଙ୍କ ପାଇଁ ସମାନ କାମକୁ ସମାନ ଦରମା, ଅବସରକାଳୀନ ଭତ୍ତା ୧୫ ଲକ୍ଷ, ଅବସର ପରେ ଅଧିକ ୩ ବର୍ଷ ନିଯୁକ୍ତି ଅବଧି ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରେଗୁଲାର ଏମ୍ପ୍ଲୟିଙ୍କ ଭଳି ସମାନ ସୁବିଧା ଇତ୍ୟାଦି ୪ ଦଫା ଦାବି ପାରାଦୀପ ବନ୍ଦର ପୂରଣ କରୁ ବୋଲି ଶ୍ରମିକନେତା ବାପି ସର୍ଖେଲ ଦାବି କରିଛନ୍ତି। ପାରାଦୀପ ନୂଆବଜାର ସ୍ଥିତ ଶ୍ରମିକ ସଂଘ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ କରି ବାପି ସର୍ଖେଲ ଏସବୁ ଦାବି ଉଠାଇଛନ୍ତି। ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ଏବଂ ପାରାଦୀପ ବନ୍ଦର ଡିଏଲଆର ଶ୍ରମିକ ସଂଘରେ ସଦସ୍ୟ ଥିବା ଶତାଧିକ ଠିକା ଶ୍ରମିକ ପାରାଦୀପ ବନ୍ଦରର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବାବେଳେ ସେମାନଙ୍କ ଏସବୁ ଦାବିକୁ ଦୀର୍ଘ ଦିନରୁ ନଜର ଅନ୍ଦାଜ କରାଯାଉଥିବା ବାପି ସର୍ଖେଲ ଅଭିଯୋଗ କରିଛନ୍ତି। ଏବେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ସରକାର ଥିବାରୁ ଶ୍ରମିକଙ୍କ ଦାବି ପୂରଣ କରିବାରେ ପାରାଦୀପ ବନ୍ଦରକୁ ଅସୁବିଧା ହେବନି, ତେଣୁ ଏହି ମର୍ମରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ସମେତ କେନ୍ଦ୍ର ଜାହଜ ଚଳାଚଳ ମନ୍ତ୍ରୀ, ରାଜ୍ୟ ଶିଳ୍ପ ମନ୍ତ୍ରୀ ଏବଂ ଜଗତସିଂହପୁର ସାଂସଦଙ୍କୁ ଦାବିପତ୍ର ପ୍ରଦାନ କରିଥିବା ବାପି ସର୍ଖେଲ ପ୍ରକାଶ କରିଛନ୍ତି।

## ବାହାରିନରେ ପ୍ରବାସୀ ଓଡ଼ିଆ ପାଳିଲେ ବାହୁଡ଼ା ଯାତ୍ରା

**ଜଗତସିଂହପୁର, ୧୭।୭ (ସମିସ):** ବାହାରିନର ରାଜଧାନୀ ମାନାମା ଠାରେ ପ୍ରବାସୀ ଓଡ଼ିଆଙ୍କ ସଂଗଠନ 'ବାହାରିନ ଓଡ଼ିଆ ସମାଜ' ପକ୍ଷରୁ ବାହୁଡା ଯାତ୍ରା ପାଳିତ ହୋଇଯାଇଛି।



ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଘଣ୍ଟଘଣ୍ଟା ଓ ବାଦ୍ୟର ତାଳେ ତାଳେ ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନିରେ ରଥ ଟାଣିଥିଲେ। ଚତୁର୍ଦ୍ଧାମୂର୍ତ୍ତି ରଥରେ ପରିକ୍ରମା କଲା ପରେ ଶତାଧିକ ଭକ୍ତ ପ୍ରସାଦ ସେବନ କରିଥିଲେ। ଶେଷରେ ଓଡ଼ିଶାର ବିଭିନ୍ନ ପାରମ୍ପାରିକ ନୃତ୍ୟ ପ୍ରଦର୍ଶନ ହୋଇଥିଲା। ଆରବରେ ଓଡ଼ିଆ ଶିଳ୍ପପତି ଦେବଲୋକନାଥ ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଓ ଐତିହ୍ୟ ବିଷୟରେ ମତ ରଖିଥିଲେ। ବାହାରିନ ଓଡ଼ିଆ ସମାଜ ସଭାପତି ପ୍ରଭାକର ପାଢ଼ୀ, ଯୁଗ୍ମ ସମ୍ପାଦକ ଶାରଦା ପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରିୟଦତ୍ତ ରୟ, ଜନ ସମ୍ପର୍କ ସମ୍ପାଦକ ଅମରନାଥ ସୁବୁଦ୍ଧି ଏବଂ କ୍ରୀଡା ସମ୍ପାଦକ ଅମରେଶ ପଣ୍ଡା ଶ୍ରୀଜଗନ୍ନାଥ ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ।

## ମହିମା ଅଲେଖ ସୁରକ୍ଷା ମଞ୍ଚ ପକ୍ଷରୁ ବନ ମହୋତ୍ସବ

**ନାଉଗାଁ, ୧୭।୭ (ସମିସ):** ନାଉଗାଁ ବ୍ଲକ ଶିଖର ବାଇଁଆପଡ଼ା ଅଲେଖ ଆଶ୍ରମଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କାକାଟପୁର ଉପଖଣ୍ଡ ବନବିଭାଗ ଅଧିକାରୀ ମୋନାଲିସା ମହାପତ୍ର, ସମ୍ମାନୀତ ଅତିଥିଭାବେ ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ସାହୁ, ସମାଜସେବୀ ସ୍ୱପ୍ନେଶ୍ୱର ଦାସ, ପ୍ରାଚୀ ମଠର ପଣ୍ଡିତ ତ୍ରିଲୋଚନ ପାଢ଼ୀ, ନିଲୁରାମ ଜେନା, ଉପେନ୍ଦ୍ର ଦାସ, ନିରଞ୍ଜନ ବେହୁରା ପ୍ରମୁଖ ଆଶ୍ରମ ପରିସର ସମେତ ଦେବୀନଦୀ ପଠାରେ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଭାତ ତରାଇ ପରିଚାଳନା କରିଥିବା ବେଳେ ସଂଗଠନ ସଭାପତି ଯୁଧିଷ୍ଠିର ତରାଇ, ସମ୍ପାଦକ ରତ୍ନାକର ତରାଇ ସହଯୋଗ କରିଥିଲେ।





## ଡ୍ରାଇଭରକୁ ବାନ୍ଧି ପିଟିଲେ; ଗିରଫ ପରେ ଜାମିନରେ ଆସିଲେ

ପାରାଦୀପ, ୧୭।୭ (ସମିସ)

ପାରାଦୀପରେ ଟ୍ରକ ଡ୍ରାଇଭରଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ି ଚାଲିଛି। ଗତ ୩ଦିନ ତଳେ ଟ୍ରକ୍ ଓଭରଟେକିଂକୁ ନେଇ ଡ୍ୟୁଟିରେ ଥିବା ଜଣେ ହୋମଗାର୍ଡଙ୍କୁ ଟ୍ରକ୍ ଚଢାଇ ମାରିଦେବା ଭଳି ନୃଶଂସ ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ସାମାନ୍ୟ ଏକ ମୋବାଇଲ ଚୋରିକୁ ନେଇ ଜଣେ ଡ୍ରାଇଭରକୁ ସନ୍ଦେହ କରି ତାର ହାତବାନ୍ଧି ବାଡେଇବା ଓ ପରେ ଅପହରଣ କରିବା ଘଟଣା ଏବେ ସୋସିଆଲ ମିଡିଆରେ ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଛି। ସେହି ଭିଡିଓରୁ ଜଣାପଡୁଛି ଯେ, ଗତ ୩ଦିନ ତଳେ ପାରାଦୀପ ଜିରୋ ପଏଣ୍ଟ ନିକଟରେ ଜଣେ ବ୍ୟକ୍ତିଙ୍କୁ ଦୁଇ ଜଣ ଡ୍ରାଇଭର ମୋବାଇଲ୍ ଚୋର କହି ଜବରଦସ୍ତ ତାଙ୍କ ଦୁଇ ହାତକୁ ବାନ୍ଧି ଟ୍ରକ ଭିତରକୁ ନେଇ ମାଡ଼ ମାରିବା ସହ ଅପହରଣ କରୁଥିବାର ଦୃଶ୍ୟ ଏହି ଭିଡିଓରେ ଦେଖିବାକୁ ମିଳିଛି। ଏହି ଦୃଶ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କର ହାତ ପଛ ପଟୁ ବନ୍ଧା ହୋଇଥିବା ବେଳେ ତାଙ୍କୁ ଜବରଦସ୍ତ ଟ୍ରକ୍ ଭିତରକୁ ଠେଲି ଦିଆଯାଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଘଟଣା ଘଟୁଥିବାବେଳେ ଜେସିସିର କିଛି କାର୍ଯ୍ୟକର୍ତ୍ତା ସେହିପଟେ ଦେଇ ବୋଲେରୋରେ ପ୍ରଚାର କରୁଥିଲେ ବି କେହି ମୁହଁ ଖୋଲୁନଥିଲେ। ତେବେ ବ୍ୟକ୍ତି ଜଣଙ୍କ ଲକ ଥାନାରେ ଅଭିଯୋଗ କରିବା ପରେ ପୁଲିସ କେନ୍ଦୁଝର ଅଞ୍ଚଳର ଦୁଇ ଟ୍ରକ ଡ୍ରାଇଭର ସିପୁନ ନାୟକ ଓ ବିଶ୍ୱଜିତ ଦଳାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମଙ୍ଗଳବାର ଉଭୟ ଡ୍ରାଇଭର ଜାମିନରେ ଆସିଥିବା ଲକ୍ ଥାନା ସୂତ୍ରରୁ ଜଣାପଡ଼ିଛି। ଟ୍ରକ୍ ଡ୍ରାଇଭରଙ୍କର ଏଭଳି ଦୌରାତ୍ମ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି।

**● ମୋବାଇଲ ଚୋର ସନ୍ଦେହ**

# ଶୈଳ ଶ୍ରୀକ୍ଷେତ୍ରରେ ରଥ ଉପରେ ଶ୍ରୀଜୀଉଙ୍କ ସୁନାବେଶ

ଅନୁଗୋଳ,୧୭ ।୭ (ସମିସ)







ବଡ଼ଦାଣ୍ଡରେ ରଥ ଉପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ ପାଇଁ ଶୈଳ ଶ୍ରୀକ୍ଷେତ୍ରରେ ଭକ୍ତମାନଙ୍କର ପ୍ରବଳ ଗହଳି ଲାଗିରହିଥିଲା। ବୁଧବାର ହଜାର ହଜାର ଭକ୍ତ ରଥ ଉପରେ ଶ୍ରୀ ଜୀଉଙ୍କ ସୁନାବେଶ ଦର୍ଶନ କରିଥିଲେ। ବୁଧବାର ପୂର୍ବାହ୍ନରୁ ରୀତିନୀତି ଅନୁଯାୟୀ ଶ୍ରୀଜୀଉମାନଙ୍କର ପୂଜାର୍ଚ୍ଚନା କରାଯାଇ ଥିଲା। ମନ୍ଦିରର ଭଣ୍ଡାର ଘରୁ ଶ୍ରୀ ଜୀଉମାନଙ୍କର ଅଳଙ୍କାର ଅଣାଯାଇ ସନ୍ଧ୍ୟା୬.୩୦ ରେ ଶ୍ରୀ ଜୀଉମାନଙ୍କର ସୁନାବେଶ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥିଲା।। ସନ୍ଧ୍ୟା ଆଳତୀ ପରେ ଭକ୍ତମାନେ ଶ୍ରୀ ଜୀଉଙ୍କର ସୁନାବେଶ ଦର୍ଶନ କରିଥିଲେ। ପାଗ ଅନୁକୂଳ ଥିବାରୁ ବଡ ଦାଣ୍ଡରେ ବ୍ୟାପକ ଆଲୋକର ବ୍ୟବସ୍ଥା କରାଯାଇଥିଲା। ସୁରକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ମନ୍ଦିରପରିଚାଳନା କମିଟି ପକ୍ଷରୁ ବଡ଼ଦାଣ୍ଡରେ ଭଜନ ସମାରୋହର ଆୟୋଜନ କରାଯାଇଥିଲା। ଗୁରୁବାର ଶ୍ରୀଜୀଉମାନଙ୍କର ଅଧରପଣା ଲାଗି, ମୁଣ୍ଡାଦି ବିଜୟ ଉତ୍ସବ ଓ ନିଳାଦ୍ରୀ ବିଜେ ନୀତି ହେବ। ସନ୍ଧ୍ୟା ଆଳତୀ ପରେ ଶ୍ରୀ ଜୀଉମାନଙ୍କର ଥାବତରଣ କରାଯାଇ ଲକ୍ଷ୍ମୀନାରାୟଣ ଭେଟ ହେବ। ପରେ ରତ୍ନ ସିଂହାସନକୁ ଚତୁର୍ଦ୍ଧା ମୂର୍ତ୍ତି ବିଜେ କରିବେ। ଉଲ୍ଲେଖଯୋଗ୍ୟଯେ, ଶ୍ରୀଜୀଉମାନଙ୍କର ବର୍ଷକୁ ୬ ଥର ସୁନାବେଶ ନୀତି ଅନୁଷ୍ଠିତ ହୋଇଥାଏ। ଏଥିରୁ ଗୋଟିଏ ରଥ ଉପରେ ଥରେ ସୁନାବେଶ ହେବାର ପରମ୍ପରା ରହିଛି। ଏହା ବାହୁଡ଼ା ଯାତ୍ରାର ପରଦିନ ଅର୍ଥାତ ଆଶାଢ଼ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଶ୍ରୀଜିଉମାନଙ୍କୁ ରଥ ଉପରେ ସୁନାବେଶ କରାଯାଇଥାଏ। ଏତଦ୍ ବ୍ୟତୀତଶ୍ରୀ ଜିଉମାନଙ୍କୁ ମନ୍ଦିର ଭିତରେ ୫ ଥର ସୁନାବେଶ କରାଯାଇଥାଏ। ଦଶହରା, କୁମାରପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମାରେ ମଧ ମହାପ୍ରଭୁଙ୍କ ସୁନାବେଶ କରାଯାଏ।

## ପଞ୍ଚ ଶ୍ରୀକ୍ଷେତ୍ରରେ ତିନି ଠାକୁରଙ୍କ ସୁନାବେଶ

**ବଅଁରପାଳ,୧୭ା୭ (ସମିସ):** ବଅଁରପାଳ ପଞ୍ଚ ଶ୍ରୀକ୍ଷେତ୍ରରେ ଅପରାହ୍ନ ୪ ଟା ବେଳେ ଶ୍ରୀ ଜୀଉମାନଙ୍କର ସୁନାବେଶ ଅନୁଷ୍ଠିତ ହୋଇଥିଲା। ୯ ଦିନ ବ୍ୟାପୀ ତିନି ଠାକୁର ଜନ୍ମବେଦୀକୁ ଯାଇ ବାହୁଡ଼ା ଦିନ ଶ୍ରୀ ମନ୍ଦିରକୁ ଫେରିଥିଲେ। ଆଜି ହରି ଶୟନ ଏକାଦଶୀରେ ଶ୍ରୀଜୀଉମାନଙ୍କର ବିଧି ଅନୁସାରେ ସୁନାବେଶ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ଶ୍ରୀଜୀଉମାନଙ୍କୁ ନୂତନ ବସ୍ତ୍ରରେ ଆବୃଷଣ କରାଯାଇଥିଲା। ୪ ଟା ବେଳେ ମନ୍ଦିର ପରିଚାଳନା କମିଟିର ସମସ୍ତ ସଭ୍ୟ, ଦଇତାପତି ଓ ପୁଲିସ ପ୍ରଶାସନ ଉପସ୍ଥିତରେ ଠାକୁରମାନଙ୍କର ବିଭିନ୍ନ ପ୍ରକରର ଅଳଙ୍କାର, ସୁନା ମୁକୁଟ, ସୁନା ଚେନ୍, କର୍ଣ୍ଣ କୁଣ୍ଡଳ ଓ ବାହୁଟି ଦ୍ୱାରା ଠାକୁରମାନଙ୍କୁ ସୁସଜ୍ଜିତ କରାଯାଇଥିଲା। ଏହି ଦୁର୍ଲଭ ସୁନାବେଶ ଦେଖିବା ପାଇଁ ପାଞ୍ଚଗଡ଼ ତଥା ଆଖ ଅଞ୍ଚଳର ହଜାର ହଜାର ଜଗନ୍ନାଥ ଭକ୍ତ ଦର୍ଶନ କରିଥିଲେ। ବଅଁରପାଳ ପୁଲିସ ତରଫରୁ ଟ୍ରାଫିକ୍ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ସୁରକ୍ଷା ପାଇଁ ବ୍ୟାପକ ବନ୍ଦବୋସ୍ତ କରାଯାଇଥିଲା। ବିଭିନ୍ନ ସ୍କୁଲ ପିଲାଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ସୁନାବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି



ତାଳଚେର ସଦର, ୧୭ ।୭(ସମିସ): ଆଜି ମହାନ୍ ଏକାଦଶୀ ତିଥିରେ ରଥ ଉପରେ ସୁନାବେଶରେ ଦର୍ଶନ ଦେଲେ ଚର୍ତୁର୍ଦ୍ଧା ମୂରତି। ପ୍ରାତଃ ସମୟରୁ ପୂଜକ ଚତୁର୍ଦ୍ଧାମୂରତିଙ୍କ ବିଧିବିଧାନରେ ପୂଜା ସମାପ୍ତି କରିସାରିବା ପରେ ଠାକୁରଙ୍କୁ ସୁନାବେଶ କରାଯାଇଥିଲା। ଦର୍ଶନ କରିବା ପାଇଁ ଆଜି ସକାଳୁ ବହୁ ଭକ୍ତଙ୍କ ଭିଡ଼ ଲାଗିଥିଲା, ଭକ୍ତ ନିଜର ମନସ୍କାମନା ପୂରଣ କରିବା ନେଇ ଚତୁର୍ଦ୍ଧା ମୂରତିଙ୍କ ଦର୍ଶନ କରି ଆଶିର୍ବାଦ ଲାଭ କରିଥିଲେ। ଉକ୍ତ ଅଞ୍ଚଳଟି ଜନସମାଗମ ହୋଇପଡ଼ିଥିଲା। ସନ୍ଧ୍ୟା ଆଳତି ସମ୍ପୂର୍ଣ୍ଣ ହେବାପରେ ରାତ୍ରୀ ପ୍ରାୟ ୧୦ଘଟିକା ସମୟରେ ଲକ୍ଷ୍ମୀ ନାରାୟଣଙ୍କ ସାକ୍ଷାତ୍ ହେବା ସହ ମା'ଲକ୍ଷ୍ମୀ ଠାକୁରଙ୍କୁ ନିଜସ୍ଥାନକୁ ଯିବାକୁ ପ୍ରବର୍ତ୍ତାଇବେ।ପରିବେଶ ସୁନ୍ଦର ଓ ସରସ କରିବାକୁ କାଲିଠାରୁ ଅସ୍ଥାୟୀ ମଞ୍ଚ ନିର୍ମାଣ କରାଯାଇ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କୁ ଆଣି ଭଜନ ସନ୍ଧ୍ୟା ସମାରୋହ ମହାଆଡ଼ମ୍ବର ସହକାରେ ପାଳନ କରାଯାଉଛି। ତେବେ ଜନଗହଳିକୁ ନଜରରେ ରଖି ସେଠାରେ ଆବଶ୍ୟକ ପୁଲିସ୍ ମୁତୟନ କରାଯାଇଥିବା ଜଣାପଡ଼ିଛି।

# ବାହୁଡ଼ା ଯାତ୍ରା ଭଜନ ସମାରୋହ

**ଢେଙ୍କାନାଳ,୧୭ ।୭(ସମିସ) :** ସ୍ଥାନୀୟ ରଥଗଡ଼ା ଠାରେ ୩୫ତମ ବାହୁଡ଼ା ଯାତ୍ରା ଭଜନ ସମାରୋହର ଦ୍ୱିତୀୟ ସନ୍ଧ୍ୟା ଉଦ୍ଘାଟିତ ହୋଇଯାଇଛି। ଏହି ଅସବରରେ ମୁଖ୍ୟ ଅତିଥି ଭାବେ ସାଂସଦ ରୁଦ୍ର ନାରାୟଣ ପାଣି ଯୋଗଦେଇ ଭଜନ ସମାରୋହକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସମାଜସେବୀ ତଥା ଯୁବରାଜ ଅମରଜ୍ୟୋତି ସିଂହଦେଓ, ବିଜେପି ଜିଲ୍ଲା ସଭାପତି ତଥା ବରିଷ୍ଠ ଆଇନଜୀବୀ ନରେଶ ଚନ୍ଦ୍ର ମହାପାତ୍ର, ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ସପନ କୁମାର ନନ୍ଦ, ପୌରନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରୀ,



ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, ଅନୁଷ୍ଠାନର ସଦସ୍ୟ ରୁଦ୍ର ନାରାୟଣ ତ୍ରିପାଠୀ, ସନ୍ତୋଷ କୁମାର ରାଉତ, ବିନୋଦ କୁମାର ମହାନ୍ତି, ଆଇନଜୀବୀ ଶରତ କୁମାର ସାହୁ, ସମାଜସେବୀ ଶେଷଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ବିଶ୍ୱନାଥ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକାରୀ ସଭାପତି ରତନ କୁମାର ନାୟର ଅନୁଷ୍ଠାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ସୁକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ସାମ୍ବାଦିକ ଅଥୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସାମ୍ବାଦିକ ଅରବିନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭଜନ ପରିବେଷଣ କରିଥିବା କୁନିକୁନି ପିଲାମାନଙ୍କୁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ପ୍ରଦତ୍ତ ଆର୍ଥିକ ଅନୁଦାନ ରାଶିରେ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀ ପ୍ରଫୁଲ୍ଲ କୁମାର ବେହେରା, ଉମାଶଙ୍କର, ଦୀପ୍ତିମୟୀ ଦାସ ଓ ସାଥୀ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଏହି ଭଜନ ସନ୍ଧ୍ୟାକୁ ଲକ୍ଷ୍ମୀଧର ସାହୁ ସଂଯୋଜନା କରିଥିଲେ।

## ପୂର୍ବତନ ମନ୍ତ୍ରୀ ଅଦ୍ୱୈତ ପ୍ରସାଦ ସିଂହଙ୍କ ଶ୍ରାଦ୍ଧବାର୍ଷିକୀ



**ଅନୁଗୋଳ, ୧୭ ।୭(ସମିସ):** ଅନୁଗୋଳ ଜିଲ୍ଲାର ପ୍ରତିଷ୍ଠାତା, ପୂର୍ବତନ ମନ୍ତ୍ରୀ, ସମବାୟବିତ୍ ସ୍ୱର୍ଗତ ଅଦ୍ୱୈତ ପ୍ରସାଦ ସିଂହଙ୍କ ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ ଦିବସ ପାଳନ ଅବସରରେ ଅନୁଗୋଳ ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅମର ଆତ୍ମାର ସଦଗତି କାମନା ନିମନ୍ତେ ଅନୁଗୋଳର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ସମୂହ ଦୀପଦାନ କରାଯାଇଥିଲା। ବିଜୁ ମଇଦାନ ସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏଥି ସହିତ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା ଏବଂ ପରିଶେଷରେ ଆଦୃତ୍ତ ଅନାଥ ଆଶ୍ରମ ଠାରେ ସମସ୍ତ ପିଲାଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା। ଅରୁଣାଭ ସିଂହଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଅଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ଅନୁଗୋଳ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, କାଉନସିଲର ସଦାନନ୍ଦ ପଣ୍ଡା, କାଉନସିଲର ସୁକାନ୍ତି ଦାସ, କାଉନସିଲର ରଞ୍ଜିତ ମାଣ୍ଡୋଠିଆ, ତ୍ରିଲୋଚନ ପ୍ରଧାନ, ସମବାୟ ନିର୍ଦ୍ଦେଶକ ସରୋଜ ନାଏକ, ନଗର ମହିଳା ବିଜେଡି ସଭାନେତ୍ରୀ ମାଳିନୀ ସର, ନଗର ଯୁବ ବିଜେଡି ସଭାପତି ବିଶ୍ୱରଂଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅଷ୍ଟପ୍ରହରୀ କମିଟି ସଦସ୍ୟଙ୍କ ପରଲୋକ



**କିଶୋରନଗର, ୧୭ ।୭(ସମିସ):** କିଶୋରନଗର ବ୍ଲକ କସ୍ତୁରୀବାହାଳ ଗ୍ରାମର ପୂଜାପର୍ବରେ ସବୁକ୍ଷେତ୍ରରେ ସହଯୋଗ କରି ଆସି ହାତ ବଢ଼ାଉଥିବା ତଥା ଗ୍ରାମର ଅଷ୍ଟପ୍ରହରୀ କମିଟିର ଆଜୀବନ ସଦସ୍ୟ ଓ କେଶବ ପ୍ରଧାନଙ୍କ ସାନପୁଅ ରିପୁନ ପ୍ରଧାନ (ଭିପି)ଙ୍କ ଆଜି ଘରେ ଶୋଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ସେ ଗତକାଲି ରାତିରେ ଖାଇକରି ଶୋଇଥିବା ବେଳେ ସକାଳୁ ନ ଉଠିବାରୁ ପରିବାର ସଦସ୍ୟ ଦେଖିଲା ବେଳକୁ ଆଉ ଉଠି ନଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନିଆଯାଇ ଥିଲା ହେଲେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରି ଥିଲେ। ତାଙ୍କର ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ତିନି ଦୁର୍ଦ୍ଧାନ୍ତ ଅପରାଧୀ କୋର୍ଟଚାଲାଣ



**ବଅଁରପାଳ, ୧୭ ।୭(ସମିସ):** ଆଜି ୩ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ପୁଲିସ କୋର୍ଟଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ, ବଅଁରପାଳ ଥାନା ଅନ୍ତର୍ଗତ ଶାଳଗାଡ଼ିଆ ଗ୍ରାମର ଭ୍ରମର ନାଏକ ଗତ ଜୁଲାଇ ୧୦ ତାରିଖ ଦିନ ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ଭାଇ ଭୀମସେନ ନାଏକଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣ କରଯାଇଛି ଓ ସେ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ପୁଲିସର ସୂଚନା ମୁତାବକ ଭୀମସେନ ଥର୍ମାଲ ପ୍ଲାଣ୍ଟରେ କାମ କରି ଦିନ ଦୁଇଟା ବେଳେ ଘରକୁ ଫେରୁଥିବା ସମୟରେ ଭୋଗବେରେଣି ଗ୍ରାମର କାଳୀ ବଜାର ନିକଟରେ ଶିଶିର ନାଏକଙ୍କ ସହିତ ଅନ୍ୟ କିଛି ବ୍ୟକ୍ତିଙ୍କୁ ଧରି ବିନା କାରଣରେ ଅଟକାଇ ଖଣ୍ଡା ଧରି ଅସଭ୍ୟ ଭାଷାରେ ଗାଳି ଦେବାବେଳେ ଭୀମସେନ ଭୟରେ ଦୌଡ଼ି ଯାଉଥିବା ବେଳେ ଉକ୍ତ ବ୍ୟକ୍ତିମାନେ ଗୋଡ଼ାଇ ଗୋଡ଼ାଇ ମାରିଦେବା ଉଦ୍ଦେଶ୍ୟ ନେଇ ଭୁଜାଲିରେ ହାତ, ଗୋଡ଼ ଏବଂ ମୁଣ୍ଡକୁ ଆକ୍ରମଣ କରିବାରୁ ଭୀମସେନ ରକ୍ତ ଜୁଡୁବୁଡୁ ହୋଇ ପଡ଼ି ରହିଥିଲେ। ଭ୍ରମର ଖବର ପାଇ ବଅଁରପାଳ ମେଡିକାଲ ଏବଂ ପରେ ଅଶ୍ୱିନୀ ମେଡିକାଲ ନେଇ ଚିକିତ୍ସା କରାଇଥିଲେ। ଏନେଇ ଭ୍ରମର ତାଙ୍କ ଭାଇଙ୍କ ପ୍ରତି ବିପଦ ଥିବାରୁ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତମାନେ ଫେରାର ଥିବାବେଳେ ଥାନା ପକ୍ଷରୁ ତଦନ୍ତ ଜୋରଦାର କରି ଜିଲ୍ଲାର ବିଭିନ୍ନ ସ୍ଥାନରୁ ତିନି ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ମାନେ ହେଲେ ନୂଆପଡ଼ା ଗ୍ରାମର ବିଶ୍ୱଜିତ୍ ନାଏକ, ଜଗନ୍ନାଥପୁର ଭରତ ନାଏକ ଏବଂ ଭୋଗବେରେଣି ଗ୍ରାମର ବିକାଶ ନାଏକ। ଥାନା ପକ୍ଷରୁ ଗିରଫ ଅଭିଯୁକ୍ତମାନଙ୍କୁ ଆଜି କୋର୍ଟ ଚାଲାଣ କରିଛି ବଅଁରପାଳ ପୁଲିସ ।

## ୬୬୨ ବର୍ଗ ଅଧାପକ ଓ କର୍ମଚାରୀ ସଂଘର ଅବସରକାଳୀନ ସମ୍ବର୍ଦ୍ଧନା

**ଅନୁଗୋଳ, ୧୭ା୭(ସମିସ):** ଅନୁଗୋଳ ଜିଲ୍ଲା ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜିଲ୍ଲାର ୬୬୨ ବର୍ଗ କଲେଜ ସଂଘ ତରଫରୁ ବିଭିନ୍ନ ସମୟରେ ଅବସର ଗ୍ରହଣ କରିଥିବା ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ପାଇଁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳର ପ୍ରାକ୍ତନ ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ଶାନ୍ତନୁ କୁମାର ସର ଯୋଗଦେଇ ଅବସର ଗ୍ରହଣ କରିଥିବା ଅଧ୍ୟାପକ ଓ କର୍ମଚାରୀଙ୍କ ପେନସନ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ସରକାର ଏହା ତୁରନ୍ତ ପୂରଣ କରିବେ ବୋଲି ଆଶା ବ୍ୟକ୍ତ କରିଥିଲେ। ଉକ୍ତ ଉତ୍ସବରେ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଅତିଥି ଭାବରେ ଅନୁଗୋଳ ଜିଲ୍ଲା ୬୬୨ ବର୍ଗ ଶିକ୍ଷକ ସଂଘର ସଭାପତି ପ୍ରଭାତ କୁମାର ସିହ୍ନା, ସମ୍ପାଦକ ନରେନ୍ଦ୍ର କୁମାର ପାଇକରାୟ, ଉପସଭାପତି ପ୍ରବୀଣ କୁମାର ସାହୁ, ସହସମ୍ପାଦକ ଶରତ କୁମାର ସାହୁ, ରାଜ୍ୟ ସଂଯୋଜକ ଇନ୍ଦ୍ରମଣି ସାହୁ, କୋଷାଧ୍ୟକ୍ଷ ବୈରାଗି ଚରଣ ମହାରଣା, ପ୍ରଶାନ୍ତ କୁମାର ମାଝୀ ଓ ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକ ପ୍ରଦୀପ କୁମାର ଦାଶ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ କଲେଜରୁ ଆସିଥିବା ୩୭ ଜଣ କର୍ମଚାରୀଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଜିଲ୍ଲାର ୬୬୨ ବର୍ଗର ୨୦ ଟି କଲେଜର ଅଧ୍ୟକ୍ଷ, ଅଧ୍ୟାପିକା ଓ କର୍ମଚାରୀମାନେ ଉକ୍ତ ଉତ୍ସବରେ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ କରିଥିଲେ। ପରିଶେଷରେ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମାଝୀଙ୍କ ଧନ୍ୟବାଦ ପ୍ରସ୍ତାବ ପରେ ସଭା ସାଙ୍ଗ କରାଗଲା।



■ କାନ୍ଥ ଭାଙ୍ଗି ଘରେ ପଶିଲା ଦନ୍ତା

## ଚାଉଳ ଖାଇବା ସହ ବ୍ୟାପକ କ୍ଷୟକ୍ଷତି କଲା

**ଅନୁଗୋଳ,୧୭ । ୭(ସମିସ) :** ଅନୁଗୋଳ ବ୍ଲକ ବନ୍ତଲା ରେଞ୍ଜରେ ହାତୀଙ୍କ ଦୌରାତ୍ମ୍ୟ କମିବାର ନାଁ ଧରୁନି। ଜନବସତି ଆଡ଼କୁ ମାଡ଼ି ଆସୁଥିବା ହାତୀଙ୍କୁ ଘଉଡ଼ାଇବାରେ ବନ ବିଭାଗ ପୂରା ବିଫଳ ହୋଇଛି। ଫଳରେ କେତେବେଳେ ହାତୀପଲ ଆସି କାହା ଘର ଭାଙ୍ଗି ଦେଉଛନ୍ତି ତ ଆଉ କେତେବେଳେ ଘରୁ ଚାଉଳ ନେଇ ଖାଇବା ସହ ନଷ୍ଟ କରୁଛନ୍ତି। ସମାନ ଘଟଣା ବନ୍ତଲା ରେଞ୍ଜ କଂଜା ଗ୍ରାମରେ ଘଟିଛି। ରାତି ପ୍ରାୟ ୧୨ଟା ବେଳେ ଗାଁର ଅନ୍ତର ଦେହୁରୀ (୫୫) ଙ୍କ ଘରେ ପଶି ହାତୀପଲ ଚାଳ ଛପର ଘର ଭାଙ୍ଗିଦେଇଛନ୍ତି। ଘରେ ସମସ୍ତେ ଶୋଇଥିବା ବେଳେ ହାତୀ ପଛପଟୁ ଆସି ଗୋଟିଏ କାନ୍ଥ ଭାଙ୍ଗି ଘରେ ପଶିଥିଲା। ଘରେ ଥିବା ଚାଉଳ ୨ ବସ୍ତା ଖାଇବା ସହିତ ଭାତ ହାଣ୍ଡି ଓ ଅନ୍ୟ ଆସବାବପତ୍ର ଫିଙ୍ଗି ନଷ୍ଟ କରିଛି। ହାତୀ ଘଉଡ଼ାଇବାକୁ ଅନ୍ତର ବନ ବିଭାଗକୁ ଫୋନ କରିଥିଲେ। କିନ୍ତୁ ବନ କର୍ମଚାରୀ ଫୋନ କରିବାର ଏକ ଘଣ୍ଟା ପରେ ପହଞ୍ଚିଥିଲେ। ଏଣୁ ଅନ୍ତର ବହୁ କ୍ଷତି ସହିଛନ୍ତି ବୋଲି ଅଭିଯୋଗ କରିଛନ୍ତି।

## କିଶୋରନଗର ହାଇସ୍କୁଲରେ ଚକ୍ଷୁ ଚିକିତ୍ସା ଶିବିର

**କିଶୋରନଗର, ୧୭ା୭(ସମିସ):** ଆରାୟନ ଫାଉଣ୍ଡେସନ, ରେଢ଼ାଖୋଲ ଏବଂ ମହାନଦୀ ନେତ୍ର ଚିକିତ୍ସାଳୟ, ପଣ୍ଡାପାଲିର ମିଳିତ ଆନୁକୂଲ୍ୟରେ ଅନୁଗୋଳ ଜିଲ୍ଲା କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ କମ୍ପ୍ୟୁଟରୀକୃତ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ଉଦଘାଟନ କରିଥିବା ବେଳେ ଆରାୟନ ଫାଉଣ୍ଡେସନର ସଭାପତି ତଥା ପ୍ରତିଷ୍ଠାତା ପପୁନ ସାମଲଙ୍କ ସଂଯୋଜନାରେ ନେତ୍ର ଚିକିତ୍ସାଳୟର ଡାକ୍ତର ପ୍ରଶାନ୍ତ ଶତପଥୀ, ପ୍ରୋଗ୍ରାମ ଆସୋସିଏଟ ମହେଶ ବେହେରା, ଚନ୍ଦ୍ରଶେଖର ନନ୍ଦ, ଗଦାଧର ପଧାନ, ଭାଗବତ ପାଣ୍ଡେ, ଅଞ୍ଜଳି ପେରା, ମିତାଞ୍ଜଳି ଭୋଇ ଲୋକଙ୍କ ଚକ୍ଷୁ ପରୀକ୍ଷା କରିଥିବା ବେଳେ ଆରାୟନ ଫାଉଣ୍ଡେସନର ସମ୍ପାଦକ ତନ୍ମୟ ସାହୁ, ସହ ସମ୍ପାଦକ ମନୋଜ କୁମାର ସାହୁ, କୋଷାଧ୍ୟକ୍ଷବାପୁନ୍‌ପ୍ରଧାନ, ସଦସ୍ୟପ୍ରସନ୍ନପ୍ରଧାନ, ପୁଷ୍ପାଞ୍ଜଳିଗାଗରାଇ, ରିମାପ୍ରଧାନ, ଲିଜେନ ବାରିକ, ମୋହିନୀ ଭୋଇ, ସତ୍ୟାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳର ୧୦୦ ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏହି ଶିବିରର ଲାଭ ଉଠାଇଥିଲେ। ବିଭାଗୀୟଡାକ୍ତର କେତେ ଜଣକୁ ଚଷମା ପିନ୍ଧିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଚଷମା ନେତ୍ରାଳୟ ପକ୍ଷରୁ ସୁଲଭ ମୂଲ୍ୟରେ ପ୍ରଦାନ ବେଳେ ୧୫ ଜଣଙ୍କ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ସେମାନଙ୍କୁ ନେତ୍ରାଳୟର ନିଜସ୍ୱ ବସ୍ ମାଧ୍ୟମରେ ପଣ୍ଡାପାଲି ବୀରମହାରାଜପୁର ସ୍ଥିତ ନେତ୍ରାଳୟକୁ ନିଆଗଲା।



# ବିଶ୍ୱ ସର୍ପ ଦିବସ ପାଳନ ଅବସରରେ ସଚେତନତା କର୍ମଶାଳା

**ଅନୁଗୋଳ, ୧୭ ।୭(ସମିସ):** ସାମାଜିକ ଅନୁଷ୍ଠାନ 'ନିୟୁଜ' ଆନୁକୂଲ୍ୟରେ ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ 'ବିଶ୍ୱ ସର୍ପ ଦିବସ' ପାଳନ ଅବସରରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରିୟରଂଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଗୋଳ ବନାଞ୍ଚଳ ଅଧିକାରୀ ହରମୋହନ ନାୟକ, ଅନୁଗୋଳ ସର୍ପମିତ୍ର ଆଦିତ୍ୟ ବେହେରା, ନିୟୁଜ ଅନୁଷ୍ଠାନର ସଂଯୋଜକ ସୁବ୍ରତ କୁମାର ପ୍ରଧାନ, ବନପାଳ ଗତିକୃଷ୍ଣ ବେହେରା ଏବଂ କୁମୁରିସିଂହା ଗ୍ରାମର ସର୍ପ ଉଦ୍ଧାରକାରୀ ଅଭୟ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାପର ପ୍ରକାର ଭେଦ, ପରିବେଶ ଓ ମାନବ ସମାଜ ପାଇଁ ସାପର ଅବଦାନ, ସାପର ପ୍ରାକୃତିକ ଆବାସସ୍ଥଳୀ, ସାପ ମୃତ୍ୟୁ ବିବରଣୀର ବିଭିନ୍ନ କାରଣ, ବିଷଧର ସାପ କାମୁଡ଼ାର ଲକ୍ଷଣ ଓ ପ୍ରାଥମିକ ଚିକିତ୍ସା, ସାପ ସୁରକ୍ଷାର ବିଭିନ୍ନ ଦିଗ ଏବଂ ସାପକାମୁଡ଼ା ମୃତ୍ୟୁ ଜନିତ କ୍ଷତିପୂରଣ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଗୁଡ଼ିକରେ ସାପକାମୁଡ଼ା ଜନିତ ସାପ ବିଷ ନିରୋଧକ ଔଷଧ ମହଜୁତ ଥିବାବେଳେ ଏହା ମାଗଣାରେ ଯୋଗାଇ ଦିଆଯାଇଥାଏ ବୋଲି ଆଲୋଚନା ହୋଇଥିଲା। ଏହା ବ୍ୟତୀତ ସର୍ପ ଦଂଶନ ମୃତ୍ୟୁ ପାଇଁ ଅନୁକମ୍ପାମୂଳକ ସହାୟତା ରାଶି ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିବା ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ବର୍ଷା ଦିନେ ଘର ଚାରି ପାଖ ସଫାସୁତରା ରଖିବା ସହ ରାତିରେ ଟର୍ଚ୍ଚ ଏବଂ ମଶାରି ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଥିଲା। ସଚେତନ ସତ୍ତ୍ୱେ ସର୍ପ ଦଂଶନ ହେଲେ ଆଦୌ ଭୟଭୀତ ନହୋଇ କିମ୍ବା ଗୁଣି ଗାରେଡ଼ିର ବଶବର୍ତ୍ତୀ ନହୋଇ ପୀଡ଼ିତ ବ୍ୟକ୍ତିଙ୍କୁ ତୁରନ୍ତ ସାପ ବିଷ ନିରୋଧକ ଔଷଧ ଥିବା ଡାକ୍ତରଖାନାକୁ ନେବାକୁ ବିଦ୍ୟାଳୟର ପ୍ରାୟ ୨୦୦ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଆଲୋଚନା ଶେଷରେ ସର୍ପମିତ୍ର ଆଦିତ୍ୟ ବେହେରା ଛାତ୍ରଛାତ୍ରୀଙ୍କ ପାଇଁ ଓପନ କୁଇଜ୍ କାର୍ଯ୍ୟକ୍ରମ କରିଥିଲେ। ଅନୁଷ୍ଠାନର ବିନୟ କୁମାର ସାହୁ ଏବଂ ସ୍କୁଲ କର୍ତ୍ତୃପକ୍ଷ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।




# ପିତାଙ୍କ ମୃତ୍ୟୁ ପରେ ଚାକିରି ଲାଗି ମା'- ପୁଅଙ୍କ ଅନଶନ

ତାଳଚେର, ୧୭ ।୭ (ସମିସ)




ତାଳଚେର ବ୍ଲକ ଅନ୍ତର୍ଗତ ଜାମ୍ବୁବାହାଲି ଗ୍ରାମର ଦୁଃଖିଆ ମୁଦୁଲି ଏମସିଏଲରେ କାର୍ଯ୍ୟ କରିଆସୁଥିଲେ। ମାତ୍ର କୌଣସି କାରଣରୁ ତାଙ୍କର ମୃତ୍ୟୁ ହେବା ପରେ ନିୟମ ଅନୁଯାୟୀ ତାଙ୍କ ପରିବାରର ଜଣକୁ ନିଯୁକ୍ତି ଦେବାର ନିୟମ ରହିଛି। ସେହି ଅନୁଯାୟୀ ତାଙ୍କର ଉତ୍ତରାଧିକାରୀ ଭାବେ ତାଙ୍କର ଏକମାତ୍ର ପୁଅ ଅରୁଣ ମୁଦୁଲି ଚାକିରି ପାଇଁ ଆବେଦନ କରିଥିଲେ। ଏହାପରେ ଏମସିଏଲ ପକ୍ଷରୁ ତାଙ୍କୁ ମେଡିକାଲ ବୋର୍ଡ଼ ପାଇଁ ପଠାଇ ଦିଆଯାଇଥିଲା। ଡ଼ାକ୍ତର ସେଠାରେ ତାଙ୍କୁ ହାଇପର ଟେନସନ୍ ଓ ଡ଼ାଇବେଟିସ୍ କହି ଅନଫିଟ୍ କରି ଦେଇଥିଲେ। ଫଳରେ ଆଉ ଏମସିଏଲରେ ତାଙ୍କୁ ନିଯୁକ୍ତି ମିଳି ନଥିଲା। ସେ ସନ୍ଦେହ ପ୍ରକଟକରି କଟକ ଏସସିବି ଓ ପରେ ସ୍ଥାନୀୟ ନେହରୁ ଶତାବ୍ଦୀ ଏମସିଏଲ ଠାରେ ସ୍ୱାସ୍ଥ୍ୟଗତ ପରୀକ୍ଷା କରିଥିଲେ ଓ ଡ଼ାକ୍ତର ତାଙ୍କୁ ସମ୍ପୂର୍ଣ୍ଣଭାବେ ସୁସ୍ଥ ବୋଲି ରିପୋର୍ଟ ପ୍ରଦାନ କରିଥିଲେ। ତେବେ ଏଠାରେ ପ୍ରଶ୍ନ ଉଠେ, ଏମସିଏଲ ମେଡ଼ିକାଲ ବୋର୍ଡ଼ରେ ତାଙ୍କୁ କାହିଁକି ଓ କିଏ କେଉଁ ଉଦ୍ଦେଶ୍ୟରେ କିଛି ରୋଗ ନଥାଇ ମଧ ହାଇପର୍ ଟେନସନ୍ ଓ ଡ଼ାଇବେଟିସ୍ ରହିଛି ବୋଲି ମେଡ଼ିକାଲ ବୋର୍ଡ଼ ଦର୍ଶାଯାଇଥିଲା ବୋଲି ସେ ଏହା ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ସେ ବାରମ୍ବାର ଏମସିଏଲ କର୍ତ୍ତୁର୍ତ୍ତୃପକ୍ଷଙ୍କୁ ଗୁହାରି କରି ଆସୁଥିଲେ ମଧ ତାଙ୍କୁ ଚାକିରି ମିଳି ନଥିବାରୁ ସେ ବାଧ ହୋଇ ତାଙ୍କ ବୃଦ୍ଧା ମା'ଙ୍କ ସହିତ ତାଳଚେର ଜିଏମ ଅଫିସ୍ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଏମସିଏଲ ଉଚ୍ଚ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେବାପରେ ସେ ଧାରଣାରୁ ଅବ୍ୟାହତି ନେଇଥିବା ଜଣାପଡ଼ିଛି।

### ଓପିଟିସିଏଲ୍ ସ୍ଥାପନକୁ ନେଇ ପ୍ରଶ୍ନବାଚୀ

# ୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ବାସଗୃହ ଏବେ ଭୂତକୋଠି

**ଢେଙ୍କାନାଳ/ପଣ୍ଡୁଆ, ୧୭ ।୭ (ସମିସ)**

ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ଅଁଳବେରେଣୀ ଗ୍ରାମଠାରେ ନିର୍ମାଣାଧୀନ ଓପିଟିସିଏଲ୍ କାର୍ଯ୍ୟକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗତ ୨୦୧୭ ମସିହାଠାରୁ ଓଟିପିସିଏଲ୍ ୧୯୦୦ ଏକର ଜମି ଅଧିଗ୍ରହଣ କରିଥିବା ଯୋଗୁ ସ୍ଥାନୀୟ ଅଞ୍ଚଳର ୮ଟି ଗ୍ରାମର ୧୪୭ ଗ୍ରାମବାସୀ ବିସ୍ଥାପିତ ହୋଇଥିବା ବେଳେ ୫ଶହରୁ ୬ଶହ ଅଧିବାସୀଙ୍କ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି ।

**● ସ୍ଥାନୀୟ ଅଞ୍ଚଳର ୮ଟି ଗ୍ରାମର ୧୪୭ ଗ୍ରାମବାସୀ ବିସ୍ଥାପିତ**

ଅଁଳାବେରେଣୀଠାରେ ଓପିଟିସିଏଲ୍ ୨୪୦୦ ମେଗାୱାଟ୍ କାରଖାନା ନିମନ୍ତେ ୧୭ ହଜାର କୋଟି ଟଙ୍କା ବିନିଯୋଗ କରିବାର ଲକ୍ଷ୍ୟ ରଖିଥିଲା । କାରଖାନା ନିର୍ମାଣ ପାଇଁ ପ୍ରାୟ ୧୭ହଜାର କୋଟି ଟଙ୍କା ବ୍ୟୟରେ ପ୍ରାୟ ୧ ହଜାର ୭୬୭ ଏକର ଜମିରେ ଏହି କାରଖାନା ସ୍ଥାପନ କରାଯାଉଥିବା ବେଳେ ୭୪.୩୨ ଏକର ଜମିରେ ବିସ୍ଥାପିତଙ୍କ ନିମନ୍ତେ ଗୃହ ନିର୍ମାଣ କରାଯାଇଛି । ଏହି ବିସ୍ଥାପିତ ପରିବାର ନିମନ୍ତେ ଏଠାରେ ୧୨୨ଟି ଗୃହ ନିର୍ମାଣ କରାଯାଇଥିବା ବେଳେ






ପ୍ରତ୍ୟେକ ଗୃହର ମୂଲ୍ୟ ୧୨ଲକ୍ଷ ୭୨ହଜାର ଟଙ୍କା ହୋଇଥିବା ବେଳେ ମୋଟ ୧୫ କୋଟି ୫୧ ଲକ୍ଷ ୮୪ହଜାର ଟଙ୍କା ବ୍ୟୟରେ ଗୃହ ନିର୍ମାଣ କରାଯାଇଛି । ଏହି ଗୃହଗୁଡିକ ୫ବର୍ଷରୁ ଉର୍ଦ୍ଧ୍ୱ ହେବ ଶେଷ ହୋଇଥିବା ବେଳେ ଏହା ବର୍ତ୍ତମାନ ଭୂତକୋଠିରେ ପରିଣତ ହୋଇଥିବା ଦେଖାଯାଇଛି । ବାସଚ୍ୟୁତ ଗ୍ରାମବାସୀଙ୍କଠାରୁ ଚାଷଜମି ଏକର ପ୍ରତି ୧୫ଲକ୍ଷ, ଘରଡ଼ିହ ହରାଇଥିବା ବ୍ୟକ୍ତିମାନଙ୍କୁ ୧୭ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଏହି କାରଖାନା କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ଆଲୁଅଝରଣ, ଅଁଳାବେରେଣୀ, ଅନ୍ନପୂର୍ଣ୍ଣାପୁର, ବିଜିଡ଼ିହ, ଭାଗୀରଥିପୁର ଶାସନ, ଧୋବାବାହାଳୀ, କାଟେଣୀ, କଣ୍ଟାପାଳ, କୁମୁମଯୋଡ଼ି ଏବଂ ମହୁଲପାଳ ଗ୍ରାମର ଜମି ଉପରେ ନିର୍ମାଣ ହେଉଛି । ଏହି କାରଖାନା ନିର୍ମାଣ ହେଲେ ୨୪ଶହ ମେଗାୱାଟ୍ ବିଜୁଳି ଶକ୍ତି ଉତ୍ପାଦନ ହେବ । ଓପିଟିସିଏଲ୍ ବ୍ରାହ୍ମଣୀ ନଦୀରୁ ୮୦ କ୍ୟୁବିକ୍ ସେମି ଜଳବ୍ୟ ବହାର କରିବ ଏବଂ କୋଇଲା ପାଇଁ ତାଳଚେର ଟେଣ୍ଟୁଲୋଇ କୋଇଲା ଖଣିରୁ କୋଇଲା ଆସି ଏଠାରେ କାର୍ଯ୍ୟକାରୀ କରାଯିବ ବୋଲି ଜଣାପଡ଼ିଛି । ଏହି କାରଖାନା ଦ୍ୱାରା ୧୪୭ ପରିବାରର ପ୍ରାୟ ୧୯ଶହ ଏକର ଜମି ଅଧିଗ୍ରହଣ କରାଯାଇଥିବା ଜଣାପଡ଼ିଛି । ତତ୍କାଳୀନ ଜିଲ୍ଲାପାଳ ନିଖିଳ ପୱନ କଲ୍ୟାଣଙ୍କ ସମୟରେ ୩୮.୪୫୮ଏକର ଅଣଜଙ୍ଗଲ ଜମି କାଟେଣୀ, ଯୋଗୀଡ଼ିହ, କଣ୍ଟାବୋଲରେ ଅଧିଗ୍ରହଣ କରାଯାଇଛି । ସେଠାରେ ପ୍ରତି ହେକ୍ଟର ପିଛା ୧୬ଶହ ନୂତନ ଗଛ ଲଗାଇବାକୁ ମଧ୍ୟ ନିର୍ଦ୍ଦେଶ କରାଯାଇଥିଲା । ଜମିହରା ପ୍ରଜାମାନଙ୍କୁ ସରକାରଙ୍କ ଥଇଥାନ ଏବଂ ପୁନର୍ବାସ ଯୋଜନା ଆଧାରରେ ଥଇଥାନ କରାଯିବା ସହିତ କ୍ଷତିପୂରଣର ବ୍ୟବସ୍ଥା କରାଯାଇଥିଲା । ଯେଉଁ କ୍ଷତିଗ୍ରସ୍ତ ପ୍ରଜାଙ୍କର ଜମି ଅଧିଗ୍ରହଣ କରାଯାଇଛି, ସେମାନଙ୍କୁ ୨୦ବର୍ଷ ପର୍ଯ୍ୟନ୍ତ ମାସିକ ୨ ହଜାର ଟଙ୍କା ଲେଖାଏଁ ଦେବାକୁ ନିଷ୍ପତ୍ତି ହୋଇଥିଲା । ଗତ ୨୦୧୮ ମସିହାରୁ ଏହି କାର୍ଯ୍ୟ ହୋଇଥିବା ବେଳେ କାରଖାନା ନିମନ୍ତେ ପାଚେରି ନିର୍ମାଣ କାର୍ଯ୍ୟ ସହିତ କଲୋନୀ କାର୍ଯ୍ୟ ବି ସମ୍ପୂର୍ଣ୍ଣ ହୋଇଛି । ମାତ୍ର ଏହି କାରଖାନା ନିମନ୍ତେ ସମସ୍ତ ଆନୁସାଙ୍ଗିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଫଳରେ କାରଖାନାକୁ ଜମି ଦେଇ ହଜାର ହଜାର ଯୁବକ ଯୁବତୀ ନିଯୁକ୍ତି ପାଇଁ ଆଶା ବାନ୍ଧି ବସିରହିଛନ୍ତି । କାରଖାନାରେ ଜମି ଚାଲଯିବା ପରେ କାରଖାନା ହେଲା ନାହିଁ କିମ୍ବା ପାରିପାର୍ଶ୍ୱିକ ଉନ୍ନୟନ ହୋଇପାରିଲା ନାହିଁ । ଫଳରେ ସ୍ଥାନୀୟ ଅଞ୍ଚଳରେ କାରଖାନା ସ୍ଥାପନକୁ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । କାମାକ୍ଷାନଗର ବ୍ଲକ ଅନ୍ନପୂର୍ଣ୍ଣାପୁର ଖମାର(ଖ) ଗ୍ରାମର ୨ଟି ପଡ଼ା ଗ୍ରାମ ମରିଚାକଣ ଏବଂ ନୂଆଗାଁ ବିଲର ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ବୃହତ ତାପଜ ବିଦ୍ୟୁତ ପ୍ରକଳ୍ପ ପାଇଁ ଗତ ୨୦୧୧ ମସିହାରେ ଗ୍ରାମବାସୀଙ୍କ ଘରଦ୍ୱାର, ଚାଷଜମି ଅଧିଗ୍ରହଣ କରାଯାଇଛି । ୨୦୧୪ ମସିହାରେ ଜମିପାଇଁ ଅର୍ଥ ପ୍ରଦାନ ମଧ୍ୟ କରାଯାଇଛି । କିନ୍ତୁ ୨୦୧୧ ମସିହାଠାରୁ ପ୍ରକଳ୍ପର କୌଣସି କାର୍ଯ୍ୟ ହୋଇନାହିଁ । ବର୍ତ୍ତମାନ ଏହି ଜମିକୁ ଇଡକୋକୁ ସ୍ଥାନାନ୍ତର କରିବାର ଯୋଜନା ରହିଥିବା ଜଣାପଡ଼ିଛି । ଯଦି ଜମି ଇଡକୋକୁ ହସ୍ତାନ୍ତର କରାଯାଏ, ତେବେ ଗ୍ରାମବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବେ । ଏହି ଜମିରେ ଓଡ଼ିଶା ସରକାରଙ୍କ ଦ୍ୱାରା କୌଣସି ପ୍ରକଳ୍ପ କରାଗଲେ ଜିଲ୍ଲା ଏବଂ ସ୍ଥାନୀୟ ଅଞ୍ଚଳର ବିକାଶ ହେବା ସହିତ ବେକାରୀ ସମସ୍ୟା ଦୂର ହୋଇପାରିବ । ଏହି ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଘୋଷିତ ହେବା ପରେ ଗ୍ରାମକୁ ଭଲ ରାସ୍ତା, ପାନୀୟ ଜଳ, ଘର ଦ୍ୱାର ଏବଂ କୌଣସି ସରକାରୀ ସୁବିଧା ମିଳୁନାହିଁ । ଫଳରେ ଘର ନିର୍ମାଣ କରିବା ତ ଦୂରର କଥା ପୁଅ ଝିଅ ବିଭାଘର କରିବା ସମ୍ଭବ ହେଉନାହିଁ । ଏଣୁ ଅଧିଗ୍ରହଣ ହୋଇଥିବା ଜମିରେ କୌଣସି ପ୍ରକଳ୍ପ କରିବାକୁ ଦାବି କରିବା ସହିତ ବିସ୍ଥାପନ ନୀତି ଅନୁସାରେ ଗ୍ରାମବାସୀଙ୍କୁ ଥଇଥାନ କରିବାକୁ ବିସ୍ଥାପିତ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବରେ ଜଣାଇଛନ୍ତି । କମ୍ପାନୀ ଜମି ଅଧିଗ୍ରହଣ କରିଥିବା ବେଳେ ମରିଚାକଣ ଏବଂ ନୂଆଗଁବିଲ ଗ୍ରାମରେ ୧୨୨ଟି ପରିବାର ବିସ୍ଥାପିତ ହୋଇଛନ୍ତି । ବିସ୍ଥାପନ ପରେ କମ୍ପାନୀ ତରଫରୁ କୌଣସି ସୁବିଧା ସୁଯୋଗ ମିଳିବା ତ ଦୂରର କଥା ବର୍ତ୍ତମାନ ପର୍ଯ୍ୟନ୍ତ କାମ ହୋଇନାହିଁ । ପ୍ରତ୍ୟେକ ବିସ୍ଥାପିତ ପରିବାରକୁ ନିଯୁକ୍ତି, ବିସ୍ଥାପିତ ତାଲିକା ସଂଶୋଧନ ସହିତ ବାଦ ପଡ଼ିଥିବା ପରିବାରକୁ ସଂଯୋଗ, ମାସିକ ୧୫ହଜାର ଟଙ୍କା ଭତ୍ତା, ବିସ୍ଥାପିତ କାର୍ଡ ପ୍ରଦାନ, ନାବାଳକ ବୟସ ସୀମାରେ ୩ବର୍ଷ କୋହଳ, କଲୋନୀ ଚାରିପାଖରେ ପାଚେରି ନିର୍ମାଣ, ଜମି ଚିହ୍ନଟ ସହିତ ସ୍ଥାୟୀ ପଟ୍ଟା ପ୍ରଦାନ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, କୋଠଘର ନିର୍ମାଣ, ପ୍ରାଥମିକ ସ୍କୁଲ ନିର୍ମାଣ, ଶିବମନ୍ଦିର ପାର୍ଶ୍ୱରେ ପାର୍ବତୀ ମନ୍ଦିର ନିର୍ମାଣ, ଅସମତଳ ଜମିକୁ ସମତଳ କରି ବୃକ୍ଷରୋପଣ, ରାସ୍ତା ସହିତ ଡ୍ରେନ ବ୍ୟବସ୍ଥା, କଲ୍ୟାଣ ମଣ୍ଡପକୁ ସିଡି ନିର୍ମାଣ, ଗୋଚର ଜମି ଏବଂ ଗୋଚର ଜମିକୁ ରାସ୍ତା ନିର୍ମାଣ, ଶ୍ମଶାନ ପର୍ଯ୍ୟନ୍ତ ରାସ୍ତା, ବିସ୍ଥାପିତ ପରିବାରକୁ ଗୋରୁ ଗୁହାଳ ପ୍ରଦାନ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ, ଶିଶୁ ଉଦ୍ୟାନ, ମିଶନ ଶକ୍ତି ଗୃହନିର୍ମାଣ, ବିସ୍ଥାପିତ ପରିବାରକୁ ପୁନଃ ଥଇଥାନ ସହିତ ୧ ଲକ୍ଷ ୫୦ ହଜାର ଟଙ୍କା ବୃତ୍ତି ପ୍ରଦାନ କରିବାକୁ ଦାବି କରାଯାଇଛି । ଦୀର୍ଘ ଦିନ ହେବ କାରଖାନାକୁ ଜମି ଦେଇ ବିସ୍ଥାପିତ ପରିବାର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ପାଇଁ କ୍ଷତିଗ୍ରସ୍ତ ପ୍ରଜାମାନେ ଦାବି କରିଛନ୍ତି ।

## ଟ୍ରକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଢେଙ୍କାନାଳ,୧୭ ।୭ (ସମିସ) :** ସଦର ଥାନା ଅନ୍ତର୍ଗତ ୫୫ନଂ ଜାତୀୟ ରାଜପଥର ଗୋବିନ୍ଦପୁର ଛକ ନିକଟରେ ବୁଧବାର ସକାଳ ୫ଟା ୧୫ରେ ଏକ ଟ୍ରକ୍ ଦୁର୍ଘଟଣାରେ ଜନୈକ ଯୁବକଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ସ୍ଥାନୀୟ ପାଇକ ଦହିକୋର ଗ୍ରାମର କୁକୁଡ଼ା ବ୍ୟବସାୟୀ ଅରୁଣ ବେହେରା ନିଜ ଡାଲା ଗାଡ଼ିରେ କୁକୁଡ଼ା ଆଣି ସହରର ବିଭିନ୍ନ ଦୋକାନରେ କୁକୁଡ଼ା ଦେଇ ଘରକୁ ଫେରୁଥିବା ବେଳେ ରାସ୍ତାକଡ଼ରେ ଥିବା ଏକ ଟ୍ରକ ସହିତ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ଅରୁଣଙ୍କ ମୃତ୍ୟୁ ଘଟିଥିଲା । ମୃତଶବକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ଗୃହରେ ରଖାଯାଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

## ଦେଓଗାଁରେ ଠାକୁରଙ୍କ ରୁପା ବେଶ ଅନୁଷ୍ଠିତ

**ଗଁଦିଆ,୧୭।୭ (ସମିସ):** ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଚନ୍ଦ୍ରଶେଖରଙ୍କର ପାଦଦେଶରେ ଅବସ୍ଥିତ ଦେଓଗାଁ ଗ୍ରାମଠାରେ ରଥରେ ବିଜେ ପ୍ରଭୁ ବଳଦେବଜୀଉ ଓ ଜଗନ୍ନାଥଙ୍କର ରୂପାବେଶ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରାତଃ ସମୟରେ ଠାକୁରଙ୍କ ମଙ୍ଗଳ ଆଳତି, ଅବକାଶ ନୀତି ବାଲ୍ୟନୀତି ସକାଳ ଧୂପ ଅନୁଷ୍ଠିତ ହୋଇଥିଲା । ଏହାପରେ ଦ୍ୱିପ୍ରହର ସମୟରେ ଠାକୁରଙ୍କ ବାଲ୍ୟଭୋଗ ନୀତି ଅନୁଷ୍ଠିତ ହୋଇଥିଲା । ଏହାପରେ ସନ୍ଧ୍ୟା ସମୟରେ ଠାକୁରଙ୍କର ସନ୍ଧ୍ୟା ଆଳତି ପରେ ଠାକୁରଙ୍କ ରୁପାବେଶ ଅନୁଷ୍ଠିତ ହୋଇଥିଲା । ଠାକୁରଙ୍କ ଏହି ଅପୂର୍ବ ବେଶ ଦେଖିବା ନିମନ୍ତେ ପ୍ରବଳ ଜନଗହଳି ହୋଇଥିଲା । ଏକାଦଶୀରେ ଏହି କ୍ଷେତ୍ରରେ ଠାକୁରଙ୍କ ଅଧରପଣା ନୀତି ଅନୁଷ୍ଠିତ ହେବ । ଏହାପରେ ଠାକୁରଙ୍କ ପହଡ଼ ପଡ଼ିବ । ଏଠାରେ ଅନୁଷ୍ଠିତ ରଥଯାତ୍ରା ଜିଲ୍ଲାର ସର୍ବପୁରାତନ ଅଟେ । ଏହି ରଥଯାତ୍ରା ରାଜା ପ୍ରତାପ ନରସିଂହ ଦେବଙ୍କ ସମୟରୁ ପାଳିତ ହୋଇଆସୁଥିବା ବେଳେ ଏଠାରେ ନିର୍ମିତ ତାଳଧ୍ୱଜ ରଥ ୧୪ଚକ ବିଶିଷ୍ଟ ଅଟେ ।

## ମହାଲକ୍ଷ୍ମୀଙ୍କ ନୂତନ ଗୃହ ନିର୍ମାଣର ଶୁଭାରମ୍ଭ

**ଢେଙ୍କାନାଳ, ୧୭।୭ (ସମିସ) :** ସ୍ଥାନୀୟ ଦେଉଳ ସାହିରେ ମହାଲକ୍ଷ୍ମୀଙ୍କ ନୂତନ ଗୃହ ନିର୍ମାଣ ପାଇଁ ପୂଜାର୍ଚ୍ଚନା କରାଯାଇ ୧୦ଟା



୩୦ରେ ପବିତ୍ର ହରି ଶୟନ ଏକାଦଶୀରେ ଶୁଭ ଦିଆଯାଇଥିଲା । କର୍ତ୍ତା ଗୌବର୍ଦ୍ଧନ ବେହେରା, ସଭାପତି ସଞ୍ଜୟ ଭଞ୍ଜ, ସମ୍ପାଦକ ଉଦୟାନନ୍ଦ ମହାନ୍ତି, ଉପଦେଷ୍ଟା ବିଜୟ କୁମାର ବେହେରା, ନିରଞ୍ଜନ ସାମଲ, ଦିଲିପ୍ ବେହେରା, ପ୍ରିନ୍ସ ସମିର, ସୁନିଲ କୁମାର ବେହେରା, ସଂଗ୍ରାମ ମହାନ୍ତି, ସୁନିଲ ପାଣି, ବିଷ୍ଣୁଚରଣ ବେହେରା, ବିଜୟ ପାତ୍ର ଓ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତରେ ଏହି ମହାଲକ୍ଷ୍ମୀ ନୂତନ ଗୃହ ଶୁଭ ହୋଇଥିଲା ।

## ଜିଲ୍ଲାପାଳଙ୍କ ବରିଷ୍ଠ ନାଗରିକ ଗୃହ ପରିଦର୍ଶନ

**ଯୋରନ୍ଦା,୧୭।୭ (ସମିସ):** ଢେଙ୍କାନାଳ ଜିଲ୍ଲାର ଯୋରନ୍ଦାଠାରେ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ଦ୍ୱାରା ପରିଚାଳିତ ବରିଷ୍ଠ ନାଗରିକ ଗୃହକୁ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ପରିଦର୍ଶନ କରିଛନ୍ତି । ବରିଷ୍ଠ ନାଗରିକ ମାନେ ତଳେ ବସି ଖାଇବାରେ ଅସୁବିଧା ହେଉଥିବାରୁ ଜିଲ୍ଲାପାଳ ସେମାନଙ୍କ ପାଇଁ ଟେବୁଲ ଓ ଚେୟାର ପ୍ରଦାନ କରିଥିଲେ ।

**● ଅନ୍ତେବାସୀଙ୍କ ନିମନ୍ତେ ଆବଶ୍ୟକୀୟ ସାମଗ୍ରୀ ବଣ୍ଟନ**




ଏହି ଅବସରରେ ବିଦ୍ୟୁତ୍ କାଟ ସମୟରେ ବରିଷ୍ଠ ନାଗରିକମାନେ ଅସୁବିଧା ଭୋଗୁଥିବାରୁ ସେମାନଙ୍କ ପାଇଁ ଇନଭର୍ଟର ଓ ୧୦ ଟି ଫ୍ୟାନ ପ୍ରଦାନ କରିଥିଲେ । ଜିଲ୍ଲାପାଳ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଆପଣମାନେ ଗୋଟିଏ ଛୋଟ ପରିବାର ଛାଡି ଏ ବୃହତ ପରିବାରରେ ଯୋଗଦେଇଛନ୍ତି । ତେଣୁ ପୂର୍ବର ଦୁଃଖ ଭୁଲି ଏଠାରେ ଖୁସିରେ ରହି ଆଧ୍ୟାତ୍ମିକ ଚେତନାରେ ମନୋନିବେଶ କରନ୍ତୁ । ସେ ନାଗରିକ ଗୃହକୁ ଆସି ସନ୍ତୋଷ ଲାଗିଲା ବୋଲି କହିଥିଲେ । ପରିଚାଳନା କମିଟି ପକ୍ଷରୁ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଯାହା ସୁବିଧା ପ୍ରଦାନ କରାଯାଇଛି ସନ୍ତୋଷ ଜନକ ଓ ପରବର୍ତ୍ତୀ ସମୟରେ ଅନୁଷ୍ଠାନ ପକ୍ଷରୁ ଯାହା ଆବଶ୍ୟକ ତାହା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ । ଏହି ଅବସରରେ ଦୟାନନ୍ଦ ସର୍ଭିସ୍ ମିଶନ ସମ୍ପାଦକ ପ୍ରଦୀପ କୁମାର ସାହୁ ଜିଲ୍ଲାପାଳ ଶ୍ରୀ ଋତୁରାଜ ଙ୍କୁ ଅନୁଷ୍ଠାନ ଜମି ପାଇଁ ସ୍ଥାୟୀ ପଟ୍ଟା ବ୍ୟବସ୍ଥା କରିବା ପାଇଁ ନିବେଦନ କରିଥିଲେ । ଜିଲ୍ଲା ଏମର୍ଜିନ୍ସି ଅଧିକାରୀ ଅଶ୍ୱିନୀ କୁମାର ଦାସ ଜିଲ୍ଲା ପାଳଙ୍କ ସହିତ ନାଗରିକ ଗୃହ ଅନ୍ତେବାସୀଙ୍କ ସହିତ ଆଲୋଚନା କରିଥିଲେ । ବରିଷ୍ଠ ନାଗରିକ ଗୃହର ପରିଚାଳକ ବିଜୟ କୁମାର ପ୍ରଧାନ, ରାଜେଶ ପରିଡ଼ା, ସଞ୍ଜୟ ବେହେରା, ପ୍ରିତିରଞ୍ଜନ ମିଶ୍ର, ରଶ୍ମିତା ନାଥ, ଅନୁଶୟା ଶତପଥି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ଜିଲ୍ଲାପାଳ ଅନୁଷ୍ଠାନ ପରିସରରେ ଗୋଟିଏ ବଉଳ ଗଛ ଲଗାଇ ବୃକ୍ଷରୋପଣର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

## ୧୧ କେଭି ବିଦ୍ୟୁତ୍ ତାର ଚୋରି; ଅନ୍ଧାରରେ ତିନି ଗାଁ



**କାମାକ୍ଷାନଗର, ୧୭ ।୭ (ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଜୟପୁରାକାଟେଣୀ ପଞ୍ଚାୟତ ଅନ୍ତର୍ଗତ କହ୍ନେଇନଗର -ଶୁଣ୍ଢିକାଟେଣୀ ରାସ୍ତାରୁ ୧୧କେଭି ବିଦ୍ୟୁତ ତାର ଚୋରି କରି ନେଇଛନ୍ତି ଦୁର୍ବୃତ୍ତ । ଫଳରେ କହ୍ନେଇନଗର, ବାଲିତଇଳା, ଶୁଣ୍ଢିକାଟେଣୀ ଗାଁର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଗତକାଲି ବିଳମ୍ବିତ ରାତିରେ ସିଆରିମାଳିଆ ଠାରୁ ଶୁଣ୍ଢିକାଟେଣୀ ଗାଁକୁ ଯାଇଥିବା ଜଙ୍ଗଲ ରାସ୍ତାର ପ୍ରାୟ ୧୫ ଗୋଟି ବିଦ୍ୟୁତ ଖୁଣ୍ଟିରୁ ତାର ଚୋରି ହୋଇଥିବା କାମାକ୍ଷାନଗର ଥାନାରେ ଅଭିଯୋଗ ହୋଇଛି । ଫଳରେ ତିନିଗୋଟି ଗାଁରେ ପିଲାଙ୍କ ପାଠପଢା, ପାନୀୟ ଜଳଯୋଗାଣ ଏବଂ ଦୈନନ୍ଦିନ ଜୀବନ କାର୍ଯ୍ୟରେ ବ୍ୟାହତ ହୋଇଛି । ଏ ନେଇ ଅଭିଯୋଗ ପରେ କାମାକ୍ଷାନଗର ପୁଲିସ ତଦନ୍ତ ଆରମ୍ଭ କରି ଦେଇଛି । ସେପଟେ ବିଦ୍ୟୁତ ବିଭାଗ ତୁରନ୍ତ ୧୧ କେଭି ବିଦ୍ୟୁତ ସଂଯୋଗ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିତ

**କାମାକ୍ଷାନଗର, ୧୭ ।୭ (ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସନ୍ନିକଟ କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ତତ୍ତ୍ୱାବଧାନରେ ତଥା ବରିଷ୍ଠ ଶିକ୍ଷକ ସୁରେଶ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ୩୨ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଆୟୋଜିତ ସଭାରେ କାନପୁରା ପ୍ରକୃତି ସୁରକ୍ଷା ସମିତିର ପୂର୍ବତନ ସଭାପତି ଶିବଚରଣ ରାଉତ, ପୂର୍ବତନ ଏମ୍ ସି ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ, ପୂର୍ବତନ ସମ୍ପାଦକ ରବିକୁମାର ସାମଲ, ପୂର୍ବତନ ସଭ୍ୟ କୃଷ୍ଣଚନ୍ଦ୍ର ରାଉତ, ସାରଙ୍ଗଧର ରାଉତ, ସଭ୍ୟା ଚଞ୍ଚଳା ରାଉତ, ଆଲୁମିନି ସଭାପତି ନିହାରକାନ୍ତ ରାଉତ, ପୂର୍ବତନ ଛାତ୍ର ସୁରେଶ ବ୍ରହ୍ମ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ ସମସ୍ତଙ୍କୁ ସ୍ୱାଗତକରିବା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଚନ୍ଦ୍ରମଣି ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ରୁଦ୍ରନାରାୟଣ ପରିଡ଼ା, ବାନାର୍ଜୀ ମହାନ୍ତି, ପ୍ରହଲ୍ଲାଦ ସାହୁ, ସମରେନ୍ଦ୍ର ନାୟକ, ବସନ୍ତ କୁମାର ସାହୁ, ନିର୍ମଳ ମହାନ୍ତି, ଚିତ୍ତରଞ୍ଜନ ବିଶ୍ୱାଳ, ଆକାଶ ରାଉତ, ରାଜେଶ କୁମାର ସାହୁ, ଶିକ୍ଷୟିତ୍ରୀ କବିତା ରାଉତ, , ସୁମିତ୍ରା ଜେନା, ଗୀତା ମହାପାତ୍ର, ଶୌଭାଗିନୀ ସାହୁ, ଜୟସ୍ମିତା ରାଉତ, ଶିକ୍ଷା କର୍ମଚାରୀ ଗିରିଶ ଚନ୍ଦ୍ର ମହାନ୍ତି, ରବିନାରାୟଣ ରାଉତ, ଶାନ୍ତନୁ ରାଉତ, ପ୍ରଶାନ୍ତ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ



**ଢେଙ୍କାନାଳ, ୧୭ ।୭ (ସମିସ) :** ସ୍ଥାନୀୟ ରଥଗଡ଼ା ଠାରେ ଆଷାଢ଼ ଶୁକ୍ଳପକ୍ଷ ଏଦାଦଶୀ ତିଥିରେ ପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ଅଧାରେ ଅଟକି ରହିଥିବା ରଥକୁ ଭକ୍ତମାନେ ଟାଣି ଟାଣି ରଥଖଳା ଠାରେ ପହଞ୍ଚାଇଥିଲେ । ଗତକାଲି ରଥଉପରେ ପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ । ଆଜି ଏକାଦଶୀ ତିଥିରେ ପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା । ଦେବୋତ୍ତର ବିଭାଗ ତରଫରୁ ଟ୍ରେଜେରୀରୁ ସୁନା ଅଳଙ୍କାର ଗୁଡିକ କଡା ସୁରକ୍ଷା ମଧ୍ୟରେ ରଥନିକଟକୁ ଅଣାଯିବା ପରେ ସେବକ ମାନେ ପ୍ରଭୁଙ୍କର ସୁନାବେଶ କରିଥିଲେ । ଦୁଇଟି ରଥରେ ପ୍ରଭୁଙ୍କର ସୁନାବେଶ ଅନୁଷ୍ଠିତ ହେବା ପରେ କଡା ସୁରକ୍ଷା ମଧ୍ୟରେ ଦର୍ଶନ ବ୍ୟବସ୍ଥା କରାଯାଇଛି । ପୁଲିସ ଫୋର୍ସ ଉପସ୍ଥିତିରେ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଉଛି ।

## ଭୁବନରେ ମହାପ୍ରଭୁଙ୍କ ସୁନାବେଶ





**ଭୁବନ,୧୭।୭ (ସମିସ):** ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକରେ ତୃତୀୟା ଜୀଉଙ୍କ ସୁନାବେଶ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ମନ୍ଦିର ସମ୍ମୁଖସ୍ଥ ରଥ ଖଳାରେ ରଥ ଉପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ କରାଯାଇ ସେବକଙ୍କ ଦ୍ୱାରା ସନ୍ଧ୍ୟାରେ ମହାପ୍ରଭୁ ଜଗନ୍ନାଥ, ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରାଙ୍କୁ ବେଶ କରାଯାଇଥିଲା । ପରିଚାଳନା କମିଟି ସଭପତିଙ୍କ ସମେତ ସମସ୍ତ କର୍ମକର୍ତ୍ତା, ସେବାୟତ, ସଂକୀର୍ତ୍ତନ ମଣ୍ଡଳୀ, ଘଣ୍ଟୁଆ, ମାତୃ ମଣ୍ଡଳୀ ଓ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇଥିଲେ । ସନ୍ଧ୍ୟା ୭ ଘଟିକା ସମୟରେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସୁନାବେଶ ଉତ୍ସବ ପାଳନ କରାଯାଇଥିଲା । ଟ୍ରଷ୍ଟ ସଭାପତି ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି, ଆଦ୍ୟ ସେବକ ରାମଚନ୍ଦ୍ର ରାଉତ, ମୁଖ୍ୟ ପୁରୋଧା ତୁଷାରକାନ୍ତି ମିଶ୍ର, ଉପଦେଷ୍ଟା ଗୋପୀନାଥ ମହାନ୍ତି, ଦିଲ୍ଲୀପ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସମ୍ପାଦକ ନିରଞ୍ଜନ ଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ସୁନାବେଶ ଫଟୋଚିତ୍ର ଉପହାର ପ୍ରଦାନ କରାଯାଇଥିଲା ।

## ହରି ଶୟନ ବଡ଼ ଏକାଦଶୀ ନୀତି ପାଳିତ

**ଢେଙ୍କାନାଳ, ୧୭।୭ (ସମିସ) :** ସ୍ଥାନୀୟ କୈବଲ୍ୟ ବଜାର ସ୍ଥିତ ଶ୍ରୀ ଶ୍ରୀ ସିଦ୍ଧ ବଳରାମ ଜିଉ ମନ୍ଦିରରେ ହରି ଶୟନ ବଡ଼ ଏକାଦଶୀ ନୀତି ପାଳିତ ହୋଇଯାଇଛି । ପ୍ରାତଃରୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର ତୁଳସୀ ହାର ଫୁଲ ହାର ଲାଗି କରାଯାଇଥିଲା । ସକାଳ ବଲ୍ଲଭ ଭୋଗ ଲାଗି କରାଯାଇଥିଲା । ୧୦ଟା ରେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅନ୍ନଭୋଗ, ସଂଧ୍ୟାରେ ଆଳତୀ, ରାତ୍ରରେ ରାତ୍ରଧୂପ ପରେ ଏକାଦଶୀ ବେଢ଼ା, ରାତ୍ରରେ ମହାଦୀପ ଉଠିବ । ପୂଜକ ମନସୁମନ ମିଶ୍ର, ପାଳିଆ ସେବକ ବ୍ରଜମୋହନ ମହାପାତ୍ର, କହାଳିଆ ଟିକନ୍ ବେହେରା ଓ ମନ୍ଦିର ଜିମାଦାର ଶ୍ୟାସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ହରିଶୟନ ନୀତି ପାଳନ କରାଯାଇଥିଲା । ହରି ଶୟନ ବଡ଼ ଏକାଦଶୀ ନିମନ୍ତେ ରଥଖଳା ସ୍ଥିତ ରଥ ଉପରେ ପ୍ରବଳ ଭକ୍ତଙ୍କ ଜନସମାଗମ ହୋଇଥିଲା । ରଥ ଉପରେ ବିଭିନ୍ନ ଫୁଲ ଓ ତୁଳସୀ ହାର, ଭୋଗରାଗ ନେଇ ପୂଜା ଅର୍ଚ୍ଚନା କରିଥିଲେ ।



# ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ପୋଖରୀର ପୁନରୁଦ୍ଧାର

**ଢେଙ୍କାନାଳ, ୧୭।୭ (ସମିସ)**

ସ୍ଥାନୀୟ ଭିତ୍ତିଭୂମିର ବିକାଶ ଓ ସ୍ଥାୟୀ ଗୋଷ୍ଠୀ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ ଟାଟା ଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ଢେଙ୍କାନାଳ ଜିଲ୍ଲା ଓଡାପଡ଼ା ବ୍ଲକ ଟାଟା ଷ୍ଟିଲ ମେରାମଣ୍ଡଳୀ ପ୍ଲାଣ୍ଟ ନିକଟସ୍ଥ ନୂଆଗାଁ ଗ୍ରାମରେ ପୁନରୁଦ୍ଧାର କରାଯାଇଥିବା ଏକ ପୋଖରୀକୁ

**● ଦୀର୍ଘସ୍ଥାୟୀ ପ୍ରକଳ୍ପ ଯୋଗୁଁ ୧୦୦୦ ରୁ ଅଧିକ ଗ୍ରାମବାସୀ ହେବେ ଉପକୃତ**




ଲୋକାର୍ପଣ କରାଯାଇଛି । ଟାଟା ଷ୍ଟିଲର କର୍ପୋରେଟ୍ ସର୍ଭିସେସର ପ୍ରେସିଡେଣ୍ଟ ଚାଣକ୍ୟ ଚୌଧୁରୀ, ଟିଏସଏମ୍ ଭାଇସ-ପ୍ରେସିଡେଣ୍ଟ -ଅପରେସନ୍ସ ଉତ୍ତମ ସିଂହ ଏବଂ ଟାଟା ଷ୍ଟିଲର ମାନବ ସମ୍ବଳ ପ୍ରବନ୍ଧନ ଭାଇସ-ପ୍ରେସିଡେଣ୍ଟ ଆତ୍ରେୟି ସାନ୍ୟାଲ୍ ଏହି ପୋଖରୀକୁ ଉଦ୍‌ଘାଟନ କରିଥିବା ବେଳେ ନୂଆଗାଁ ଗ୍ରାମ ସଭାପତି ତରୁଣ ସାହୁ, ଟିଏସଏମର ଅଧିକାରୀ ଓ ସ୍ଥାନୀୟ ବାସିନ୍ଦାମାନେ ଉପସ୍ଥିତ ଥିଲେ । ପୁନରୁଦ୍ଧାର ହୋଇଥିବା ନୂଆଗାଁ ପୋଖରୀରେ ଏବେ ୫୫, ୦୦୦ କିଲୋ ଲିଟର (୫୫ ନିୟୁତ ଲିଟର) ଜଳ ସଂରକ୍ଷଣ କ୍ଷମତା ରହିଛି, ଯାହା ଦ୍ୱାରା ସ୍ଥାନୀୟ ଗ୍ରାମବାସୀ ଏହି ଜଳକୁ ବିଭିନ୍ନ ପ୍ରକାରର କାର୍ଯ୍ୟରେ ବ୍ୟବହାର କରିପାରିବେ । ୧୮, ୭୫୭.୯ ବର୍ଗଫୁଟ (୨.୭୪ ଏକର) ପରିମିତ ଏହି ପୋଖରୀ ଭୂପୃଷ୍ଠର ଜଳପ୍ରବାହକୁ ସଂଗ୍ରହ କରି ଏକ ଗୁରୁତ୍ୱପୂର୍ଣ୍ଣ ଜଳଉତ୍ସ ଭାବେ କାର୍ଯ୍ୟ କରିବ । ଏହି ପୋଖରୀର ଚାରିପାଖରେ ପେଭର ବ୍ଲକ ବ୍ୟବହାର କରି ୪୦୦ ମିଟରର ରାସ୍ତା ନିର୍ମାଣ କରାଯାଇଛି, ଯାହା ଗ୍ରାମବାସୀଙ୍କୁ ବୁଲାବୁଲି କରିବା ପାଇଁ ଏକ ମନୋରମ ମାର୍ଗ ପ୍ରଦାନ କରିବ । ପୋଖରୀ କଡ଼ରେ ୧୭ଟି ସୋଲାର ଲାଇଟ୍ ଲଗାଯାଇଛ । ଯାହା ବାର୍ଷିକ ପ୍ରାୟ ୧୫୦୦ ୟୁନିଟ୍ ଶକ୍ତି ସଞ୍ଚୟ କରିବ । ପୋଖରୀର ମଧ୍ୟଭାଗରେ ଭାସମାନ ଫାଉଣ୍ଟେନ ଲଗାଯାଇଛି, ଯାହାକି ପାଣିରେ ଦ୍ରବିଭୂତ ଅମ୍ଳଜାନ ସ୍ତରକୁ ବଜାଇରଖି ଜଳଜୀବକୁ ସାହାଯ୍ୟ କରିବ । ସେହିପରି ପୋଖରୀର ଚାରିପାଖରେ ଆରାମ ନେବା ପାଇଁ ବେଞ୍ଚର ବ୍ୟବସ୍ଥା କରାଯାଇଛି । ଏହା ବ୍ୟତୀତ ପୋଖରୀ ଭିତରକୁ ସହଜ ଏବଂ ସୁରକ୍ଷିତ ପ୍ରବେଶ ସୁନିଶ୍ଚିତ କରିବା ପାଇଁ ୬ଟି ସ୍ଥାନରେ ସିଢି ସହିତ ହ୍ୟାଣ୍ଡରେଲ ନିର୍ମାଣ କରାଯାଇଛି । ଏହି ପଦକ୍ଷେପ ଦ୍ୱାରା ଏକ ସୁନ୍ଦର ପରିବେଶ ସୃଷ୍ଟି ହୋଇପାରିଛି ଏବଂ ଗ୍ରାମବାସୀଙ୍କୁ ଦୈନନ୍ଦିନ କାର୍ଯ୍ୟକଳାପ ପାଇଁ ଏକ ମନୋରମ ପରିବେଶ ସୃଷ୍ଟି ହୋଇଛି ।

## ଆଜିର ଇତିହାସ

- ୧୨୯୦- ଇଂଲଣ୍ଡର ରାଜା ଏଡୱାର୍ଡ ଇହୁଦିମାନଙ୍କୁ ବିତାଡ଼ନ ପାଇଁ ଆଦେଶ ଦେଲେ।
- ୧୮୫୭- ବମ୍ବେ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୭୭- ଭିଏତନାମ ଜାତିସଂଘର ସଦସ୍ୟ ହେଲା।
- ୧୯୮୦- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉପଗ୍ରହ 'ରୋହିଣୀ-୧' ପୃଥିବୀ କକ୍ଷରେ ସ୍ଥାପିତ ହେଲା।
- ୨୦୦୨- ଏପିଜେ ଅବଦୁଲ୍ କଲାମ୍ ଭାରତର ରାଷ୍ଟ୍ରପତି ହେଲେ।
- ୨୦୧୨- ବଲିଉଡ୍ ଅଭିନେତା ରାଜେଶ ଖାନ୍ନାଙ୍କ ଦେହାନ୍ତ।



## ଅନ୍ତର୍ଜାତୀୟ ନେଲସନ୍ ମଣ୍ଡେଲା ଦିବସ

ପ୍ରତିବର୍ଷ ଜୁଲାଇ ୧୮ ତାରିଖକୁ ନେଲସନ୍ ମଣ୍ଡେଲା ଅନ୍ତର୍ଜାତୀୟ ଦିବସ ଭାବେ ପାଳନ କରାଯାଉଛି। ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲସନ୍ ମଣ୍ଡେଲା ବର୍ଣ୍ଣବୈଷମ୍ୟ ବିରୋଧୀ ନେତା ଭାବେ ସାରା ବିଶ୍ୱରେ ପରିଚିତ। କଳାଗୋରା ଭେଦଭାବ ଦୂର କରିବା ଏବଂ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ତାଙ୍କର ପ୍ରମୁଖ ଆଭିମୁଖ୍ୟ ଥିଲା। ତାଙ୍କ ନୀତି ଏବଂ ଆଦର୍ଶକୁ ମନେପକାଇବା ଓ ଭେଦଭାବ ଭୁଲି ବିଶ୍ୱକୁ ଏକତାର ବନ୍ଧନରେ ବାନ୍ଧି ରଖିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ୧୯୧୮ ମସିହା ଜୁଲାଇ ୧୮ ରେ ସେ ଜନ୍ମଗ୍ରହଣ କରିଥିବାରୁ ଏହି ଦିନଟିକୁ ନେଲସନ ମଣ୍ଡେଲା ଅନ୍ତର୍ଜାତୀୟ ଦିବସ ଭାବେ ପାଳନ କରାଯାଇଆସୁଛି। ଏଭଳି ଜଣେ ମହାନ ସଂଗ୍ରାମୀଙ୍କୁ ମନେ ପକାଇବା ଓ ସମାଜରେ ତାଙ୍କର ଆଦର୍ଶକୁ ଜୀବିତ ରଖିବା ଉଦ୍ଦେଶ୍ୟରେ ଜାତିସଂଘର ଅନୁମୋଦନ କ୍ରମେ ୨୦୧୦ ରୁ ପ୍ରତିବର୍ଷ ଜୁଲାଇ ୧୮ ତାରିଖକୁ 'ମଣ୍ଡେଲା ଦିବସ' ଭାବେ ପାଳନ କରାଯାଉଛି। ସେ ଆଫ୍ରିକାରେ ସାମାଜିକ ନ୍ୟାୟ ପାଇଁ ୬୭ ବର୍ଷ ଧରି ସଂଗ୍ରାମ ଜାରି ରଖିଥିଲେ। ଏହି ୬୭ ବର୍ଷ ମଧ୍ୟରୁ ୨୭ ବର୍ଷ ସେ ଜେଲରେ ଜୀବନ କାଟିଥିଲେ। ସେ ୧୯୯୪ରୁ ୧୯୯୯ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିଥିଲେ। ସେ ଦକ୍ଷିଣ ଆଫ୍ରିକାରେ ରଙ୍ଗଭେଦର ମୂଳୋତ୍ପାଟନ ପାଇଁ ସ୍ୱର ଉତ୍ତୋଳନ କରିଥିଲେ ଏହା ସହ ସାମାଜିକ ସମାନତା ପାଇଁ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କର ଏହି ନିଃସ୍ୱାର୍ଥ କାମ ପାଇଁ ତାଙ୍କୁ ୨୫୦ରୁ ଅଧିକ ପୁରସ୍କାର ମିଳିଥିଲା। ୧୯୯୦ରେ ତାଙ୍କୁ ଭାରତ ରତ୍ନରେ ସମ୍ମାନିତ କରାଯାଇଥିଲା। ଏହାସହ ସେ ୧୯୯୩ ମସିହାରେ ନୋବେଲ ଶାନ୍ତି ପୁରସ୍କାରରେ ସମ୍ମାନିତ ମଧ ହୋଇଥିଲେ। ଡିସେମ୍ବର ୫, ୨୦୧୩ରେ ତାଙ୍କର ମୃତ୍ୟୁ ହୋଇଥିଲା।



## ଦୁବାଇରେ ଆରମ୍ଭ ହେଲା 'ଆର୍‌ସି ୧୬'ର ପ୍ରି-ପ୍ରଡକ୍ସନ କାମ

ସାଉଥ୍ ସୁପରଷ୍ଟାର ରାମଚରଣଙ୍କ ଫିଲ୍ମ 'ଆର୍‌ଆର୍‌ଆର୍' ସାରା ବିଶ୍ୱରେ ରେକର୍ଡ ସୃଷ୍ଟି କରିଥିଲା। ଏହି ଫିଲ୍ମର ସଫଳତା ପରେ ପ୍ରଶଂସକ ତାଙ୍କ ପରବର୍ତ୍ତୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ଏହାରି ମଧ୍ୟରେ ଅଭିନେତା ନିଜେ ତାଙ୍କର ପରବର୍ତ୍ତୀ ପାନ୍ ଇଣ୍ଡିଆ ଫିଲ୍ମ ଘୋଷଣା କରିଛନ୍ତି। ଫିଲ୍ମର ଟାଇଟଲ୍ ରହିଛି 'ଆର୍‌ସି ୧୬'। ବୁଚି ବାବୁ ସାନା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ରାମଚରଣ ଓ ଜାହ୍ନବୀ କପୁର ଲିଡ୍ ରୋଲରେ ନଜର ଆସିବେ। ଏହି ଫିଲ୍ମ ସମ୍ପର୍କରେ ନୂଆ ନୂଆ କଥା ଜାଣିବାକୁ ଦର୍ଶକେ ଅପେକ୍ଷା କରିଛନ୍ତି। ପୂର୍ବରୁ ରାମଚରଣ ଓ ବୁଚି ବାବୁ ସାନା 'ଅପ୍ପେନା' ଫିଲ୍ମରେ ଏକାଠି କାମ କରିଥିଲେ। ଏହି ଫିଲ୍ମ ବ୍ଲକ୍‌ବଷ୍ଟର ସାବ୍ୟସ୍ତ ହୋଇଥିଲା। ଇତିମଧ୍ୟରେ ରାମଚରଣ ତାଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ 'ଗେମ୍ ଚେଞ୍ଜର'ର ସୁଟିଂ ନିକଟ ଅତୀତରେ ସାରିଛନ୍ତି। ଏବେ ସେ 'ଆର୍‌ସି-୧୬'ରେ ବ୍ୟସ୍ତ ଥିବା ଜଣାପଡ଼ିଛି। ଫିଲ୍ମର ପ୍ରିପ୍ରଡକ୍ସନ କାମ ଦୁବାଇସ୍ଥିତ ଫିରଦୋସ୍ ଷ୍ଟୁଡିଓରେ ଚାଲିଛି। ଏନେଇ ବୁଚି ବାବୁ ସାନା ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ସେୟାର୍ କରିଛନ୍ତି। ଏଥିରେ ସେ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍ ରେହମାନ୍‌ଙ୍କ ସହ ନଜର ଆସିଛନ୍ତି। ଫିଲ୍ମର ଟାଇଟଲ ଏଯାଏଁ ସ୍ଥିର କରାଯାଇ ନାହିଁ। ଫିଲ୍ମରେ କନ୍ନଡ଼ ସୁପରଷ୍ଟାର୍ ଶିବା ରାଜକୁମାର ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।

## ସାରସ୍ୱତ ସାଧକ ଅନନ୍ତ ପ୍ରସାଦ ପଣ୍ଡା



୧୯୦୬ ମସିହା ଆଜିର ଦିନରେ ଅନନ୍ୟ ସାରସ୍ୱତ ସାଧକ ଅନନ୍ତ ପ୍ରସାଦ ପଣ୍ଡା ଜନ୍ମଗ୍ରହଣ କରିଥିଲେ। ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଉପନ୍ୟାସ, ନାଟକ, ପ୍ରବନ୍ଧ ତଥା କବିତାରେ ତାଙ୍କର ପ୍ରବେଶ ରହିଥିଲା। ତାଙ୍କର ବାଲ୍ୟକାଳ ସୋର ବାହାନାଗା ଅନ୍ତର୍ଗତ କଲ୍ୟାଣୀ ଗ୍ରାମରେ କଟିଥିଲା। ସେ ବାଲେଶ୍ୱର ଜିଲ୍ଲା ସ୍କୁଲ ଓ ରେଭେନ୍ସା ମହାବିଦ୍ୟାଳୟରେ ପାଠ ପଢ଼ିଥିଲେ। ୨୦ବର୍ଷ ବୟସରେ ସବ୍-ଡେପୁଟି କଲେକ୍ଟର ଭାବରେ ଚାକିରି ଜୀବନ ଆରମ୍ଭ କରିଥିଲେ। ତାଙ୍କର ଚାକିରି ଜୀବନ ବାଲେଶ୍ୱର, କଟକ, ଭଦ୍ରକ, ପୁରୀ, ବରଗଡ଼, କେନ୍ଦ୍ରାପଡ଼ା ଓ ଆସିକା ଆଦି ସ୍ଥାନରେ ବିତିଥିଲା। ପ୍ରଶାସନିକ ଜୀବନର କର୍ମଜଞ୍ଜାଳରେ ଥାଇ ସୁଦ୍ଧା ସେ ସାହିତ୍ୟ ସାଧନାରେ ବ୍ରତୀ ଥିଲେ। କିଶୋର ଅବସ୍ଥାରୁ ଅନନ୍ତ କବିତା ଲେଖା ଆରମ୍ଭ କରିଥିଲେ। ବାଲେଶ୍ୱର ଜିଲ୍ଲା ସ୍କୁଲରେ ପଢ଼ିବା ବେଳେ, 'ପାରିଜାତ' ନାମକ ହାତଲେଖା ପତ୍ରିକା ତାଙ୍କରି ପ୍ରଚେଷ୍ଟାରେ ପ୍ରକାଶ ପାଉଥିଲା। ରେଭେନ୍ସା ମହାବିଦ୍ୟାଳୟରେ ପଢ଼ିବା ବେଳକୁ ପୂର୍ବ-ଛାତ୍ରାବାସ(ଇଷ୍ଟ ହଷ୍ଟେଲ)ର ପତ୍ରିକା 'ଜାଗରଣ' ପ୍ରକାଶ ପାଉଥିଲା। ସେଥିରେ ତାଙ୍କର ପ୍ରଥମ ଗଳ୍ପ 'ଅନ୍ତିମ ମିଳନ' ପ୍ରକାଶ ପାଇଥିଲା। ଦ୍ୱିତୀୟ ଗଳ୍ପ ଥିଲା 'ଅତୃପ୍ତ ବାସନା'। ଗଳ୍ପଟି ବାଗ୍ମୀ ବିଶ୍ୱନାଥ କରଙ୍କ ଦ୍ୱାରା ସମ୍ପାଦିତ ପତ୍ରିକା 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇଥିଲା। ତୃତୀୟ ଗଳ୍ପ 'ବାସନା ତୃପ୍ତି' ମଧ୍ୟ ସେହି ପତ୍ରିକାରେ ସ୍ଥାନ ପାଇଥିଲା।

'ତୃଣଗୁଚ୍ଛ', 'ଗୋପୀ ସାହୁର ଦୋକାନ', 'ସଭ୍ୟତାର ତଳେ, 'ମନର ଭୂତ', 'ବାରମଜା', 'ନୈଶ୍ୟ ସୁନ୍ଦରୀ', 'ଚଳନ୍ତି କାହାଣୀ' ଆଦି ତାଙ୍କର କେତେକ ଶ୍ରେଷ୍ଠ ଗଳ୍ପ। ପ୍ରାକ୍-ସ୍ୱାଧୀନତା କାଳୀନ ଉତ୍କଳୀୟଙ୍କ ଦୁର୍ଦ୍ଦଶା, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ କାଳୀନ ଓଡ଼ିଶାର ଅବସ୍ଥା, ସ୍ୱାଧୀନତୋତ୍ତର ଭାରତର ସାଂପ୍ରଦାୟିକ ଦଙ୍ଗା ଆଦିର ବାସ୍ତବ ଚିତ୍ର ତାଙ୍କ ଗଳ୍ପରାଜିରୁ ମିଳେ। ୧୯୮୯ ମସିହା ଡିସେମ୍ବର ୧୫ ତାରିଖରେ ଏହି ମହାନ୍ ସାରସ୍ୱତ ସାଧକଙ୍କର ତିରୋଧାନ ଘଟିଥିଲା।

### ଆଜି ଆସିଥିଲେ...

## ଭାରତର ପ୍ରଥମ ମହିଳା ଡାକ୍ତର କାଦମ୍ବିନୀ ଗାଙ୍ଗୁଲି



ଭାରତର ପ୍ରଥମ ତାଲିମପ୍ରାପ୍ତ ମହିଳା ଡାକ୍ତର ହେବାର ସୌଭାଗ୍ୟ ଅର୍ଜନ କରିଥିଲେ କାଦମ୍ବିନୀ ଗାଙ୍ଗୁଲି। ସେ ୧୮୬୧ ମସିହା ଆଜିର ଦିନରେ ବିହାରସ୍ଥିତ ଭାଗଲପୁରରେ ଜନ୍ମ ଗ୍ରହଣ କରିଥିଲେ। ସେ ସମୟରେ ଝିଅମାନଙ୍କ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉ ନ ଥିଲା। ମାତ୍ର ସେହି ସମୟରେ ଡାକ୍ତରୀ ପଢ଼ି ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ କାଦମ୍ବିନୀ। ୧୮୮୩ରେ କାଦମ୍ବିନୀ ଓ ତାଙ୍କ ବାନ୍ଧବୀ ଚନ୍ଦ୍ରମୁଖୀ ବସୁ ଥିଲେ ସ୍ନାତକ କରିଥିବା ପ୍ରଥମ ମହିଳା। ସ୍ନାତକ ପରେ ୨୧ ବର୍ଷ ବୟସରେ ସେ ପ୍ରଫେସର ତଥା ସାମାଜିକ କାର୍ଯ୍ୟକର୍ତ୍ତା ଦ୍ୱାରକାନାଥ ଗାଙ୍ଗୁଲିଙ୍କୁ ବିବାହ କଲେ। ଦ୍ୱାରକାନାଥ ମହିଳା ସଶକ୍ତୀକରଣ ଦିଗରେ କାମ କରୁଥିଲେ। ସେ ହିଁ କାଦମ୍ବିନୀଙ୍କୁ ମେଡିକାଲ ପଢ଼ିବାକୁ ଉତ୍ସାହିତ କରିଥିଲେ। ୧୮୮୬ରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ମେଡିସିନ୍ ଡିଗ୍ରୀ ପ୍ରାପ୍ତ କରି ପ୍ରଥମ ଭାରତୀୟ ମହିଳା ଡାକ୍ତରର ପରିଚୟ ହାସଲ କଲେ। କେବଳ ସେତିକି ନୁହେଁ, ସେ ଥିଲେ ପ୍ରଥମ ଦକ୍ଷିଣ ଏସୀୟ ମହିଳା, ଯାହାଙ୍କୁ ୟୁରୋପୀୟ ମେଡିସିନ୍‌ରେ ପ୍ରଶିକ୍ଷଣ ମିଳିଥିଲା। ବ୍ରିଟେନ୍‌ରେ କାମ ଓ ଅଧ୍ୟୟନ କରିବା ସହ ସେ ସ୍ତ୍ରୀରୋଗ ବିଶେଷଜ୍ଞତା ହାସଲ କଲେ। ଏହାପରେ ସେ ଭାରତ ଫେରିଲେ ଓ ଏଠାରେ ଡାକ୍ତରୀ ଅଭ୍ୟାସ ଜାରି ରଖିଲେ। କୋଲକାତାର ଲେଡି ଡଫରିନ ହସ୍ପିଟାଲରେ ସେ ନିଜ ମୃତ୍ୟୁ ପର୍ଯ୍ୟନ୍ତ ସ୍ତ୍ରୀ ରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟ କରୁଥିଲେ। କଂଗ୍ରେସର ୧୮୮୯ର ମାଡ୍ରାସ ଅଧିବେଶନରେ ସେ ଭାଗନେଇଥିଲେ ଏବଂ ଭାଷଣ ଦେଇଥିଲେ। କଂଗ୍ରେସ ଅଧିବେଶନରେ ଭାଷଣ ଦେବାରେ ପ୍ରଥମ ମହିଳା ସେ ଥିଲେ। ୧୯୨୩ ମସିହା ଅକ୍ଟୋବର ୩ରେ ତାଙ୍କର ଦେହାନ୍ତ ହୋଇଥିଲା।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ବୁଦ୍ଧିମାନର କାମ କରିଦେଖାଇବେ। କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ସମାଜସେବାରେ ସମୟ ବିତିବ।

**ବୃଷ:** ଧନପ୍ରାପ୍ତି ପାଇଁ ଦିନଟି ବହୁତ ଭଲ। ଉଧାର ଟଙ୍କା ମଧ ଆଜି ଫେରି ପାଇବେ। ପୈତୃକ ଜମିସମ୍ପତ୍ତିକୁ ନେଇ ଚିନ୍ତାରେ ରହିବେ। ମା'ଙ୍କ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନଶୀଳ ରହିପାରନ୍ତି।

**ମିଥୁନ:** ଯାନବାହନ କିଣିବା ଯୋଗ ଅଛି। ମହିଳାମାନେ ସୁନା ଅଳଙ୍କାର କିଣିପାରନ୍ତି। ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ।

**କର୍କଟ:** ନିଜ ମନର ବିଚାରକୁ ନିୟନ୍ତ୍ରଣରେ ରଖିବା ଭଲ। ବିଦ୍ୟାର୍ଥୀମାନେ ପାଠପଢ଼ାରେ ମନ ଦେବେ। ପେଟଜନିତ ସମସ୍ୟା ଦେଖାଦେଇପାରେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ।

**ସିଂହ:** ପୈତୃକ ସମ୍ପତ୍ତି ବିକ୍ରି କରିବା ଯୋଜନା କରିବେ। ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭାଗ୍ୟଶାଳୀ। ପରିଶ୍ରମର ଉତ୍ତମ ଫଳ ପାଇବେ। ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ।

**କନ୍ୟା:** ଦିନଟି ମିଶ୍ର ଫଳ ପ୍ରଦାନ କରିବ। ନିଷ୍ଠାର ସହ ସମସ୍ତ କାର୍ଯ୍ୟ କରନ୍ତୁ। କର୍ମକ୍ଷେତ୍ରରେ ବସ୍ ଆପଣଙ୍କୁ ପ୍ରଶଂସା କରିପାରନ୍ତି। ଜୀବନସାଥିଙ୍କ ସହ ସମୟ ବିତାଇବେ।

**ତୁଳା:** ଆଜିର ଦିନଟି ସାମାନ୍ୟ ମଧ୍ୟମ ରହିବ। କୌଣସି ଦିଗରୁ ନିରାଶ ହୋଇ ପାରନ୍ତି। ହଠାତ୍ ଖର୍ଚ୍ଚ ବଢ଼ିପାରେ। ଯୋଜନା ମୁତାବକ ସମସ୍ତ କାର୍ଯ୍ୟ କରିବା ଭଲ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ।

**ବିଛା:** କର୍ମକ୍ଷେତ୍ରରେ ନେତୃତ୍ୱ କରିବାକୁ ସୁଯୋଗ ମିଳିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ସମାଜ ସେବା କରୁଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ। ବିବାହ ସମସ୍ୟା ସମାଧାନ ହେବ।

**ଧନୁ:** କୌଣସି ନୂଆ କାମ ଆରମ୍ଭ କରିପାରନ୍ତି। ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ।

**ମକର:** କର୍ମତତ୍ପର ରହିବେ। ବାପାମାଆଙ୍କ ସହଯୋଗ ମିଳିବ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ।

**କୁମ୍ଭ:** ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ। ଚାକିରିରେ ବଦଳି ସମ୍ଭାବନା ଅଛି। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ମୀନ:** ମନ ପ୍ରସନ୍ନ ରହିବ। ଏକାଗ୍ରତା ଏବଂ କାର୍ଯ୍ୟ କରିବାର ନିଷ୍ଠା ଯୋଗୁଁ ଉଚ୍ଚ ପ୍ରଶଂସିତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଦୂରଯାତ୍ରା ଭ୍ରମଣ କରି ଥକ୍କା ଅନୁଭବ କରିବେ।

## ବ୍ଲାଉଜ୍ ଫେସନ୍



ମହିଳାମାନେ ଶାଢ଼ି ପିନ୍ଧିବାକୁ ବେଶୀ ପସନ୍ଦ କରନ୍ତି ;କିନ୍ତୁ ଶାଢ଼ି ଅନୁସାରେ ବ୍ଲାଉଜ୍ ନ ପିନ୍ଧିଲେ ତାହା ସମ୍ପୂର୍ଣ୍ଣ ଲୁକ୍‌କୁ ଖରାପ କରିଥାଏ। ତେଣୁ ପାରମ୍ପରିକ ଶାଢ଼ିକୁ ଆଧୁନିକ ସ୍ପର୍ଶ ଦେବାକୁ ଚାହୁଁଥିଲେ, ବର୍ତ୍ତମାନ ଟ୍ରେଣ୍ଡରେ ଥିବା କେତୋଟି ଅତ୍ୟାଧୁନିକ ଡିଜାଇନର୍ ବ୍ଲାଉଜ ତିଆରି କରିପାରିବେ।

- ନିଜକୁ ଏକ ଆକର୍ଷଣୀୟ ତଥା ବୋଲ୍ଡ ଲୁକ୍ ଦେବାକୁ ଚାହୁଁଥିଲେ, ସ୍ଲିଭ୍‌ଲେସ୍ ବ୍ଲାଉଜ ପିନ୍ଧିପାରିବେ। ଏହା ବିଭିନ୍ନ ଡିଜାଇନରେ ଉପଲବ୍ଧ। ଚାହିଁଲେ ବଜାରରୁ କିଣିପାରିବେ ନଚେତ୍ ତିଆରି କରି ପିନ୍ଧିପାରିବେ।
- ବର୍ତ୍ତମାନ ସମୟରେ ଟ୍ରେଣ୍ଡରେ ରହିଛି ସୁଇଟ୍ ହାର୍ଟ ବ୍ଲାଉଜ୍। ଚାହିଁଲେ ଏହି ଡିଜାଇନର ବ୍ଲାଉଜ୍ ତିଆରି କରିପାରିବେ। ଏହି ବ୍ଲାଉଜ୍ ଓଜନିଆ ଶାଢ଼ି ସହିତ ଖୁବ୍ ସୁନ୍ଦର ମାନିଥାଏ। ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ।
- ବର୍ତ୍ତମାନ ସମୟରେ ଆଗ ଭି ଓ ପଛ ଭି – ବେକ ଥିବା ବ୍ଲାଉଜର ବେଶ୍ ଚାହିଦା ରହିଛି। କୌଣସି ପାର୍ଟି ଓ ଫଙ୍କ୍‌ସନ୍‌କୁ ଯାଉଥିଲେ ଏହି ଡିଜାଇନର ବ୍ଲାଉଜ୍ ପିନ୍ଧିପାରିବେ।
- ଅଧିକାଂଶ ମହିଳା ଗୋଲବେକ ଥିବା ବ୍ଲାଉଜ୍ ପିନ୍ଧିବାକୁ ପସନ୍ଦ କରନ୍ତି। ଏହା ଶାଢ଼ିକୁ ଏକ ସମ୍ପୂର୍ଣ୍ଣ ଲୁକ୍ ଦେଇଥାଏ। ବିଶେଷ କରି ଏ ପ୍ରକାର ବ୍ଲାଉଜ୍ ଖୁବ୍ ଆକର୍ଷଣୀୟ ଦେଖାଯାଏ।

## ସୁଶ୍ରୀ

## ରୋଷେଇ ଘରୁ ରୋଜଗାର

"ଏଇଟି ଆମ ରୋଷେଇ ଘର, ଏ ଘର ଭିତର ସଫା ସୁତୁର। ଏଇଠାରେ, ମାଆ ପରିବା କାଟେ, ବେସର ବାଟେ, ଡାଲି ରଗଡ଼େ, ଶାଗ ଖରଡ଼େ, ଗଢ଼ଇ ପିଠା ଆରିସା, କାକରା ଆଃ କି ମିଠା"। ରୋଷେଇ ଘର କଥା କହିଲେ, ଆପଣାଛାଏଁ ମନକୁ ଆସିଯାଏ ପିଲାବେଳର ଏଇ କବିତା। ମନେ ପକେଇ ଦିଏ ମା' ହାତରନ୍ଧା ସେଇ ସୁଆଦିଆ ଖାଦ୍ୟ ସବୁକୁ। କିନ୍ତୁ, ବ୍ୟସ୍ତବହୁଳ ଜୀବନରେ ଘରଠୁ ଦୂରେଇ ରହୁଥିବା ଛାତ୍ରଛାତ୍ରୀ ତଥା କର୍ମଜୀବୀମାନେ ମା' ହାତରନ୍ଧା ଖାଦ୍ୟରୁ ବଞ୍ଚିତ ରୁହନ୍ତି। ଏପରି ସ୍ଥଳେ ବାହାରେ ରହୁଥିବା ଲୋକଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ଉଦ୍ଦେଶ୍ୟ ରଖି 'ହୋମ୍ କିଚେନ୍' ପ୍ରତିଷ୍ଠା କରିଛନ୍ତି ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳର ନବନିତା ସ୍ୱାଇଁ।



### ଆହାରକୁ ନେଇ ଆୟ

ପ୍ରାରମ୍ଭରେ ସେ ଦିଲ୍ଲୀର ଏକ ଘରୋଇ କମ୍ପାନୀ କାର୍ଯ୍ୟ କରୁଥିଲେ; କିନ୍ତୁ ବିବାହ ପରେ ଏଥିରୁ ବିରତି ନେଇଥିଲେ। ଘରର ବୋହୂ ଭାବେ ଯାବତୀୟ କାର୍ଯ୍ୟ ସାଙ୍ଗକୁ ଘରେ ରହି କିପରି ଦୁଇ ପଇସା ରୋଜଗାର କରିପାରିବେ, ସେ ବିଷୟରେ ଚିନ୍ତା କରିଥିଲେ ନବନିତା। ଫଳରେ ୨୦୨୩ ମସିହାରେ ସେ ନିତିଦିନିଆ ଜୀବନରେ ହାଣ୍ଡିଶାଳରେ ରୋଷେଇ କରୁଥିବା ଖାଦ୍ୟରୁ ଅର୍ଥ ଉପାର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ତେଣୁ ପ୍ରଥମେ 'ହୋମ୍‌ଇଟ୍‌ଜ' ନାମକ ଅନଲାଇନ ୱେବସାଇଟ୍ ମାଧ୍ୟମରେ ଘର ତିଆରି ଖାଦ୍ୟ ପ୍ରସ୍ତୁତ କରି ଗ୍ରାହକଙ୍କୁ ଦେଉଥିଲେ। କିନ୍ତୁ, ପରବର୍ତ୍ତୀ ସମୟରେ ସେ 'ନିତାସ୍ କିଚେନ୍' ନାମରେ ନିଜର ଏକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ଖୋଲି ଏହି ବ୍ୟବସାୟ କରୁଛନ୍ତି।

### କମ୍ ଖର୍ଚ୍ଚରେ, ସୁବିଧାଜନକ ବ୍ୟବସାୟ

ହୋଟେଲ, ରେଷ୍ଟୋରାଁ ଭଳି ମାସିକ ଭଡ଼ା, ରୋଷେଇ ଉପକରଣ, ବିଦ୍ୟୁତ ବିଲ୍ ତଥା ସାଜସଜ୍ଜା ବାବଦକୁ କୌଣସି ପ୍ରକାର ଖର୍ଚ୍ଚ କରିବାକୁ ପଡ଼େ ନାହିଁ। ସେଇ ରୋଷେଇ ଘରେ ଥିବା ଉପକରଣରୁ ହିଁ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି। ଦିନକୁ ଚାରିରୁ ପାଞ୍ଚ ଘଣ୍ଟା ସମୟ ଦେଇ, ପିଲାଙ୍କ ଦେଖାଶୁଣା କରିବା ସହ ନିଜ ସୁବିଧା ଅନୁସାରେ ଏହି ବ୍ୟବସାୟ କରି ବେଶ୍ ଦୁଇପଇସା ରୋଜଗାର କରୁଛନ୍ତି।

### କଷ୍ଟମାଇଜ୍‌ଡ ଫୁଡ୍

ସେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି। ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି କମ୍ ତେଲ ମସଲାରେ ଖାଦ୍ୟ ରାନ୍ଧନ୍ତି। ଏଥି ସହିତ ମଧୁମେହ ରୋଗରେ ପୀଡ଼ିତ ତଥା ଗର୍ଭବତୀ ମହିଳାଙ୍କ ପସନ୍ଦ ଅନୁଯାୟୀ ସୁଷମ ଖାଦ୍ୟ ପ୍ରସ୍ତୁତ କରି ଦେଇଥାନ୍ତି। ଏଥିପାଇଁ ଲୋକମାନେ 'ନିତାସ୍ କିଚେନ୍' ମାଧ୍ୟମରେ ଦିନକ ପୂର୍ବରୁ ବରାଦ ଦେଇଥାନ୍ତି। ସେହିପରି ଖାଦ୍ୟ ଅନୁସାରେ ମୂଲ୍ୟ ଭିନ୍ନ ଭିନ୍ନ ରହିଛି। ଅଧିକ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ତାଙ୍କ ହାତରନ୍ଧା ତିଆରି ଖାଦ୍ୟ ଖାଇବାକୁ ପସନ୍ଦ କରିଥାନ୍ତି। ରାତ୍ରିଭୋଜନ ପାଇଁ ଆଗୁଆ ବରାଦ ମଧ ଦେଇଥାନ୍ତି ବୋଲି ସେ କହିଛନ୍ତି।

## ଘରେ ଉଇ ଲାଗୁଥିଲେ...

ଘର ହେଉ ଅବା ବାହାର ଉଇ ସବୁଠି ସହଜରେ ଲାଗିଯାଏ। ବିଶେଷ କରି ବର୍ଷାଦିନେ ଘରେ ତଥା କାଠ ଫର୍ଣ୍ଣିଚର କିମ୍ବା ଦୁଆର ବନ୍ଧ ଆଦିରେ ଉଇ ଲାଗିଥିବାର ଦେଖିବାକୁ ମିଳିଥାଏ। ଯାହା କାଠ ଜିନିଷକୁ ନଷ୍ଟ କରିଥାଏ। ତେଣୁ ସମୟ ଅନୁସାରେ ଏହାର ପ୍ରତିକାର କିପରି କରିପାରିବେ, ଜାଣିବା ସେ ବିଷୟରେ।

- ବର୍ଷାଦିନେ ଘରକୁ ଶୁଖିଲା ରଖନ୍ତୁ।
- କାଠ ଜିନିଷକୁ ଓଦା ସ୍ଥାନରୁ ନେଇ ଏକ ଶୁଖିଲା ସ୍ଥାନରେ ରଖନ୍ତୁ।
- କବାଟ କିମ୍ବା କୌଣସି କାଠ ଆଲ୍‌ମାରିରେ ଛିଦ୍ର ଥିଲେ ତାହାକୁ ବନ୍ଦ କରନ୍ତୁ।
- ଗୋଟିଏ ବୋତଲରେ ନିମ୍ବ ତେଲ ନେଇ ସେଥିରେ ଅଳ୍ପ ପାଣି ମିଶାଇ ଉଇ ଥିବା ସ୍ଥାନରେ ସିଞ୍ଚନ କରନ୍ତୁ।
- ସେହିପରି ଅଳ୍ପ ପାଣି ନେଇ ସେଥିରେ ଦୁଇ ଚାମଚ ହଳଦୀଗୁଣ୍ଡ ପକାନ୍ତୁ। ଏହାକୁ ଉଇ ହୋଇଥିବା ଜାଗାରେ ସ୍ପ୍ରେ କରନ୍ତୁ। ଏପରି କରିବା ଦ୍ୱାରା ଉଇ ସମ୍ପୂର୍ଣ୍ଣ ମରିଯାଆନ୍ତି।

### ମୋ ହାଣ୍ଡିଶାଳରୁ...

## ମସଲା କ୍ୟାପ୍‌ସିକମ୍

**ଆବଶ୍ୟକ ସାମଗ୍ରୀ**

କ୍ୟାପ୍‌ସିକମ୍ – ୨୫୦ ଗ୍ରାମ୍, କଟା ପିଆଜ – ଏକ କପ୍, ମେଥି ଶାଗ – ଏକ କପ୍, ଭଜା ଚିନାବାଦାମ ଗୁଣ୍ଡ – ଏକ କପ୍, ହଳଦୀଗୁଣ୍ଡ – ଅଧା ଚାମଚ, ଲଙ୍କା ଗୁଣ୍ଡ – ଏକ ଚାମଚ, ଗରମମସଲା- ଏକ ଚାମଚ, ଜୀରା –ଅଧା ଚାମଚ, ପୋସ୍ତ - ଅଧା ଚାମଚ, ଫ୍ରେସ୍‌କ୍ରିମ୍ - ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।



**ପ୍ରସ୍ତୁତି ପ୍ରଣାଳି**

କ୍ୟାପ୍‌ସିକମ୍‌କୁ ଭଲରେ ଧୋଇ ସରୁ ସରୁ କାଟି ଏକ ବାଉଲ୍‌ରେ ରଖନ୍ତୁ। ସେଥିରେ କଟା ପିଆଜ, ମେଥି ଶାଗ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଗରମ ମସଲା, ଭଜା ଚିନାବାଦାମ ଗୁଣ୍ଡ ଦେଇ ହାତରେ ଗୋଳେଇ ରଖନ୍ତୁ। ଗ୍ୟାସ୍ ଲଗାଇ କଡ଼େଇ ବସାନ୍ତୁ। କଡ଼େଇ ଗରମ ହୋଇଯିବା ପରେ ସେଥିରେ ଅଳ୍ପ ତେଲ ଦେଇ ଜୀରା ପକାନ୍ତୁ। ଏହାପରେ ଅଳ୍ପ ପୋସ୍ତ ଦେଇ ଭାଜି ଦିଅନ୍ତୁ। ସେଥିରେ ପୂର୍ବରୁ ଗୋଳାଇ ରଖିଥିବା କ୍ୟାପ୍‌ସିକମ୍ କଟା ସବୁକୁ ଦେଇ ଭଲ ଭାବେ କଷନ୍ତୁ। କଷି ହୋଇଯିବା ପରେ ସେଥିରେ ଏକ ଚାମଚ ଫ୍ରେସ୍‌କ୍ରିମ୍ ଦିଅନ୍ତୁ। ଅଧା କପ୍ ପାଣି ଓ ସ୍ୱାଦ ଅନୁସାରେ ଲୁଣ ଦେଇ ପାଞ୍ଚମିନିଟ୍ ଘୋଡ଼ାଇ ଦିଅନ୍ତୁ। ଏହା ଫୁଟିଗଲା ପରେ ପ୍ଲେଟ୍‌କୁ କାଢ଼ି ପରଷି ଦିଅନ୍ତୁ 'ମସଲା କ୍ୟାପ୍‌ସିକମ୍'।

● ଆନ୍ତଃ ଜିଲ୍ଲା ଟୁର୍ଣ୍ଣାମେଣ୍ଟରେ ଅଭାବନୀୟ ଦୃଶ୍ୟ

# ପିଚ୍‌ରେ ବସିଲେ ଖେଳାଳିଙ୍କ ମା’



**କଟକ,୧୭।୭ (ସମିସ):** ଓସିଏ ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ବର୍ଷରୁ କମ୍ ଆନ୍ତଃ ଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବୁଧବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ସନ୍‌ସାଇନ ଗ୍ରାଉଣ୍ଡରେ ଭୁବନେଶ୍ୱର-ଏ ଏବଂ ଅବଶିଷ୍ଟ ଓଡ଼ିଶା-ଏ ମଧ୍ୟରେ ମ୍ୟାଚ୍ ଜାରି ରହିଥିଲା। ଅବଶିଷ୍ଟ ଓଡ଼ିଶା-ଏ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିଲା। ତେବେ ମ୍ୟାଚ୍ ଜାରି ରହିଥିବା ବେଳେ ହଠାତ୍ ଜଣେ ମହିଳା ପିଚ୍‌ରେ ଆସି ବସିବା ସହ ଖେଳ ବନ୍ଦ କରିବାକୁ କହିଥିଲେ। ଉକ୍ତ ମହିଳା ଜଣକ ହେଉଛନ୍ତି ଭୁବନେଶ୍ୱର-ଏ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆୟୁଷ ମହାନ୍ତିଙ୍କ ମା’ ରୋଜାଲିନ ମହାନ୍ତି। ଆୟୁଷଙ୍କୁ ଖେଳିବା ନିମନ୍ତେ ସୁଯୋଗ ଦିଆଯାଉନାହିଁ। ତାଙ୍କୁ ମାନସିକ ନିର୍ଯାତନା ଦିଆଯାଇଛି। ସେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ବୋଲି ଅଭିଯୋଗ କରି ରୋଜାଲିନ ଏଭଳି କାଣ୍ଡ ଘଟାଇଥିଲେ। ତେବେ ଏଭଳି ଘଟଣା ପାଇଁ ସେ ପ୍ରଶିକ୍ଷକ ବିବିସିସି ମହାପାତ୍ରଙ୍କୁ ଦାୟୀ କରିଥିଲେ। ଓସିଏ ପକ୍ଷରୁ ପୁରୀଘାଟ ଥାନାକୁ ତୁରନ୍ତ ଖବର ଦିଆଯାଇଥିଲା। ମ୍ୟାଚ୍‌ରେ ବାଧା ଉପୁଜାଉଥିବା ଆୟୁଷଙ୍କ ଅଭିଭାବକଙ୍କୁ ପୁଲିସ ଥାନାକୁ ନେଇ ବୁଝାସୁଝା କରିଥିଲା। ଏ ବାବଦରେ ପ୍ରଶିକ୍ଷକ ବିବିସିସି ମହାପାତ୍ର କହିଛନ୍ତି ଯେ, କୌଣସି ଖେଳାଳିଙ୍କୁ ପାତରଅନ୍ତର କରାଯାଇ ନାହିଁ। ଆୟୁଷ ଲିଗ ପର୍ଯ୍ୟାୟର ୩ଟି ମ୍ୟାଚ୍‌ରେ ମାତ୍ର ୧୬ରନ ସଂଗ୍ରହ କରିଥିଲେ। ସେ ଜଣେ ବ୍ୟାଟର ଏବଂ ୱିକେଟ କିପର। ଏଣୁ ଦଳରେ ରହିଥିବା ଅନ୍ୟ ଜଣେ ବ୍ୟାଟର ଏବଂ ୱିକେଟ କିପରଙ୍କୁ ସୁପରଲିଗ୍ ପର୍ଯ୍ୟାୟରେ ଖେଳିବାକୁ ସୁଯୋଗ ଦିଆଯାଇଥିଲା ବୋଲି ସେ କହିଥିଲେ। ଏହି ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି। ରେଭେନ୍ସା ଗ୍ରାଉଣ୍ଡରେ କଟକ-ଏ ଏବଂ ଅବଶିଷ୍ଟ ଓଡ଼ିଶା-ଡି, ବିଡାନାସୀ ଗ୍ରାଉଣ୍ଡରେ କେନ୍ଦ୍ରାପଡା ଏବଂ ଅବଶିଷ୍ଟ ଓଡ଼ିଶା-ସି ବିପକ୍ଷ ମ୍ୟାଚ୍ ମଧ୍ୟ ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଡ୍ରିମସ ଗ୍ରାଉଣ୍ଡରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଅବଶିଷ୍ଟ ଓଡ଼ିଶା-ବି ୮ ୱିକେଟରେ ଯାଜପୁରକୁ ପରାସ୍ତ କରିଛି।

### ଆଇସିସି ଟି-୨୦ ମାନ୍ୟତା

# ସୂର୍ଯ୍ୟକୁମାର ସ୍ଥିର; ଜୟସ୍ୱାଲ ଉଠିଲେ

**ଦୁବାଇ, ୧୭।୭ (ଏଜେନ୍ସି):** ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ବୁଧବାର ପ୍ରକାଶିତ ପୁରୁଷ ଟି-୨୦ ର୍‍ୟାଙ୍କିଂରେ ଭାରତର ଶୀର୍ଷ ମାନ୍ୟତା ଖେଳାଳି ଭାବେ ସୂର୍ଯ୍ୟକୁମାର ଯାଦବ ୨ୟ ସ୍ଥାନରେ ସ୍ଥିର ରହିଛନ୍ତି। ଯୁବ ଓପନର୍ ଯଶସ୍ୱୀ ଜୟସ୍ୱାଲ କିନ୍ତୁ ୪ଟି ପାହାଚ ଉପରକୁ ଉଠି ୬ଷ୍ଠ ସ୍ଥାନ ହାସଲ କରିଛନ୍ତି। ଅନ୍ୟତମ ଓପନର ଋତୁରାଜ ଗାଏକ୍ୱାଡ କିନ୍ତୁ ଗୋଟିଏ ସ୍ଥାନ ହରାଇଛନ୍ତି। ସେ ୭ମରୁ ୮ମ ସ୍ଥାନକୁ ଖସି ଯାଇଛନ୍ତି। ଭାରତର ୩ଜଣ ଖେଳାଳି ବ୍ୟାଟିଂ ତାଲିକାର ଟପ୍-୧୦ରେ ରହିଛନ୍ତି।


ଯଶସ୍ୱୀ ଜୟସ୍ୱାଲ

ନିକଟରେ ଶେଷ ହୋଇଥିବା ଜିମ୍ବାୱେ ବିପକ୍ଷ ସିରିଜକୁ ଭାରତ ୪-୧ରେ ଜିତିବା ପରେ ପ୍ରଦର୍ଶନ ଆଧାରରେ ଖେଳାଳିଙ୍କ ମାନ୍ୟତାରେ ଉନ୍ନତି ଓ ଅବନତୀ ଘଟିଛି। ଏହି ସିରିଜରେ ଜୟସ୍ୱାଲ ମୋଟ୍ ୧୪୧ ରନ କରିଥିଲେ। ଯେଉଁଥି ପାଇଁ ତାଙ୍କ ମାନ୍ୟତାରେ ଉନ୍ନତି ହୋଇଛି। ସେହିଭଳି ଜିମ୍ବାୱେ ବିପକ୍ଷ ୫ ପାଳିରୁ ମୋଟ୍ ୧୭୦ ରନ କରିଥିବା ଶୁବମାନ ଗିଲ୍ ୩୭ରୁ ୩୬ତମ ସ୍ଥାନକୁ ଉଠିଛନ୍ତି। ତେବେ ଟି-୨୦ ବୋଲିଂ ତାଲିକାରେ ଜଣେ ହେଲେ ଭାରତୀୟ ବୋଲର ଟପ୍-୧୦ରେ ସ୍ଥାନ ପାଇନାହାନ୍ତି। ପୂର୍ବରୁ ୯ମ ସ୍ଥାନରେ ଥିବା ଅକ୍ଷର ପଟେଲଙ୍କୁ ଜିମ୍ବାୱେ ବିପକ୍ଷ ସିରିଜରେ ବିଶ୍ରାମ ଦିଆଯାଇଥିଲା। ଫଳରେ ସେ ୪ଟି ସ୍ଥାନ ଖସି ୧୩ରେ ରହିଛନ୍ତି। ସେହିଭଳି କୁଲଦୀପ୍ ଯାଦବ ଓ ରବି ବିଷ୍ଣୋଇ ମଧ୍ୟ ୪ଟି ଲେଖାଏ ସ୍ଥାନ ହରାଇଛନ୍ତି। ଉଭୟ ବର୍ତ୍ତମାନ ଯଥାକ୍ରମେ ୧୫ତମ ଓ ୧୮ତମ ସ୍ଥାନରେ ରହିଛନ୍ତି। କିନ୍ତୁ ଜିମ୍ବାୱେ ବିପକ୍ଷରେ ୮ ୱିକେଟ୍ ନେଇଥିବା ଦ୍ରୁତ ବୋଲର ମୁକେଶ କୁମାର ଏକାଥରକେ ୩୬ଟି ପାହାଚ ଉପରକୁ ଉଠି ୪୬ତମ ସ୍ଥାନ ଲାଭ କରିଛନ୍ତି। ବୋଲିଂ ତାଲିକାର ପ୍ରଥମ ୩ଟି ସ୍ଥାନରେ ଆଦିଲ ରଶିଦ, ଆନରିଚ ନୋର୍ଜେ ଓ ୱାନିନ୍ଦୁ ହାସରଙ୍ଗା ରହିଛନ୍ତି। ୱାଶିଂଟନ ସୁନ୍ଦର ମଧ୍ୟ ୯୪ରୁ ୭୩ତମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ଅଲ୍‌ରାଉଣ୍ଡର ତାଲିକାରେ ହାର୍ଦ୍ଦିକ ୨ୟରୁ ୬ଷ୍ଠ ସ୍ଥାନକୁ ଖସିଯାଇଛନ୍ତି।

# ୟୁଏସ୍ ଓପନ୍ ପ୍ରବେଶ ତାଲିକାରେ ନାଦାଲ

**ନ୍ୟୁୟର୍କ,୧୭।୭ (ଏଜେନ୍ସି):** ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍ ପ୍ରବେଶ ତାଲିକାରେ ସ୍ପେନ୍ ଅଭିଜ୍ଞ ଟେନିସ ଖେଳାଳି ରାଫେଲ ନାଦାଲ ସ୍ଥାନ ପାଇଛନ୍ତି। ଗତ ୪ ବର୍ଷ ମଧ୍ୟରେ ନାଦାଲ ୩ଥର ୟୁଏସ୍ ଓପନ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିପାରି ନଥିଲେ। ୩୮ ବର୍ଷୀୟ ନାଦାଲ ପ୍ରବେଶ ତାଲିକାର ୯ମ ସ୍ଥାନରେ ରହିଛନ୍ତି। ନୋଭାକ ଜୋକୋଭିଚ, କାର୍ଲୋସ ଆଲକାରାଜ ଓ ଅନ୍ୟ ତାରକାଙ୍କ ସମେତ ନାଦାଲ ମୁଖ୍ୟ ଡ୍ର’ରେ ସାମିଲ ହୋଇଛନ୍ତି। ଦୀର୍ଘ ଦିନଧରି ଆଘାତ କାରଣରୁ ନାଦାଲଙ୍କ ପ୍ରଦର୍ଶନ ପ୍ରଭାବିତ ହୋଇଛି। ସେ ୟୁଏସ୍ ଓପନ୍‌ରେ ଖେଳିବେ କି ନା ସ୍ପଷ୍ଟ କରିନାହାନ୍ତି। ଦୀର୍ଘ ୨୩ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରରେ ନାଦାଲ ୪ଥର (୨୦୧୦, ୨୦୧୩, ୨୦୧୭, ୨୦୧୯) ୟୁଏସ୍ ଓପନ ଟାଇଟଲ ହାସଲ କରିଛନ୍ତି। ୨୨ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ନାଦାଲ ଗତ ମେ ୨୭ରେ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ। ତେବେ ସେ ଚଳିତ ସ୍ୱିଡିସ୍ ଓପନ୍ ଟୁର୍ଣ୍ଣାମେଣ୍ଟରେ ୬-୩, ୬-୪ ସିଧାସଳଖ ସେଟ୍‌ରେ ସ୍ୱିଡେନର ଲିଓ ବୋର୍ଗଙ୍କୁ ହରାଇ ପ୍ରି- କ୍ୱାର୍ଟରକୁ ଉଠିଛନ୍ତି। ନାଦାଲ ଏବେ ୫ ସିଡ୍ ବ୍ରିଟେନର କାମେରୋନ ନୋରିଙ୍କୁ ଭେଟିବେ। ୟୁଏସ୍ ଓପନ୍ ଅଗଷ୍ଟ ୨୬ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୮ରେ ଶେଷ ହେବ।

# ସିନ ନଦୀ କୂଳରେ ଉଦ୍‌ଘାଟନୀ ଉତ୍ସବ

## ଭାରତରୁ ୧୧୭ ଆଥଲେଟ୍, ୧୪୦ ସପୋର୍ଟ ଷ୍ଟାଫ

ପ୍ୟାରିସ ଅଲିମ୍ପିକ୍ସ ଆଉ ୭ ଦିନ

ପ୍ୟାରିସ,୧୭।୭ (ଏଜେନ୍ସି)

ପ୍ୟାରିସ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆଉ ମାତ୍ର ୭ ଦିନ ବାକି ରହିଛି। ବିଶ୍ୱର ଦ୍ୱିତୀୟ ସହର ଭାବେ ପ୍ୟାରିସ ତୃତୀୟଥର ପାଇଁ ଅଲିମ୍ପିକ୍ସ ଆୟୋଜନ କରିବ। ଏହାପୂର୍ବରୁ ଲଣ୍ଡନରେ ରେକର୍ଡ ସର୍ବାଧିକ ୩ଥର ଅଲିମ୍ପିକ୍ସ ଆୟୋଜିତ ହୋଇଛି। ପୂର୍ବରୁ ପ୍ୟାରିସ୍‌ରେ ୧୯୦୦ ଓ ୧୯୨୪ରେ ଅଲିମ୍ପିକ୍ସ ସଫଳତାର ସହ ଆୟୋଜିତ ହୋଇଥିଲା। ସେହିପରି ଲଣ୍ଡନରେ ୧୯୦୮, ୧୯୪୮ ଓ ୨୦୧୨ରେ ଏହି ମେଗା ଇଭେଣ୍ଟ ଆୟୋଜିତ ହୋଇଥିଲା। ଦୀର୍ଘ ୧୦୦ ବର୍ଷ ପରେ ପ୍ୟାରିସ୍‌ରେ ଦ୍ୱିତୀୟଥର ପାଇଁ ଅଲିମ୍ପିକ୍ସ ଆୟୋଜନ ହେଉଥିବାରୁ କେବଳ ଫ୍ରାନ୍ସ ନୁହଁ ସାରା ୟୁରୋପରେ ଏ ନେଇ ଉତ୍ସାହ ଦେଖାଦେଇଛି। ପ୍ୟାରିସ୍‌ରେ ୩ଥର ଗ୍ରୀଷ୍ମକାଳୀନ ଓ ୩ଥର ଶୀତକାଳୀନ ଏପରି ମୋଟ୍ ୬ଥର ଅଲିମ୍ପିକ୍ସ ଆୟୋଜିତ ହୋଇଛି।

### ଉଦ୍‌ଘାଟନୀ ଲାଗି ବିକ୍ରି ସରିଛି ୯୦ ଲକ୍ଷ ଟିକଟ

ଅଲିମ୍ପିକ୍ସର ମୋଟୋ ବା ମୁଖ୍ୟ ଉଦ୍ଦେଶ୍ୟ ହେଉଛି ‘ଗେମ୍ସ ୱାଇଡ୍ ଓପନ୍’। ଅର୍ଥାତ କ୍ରୀଡ଼ା ଅଧିକ ବିଶାଳ, ଭିନ୍ନ ଓ ଖୋଲା ହେବ। ପ୍ୟାରିସ ସିନ ନଦୀକୂଳରେ ଅବସ୍ଥିତ। ଏଥର ଏକ ଭିନ୍ନ କଥା ଦେଖିବାକୁ ମିଳିବ। ଷ୍ଟାଡିୟମ ବଦଳରେ ସିନ ନଦୀକୂଳରେ ଆୟୋଜନ ହେବ ଉଦ୍‌ଘାଟନୀ ଉତ୍ସବ। ଏଥିରେ ୬ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଶଂସକ ଯୋଗ ଦେବେ ବୋଲି ଅନୁମାନ କରାଯାଉଛି। ଏହି ଉତ୍ସବ ପାଇଁ ୨ ଲକ୍ଷ ୨୨ ହଜାର ଟିକଟ ମାଗଣାରେ ବଣ୍ଟନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବକୁ ବିଶ୍ୱବ୍ୟାପୀ ୧୫୦ କୋଟି ଲୋକେ ଟିଭିରେ ଦେଖିବେ। ଅଲିମ୍ପିକ୍ସ ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ ତାରିଖରେ ଶେଷ ହେବ। ଦୀର୍ଘ ୧୭ ଦିନଧରି ଚାଲିବାକୁ ଥିବା



ଏହି ମେଗା ଇଭେଣ୍ଟ ପାଇଁ ଗୋଟିଏ କୋଟି ଟିକଟ୍ ଜାରି କରାଯାଇଛି। ଏଥିମଧ୍ୟରୁ ୯୦ ଲକ୍ଷ ଟିକଟ ବିକ୍ରି ହୋଇସାରିଛି।

### ଭାରତୀୟ ଦଳରେ ୨୫୬ ସଦସ୍ୟ, ଆଭା ଖଟୁଆଙ୍କ ନାମ ନାହିଁ


ନୀରଜ ଚୋପ୍ରା

ଅଲିମ୍ପିକ୍ସ ପାଇଁ ଭାରତୀୟ ଅଲିମ୍ପିକ ମହାସଂଘ (ଆଇଓଏ) ୨୫୬ ଜଣିଆ ଦଳ ଘୋଷଣା କରିଛି। ଅଲିମ୍ପିକ୍ସରେ ୧୧୭ ଜଣ ଭାରତୀୟ ଆଥଲେଟ୍ ଓ ୧୪୦ ସପୋର୍ଟ ଷ୍ଟାଫ୍ ସାମିଲ ରହିଛନ୍ତି। ଏହି ଦଳରେ ସଟ୍‌ପୁଟର ଆଭା ଖଟୁଆଙ୍କ ନାମ ନାହିଁ। ସେ ବିଶ୍ୱ ମାନ୍ୟତା କୋଟାରେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। କିନ୍ତୁ ୱାର୍ଲ୍ଡ ଆଥଲେଟ ତାଲିକାରେ ତାଙ୍କ ନାମ ନାହିଁ। ଫଳରେ ତାଙ୍କୁ ଭାରତୀୟ ଦଳରୁ ବାଦ୍ ଦିଆଯାଇଛି।

### ସବୁ ସୁଟିଂ ଇଭେଣ୍ଟରେ ଭାରତୀୟ ଖେଳାଳି ଭାଗ ନେବେ

ଗତ ଟୋକିଓ ଅଲିମ୍ପିକ୍ସରେ ଭାରତ ଏକ ୧୧୯ ଜଣିଆ ଦଳ ପଠାଇଥିଲା। ଟୋକିଓ ଅଲିମ୍ପିକ୍ସରେ ଭାରତ ସବୁଠାରୁ ଅଧିକ ୭ଟି ପଦକ ହାସଲ କରିଥିଲା। ଏଥିରେ ସୁପରଷ୍ଟାର ତଥା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରାଙ୍କ ସ୍ୱର୍ଣ୍ଣ ପଦକ ସାମିଲ ରହିଥିଲା। ଏଥର କିନ୍ତୁ ୧୧୩ ଖେଳାଳି ପଦକ ପାଇଁ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବେ। ଗତ ଟୋକିଓ ଅଲିମ୍ପିକ୍ସଠାରୁ ୭ ଜଣ କମ୍ ଆଥଲେଟ ଭାଗ ନେବେ। ଏଥର ୬୬ ପୁରୁଷ ଓ ୪୭ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିବେ। କରୋନା କାରଣରୁ ଟୋକିଓ ଅଲିମ୍ପିକ୍ସ ଗୋଟିଏ ବର୍ଷ ବିଳମ୍ବରେ ଅର୍ଥାତ୍ ୨୦୨୧ରେ ଆୟୋଜିତ ହୋଇଥିଲା। ପ୍ରଥମଥର ପାଇଁ ସୁଟିଂର ସବୁ ଇଭେଣ୍ଟରେ ଭାରତୀୟ ଖେଳାଳି ଏଥର ଭାଗ ନେବେ।

### ୨୦୬ ଦେଶର ୧୦, ୫୦୦ ଆଥଲେଟ୍

ଅଲିମ୍ପିକ୍ସରେ ବିଶ୍ୱର ୨୦୬ଟି ଦେଶରୁ ୧୦,୫୦୦ ଆଥଲେଟ୍ ଭାଗ ନେବେ। ଏଥିରେ ୫୦ ପ୍ରତିଶତ ପୁରୁଷ ଓ ୫୦ ପ୍ରତିଶତ ମହିଳା କ୍ରୀଡ଼ାବିତ ସାମିଲ ରହିଛନ୍ତି। ଲୋକସଂଖ୍ୟା ଦୃଷ୍ଟିକୋଣରୁ ସବୁଠାରୁ ଛୋଟ ଦେଶ ନାଉରୁ ୮ମ ଥର ପାଇଁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବ। ନାଉରୁର ଲୋକସଂଖ୍ୟା ୧୨,୧୦୦ ରହିଛି। ୩୨ଟି ଭିନ୍ନ ଭିନ୍ନ କ୍ରୀଡ଼ାର ୩୨୯ ଇଭେଣ୍ଟ ଆୟୋଜନ ହେବ। ଗତ ଟୋକିଓ ଅଲିମ୍ପିକ୍ସରେ ୧୦ଟି ଅଧିକ ୩୩୯ଟି ଇଭେଣ୍ଟ। ଆୟୋଜନ ହୋଇଥିଲା। ୪୫ ହଜାର ଭଲେଣ୍ଟିୟର୍ସ ଅଲିମ୍ପିକ୍ସ ଆୟୋଜନରେ ସହାୟତା ପ୍ରଦାନ କରିବେ। ବିଶ୍ୱବ୍ୟାପୀ ୩ ଲକ୍ଷ ଲୋକ ଏଥିପାଇଁ ଆବେଦନ କରିଛନ୍ତି। ଏଫିଲ ଟାୱାର୍ସ ସାମ୍ନାରେ ‘ଚାମ୍ପିଅନ୍ସ ପାର୍କ’ ସ୍ଥାପନ କରାଯାଇଛି। ଏଠାରେ ପ୍ରଶଂସକମାନେ ପ୍ରତିଦିନ ତାରକା ଆଥଲେଟ୍‌ଙ୍କୁ ନିକଟରୁ ଭେଟିବାର ସୁଯୋଗ ପାଇବେ।

### ଏସୀୟ ବିଶ୍ୱବିଦ୍ୟାଳୟ ବାସ୍କେଟବଲ୍

# ଭାରତୀୟ ଦଳରେ କିଟ୍ ଓ ଉତ୍କଳରୁ ୩ ଖେଳାଳି



**ଭୁବନେଶ୍ୱର, ୧୭।୭ (ସମିସ):** ଏସୀୟ ବିଶ୍ୱବିଦ୍ୟାଳୟ ପୁରୁଷ ବାସ୍କେଟବଲ୍ ଚାମ୍ପିଅନସିପ୍‌ର ୭ମ ସଂସ୍କରଣ ସେପ୍ଟେମ୍ବର ୨ରୁ ଚାଇନିଜ ତାଇପେଇରେ ଆରମ୍ଭ ହେବାକୁ ଯାଉଛି। ଏଥିଲାଗି ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ପକ୍ଷରୁ ୧୨ ଜଣିଆ ଦଳ ଘୋଷଣା କରାଯାଇଛି। ଘୋଷିତ ଭାରତୀୟ ବିଶ୍ୱବିଦ୍ୟାଳୟ ବାସ୍କେଟବଲ୍ ଦଳରେ କିଟ୍‌ରୁ ୨ଜଣ ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଜଣେ ଖେଳାଳି ସ୍ଥାନ ପାଇଛନ୍ତି। କିଟ୍‌ରେ ଅଧ୍ୟୟନ କରୁଥିବା ୟୁସୁପ୍ ମାସୱି ଓ ନିପୁନ ଅସୱାଲ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ଅଭିଷେକ ପଣ୍ଡା ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଭାରତୀୟ ବିଶ୍ୱବିଦ୍ୟାଳୟ ଦଳରୁ ପ୍ରତିନିଧିତ୍ୱ କରିବେ। ୟୁନିଭର୍ସିଟି ଅଫ୍ କୋଟାର ସର୍ବାଧିକ ୪ଜଣ ଖେଳାଳିଙ୍କୁ ସୁଯୋଗ ମିଳିଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ବିଶ୍ୱବିଦ୍ୟାଳୟ ବାସ୍କେଟବଲ୍ ଦଳର ଚୟନ ଶିବିର ଜୁଲାଇ ୧୨ରୁ ଦୁଇଦିନ ଧରି କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର ୧୯ ବିଶ୍ୱବିଦ୍ୟାଳୟର ୪୫ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ଓଡ଼ିଶାରୁ ଉତ୍କଳ, କିଟ୍, ଶ୍ରୀ ଶ୍ରୀ ଓ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ର ଚୟନ ଶିବିରରେ ଭାଗନେଇଥିଲେ। ଚୟନ ହୋଇଥିବା ଭାରତୀୟ ବିଶ୍ୱବିଦ୍ୟାଳୟ ଦଳର ପ୍ରଶିକ୍ଷଣ ଶିବିର ଅଗଷ୍ଟ ୧୬ରୁ ୩୧ ପର୍ଯ୍ୟନ୍ତ କିଟ୍‌ରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। କିଟ୍‌ରେ ଚୟନ ଓ ପ୍ରଶିକ୍ଷଣ ଶିବିର ଆୟୋଜନ କରିବାର ସୁଯୋଗ ଦେଇଥିବାରୁ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘକୁ ଧନ୍ୟବାଦ ଜଣାଇଛନ୍ତି।

### ଇଣ୍ଡିଆନ ସୁପର ଲିଗ୍

# ଓଏଫ୍‌ସି ସହ ଲୋବେରାଙ୍କ କାର୍ଯ୍ୟକାଳ ବଢ଼ିଲା

**ଭୁବନେଶ୍ୱର,୧୭।୭ (ସମିସ):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ଭୁବନେଶ୍ୱର ଭିତ୍ତିକ ଦଳ ଓଡ଼ିଶା ଫୁଟବଲ କ୍ଲବ୍ (ଓଏଫ୍‌ସି)ର ମୁଖ୍ୟ ପ୍ରଶିକ୍ଷକ ସର୍ଗିଓ ଲୋବେରାଙ୍କ ଚୁକ୍ତି ଅବଧୀରେ ବୃଦ୍ଧି କରାଯାଇଛି। କ୍ଲବ ସହ ଦୁଇବର୍ଷ ଚୁକ୍ତି କରିଥିବା ଲୋବେରାଙ୍କ କାର୍ଯ୍ୟକାଳକୁ ଆଉ ଗୋଟିଏ ବର୍ଷ ବଢ଼ାଇ ଦିଆଯାଇଛି। ଫଳରେ ଓଡ଼ିଶା ଏଫ୍‌ସି ସ୍ପେନ୍‌ର ଏହି ଫୁଟବଲ ମ୍ୟାନେଜରଙ୍କ ତତ୍ତ୍ୱାବଧାନରେ ୨୦୨୬ ପର୍ଯ୍ୟନ୍ତ ଖେଳ ଜାରି ରଖିବ। ଏହା ଦ୍ୱାରା କ୍ଲବର ପ୍ରଦର୍ଶନରେ ସ୍ଥିରତା ଓ ନିରନ୍ତତା ଆସିବ ବୋଲି କ୍ଲବ ତରଫରୁ କୁହାଯାଇଛି। ଲୋବେରୋ ୨୦୨୩ରେ ଓଡ଼ିଶା ଏଫ୍‌ସିରେ ଯୋଗ ଦେଇଥିଲେ। ଆକ୍ରମଣାତ୍ମକ ଆଭିମୁଖ୍ୟ ପାଇଁ ଜଣାଶୁଣା ଥିବା ଲୋବେରା ପୂର୍ବରୁ ଏଫ୍‌ସି ଗୋଆ ଓ ମୁମ୍ବାଇ ସିଟି ଏଫ୍‌ସି ସହ କାର୍ଯ୍ୟ କରି ବେଶ୍ ସଫଳତା ଅର୍ଜନ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦୃଷ୍ଟାନ୍ତମୂଳକ ସଫଳତା ଅର୍ଜନ କରିଛି।

### ଓଡ଼ିଶା ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଥିଲା

୪୭ ବର୍ଷ ଲୋବେରାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଫ୍‌ସି ମୋଟ୍ ୩୮ଟି ମ୍ୟାଚ୍ ଖେଳି ୨୧ଟି ବିଜୟ ହାସଲ କରିବା ସହ ୧୦ଟି ମ୍ୟାଚ୍‌ରେ ପରାସ୍ତ ହୋଇଛି ଓ ୭ଟି ମ୍ୟାଚ୍ ଅମୀମାଂସିତ ରଖିଛି। ସେହିପରି ଓଡ଼ିଶା ଆଇଏସ୍‌ଏଲର ଗତ ୨୦୨୩-୨୪ ସଂସ୍କରଣରେ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଓଡ଼ିଶା ୨୨ଟି ମ୍ୟାଚ୍ ଖେଳି ୧୧ଟି ବିଜୟ, ୬ଟି ଡ୍ର ଓ ୫ଟି ପରାଜୟ ସହ ୩୯ ଅଙ୍କ ହାସଲ କରି ତାଲିକାର ଚତୁର୍ଥ ସ୍ଥାନରେ ରହି ନକ୍‌ଆଉଟ୍‌ରେ ପ୍ରବେଶ କରିଥିଲା। ତାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ସବୁ ଟୁର୍ଣ୍ଣାମେଣ୍ଟକୁ ମିସାଇ ୧୫ଟି ମ୍ୟାଚ୍‌ରେ ଅପରାଜେୟ ରହିଥିଲା ଓ ଏଏଫ୍‌ସି କପ୍ ୨୦୨୩-୨୪ ସାଉଥ ଜୋନ ବିଜେତା ରହିଥିଲା। କେବଳ ସେତିକି ନୁହଁ ଓଡ଼ିଶା ଗତ ସେସନରେ ଘରୋଇ କଳିଙ୍ଗ ଷ୍ଟାଡିୟମରେ ଅପରାଜେୟ ରହିଥିଲା।



ଓଡ଼ିଶା ଏଫ୍‌ସିରେ ଯୋଗ ଦେଇ ଖୁସିଥିଲି। ଏବେ ଚୁକ୍ତି ବୃଦ୍ଧି କରାଯାଇଥିବାରୁ ଉତ୍ସାହିତ ରହିଛି। ମୋ ଉପରେ ଭରସା କରିଥିବାରୁ କ୍ଲବକୁ ଧନ୍ୟବାଦ ଦେଉଛି। ଆଗାମୀ ସଂସ୍କରଣରେ ଆହୁରି ସଫଳତା ହାସଲ କରିବୁ ବୋଲି ଲୋବେରା କାର୍ଯ୍ୟକାଳ ବୃଦ୍ଧି ହେବା ପରେ କହିଛନ୍ତି।

### ଜାତୀୟ କନିଷ୍ଠ ପୂର୍ବାଞ୍ଚଳ ହକି ଚାମ୍ପିଅନସିପ୍

# ଓଡ଼ିଶା ପୁରୁଷ, ମହିଳା ଦଳର ହ୍ୟାଟ୍ରିକ ବିଜୟ


ଦୀପକ ପ୍ରଧାନ

ଭୁବନେଶ୍ୱର, ୧୭।୭ (ସମିସ)

କୋଲକାତାରେ ଚାଲିଥିବା ଜାତୀୟ କନିଷ୍ଠ ପୂର୍ବାଞ୍ଚଳ ହକି ଚାମ୍ପିଅନସିପ୍‌ରେ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ହ୍ୟାଟ୍ରିକ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚରେ ଓଡ଼ିଶା ୭-୦ ଗୋଲରେ ମଣିପୁରକୁ ପରାସ୍ତ କରିଛି। ସେହିଭଳି ଓଡ଼ିଶା କନିଷ୍ଠ ମହିଳା ଦଳ ୧୧-୦ ଗୋଲର ବୃହତ୍ ବ୍ୟବଧାନରେ ବିହାରକୁ ମାତ୍ ଦେଇ ହ୍ୟାଟ୍ରିକ ବିଜୟ ସ୍ୱାଦ ଚାଖିଛି।

ସଲ୍ଟଲେକ୍‌ସ୍ଥିତ ନେତାଜୀ ସୁବାଷ ଇଷ୍ଟର୍ନ ସେଣ୍ଟରରେ ବୁଧବାର ସକାଳେ ଖେଳାଯାଇଥିବା କନିଷ୍ଠ ପୁରୁଷ ବିଭାଗ ମ୍ୟାଚରେ ଓଡ଼ିଶାର ମୁକାବିଲା ମଣିପୁର ସହ ହୋଇଥିଲା। ଏଥିରେ ଓଡ଼ିଶା ୭-୦ ଗୋଲରେ ଏକପାଖିଆ ବିଜୟ ଲାଭ କରିଛି। ଓଡ଼ିଶା ପକ୍ଷରୁ ରୋହିତ କୁଲୁ ଓ ଦୀପକ ପ୍ରଧାନ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ସେହିଭଳି ପ୍ରେମଦୟାଳ ଗିରି, ସୁନିଲ ଲାକ୍ରା, ଦେଓନାଥ ନାନୱାରଙ୍କ ଷ୍ଟିକରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଦୀପକ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଓଡ଼ିଶା ଏଥିପୂର୍ବରୁ ପ୍ରଥମ ମ୍ୟାଚରେ



ଓଡ଼ିଶା ଓ ବିହାର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍

ଆସାମକୁ ୧୩-୦ରେ ଏବଂ ବେଙ୍ଗଲକୁ ୭-୦ ଗୋଲରେ ପରାସ୍ତ କରିଥିଲା। ବର୍ତ୍ତମାନ ଓଡ଼ିଶା ୩ ମ୍ୟାଚରୁ ୩ ବିଜୟ ସହ ୯ ପଏଣ୍ଟ ପାଇ ଶୀର୍ଷ ସ୍ଥାନରେ ରହିଛି। ଝାଡ଼ଖଣ୍ଡ ସମାନ ୯ ପଏଣ୍ଟ ପାଇଥିଲେ ମଧ୍ୟ ଓଡ଼ିଶାଠାରୁ ୩ଟି ଗୋଲ୍ କମ୍ ଦେଇ ୨ୟ ସ୍ଥାନରେ ରହିଛି। ଓଡ଼ିଶା ଏହାର ୪ର୍ଥ ମ୍ୟାଚରେ ଗୁରୁବାର ଝାଡ଼ଖଣ୍ଡକୁ ଭେଟିବ।

ଅପରପକ୍ଷରେ ମହିଳା ବିଭାଗରେ ଓଡ଼ିଶା ୧୧-୦ ଗୋଲର ବଡ଼ ବ୍ୟବଧାନରେ ବିହାରକୁ ହରାଇଦେଇଛି। ଅନୁଷ୍କା ଭାୱରେ ୪ଟି ଏବଂ ସୁପ୍ରିୟା ଓ ନିହାରୀକା ଟପ୍ପୋ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ଅନୁଷ୍କାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ରାଜ୍ୟ ମହିଳା ଦଳ ୩ ମ୍ୟାଚରେ ୩ ବିଜୟ ସହ ୩୩ ଗୋଲ୍ ଦେଇ ୯ ପଏଣ୍ଟ ପାଇ ଟେବଲ ଶୀର୍ଷରେ ରହିଛି। ଝାଡ଼ଖଣ୍ଡ ହ୍ୟାଟ୍ରିକ ବିଜୟ ଲାଭ କରିଥିଲେ ମଧ୍ୟ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ୨ୟ ସ୍ଥାନରେ ଲାଭ କରିଛି। ଓଡ଼ିଶା ଗୁରୁବାର ବେଙ୍ଗଲ ବିପକ୍ଷରେ ପରବର୍ତ୍ତୀ ମ୍ୟାଚ୍ ଖେଳିବ।


ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ ସୁରମା ପାଢ଼ୀ
ଆବିର୍ଭାବ: ୧୫.୧୦.୧୯୪୫
ତିରୋଧାନ: ୦୭.୦୭.୨୦୨୪

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ହତଭାଗ୍ୟ ସ୍ୱାମୀ-ବିଜୟ କୁମାର ପାଢ଼ୀ, ପୁତ୍ର ଓ ପୁତ୍ରବଧୂ- ସରୋଜ, ମଳୟ, ସୁଜାତା, ମାମାଲୀ, କନ୍ୟା ଓ ଜାମାତା- ଅରୁଣା, ଶଶିଶଙ୍କର (ମୁନା), ନାତିନାତୁଣୀ- ଶିବୁ, ସୋମ, ଶୁଭମ, କୁକୁ ଓ ପିକୁ ଏବଂ ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।

### ରାଜ୍ୟ କ୍ରିକେଟକୁ ବଡ଼ ଝଟ୍‌କା

# ଓଡ଼ିଶା ଛାଡ଼ିବେ ଶୁଭ୍ରାଂଶୁ ସେନାପତି!

- ମଧ୍ୟପ୍ରଦେଶରୁ ଖେଳିବାକୁ ଆମନ୍ତ୍ରଣ
- ନ ଛାଡ଼ିବା ପାଇଁ ଶୁଭ୍ରାଂଶୁଙ୍କୁ ମନାଉଛି ଓସିଏ

**କଟକ,୧୭।୭(ସମିସ):** ରାଜ୍ୟ କ୍ରିକେଟ ଜଗତର ପ୍ରତିଭାବାନ୍ ବ୍ୟାଟର୍ ଶୁଭ୍ରାଂଶୁ ସେନାପତି ଖୁବଶୀଘ୍ର ଓଡ଼ିଶା ଛାଡ଼ିବେ। ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏସନ(ଏମପିସିଏ) ତରଫରୁ ତାଙ୍କୁ ନିମନ୍ତ୍ରଣ ଆସିଛି। ବିସିସିଆଇର ଆଗାମୀ ଘରୋଇ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ସେ ୨୦୨୧-୨୨ ସିଜନରେ ରଣଜୀ ଚାମ୍ପିଅନ ରହିଥିବା ମଧ୍ୟପ୍ରଦେଶ ଦଳ ସହ ଯୋଗ ଦେଇପାରନ୍ତି। ଏ ବାବଦରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନଥିଲେ ସୁଦ୍ଧା ଖେଳାଳିଙ୍କ ମହଲରେ ଆଲୋଚନା ତୀବ୍ର ହୋଇଛି। ଏପରିକି ଶୁଭ୍ରାଂଶୁଙ୍କ ଭଳି ଜଣେ ଦକ୍ଷ, ଅଭିଜ୍ଞ ଓ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ଛାଡ଼ିବାକୁ ଓସିଏ ଆଦୌ ପ୍ରସ୍ତୁତ ନୁହେଁ। ଶୁଭ୍ରାଂଶୁଙ୍କୁ ଡାକି ବୁଝାସୁଝା କରାଯାଉଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏତଦବ୍ୟତୀତ କ୍ରିକେଟ କ୍ୟାରିୟରରେ ଏକ ନୂତନ ସୋପାନ ଚଢ଼ିବା ପାଇଁ ଶୁଭ୍ରାଂଶୁ ଏପରି ପଦକ୍ଷେପ ନେଉଛନ୍ତି ବୋଲି ତାଙ୍କର କିଛି ସାଥୀ କ୍ରିକେଟ ବନ୍ଧୁଙ୍କଠାରୁ ଶୁଣିବାକୁ ମିଳିଛି।

ଆଇପିଏଲ୍‌ରେ ଭାଗନେବା କ୍ଷେତ୍ରରେ ଶେଷ ଓଡ଼ିଆ ଖେଳାଳି ହେଉଛନ୍ତି ଶୁଭ୍ରାଂଶୁ। ମହେନ୍ଦ୍ର ସିଂହ ଧୋନିଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପରକିଙ୍ଗ୍‌ସ (ସିଏସ୍‌କେ) ଦଳରେ ସେ ଦୁଇଟି ସିଜନ (୨୦୨୨ ଓ ୨୦୨୩) ସାମିଲ ହୋଇ ଓଡ଼ିଶାକୁ ଗୌରବାନ୍ୱିତ କରିଥିଲେ। ତାଙ୍କ ଭଳି ଜଣେ ବ୍ୟାଟ୍ସମ୍ୟାନଙ୍କୁ ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଶା କ୍ରିକେଟର ମେରୁଦଣ୍ଡ କହିଲେ ବି ଅତ୍ୟୁକ୍ତି ହେବନାହିଁ। ବିଗତ କିଛି ବର୍ଷ ଧରି ସେ ଦଳ ପାଇଁ ଅନେକ ଉପଯୋଗୀ ଓ ସ୍ମରଣୀୟ ଇନିଂସ ଖେଳିଛନ୍ତି। ଉଭୟ ନାଲି ଓ ଧଳା ବଲ୍ କ୍ରିକେଟରେ ଏହି ଟପ୍ ଅର୍ଡର ବ୍ୟାଟର ଜଣକ ବେଶ୍ ପାରଙ୍ଗମ। କେବଳ ଜଣେ ଭଲ ବ୍ୟାଟର ନୁହେଁ, ଦଳର ନେତୃତ୍ୱ ନେବା କ୍ଷେତ୍ରରେ ତାଙ୍କ ଅଭିଜ୍ଞତା ମଧ୍ୟ ପ୍ରଶଂସନୀୟ। ବିଜୟ ହଜାରେ ଟ୍ରଫି, ସୟଦ ମୁସ୍ତାକ ଅଲି ଟ୍ରଫି ଏବଂ ରଣଜୀ ଟ୍ରଫିରେ



ସେ ବିଗତ ସଂସ୍କରଣରେ ରାଜ୍ୟ ଦଳର ଅଧିନାୟକ ଦାୟିତ୍ୱ ସମ୍ଭାଳିଛନ୍ତି। ମାତ୍ର ହଠାତ୍ ରାଜ୍ୟ କ୍ରିକେଟରୁ ଶୁଭ୍ରାଂଶୁ ଦୂରେଇ ଯିବାକୁ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ସମସ୍ତଙ୍କୁ ଚକିତ କରିଛି। ମତାମତ ନିମନ୍ତେ ଶୁଭ୍ରାଂଶୁଙ୍କୁ ଫୋନ୍ କରାଯାଇଥିବାବେଳେ ସେ ଏ ଘଟଣାରେ ବର୍ତ୍ତମାନ କୌଣସି ସ୍ପଷ୍ଟ ମତ ଦେଇ ନଥିଲେ।

ପ୍ରକାଶଥାଉକି, ଏହି ଡାହାଣହାତୀ ବ୍ୟାଟର୍ କ୍ରିକେଟ କ୍ୟାରିୟରରେ ୫୧ଟି ପ୍ରଥମଶ୍ରେଣୀ ଫର୍ମାଟ ମ୍ୟାଚ୍ ଖେଳିଛନ୍ତି। ୮ଟି ଶତକ ଏବଂ ୧୨ଟି ଅର୍ଦ୍ଧଶତକୀୟ ପାଳି ବଳରେ ଶୁଭ୍ରାଂଶୁ ୨ ହଜାର ୯୬୭ ରନ ସଂଗ୍ରହ କରିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେ ତାଙ୍କ ସର୍ବାଧିକ ସ୍କୋର ହେଉଛି ୨୭୭। ସେହିପରି ଲିଷ୍ଟ-ଏ ଫର୍ମାଟରେ ୪୯ଟି ମ୍ୟାଚ୍‌ରୁ ୨ଟି ଶତକ ଏବଂ ୮ଟି ଅର୍ଦ୍ଧଶତକ ବଳରେ ଶୁଭ୍ରାଂଶୁ ୧୩୮୦ ରନ ସଂଗ୍ରହ କରିଛନ୍ତି। ୧୧୯ ରନ ହେଉଛି ତାଙ୍କର ସର୍ବାଧିକ ସ୍କୋର। ଟି-୨୦ ଫର୍ମାଟରେ ଶୁଭ୍ରାଂଶୁ ରାଜ୍ୟ ନିମନ୍ତେ ୩୯ଟି ମ୍ୟାଚ୍ ଖେଳିଛନ୍ତି। ଏଥିରୁ ୧୦୮୨ ରନ ସଂଗ୍ରହ କରିଥିବା ବେଳେ ଗୋଟିଏ ଶତକ ଏବଂ ୪ଟି ଅର୍ଦ୍ଧଶତକୀୟ ପାଳି ରହିଛି। ଟି-୨୦ରେ ୧୧୯ ରନ ତାଙ୍କର ସର୍ବାଧିକ ସ୍କୋର ରହିଛି।

## ଶ୍ରୀଲଙ୍କା କ୍ରିକେଟରଙ୍କୁ ଗୁଳିକରି ହତ୍ୟା



**ନୂଆଦିଲ୍ଲୀ,୧୭।୭(ଏଜେନ୍ସି):** ୧୯ ବର୍ଷରୁ କମ୍ ଶ୍ରୀଲଙ୍କା କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଧମିକା ନିରୋଶାନାଙ୍କୁ ତାଙ୍କ ବାସଭବନରେ ନିର୍ମମ ଭାବେ ଗୁଳିକରି ହତ୍ୟା କରାଯାଇଛି। ମଙ୍ଗଳବାର ରାତିରେ କାଣ୍ଡା ମୱାଥାସ୍ଥିତ ଘରେ ତାଙ୍କ ପତ୍ନୀ ଓ ଦୁଇ ପିଲାଙ୍କ ସମ୍ମୁଖରେ ଦୁର୍ବୃତ୍ତମାନେ ୧୨ ବୋର ରାଇଫଲ୍‌ରେ ଏହି କାଣ୍ଡ ଘଟାଇଛନ୍ତି। ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବା ସହ ତଦନ୍ତ ଜାରି ରଖିଛି। ଗୁଳିକାଣ୍ଡର କାରଣ ଓ ସଂଦୀଗ୍ଧଙ୍କ ବିଷୟରେ ଏପର୍ଯ୍ୟନ୍ତ କିଛି ସୂଚନା ମିଳିନାହିଁ। ଡାହାଣହାତୀ ବ୍ୟାଟର ଓ ଦ୍ରୁତ ବୋଲର ଭାବେ ଧମିକା ୨୦୦୦ରେ ଶ୍ରୀଲଙ୍କା ୧୯ ବର୍ଷରୁ କମ୍ ଦଳ ତରଫରୁ ପଦାର୍ପଣ କରିଥିଲେ। ଜଣେ ଭଲ ଅଲଣାଉଣ୍ଡର ଭାବେ ଜଣାଥିବା ଧମିକା ମାତ୍ର ୨୦ ବର୍ଷ ବୟସରେ କ୍ରିକେଟ ଖେଳିବା ଛାଡିଦେଇଥିଲେ। ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ୨୦୦୨ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ସେ ଶ୍ରୀଲଙ୍କା ଦଳର ନେତୃତ୍ୱ ନେଇ ୫ ପାଳିରୁ ୧୯.୨୮ ହାରରେ ୭ ୱିକେଟ ଅକ୍ତିଆର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୧୨ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ସେ ୨୦୦ ରନ ସଂଗ୍ରହ କରିବା ସହ ୧୯ଟି ୱିକେଟ ହାସଲ କରିଥିଲେ। ସେହିପରି ସେ ୮ଟି ଲିଷ୍ଟ ଏ' ମ୍ୟାଚ୍ ଖେଳି ୪୮ ରନ କରିବା ସହ ୫ ୱିକେଟ ଅକ୍ତିଆର କରିଥିଲେ।

### ସ୍ୱିଡିସ୍ ଓପନ୍ ଟେନିସ୍

## ଯୁଗଳ ପ୍ରଥମ ରାଉଣ୍ଡରେ ହାରିଲେ ନାଗଲ



**ବଷ୍ଟଡ୍,୧୭।୭(ଏଜେନ୍ସି):** ସ୍ୱିଡେନର ବଷ୍ଟଡ ଷ୍ଟାଡିୟମରେ ଚାଲିଥିବା ସ୍ୱିଡିସ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ତାରକା ସୁମିତ ନାଗଲ ଯୁଗଳ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ନାଗଲ ଓ ତାଙ୍କ ପୋଲାଣ୍ଡ ସାଥି କାରୋଲ ଡରଜେୱିକି ୩-୬, ୪-୬ ସିଧାସଳଖ ସେଟ୍‌ରେ ଫ୍ରାନ୍ସର ଆଲେକଜାଣ୍ଡର ମୁଲେର ଓ ଲୁକା ଭାନ୍ ଆସଚେଙ୍କଠାରୁ ମାତ୍ର ୫୯ ମନିଟ୍‌ରେ ପରାସ୍ତ ହୋଇଛନ୍ତି। ଯୁଗଳରେ ପରାସ୍ତ ହୋଇଥିଲେ ମଧ୍ୟ ନାଗଲ ଏକକ ପ୍ରତିଯୋଗିତାରେ ଆଶା ଉଜ୍ଜୀବିତ ରଖିଛନ୍ତି।

### ଏକକ ଦ୍ୱିତୀୟ ରାଉଣ୍ଡରେ ନାଗଲ

ଏକକ ପ୍ରତିଯୋଗିତାରେ ନାଗଲ ମଙ୍ଗଳବାର ବିଜୟ ଅଭିଯାନ ଆରମ୍ଭ କରିଛନ୍ତି। ଏକକ ପ୍ରଥମ ରାଉଣ୍ଡ ମୁକାବିଲାରେ ନାଗଲ ୬-୪, ୬-୩ ସିଧାସଳଖ ସେଟ୍‌ରେ ସ୍ଥାନୀୟ ୱାଇଲ୍ଡ କାର୍ଡ ଖେଳାଳି ଏଲିଆସ ୟମେରଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ନାଗଲ ପୂର୍ବରୁ ୟମେରଙ୍କଠାରୁ ୨୦୨୩ରେ କ୍ରୋଏସିଆରେ ଅନୁଷ୍ଠିତ ସ୍ପିଲ୍ଟ ଓପନ୍ ଓ ୨୦୧୯ରେ ଫ୍ରାନ୍ସରେ ଲାୟନ ଓପନରେ ପରାସ୍ତ ହୋଇଥିଲେ ମଧ୍ୟ ଏଥର ବିଜୟୀ ହୋଇଛନ୍ତି। ବିଶ୍ୱର ୬୮ ନଂ ଖେଳାଳି ନାଗଲ ଏବେ ଦ୍ୱିତୀୟ ରାଉଣ୍ଡରେ ଆର୍ଜେଣ୍ଟିନାର ୩୬ ନଂ ଖେଳାଳି ମାରିଆଭାନୋ ନାଭୋନଙ୍କୁ ଭେଟିବେ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଯୁଗଳ ପୁରୁଷ ଯୋଡି ରୋହନ ବୋପାନ୍ନା ଓ ଏନ୍ ଶ୍ରୀରାମ ବାଲାଜୀ ଏକାଠି ପ୍ରଥମଥର ପାଇଁ ଖେଳିବେ।

### ମହିଳା ଏସିଆ କପ୍ କ୍ରିକେଟ୍

## ଆଟାପାଟ୍ଟୁଙ୍କୁ ଶ୍ରୀଲଙ୍କା ଦଳର ନେତୃତ୍ୱ



**କଲମ୍ବୋ, ୧୭।୭ (ଏଜେନ୍ସି):** ମହିଳା ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାର ୯ମ ସଂସ୍କରଣ ଶୁକ୍ରବାରଠାରୁ ଶ୍ରୀଲଙ୍କାରେ ଆରମ୍ଭ ହେବାକୁ ଯାଉଛି। ଏହି ମେଗା ପ୍ରତିଯୋଗିତା ଲାଗି ବୁଧବାର ଆୟୋଜକ ଶ୍ରୀଲଙ୍କା ପକ୍ଷରୁ ଅଭିଜ୍ଞ ଅଲ୍‌ରାଉଣ୍ଡର ଚାମାରି ଆଟାପାଟ୍ଟୁଙ୍କ ନେତୃତ୍ୱରେ ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ଘୋଷିତ ଦଳରେ ୧୮ ବର୍ଷୀୟା ଯୁବ ଓପନର୍ ଭିଷ୍ମି ଗୁଣରତ୍ନେଙ୍କୁ ସୁଯୋଗ ମିଳିଛି। ନିକଟରେ ଦକ୍ଷିଣ ଆଫ୍ରିକା ଗସ୍ତରେ ଗୁଣରତ୍ନେ ପ୍ରଭାବୀ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ବିଶ୍ୱାସଭାଜନ ହୋଇପାରିଥିଲେ। ଆୟୋଜକ ଶ୍ରୀଲଙ୍କା ଗ୍ରୁପ୍-ବି'ରେ ବାଂଲାଦେଶ, ଥାଇଲାଣ୍ଡ ଓ ମାଲେସିଆ ସହ ସ୍ଥାନ ପାଇଛି। ଶନିବାର ବାଂଲାଦେଶ ବିପକ୍ଷରେ ଖେଳି ଶ୍ରୀଲଙ୍କା ଏସିଆ କପ୍‌ରେ ଏହାର ଅଭିଯାନ ଆରମ୍ଭ କରିବ। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଦଳ ମଙ୍ଗଳବାର ଶ୍ରୀଲଙ୍କାରେ ପହଞ୍ଚି ପ୍ରସ୍ତୁତି ଆରମ୍ଭ କରିସାରିଛି।

**ଶ୍ରୀଲଙ୍କା ଦଳ:** ଚାମାରି ଆଟାପାଟ୍ଟୁ (ଅଧିନାୟିକା), ଭିଷ୍ମି ଗୁଣରତ୍ନେ, ହର୍ଷିତା ସମରବିକ୍ରମା, ହସିନୀ ପେରେରା, କାଭିଶା ଦିଲହାରୀ, ନୀଳାକ୍ଷୀ ଡି ସିଲଭା, ଅନୁଷ୍କା ସଞ୍ଜୀବନି, ସୁଗନ୍ଧିକା କୁମାରୀ, ଉଦେଶିକା ପ୍ରବୋଧନୀ, ଅଚିନି କୁଲସୁରିୟା, ଇନୋଶି ପ୍ରିୟଦର୍ଶିନୀ, କାୟା କାଭିନ୍ଦି, ସାଚିନି ନିସାନସଲ, ଶାଶିନୀ ଗିମହାନି ଓ ଆମ କାଞ୍ଚନା।

## ସୂର୍ଯ୍ୟକୁମାର ହୋଇପାରନ୍ତି ଟି-୨୦ ଅଧିନାୟକ

### ଭାରତର ଶ୍ରୀଲଙ୍କା ଗସ୍ତ



**ନୂଆଦିଲ୍ଲୀ,୧୭।୭(ଏଜେନ୍ସି):** ଭାରତର ଆଗାମୀ ଶ୍ରୀଲଙ୍କା ଗସ୍ତରେ ସୂର୍ଯ୍ୟକୁମାର ଯାଦବ ଟି-୨୦ ଦଳର ଅଧିନାୟକ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଟି-୨୦ ବିଶ୍ୱକପ୍ ବିଜୟ ପରେ ଅଧିନାୟକ ରୋହିତ ଶର୍ମା, ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି, ଅଭିଜ୍ଞ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଅବସର ଘୋଷଣା କରିଥିଲେ। ଫଳରେ ଜଣେ ନୂଆ ଅଧିନାୟକଙ୍କ ନିଯୁକ୍ତି ଦେବା ଜରୁରୀ ହୋଇପଡିଛି। ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆଘାତ ସମସ୍ୟା ଦେଇ ଗତି କରୁଥିବାରୁ ସୂର୍ଯ୍ୟକୁମାରଙ୍କୁ ନେତୃତ୍ୱ ଦିଆଯାଇପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

ଦୀର୍ଘକାଳୀନ ଭିତ୍ତିରେ ପାଣ୍ଡ୍ୟାଙ୍କୁ ଏହି ଗୁରୁଦାୟିତ୍ୱ ଦିଆଯିବାକୁ ନିଷ୍ପତ୍ତି ନିଆଯାଇପାରେ। କିନ୍ତୁ ସେ ଫିଟ୍ ନଥିବାରୁ ସୂର୍ଯ୍ୟଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ପାଣ୍ଡ୍ୟାଙ୍କ ସହ କଥା ହୋଇଛନ୍ତି। ଦୀର୍ଘକାଳୀନ ଭିତ୍ତିରେ ଅଧିନାୟକ ନିଯୁକ୍ତି କରିବାକୁ ପାଣ୍ଡ୍ୟାଙ୍କୁ ଅବଗତ କରାଯାଇଛି ବୋଲି କୁହାଯାଇଛି। ପାଣ୍ଡ୍ୟାଙ୍କ ଇଞ୍ଜୁରୀ ଏବେ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି। ଅନ୍ୟପଟେ ସୂର୍ଯ୍ୟ ଘରୋଇ କ୍ରିକେଟରେ ମୁମ୍ବଇର ନେତୃତ୍ୱ ନେଇ ବେଶ୍ ସଫଳତା ଅର୍ଜନ କରିଛନ୍ତି। ପୁଣି ଗତବର୍ଷ ତାଙ୍କ ନେତୃତ୍ୱରେ ଭାରତ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ସିଜରେ ୪-୧ରେ ବିଜୟୀ ହୋଇଥିଲା। ଏହାପରେ ତାଙ୍କ ଅଧିନାୟକତ୍ୱରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜକୁ ଭାରତ ୧-୧ରେ ଅମୀମାଂସିତ ରଖିଥିଲା।

### ଜାତୀୟ କନିଷ୍ଠ, ଉପ-କନିଷ୍ଠ ପାରା ଦୌଡ଼କୁଦ ଉଦ୍‌ଯାପିତ

## ୩ ସ୍ୱର୍ଣ୍ଣ, ରୌପ୍ୟ ସହ ଓଡ଼ିଶାକୁ ୧୩ ପଦକ



**ଭୁବନେଶ୍ୱର,୧୭।୭(ସମିସ):** ବେଙ୍ଗାଲୁରୁର କାନ୍ତିରାଭା ଷ୍ଟାଡିୟମରେ ଗତ ଦୁଇ ଦିନଧରି ଚାଲିଥିବା ତ୍ରୟୋଦଶ ଜାତୀୟ କନିଷ୍ଠ, ଉପ-କନିଷ୍ଠ ପାରା ଦୌଡ଼କୁଦ ପ୍ରତିଯୋଗିତା ବୁଧବାର ଶେଷ ହୋଇଛି। ଅନ୍ତିମ ଦିବସରେ ଓଡ଼ିଶା ଖେଳାଳିମାନେ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ଟି କାଂସ୍ୟ ପଦକ ହାସଲ କରିଛନ୍ତି। ମୋଟ୍ ଉପରେ ଓଡ଼ିଶା ୩ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୭ କାଂସ୍ୟ ସହ ମୋଟ୍ ୧୩ଟି ପଦକ ହାସଲ କରିଛି। ଅନନ୍ୟା ସ୍ୱାଇଁ ପୂର୍ବରୁ ସଟ୍‌ପୁଟ୍‌ରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ସେ ବୁଧବାର ୧୭ ବର୍ଷରୁ କମ୍ ବାଳିକା ଜାଭେଲିନ ଏଫ୍-୫୪ ବର୍ଗରେ ୮.୫୭ ମିଟର ଫିଙ୍ଗି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ରୂପାଲିନ ସାହୁ ୧୭ ବର୍ଷରୁ କମ୍ ଟି-୧୩ ଲମ୍ବ ଡିଆଁରେ ୨.୯୪ ମିଟର ଡେଇଁ ରୌପ୍ୟ ଓ ୧୦୦ମି ଦୌଡ଼ରେ କାଂସ୍ୟ ପଦକ ଜିତିଛନ୍ତି। ଅନ୍ୟପଟେ ଦିଗନ୍ତଭାନୁ ମଲିକ ଟି-୪୦/୪୧ ଜାଭେଲିନ୍‌ରେ ୨୨.୯୧ ମିଟର ଫୋପାଡି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ସେ ଡିସ୍‌କସ୍ ଓ ସଟ୍‌ପୁଟ୍‌ରେ ଗୋଟିଏ ଲେଖାଏ କାଂସ୍ୟ ପଦକ ଜିତିଛନ୍ତି। ମୁକେଶ ସାହୁ ଟି-୧୨ ଲମ୍ବଡିଆଁରେ ୩.୭୨ ମିଟର ଜମ୍ପ କରି ରୌପ୍ୟ ଜିତିଛନ୍ତି। ସେହିପରି ଜୟପ୍ରକାଶ ୧୯ ବର୍ଷରୁ କମ୍ ସଟ୍‌ପୁଟ୍ ଏଫ୍-୩୬ରେ ୭. ୬୫ ମିଟର ଫୋପାଡି ରୌପ୍ୟ ଜିତିଛନ୍ତି। ବିପିନ ମାଝୀ ୧୯ ବର୍ଷରୁ କମ୍ ୪୦୦ ମି ଟି- ୪୭ରେ ୫୯. ୯୭ ସେକେଣ୍ଡ ସମୟ ନେଇ କାଂସ୍ୟ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ୧୫ ଜଣ ଓଡ଼ିଆ ଖେଳାଳି ଅଂଶଗ୍ରହଣ କରିଥିଲେ।

## ଧର୍ମେନ୍ଦ୍ରଙ୍କୁ ଭେଟିଲେ ସଞ୍ଜୀୟ

### କ୍ରିକେଟ୍, ବାରବାଟୀର ବିକାଶ ନେଇ ଆଲୋଚନା



**କଟକ,୧୭।୭(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ପାଦକ ସଞ୍ଜୀୟ ବେହେରା ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଛନ୍ତି। ସମ୍ବଲପୁର ଲୋକସଭା ସଂସଦୀୟ କ୍ଷେତ୍ରରୁ ବିଜୟ ଲାଭ କରିଥିବା ଧର୍ମେନ୍ଦ୍ରଙ୍କୁ ସଞ୍ଜୀୟ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଉଭୟଙ୍କ ମଧ୍ୟରେ ରାଜ୍ୟରେ କ୍ରୀଡ଼ାର ବିକାଶ ନେଇ ଆଲୋଚନା ହୋଇଥିଲା। ବିଶେଷକରି କ୍ରିକେଟ ଏବଂ ବାରବାଟୀ ଷ୍ଟାଡିୟମର ବିକାଶମୂଳକ କାର୍ଯ୍ୟ ନେଇ ଉଭୟଙ୍କ ଭିତରେ ଆଲୋଚନା ହୋଇଛି ବୋଲି ଓସିଏ ପକ୍ଷରୁ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

## ଓସିଏଲ୍ : ଚିତାସ୍‌କୁ ହରାଇ ପାନ୍ଥର୍ସ ତୃତୀୟ

**କଟକ,୧୭।୭(ସମିସ):** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ୍-୨୦୨୪ରେ ଓଡ଼ିଶା ପାନ୍ଥର୍ସ ୩ୟ ସ୍ଥାନ ହାସଲ କରି ଅଭିଯାନ ଶେଷ କରିଛି। ପ୍ରତିଯୋଗିତାର ୩ୟ ସ୍ଥାନ ନିମନ୍ତେ ବୁଧବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ପାନ୍ଥର୍ସ ୪ ରନ୍‌ରେ ଓଡ଼ିଶା ଚିତାସ୍‌କୁ ହରାଇଥିଲା। ଡିଏଲଏସ୍ ପଦ୍ଧତିରେ ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣୟ ହୋଇଥିଲା। ଚିତାସ୍ ପକ୍ଷରୁ ଶତକୀୟ ପାଳି ଖେଳିଥିବା ଆର୍ଯ୍ୟଶ୍ରୀ ଡି ଭଟ୍ଟ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଓସିଏ ସଦସ୍ୟ ସରୋଜ କୁମାର ସାହୁ ଅତିଥି ଭାବେ ଯୋଗ ଦେଇ ଆର୍ଯ୍ୟଶ୍ରୀଙ୍କୁ ପୁରସ୍କୃତ କରିଥିଲେ।

ଚିତାସ୍ ଅଧିନାୟକ ବିପ୍ଳବ ସାମନ୍ତରାୟ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମ ବଲ୍‌ରେ ଓପନର ଓମ୍.ଟି ମୁଣ୍ଡେଙ୍କ ୱିକେଟ ପତନ ଘଟିଥିଲା। ଓମ୍ ଖାତା ଖୋଲିବା ପୂର୍ବରୁ ବିମଳ କୁମାରଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହୋଇଥିଲେ। ପରେ କ୍ରିଜକୁ ଆସିଥିବା ଅଧିନାୟକ ବିପ୍ଳବ ୧୮ ବଲରୁ ୨୪ ରନ ସଂଗ୍ରହ କରି ପ୍ୟାଭିଲିୟନ ଫେରିଥିଲେ। ଦଳୀୟ ସ୍କୋର ୨୭ ରନ୍‌ରେ ଚିତାସ୍ ଦୁଇ ୱିକେଟ ହରାଇଥିଲା। ତେବେ ଅନ୍ୟତମ ଓପନର ଶ୍ରେୟାଂଶ ଭରଦ୍ୱାଜ ଏବଂ ଆର୍ଯ୍ୟଶ୍ରୀ ୧୭୨ ରନ୍‌ର ଭାଗୀଦାରି




ସୃଷ୍ଟି କରିଥିଲେ। ଶ୍ରେୟାଂଶ ୪୮ ବଲରୁ ୬ଟି ଚୌକା ଏବଂ ୨ଟି ଛକା ବଳରେ ଅପରାଜିତ ୬୮ ରନ କରିଥିଲେ। କିନ୍ତୁ ଆର୍ଯ୍ୟଶ୍ରୀ ଖେଳିଥିଲେ ଶତକୀୟ ପାଳି। ସେ ୫୩ ବଲରୁ ୪ଟି ଚୌକା ଏବଂ ୮ ଛକା ବଳରେ ୧୦୦ ରନ କରି ଅପରାଜିତ ରହିଥିଲେ। ଫଳରେ ଚିତାସ୍ ଦୁଇ ୱିକେଟ ବିନିମୟରେ ୧୯୯ ରନ ସଂଗ୍ରହ କରିଥିଲା। ପାନ୍ଥର୍ସ ପକ୍ଷରୁ ବିମଳ ଏବଂ ଅଙ୍କିତକାର ଜୈସୱାଲ ଗୋଟିଏ ଲେଖାଏ ୱିକେଟ ହାସଲ କରିଥିଲେ।

ଜବାବରେ ୨୦୦ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ପାନ୍ଥର୍ସ ପ୍ରାରମ୍ଭରୁ ହିଁ ଆକ୍ରମଣାତ୍ମକ ଶୈଳୀରେ ନଜର ଆସିଥିଲା। ଅଧିନାୟକ ତଥା ଓପନର ଶୁଭମ ଶତ୍ରୁଜିତ ୧୬ ବଲରୁ ୨୩ରନ କରିଥିବାବେଳେ ସର୍ବେଶ୍ୱର ମହାନ୍ତିଙ୍କ ଶିକାର ହୋଇଥିଲେ। ଅନ୍ୟତମ ଓପନର ସମ୍ବିତ କୁମାର ସାହୁ ଏବଂ ୱିକେଟକିପର ରାଜେଶ ଧୂପର ବଡସଟ୍ ଖେଳି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ପାନ୍ଥର୍ସ ୧୦ ଓଭର ସୁଦ୍ଧା ଗୋଟିଏ ୱିକେଟ ହରାଇ ୯୧ ରନ କରିଥିବାବେଳେ ବର୍ଷା ଯୋଗୁଁ ମ୍ୟାଚ୍ ସ୍ଥଗିତ ରହିଥିଲା। ପରବର୍ତ୍ତୀ ସମୟରେ ଖେଳ ଆରମ୍ଭ ହୋଇ ନପାରିବା ଯୋଗୁଁ ଡିଏଲଏସ୍ ପଦ୍ଧତିରେ ୪ ରନ୍‌ରେ ପାନ୍ଥର୍ସକୁ ବିଜୟୀ ଘୋଷିତ କରାଯାଇଛି। ରାଜେଶ ଗୋଟିଏ ଚୌକା ଏବଂ ୪ଟି ଛକା ବଳରେ ୧୪ ବଲରୁ ୩୭ ରନର ଦ୍ରୁତ ପାଳି ଖେଳିଥିଲେ। ସେହିଭଳି ସମ୍ବିତ ୩୦ବଲରୁ ୨୫ରନ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS